# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, September 4/2023 | Page 16 | ₹ 7.00

୪୯ଶ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 280 | ମୂଲ୍ୟ₹୭/-




**ସୌରଭଙ୍କ ଚରିତ୍ରରେ ଆୟୁଷମାନ**

ଭାରତୀୟ କ୍ରିକେଟ ଟିମ୍‌ର ଲୋକପ୍ରିୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ଆଧାରିତ ବାୟୋପିକ୍‌ରେ ଅଭିନେତା ଆୟୁଷମାନ ଖୁରାନାଙ୍କୁ ଦେଖିବାକୁ ମିଳିବା

୧୧

୧୪

**ମୋହନ ବାଗାନକୁ ଜିତାଇଲେ ପେଟ୍ରୋଟୋସ**

ଡିମିଟ୍ରି ପେଟ୍ରୋଟୋସଙ୍କ ଗୋଲ ବଳରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରି ମୋହନ ବାଗାନ ଡୁରାଣ୍ଡ କପ୍ ଚାମ୍ପିୟନ ହୋଇଛି।



# ଯୋଗାଡ଼ରେ ଚାଲିଛି ସ୍ନାୟୁ-ନିଶ୍ଚେତନା

*ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟବାସୀଙ୍କ ଭରସାର ଅନୁଷ୍ଠାନ ପାଲଟିଛି କଟକ ଏସ୍‌ସିବି ମେଡିକାଲ। ହେଲେ ଏଠାରେ ସ୍ନାୟୁ ଶଲ୍ୟ ଚିକିତ୍ସା ସେବା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଡ଼ରେ ଚାଲିଛି। ଅସ୍ତ୍ରୋପଚାର ପାଇଁ ସ୍ନାୟୁ-ନିଶ୍ଚେତନା ବିଭାଗ ନ ଥିବାବେଳେ ସାଧାରଣ ନିଶ୍ଚେତନା ବିଭାଗର ଡାକ୍ତରଙ୍କୁ ନେଇ କାମ ତୁଲାଯାଉଛି। ଏଥିରେ ରୋଗୀଙ୍କ ଜୀବନ ପ୍ରତି ବିପଦ ରହୁଥିଲେ ମଧ୍ୟ ବିକଳ୍ପ ଭାବେ ତାହାକୁ ଗ୍ରହଣ କରାଯାଉଛି। ମେଡିକାଲ କର୍ତ୍ତୃପକ୍ଷ ସ୍ନାୟୁ ନିଶ୍ଚେତନା ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାର ପ୍ରାୟ ୪ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ।*

**ଏସ୍‌ସିବି ମେଡିକାଲ**

**■ ସ୍ନାୟୁ ଶଲ୍ୟରେ ଦେଖାଦେଉଛି ସମସ୍ୟା**

କଟକ,୩।୯
(ସୁପ୍ରିୟା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ସ୍ନାୟୁ ନିଶ୍ଚେତନା (ନ୍ୟୁରୋ-ଆନେସ୍ଥେସିଓଲୋଜି) ବିଭାଗ ଖୋଲିପାରିନି। ରାଜ୍ୟର ଏହି ବୃହତ୍ ସରକାରୀ ହସ୍ପିଟାଲ୍‌ରେ ସ୍ନାୟୁ-ନିଶ୍ଚେତନା ବିଭାଗ ଖୋଲିବା ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଯୋଜନା ଅଗ୍ରଗତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିବାର ୪ବର୍ଷ ପରେ ମଧ୍ୟ ଏନେଇ କୌଣସି ସୁଫଳ ମିଳିନାହିଁ। ଏ ସଂକ୍ରାନ୍ତରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ସ୍ନାୟୁ-ନିଶ୍ଚେତକମାନଙ୍କ ପ୍ରମୁଖ ଭୂମିକା ରହିଛି। ସ୍ନାୟୁ ରୋଗୀମାନଙ୍କ ଜଟିଳ ଅସ୍ତ୍ରୋପଚାର ସମୟରେ ସେମାନଙ୍କୁ ଖୋଜା ପଡ଼ିଥାଏ। ତେବେ ସ୍ୱତନ୍ତ୍ର ପ୍ରଶିକ୍ଷଣ ହାସଲ କରିଥିବା ସ୍ନାୟୁ ନିଶ୍ଚେତକ ଏସ୍‌ସିବିରେ ନାହାନ୍ତି। ନିଶ୍ଚେତନା ବିଭାଗର ଡାକ୍ତରମାନଙ୍କୁ ନେଇ ଅସ୍ତ୍ରୋପଚାର କରିବାକୁ ପଡୁଛି। ସାଧାରଣ ଅସ୍ତ୍ରୋପଚାର ଏବଂ ସ୍ନାୟୁ ଅସ୍ତ୍ରୋପଚାର ଭିତରେ ବହୁ ତଫାତ୍ ରହିଛି। ଏହି ପରିପ୍ରେକ୍ଷୀରେ ଏସ୍‌ସିବିରେ ସ୍ନାୟୁ-ନିଶ୍ଚେତନା ବିଭାଗ ଖୋଲିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୯୬୭ରୁ ଏସ୍‌ସିବି ମେଡିକାଲ ସ୍ନାୟୁ ଶଲ୍ୟ(ନ୍ୟୁରୋ ସର୍ଜରି) ବିଭାଗ କାର୍ଯ୍ୟ କରୁଛି। ମାଇକ୍ରୋ ନ୍ୟୁରୋ ସର୍ଜରି, ପେଡିଆଟ୍ରିକ ନ୍ୟୁରୋ ସର୍ଜରି, ନ୍ୟୁରୋ ଟ୍ରମା, ସ୍କଲ୍ ସର୍ଜରି, ସେରିବ୍ରୋ-ଭାସ୍କୁଲାର ସର୍ଜରି, ସ୍ପାଇନାଲ ନ୍ୟୁରୋ ସର୍ଜରି, ପେରିଫେରାଲ ନର୍ଭ ସର୍ଜରି ଭଳି ଅନେକ ଜଟିଳ ଅସ୍ତ୍ରୋପଚାର ଏଠାରେ ସଫଳତାର ସହ କରାଯାଉଛି। ହେଲେ ଅସ୍ତ୍ରୋପଚାର ପୂର୍ବରୁ ରୋଗୀଙ୍କୁ ନିଶ୍ଚେତ କରିବା ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ସ୍ନାୟୁ ନିଶ୍ଚେତକ ନ ଥିବାରୁ ଅନେକ ସମସ୍ୟା ହେଉଛି। କିଛି କ୍ଷେତ୍ରରେ ଅସ୍ତ୍ରୋପଚାରରେ ତ୍ରୁଟି ରହୁଥିବା ନେଇ ଅଭିଯୋଗ ଉଠୁଛି। ଅଧୀକ୍ଷକ ପ୍ରଫେସର ମିଶ୍ର ହେଉଛନ୍ତି ଏସ୍‌ସିବି ସ୍ନାୟୁ ଶଲ୍ୟ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ। ଏହାଛଡ଼ା ରାଜ୍ୟର ଜଣେ ପ୍ରତିଷ୍ଠିତ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଭାବେ ସେ ପରିଚିତ। ଏଭଳି ସମସ୍ୟା ସଂକ୍ରାନ୍ତରେ ସେ କହିଛନ୍ତି, ମସ୍ତିଷ୍କ ଅସ୍ତ୍ରୋପଚାରବେଳେ ଅନେକ କ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବା ଜରୁରୀ ହୋଇଥାଏ। ଶିଶୁମାନଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର ବହୁ ଜଟିଳ କାର୍ଯ୍ୟ। ପ୍ରଥମତଃ ସେମାନେ ଶିଶୁ, ପୁଣି ସେମାନଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ନିଶ୍ଚେତ କରିବା ନିମନ୍ତେ ଉଦ୍ଦିଷ୍ଟ ଇଞ୍ଜେକ୍ସନ ବ୍ୟବହାର କରିବାବେଳେ ସତର୍କ ରହିବାକୁ ପଡ଼େ। ସାଧାରଣ ନିଶ୍ଚେତକଙ୍କ ଅପେକ୍ଷା ଜଣେ ସ୍ନାୟୁ ନିଶ୍ଚେତକ ହିଁ ଏଭଳି କାର୍ଯ୍ୟ ଠିକ୍ ଭାବେ ତୁଲାଇପାରିବ। ହେଲେ ଦୀର୍ଘବର୍ଷ ହେବ ସାଧାରଣ ନିଶ୍ଚେତକଙ୍କ ସହଯୋଗରେ ସ୍ନାୟୁ ଶଲ୍ୟ ବିଭାଗରେ ଜଟିଳ ଅସ୍ତ୍ରୋପଚାର ଜାରି ରହିଛି। ସ୍ନାୟୁ-ନିଶ୍ଚେତନା ବିଭାଗ ଖୋଲିଲେ ଚିକିତ୍ସା ସେବା ଆହୁରି ଫଳପ୍ରଦ ହୋଇପାରିବ। ବିଶେଷକରି ନିଶ୍ଚେତକମାନେ ସ୍ୱତନ୍ତ୍ର ଭାବେ ସ୍ନାୟୁ-ନିଶ୍ଚେତନା ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିବେ ବୋଲି ଅଧୀକ୍ଷକ ପ୍ରଫେସର ମିଶ୍ର ଜଣାଇଛନ୍ତି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପ୍ରକଳ୍ପ ମଧ୍ୟରେ ସ୍ନାୟୁ ଶଲ୍ୟ ବିଭାଗର ରୂପରେଖ ବଦଳାଇବା ପାଇଁ ଯୋଜନା ରହିଛି। ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏ ବାବଦରେ ଏକାଧିକ ପ୍ରସ୍ତାବ ସ୍ୱାସ୍ଥ୍ୟ ବିଭାଗକୁ ଦେଇଛନ୍ତି। ☞ପୃଷ୍ଠା-୨

# ଆଦିତ୍ୟ-ଏଲ୍୧ର ପ୍ରଥମ କକ୍ଷ ଉତ୍ଥାନ

ବେଙ୍ଗାଲୁରୁ,୩।୯

ଭାରତର ପ୍ରଥମ ସୋଲାର ମିଶନ ଆଦିତ୍ୟ-ଏଲ୍୧ ସୂର୍ଯ୍ୟ ଅଭିମୁଖେ ଉତ୍କ୍ଷେପଣ କରାଯିବାର ଦିନକ ପରେ ଏହାର ପ୍ରଥମ ପୃଥିବୀ କୈନ୍ଦ୍ରିକ କକ୍ଷପଥ ଉତ୍ଥାନ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ମହାକାଶ ଯାନ ଭଲ ସ୍ଥିତିରେ ରହିଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ମାନୋଭର ମଙ୍ଗଳବାର ରାତି ୩ଟାରେ କରାଯିବ। ପ୍ରଥମ ପୃଥିବୀ କୈନ୍ଦ୍ରିକ ମାନୋଭର ଦ୍ୱାରା ଆଦିତ୍ୟ-ଏଲ୍୧ ଏବେ ୨୪୫X୨୨,୪୫୯ କିଲୋମିଟର କକ୍ଷପଥରେ ପହଞ୍ଚିଛି। ଅର୍ଥାତ୍ ବର୍ତ୍ତମାନ ଏବେ ପୃଥିବୀଠାରୁ ଏହି ମହାକାଶ ଯାନର ସର୍ବନିମ୍ନ ଦୂରତା ୨୪୫ କିଲୋମିଟର ହୋଇଥିବାବେଳେ ସର୍ବାଧିକ ଦୂରତା ୨୨,୪୫୯ କିଲୋମିଟର। ଶନିବାର ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଭାରତର ପ୍ରଥମ ସୋଲାର ସ୍ପେସ୍ ଅବ୍‌ଜରଭେଟୋରି ମିଶନକୁ ପିଏସ୍‌ଏଲ୍‌ଭି-ସି୫୭ ରକେଟ ସହାୟତାରେ ଉତ୍କ୍ଷେପଣ କରାଯାଇଥିଲା। ୬୩ ମିନିଟ୍ ପରେ ଆଦିତ୍ୟ-ଏଲ୍୧ ରକେଟରୁ ଅଲଗା ହୋଇ ସଫଳତାର ସହ ପୃଥିବୀର ଅଣ୍ଡାକୃତି କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏହା ୧୨୫ ଦିନ ଯାତ୍ରା କରିବା ପରେ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ସୂର୍ଯ୍ୟ-ପୃଥିବୀ ସିଷ୍ଟମର ଲାଗ୍ରାଞ୍ଜ ପଏଣ୍ଟ-୧ (ଏଲ୍୧)ରେ ଥିବା ହଲୋ ଅର୍ବିଟ୍‌ରେ ପହଞ୍ଚିବ। ସୂର୍ଯ୍ୟର କରୋନାଲ ଉତ୍ତାପ ଏବଂ ସୌର ବାୟୁର ଗତି ବୃଦ୍ଧିକୁ ବୁଝିବା, ପୃଥିବୀ ନିକଟବର୍ତ୍ତୀ ମହାକାଶର ଜଳବାୟୁ ଆଦି ସମ୍ପର୍କରେ ଅବଗତ ହେବା ସୌର ମିଶନର ମୁଖ୍ୟ ଲକ୍ଷ୍ୟ।


**ଦଶାହ ଉପଲକ୍ଷେ ସ୍ମୃତି ତର୍ପଣ**

ଆବିର୍ଭାବ
୧୦.୦୭.୧୯୫୧
ସୋରଡା, ଗଞ୍ଜାମ



ତିରୋଧାନ
୨୬.୦୮.୨୦୨୩
ଭୁବନେଶ୍ୱର

✓ ସନ୍ଧ୍ୟା ମହାପାତ୍ର

ଶ୍ରାବଣ ମାସ, ଶୁକ୍ଳପକ୍ଷ, ଦଶମୀ ତିଥି, ଶନିବାର

ଏ ସଂସାରକୁ ଯିଏ ଜନ୍ମ ନେଇଛି, ତାର ମୃତ୍ୟୁ ନିଶ୍ଚିତ। କିନ୍ତୁ ତମେ ଏମିତି ହଠାତ୍ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଯିବ, ଆମେ ବିଶ୍ୱାସ କରି ପାରୁନୁ। ତୁମର ଅନୁପସ୍ଥିତି ସବୁଦିନ ପାଇଁ ଆମ ହୃଦୟରେ ବିରାଜମାନ କରୁଥିବ।

ଆଜିର ଏହି ପବିତ୍ର ଦଶାହ ଅବସରରେ ତୁମର ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ ଏହାହିଁ କାମନା।

ଶୋକସନ୍ତପ୍ତ :
ଦେବୀପ୍ରସାଦ ମହାପାତ୍ର ଓ ମହାପାତ୍ର ପରିବାର ବର୍ଗ
ଗଜପତି ନଗର, ଭୁବନେଶ୍ୱର







କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କଠାରେ ସାମାନ୍ୟ ଜ୍ୱର ଲକ୍ଷଣ ଦେଖାଯିବାରୁ ତାଙ୍କୁ ରବିବାର ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ରହିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପୂର୍ବରୁ କଂଗ୍ରେସ ନେତ୍ରୀ ଭାଇରାଲ ରେସ୍ପିରେଟୋରୀ ଇନ୍‌ଫେକ୍ସନର ଚିକିତ୍ସା ଲାଗି ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ୧ ତାରିଖରେ ମୁମ୍ବାଇରେ ବିରୋଧୀ ମେଣ୍ଟ ଇଣ୍ଡିଆ ବୈଠକରେ ସୋନିଆ ଉପସ୍ଥିତ ଥିଲେ।



# ମଣିପୁରରେ ୧୨,୬୯୪ ପିଲା ବିସ୍ଥାପିତ



ମଣିପୁରର ଏକ ରିଲିଫ୍ କ୍ୟାମ୍ପରେ ପିଲାମାନଙ୍କୁ ଖାଦ୍ୟ ଦିଆଯାଉଛି।

**ଇମ୍ଫାଲ,୩।୯**

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୀର୍ଘ ୪ ମାସ ହେଲା ଲାଗିରହିଥିବା ଜାତିଆଣ ସଂଘର୍ଷ ଓ ହିଂସାକାଣ୍ଡରେ ପାଖାପାଖି ୨୦୦ ଲୋକଙ୍କ ଜୀବନ ଯାଇଥିବାବେଳେ ୫୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ବିସ୍ଥାପିତଙ୍କ ମଧ୍ୟରେ ୧୨,୬୯୪ ପିଲା ରହିଛନ୍ତି। ଘରଦ୍ୱାର ଛାଡ଼ିଥିବା ଏହି ପିଲାମାନେ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ହିଂସା ଯୋଗୁ ଶତାଧିକ ପିଲା ଗଭୀର ମାନସିକ ଆଘାତ ପାଇଛନ୍ତି, ଯାହାଙ୍କ ପାଇଁ ପେସାଦାରି କାଉନ୍‌ସେଲିଂର ଆବଶ୍ୟକତା ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଡାକ୍ତରୀ ଟିମ୍ ଏବଂ ଶିଶୁ ମନସ୍ତତ୍ତ୍ୱବିତ୍‌ମାନେ ସ୍ୱେଚ୍ଛାସେବୀ ଭାବେ ଉକ୍ତ ପିଲାମାନଙ୍କୁ କାଉନ୍‌ସେଲିଂ ଦେଉଥିବା ମଣିପୁର ସାମାଜିକ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଗଭୀର ମାନସିକ ଆଘାତ ପାଇଥିବା ପିଲାଙ୍କୁ ପାଇଲେ, ଆମେ ସେମାନଙ୍କୁ ଚିହ୍ନଟ କରି ପେସାଦାରି ପରାମର୍ଶଦାତାମାନଙ୍କ ପାଖକୁ ନେଇଯାଉଛୁ। ସେମାନେ ଖୁବ୍‌ଶୀଘ୍ର ସ୍ୱାଭାବିକ ସ୍ଥିତିକୁ ଫେରିବା ଆଶା କରାଯାଉଛି ବୋଲି ସାମାଜିକ କଲ୍ୟାଣ

### ଶତାଧିକ ଗଭୀର ମାନସିକ ଆଘାତପ୍ରାପ୍ତ

ବିଭାଗ ନିର୍ଦ୍ଦେଶକ ଏନ୍‌ଜି ଉତ୍ତମ ସିଂ କହିଛନ୍ତି। ମାନସିକ ଆଘାତପ୍ରାପ୍ତ ଜଣେ ସଙ୍ଗେ ସଙ୍ଗେ ହୋଇ ନ ଥାନ୍ତି। ସପ୍ତାହେ କିମ୍ବା ମାସେ ପରେ ସେମାନଙ୍କଠାରେ ଏଭଳି ଲକ୍ଷଣ ଦେଖାଯାଇଥାଏ। ସେଥିପାଇଁ ପ୍ରତି ଜିଲାର ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଜରିଆରେ କାଉନ୍‌ସେଲରଙ୍କୁ ନିୟୋଜିତ କରାଯାଇଛି। ସେମାନେ ରିଲିଫ କ୍ୟାମ୍ପକୁ ଯାଇ ବିସ୍ଥାପିତ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା କରିବା ସହ ଯେଉଁମାନଙ୍କର ପେସାଦାରି କାଉନ୍‌ସେଲିଂର ଆବଶ୍ୟକତା ରହିଛି, ସେମାନଙ୍କୁ ଚିହ୍ନଟ କରୁଛନ୍ତି। ଖେଳ ଓ ନାଚ ମାଧ୍ୟମରେ ମାନସିକ ବିଷାଦଗ୍ରସ୍ତ ପିଲାଙ୍କୁ ଚିହ୍ନଟ କରାଯାଉଛି। ସେମାନଙ୍କୁ କାଗଜରେ କିଛି ଆଙ୍କିବା ପାଇଁ କୁହାଯାଉଛି।

ଅନ୍ୟପକ୍ଷରେ ରିଲିଫ କ୍ୟାମ୍ପଗୁଡ଼ିକ ଉପଯୁକ୍ତ ଯୋଜନାରେ କରା ନ ଯାଇ ଆବଶ୍ୟକତା ଆଧାରରେ ପ୍ରତିଷ୍ଠା କରାଯାଇଥିବାରୁ ସେଠାରେ ଅନେକ ସମସ୍ୟା ରହିଥିବା ୟୁନିସେଫ୍ ଟିମ୍ କହିଛି। ଶିଶୁ ଅନୁକୂଳ ରିଲିଫ କ୍ୟାମ୍ପ ସ୍ଥାପନ ଲାଗି ଉକ୍ତ ଟିମ୍ ପରାମର୍ଶ ଦେଇଛି। ରିଲିଫ କ୍ୟାମ୍ପଗୁଡ଼ିକରେ ପିଲାମାନଙ୍କ ଯତ୍ନରେ ଯେପରି କୌଣସି କମି ନ ହୁଏ, ସେଥିପାଇଁ ପ୍ରତି ସପ୍ତାହରେ ମୁଖ୍ୟ ସଚିବଙ୍କ ସ୍ତରରେ ସମୀକ୍ଷା ବୈଠକ କରାଯାଉଥିବା ସାମାଜିକ କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି। ସେହିପରି ଅପପୁଷ୍ଟିର ଶିକାର ହୋଇଥିବା ପିଲାମାନଙ୍କୁ ଇମ୍ଫାଲର ଜେଏନ୍‌ଆଇଏମ୍‌ଏସ୍‌କୁ ନିଆଯାଇ ସେଠାରେ ଚିକିତ୍ସା କରାଯାଉଛି। ଅତ୍ୟଧିକ ଅପପୁଷ୍ଟିର ସମ୍ମୁଖୀନ ହୋଇଥିବା ୧୬ ପିଲାଙ୍କୁ ଚିକିତ୍ସା କରାଗଲାଣି।

## ଇମ୍ଫାଲରୁ ଶେଷ ୧୦ କୁକି ପରିବାର ବିତାଡ଼ିତ

ଇମ୍ଫାଲର ନିଉ ଲାମ୍ବୁଲାନେ ଅଞ୍ଚଳରୁ ଶେଷ ୧୦ କୁକି ପରିବାରର ୨୪ ଜଣ ସଦସ୍ୟଙ୍କୁ ମଣିପୁର ସରକାର କୁକି ଅଧ୍ୟୁଷିତ କାଙ୍ଗପୋକ୍‌ପି ଜିଲାକୁ ସ୍ଥାନାନ୍ତର କରିଛନ୍ତି। ଏହି ପରିବାର ଦୀର୍ଘ ଦଶନ୍ଧି ହେଲା ନିଉ ଲାମ୍ବୁଲାନେରେ ରହିଥିଲେ। ଏପରିକି ୪ ମାସ ପୂର୍ବରୁ ମଣିପୁର ହିଂସାକାଣ୍ଡ ବେଳେ ମଧ୍ୟ ସେମାନେ କୁଆଡ଼େ ଯାଇ ନ ଥିଲେ। ସେମାନଙ୍କୁ ଅନ୍ୟ ସମ୍ପ୍ରଦାୟ ଟାର୍ଗେଟ କରୁଥିବାରୁ ସରକାର ଶନିବାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କୁ ନିରାପଦ ସହ ଇମ୍ଫାଲଠାରୁ ୨୫ କି.ମି. ଦୂର କାଙ୍ଗପୋକ୍‌ପି ଜିଲାର ମୋଟବୁଙ୍ଗ୍‌କୁ ନିଆଯାଇଛି। ଅନ୍ୟପକ୍ଷରେ ସେମାନଙ୍କୁ ବଳପୂର୍ବକ ଘରୁ ତଡ଼ିଦିଆଯାଇଥିବା କୁକି ପରିବାର ଅଭିଯୋଗ କରିଛନ୍ତି। କୁକି ଅଞ୍ଚଳରେ ସୁରକ୍ଷା ଦେଉଥିବା ଜଣେ ସ୍ୱେଚ୍ଛାସେବୀଙ୍କ କହିବା ଅନୁଯାୟୀ, ଗୃହ ବିଭାଗ ନିର୍ଦ୍ଦେଶରେ ୟୁନିଫର୍ମରେ ଥିବା ସଶସ୍ତ୍ର ବ୍ୟକ୍ତିମାନଙ୍କର ଏକ ଟିମ୍ ସେପ୍ଟେମ୍ବର ୧ ବିଳମ୍ବିତ ରାତିରେ ନିଉ ଲାମ୍ବୁଲେନ୍‌ରେ ପହଞ୍ଚି କୁକି ପରିବାର ସଦସ୍ୟମାନଙ୍କୁ ସେମାନଙ୍କ ଘରୁ ଜୋର ଜବରଦସ୍ତ ବାହାର କରିଦେଇଥିଲେ। ଏପରିକି ସେମାନଙ୍କୁ ଜିନିଷପତ୍ର ପ୍ୟାକ୍ କରିବାକୁ ସମୟ ଦିଆଯାଇ ନ ଥିଲା। ନିଉ ଲାମ୍ବୁଲେନ୍‌ରେ ୩୦୦ରୁ ଊର୍ଦ୍ଧ୍ୱ କୁକି ପରିବାର ରହୁଥିଲେ। ମେ'୩ରେ ମଣିପୁର ହିଂସା ଆରମ୍ଭ ହେବା ପରେ ଅଧିକାଂଶ ପରିବାର ସେଠାରୁ ପଳାଇ ଯାଇଥିଲେ।

## ମଣିପୁର ସ୍ଥିତି ସମ୍ଭାଳିବେ ଅବସରପ୍ରାପ୍ତ ସେନା ଅଧିକାରୀ

### ମ୍ୟାନ୍‌ମାର ସର୍ଜିକାଲ ଷ୍ଟ୍ରାଇକର ନେତୃତ୍ୱ ନେଇଥିଲେ



କଲୋନେଲ୍ ନେକ୍ଟର ସଞ୍ଜୀବମ୍

**ଇମ୍ଫାଲ,୩।୯**

ମଣିପୁରରେ ଦୀର୍ଘ ୪ ମାସହେଲା ହିଂସାକାଣ୍ଡ ଲାଗି ରହିଛି। ଏଥିରେ ୨୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଅବସରପ୍ରାପ୍ତ ସେନା ଅଧିକାରୀ କଲୋନେଲ୍ ନେକ୍ଟର ସଞ୍ଜୀବମ୍‌ଙ୍କୁ ପୋଲିସ ବିଭାଗରେ ୫ ବର୍ଷ ଲାଗି ନିଯୁକ୍ତ କରିଛନ୍ତି। ସଞ୍ଜୀବମ୍ ୨୦୧୫ରେ ମ୍ୟାନମାରରେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ୍‌ର ନେତୃତ୍ୱ ନେଇଥିଲେ। ଅଗଷ୍ଟ ୨୪ରେ ମଣିପୁର ସରକାର ସଞ୍ଜୀବମ୍‌ଙ୍କୁ ସିନିୟର ରାଜ୍ୟ ପୋଲିସ ବିଭାଗରେ ସିନିୟର ସୁପରିଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦେଇଛନ୍ତି। ସଞ୍ଜୀବମ୍ ତାଙ୍କ ଚାକିରି ଜୀବନରେ କୀର୍ତ୍ତିଚକ୍ର ଏବଂ ଶୌର୍ଯ୍ୟ ଚକ୍ର ଭଳି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଜୁନ୍ ୧୨ରେ ହୋଇଥିବା ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ସଞ୍ଜୀବମ୍‌ଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଯୁଗ୍ମ ସଚିବ(ଗୃହ ବିଭାଗ) କହିଛନ୍ତି। ଅପରପକ୍ଷେ ଗୁଳିକାଣ୍ଡ ଓ ବୋମା ବିସ୍ଫୋରଣ ଯୋଗୁ ଗତ ୫ ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି।

## ସଂକ୍ଷେପରେ

### ଜି୨୦ ସମିଟ୍ ପାଇଁ ୨୦୭ ଟ୍ରେନ୍ ସାମୟିକ ବାତିଲ

**ନୂଆଦିଲ୍ଲୀ,୩।୯:** ଦିଲ୍ଲୀର ପ୍ରଗତି ମଇଦାନରେ ଆସନ୍ତା ୯ ଓ ୧୦ ତାରିଖରେ ଜି୨୦ ରାଷ୍ଟ୍ରଗୋଷ୍ଠୀର ନେତାମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସୁରକ୍ଷାଗତ କାରଣରୁ ଭାରତୀୟ ରେଲୱେ ଦିଲ୍ଲୀକୁ ଚଳାଚଳ କରିବାକୁ ଥିବା ୨୦୭ ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌କୁ ସାମୟିକ ବାତିଲ କରିଦେଇଛି। ସେହିପରି ନୂଆଦିଲ୍ଲୀକୁ ଆସିବାକୁ ଓ ସେଠାରୁ ଛାଡ଼ିବାକୁ ଥିବା ୧୫ ଟ୍ରେନ୍‌ର ଟର୍ମିନାଲ ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ ବାହାରେ ବିଭିନ୍ନ ସ୍ଥାନରେ ୭୦ଟି ଯାତ୍ରୀବାହୀ ଟ୍ରେନ୍‌କୁ ଅତିରିକ୍ତ ରହଣି କରିବାକୁ ରେଲୱେ ନିର୍ଦ୍ଦେଶ ଦେଇଛି। ଏହା ବ୍ୟତୀତ ୬ଟି ଯାତ୍ରୀବାହୀ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ ହୋଇଛି। ଡିଇଏମ୍‌ୟୁ ସମେତ ୩୬ଟି ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ର ରୁଟ୍‌କୁ ସଂକ୍ଷିପ୍ତ କରାଯାଇଛି।

### ୨ ଦଳିତଙ୍କୁ ଓଲଟା ଝୁଲାଇ ମାଡ଼

**ହାଇଦ୍ରାବାଦ,୩।୯:** ଛେଳି ଚୋରି ଅଭିଯୋଗରେ ଦୁଇ ଦଳିତ ଯୁବକଙ୍କୁ ଓଲଟା ବାନ୍ଧି ମାଡ଼ ମରାଯାଇଥିବା ଜଣାପଡ଼ିଛି। ତେଲଙ୍ଗାନାର ମନଚିରିଆଲ ଜିଲାରେ ଏଭଳି ଘଟଣା ଘଟିଛି। ପୋଲିସ ଏହି ମାମଲାରେ କୋମୁରାଜୁଲା ରାମୁଲୁ, ତାଙ୍କ ସ୍ତ୍ରୀ ସ୍ୱରୂପା ଓ ପୁଅ ଶ୍ରୀନିବାସଙ୍କୁ ଗିରଫ କରିଛି। ଶୁକ୍ରବାର ରାମୁଲୁଙ୍କ ଛେଳି ନିଖୋଜ ହୋଇଯାଇଥିଲା। ତେବେ ସେହି ଅଞ୍ଚଳର ଦଳିତ ଯୁବକ ତେଜା ଏବଂ ତାଙ୍କ ସାଙ୍ଗ ଚିଲୁମୁଲା କିରନ୍ ତାଙ୍କ ଛେଳି ଚୋରି କରିଥିବା ସନ୍ଦେହ କରି ଉଭୟଙ୍କୁ ରାମୁଲୁ ଡାକିଥିଲେ। ପରେ ଛେଳି ଗୁହାଳରେ ଉଭୟଙ୍କୁ ଓଲଟା ବାନ୍ଧି ମାଡ଼ ମାରିଥିଲେ। କିରଣଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ପାର୍ଲାମେଣ୍ଟ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଇଣ୍ଡିଆ ଏମ୍‌ପିଙ୍କ ବୈଠକ ଡାକିଲେ ଖାର୍ଗେ



**ନୂଆଦିଲ୍ଲୀ,୩।୯:** ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସେପ୍ଟେମ୍ବର ୫ରେ ଇଣ୍ଡିଆ ମେଣ୍ଟ ସହଯୋଗୀ ଦଳଗୁଡ଼ିକର ଏମ୍‌ପିମାନଙ୍କ ବୈଠକ ଡାକିଛନ୍ତି। ଖାର୍ଗେଙ୍କ ରାଜାଜୀ ମାର୍ଗ ବାସଭବନରେ ଏହି ବୈଠକ ବସିବ। ସେପ୍ଟେମ୍ବର ୧୮ରୁ ୨୨ ସ୍ୱତନ୍ତ୍ର ଅଧିବେଶନ ପାଇଁ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ରଣନୀତି ସମ୍ପର୍କରେ ଉକ୍ତ ବୈଠକରେ ନିଷ୍ପତ୍ତି ନେବେ। ତେବେ ଅଧିବେଶନରେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିରୋଧୀ ଦଳଗୁଡ଼ିକ ପରସ୍ପର ଏକାଠି କାମ କରି ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ନିକଟରେ ଶେଷ ହୋଇଥିବା ମୌସୁମୀ ଅଧିବେଶନ କାଳରେ ମେଣ୍ଟ ଦଳଗୁଡ଼ିକ ଏକାଠି ସରକାରଙ୍କୁ ବିରୋଧ କରିଥିଲେ।

## ଶିକ୍ଷକଙ୍କୁ ହତ୍ୟାକଲେ ଛାତ୍ର

**ନୂଆଦିଲ୍ଲୀ,୩।୯**

ଛାତ୍ରଙ୍କୁ ଅପ୍ରାକୃତ ଯୌନ ନିର୍ଯାତନା ଦେବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଯୌନ ସମ୍ପର୍କରେ ଭିଡିଓ ଉତ୍ତୋଳନ କରିବା ଓ ତାକୁ ସୋସିଆଲ୍ ମିଡିଆରେ ଶେୟାର କରିବାର ଭୟ ଦେଖାଇବାରୁ ଛାତ୍ର ଜଣକ ବାଧ ହୋଇ ଶିକ୍ଷକଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ପୋଲିସ ନାବାଳକଙ୍କୁ ଅଟକ ରଖିଛି। ଅଗଷ୍ଟ ୩୦ ତାରିଖ ଅପରାହ୍ନ ପ୍ରାୟ ୨ଟା୧୫ରେ ଜାମିଆ ନଗରରେ ଥିବା ବାଟଲା ହାଉସର ଏକ କୋଠରିରୁ ରକ୍ତ ବାହାରୁଥିବା ନେଇ ପିସିଆର୍‌କୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିଲାବେଳକୁ ଜଣେ ଲୋକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଚଟାଣ ଉପରେ ପଡ଼ିଥିଲା ଏବଂ ତାଙ୍କ ଗଳାକଟା ଯାଇଥିଲା। ପୋଲିସ ଏକ

### ଅପ୍ରାକୃତ ଯୌନ ନିର୍ଯାତନା

ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତ ଶିକ୍ଷକ ଜଣକ ସମ୍ପୃକ୍ତ ଛାତ୍ରଙ୍କୁ ସହ ଦୁଇ ମାସ ତଳେ ସାକ୍ଷାତ କରିଥିଲେ। ଏଥିସହ ସେ ଛାତ୍ରଙ୍କୁ ବିଭିନ୍ନ ସମୟରେ ଯୌନ ନିର୍ଯାତନା ଦେଇ ଆସୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଶିକ୍ଷକ ଏହି ସମୟର ଭିଡିଓ ଉତ୍ତୋଳନ କରି ଛାତ୍ରଙ୍କୁ ବ୍ଲାକମେଲିଂ କରୁଥିଲେ। ଘଟଣାଦିନ ଶିକ୍ଷକଙ୍କ ଫୋନ୍ କଲ୍ ପାଇ ଛାତ୍ର ତାଙ୍କ ଘରେ ପହଞ୍ଚିଥିଲେ। ଗଲାବେଳେ ଏକ ଧାରୁଆ ଅସ୍ତ୍ର ନେଇ ଯାଇଥିଲେ। ଶିକ୍ଷକ ତାଙ୍କୁ କିଛି କହିବା ପୂର୍ବରୁ ସେ ତାଙ୍କ ବେକକୁ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।




ନୂଆଦିଲ୍ଲୀର ଭୈରୋଁ ମାର୍ଗ ନିକଟରେ ଏକ ଇଏମ୍‌ୟୁ ଟ୍ରେନ୍‌ର ବଗି ଲାଇନ୍‌ଚ୍ୟୁତ ହୋଇଛି।

## ଗିଲ୍‌ଗିଟ୍-ବାଲ୍‌ଟିସ୍ତାନରେ ସାମ୍ପ୍ରଦାୟିକ ଉତ୍ତେଜନା

**ଇସ୍‌ଲାମାବାଦ,୩।୯**

ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ର ଗିଲ୍‌ଗିଟ୍-ବାଲ୍‌ଟିସ୍ତାନରେ ଶିହା ଓ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ଦେଖାଦେଇଥିବା ସାମ୍ପ୍ରଦାୟିକ ବିବାଦ ଯୋଗୁ ଏଠାରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଅପରପକ୍ଷେ ପାକିସ୍ତାନର ଅନ୍ତରୀଣ ସୂଚନା ମନ୍ତ୍ରୀ ମୁରତଜା ସୋଲାଙ୍ଗି କହିଛନ୍ତି, ଗିଲ୍‌ଗିଟ୍-ବାଲ୍‌ଟିସ୍ତାନର ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ରହିଛି। ତେବେ ସାମ୍ପ୍ରଦାୟିକ ଉତ୍ତେଜନା ଖବର ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି। ତେବେ ଏହି ଅଞ୍ଚଳରେ

### ମୋବାଇଲ ସେବା ବନ୍ଦ

ପାକିସ୍ତାନ ସେନା ମୁତୟନ କରାଯାଇଥିବା ନେଇ ଯେଉଁ ଖବର ପ୍ରସାରଣ କରାଯାଉଛି, ତାହା ସମ୍ପୂର୍ଣ୍ଣ ଅମୂଳକ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ରାସ୍ତାଘାଟ, ବ୍ୟବସାୟିକ ପେଣ୍ଠସ୍ଥଳୀ ଏବଂ ଶିକ୍ଷାନୁଷ୍ଠାନ ସ୍ୱାଭାବିକଭାବେ ଚାଲିଛି। ତେବେ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପାକିସ୍ତାନ ସେନାକୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି। ଅପରପକ୍ଷେ ଉଭୟ ସମ୍ପ୍ରଦାୟର ନେତାମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାନେଇ ମନ୍ତ୍ରୀ ସୋଲାଙ୍ଗି କହିଛନ୍ତି।

## ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ୭ ମୃତ

**ଆବୁଜା,୩।୯**

ନାଇଜେରିଆର କଦୁନାରେ ଥିବା ଏକ ମସ୍‌ଜିଦ୍‌ରେ ଶନିବାର ଅଜଣା ବନ୍ଧୁକଧାରୀମାନେ ଆଖିବୁଜା ଗୁଳିମାଡ଼ କରିବାରୁ ୭ଜଣଙ୍କ ମୃତ୍ୟୁ ଘଟିଛି। ନମାଜ ପାଠ ଲାଗି ଶନିବାର ମଧ୍ୟାହ୍ନରେ ବହୁ ଲୋକ ମସ୍‌ଜିଦ୍‌ରେ ଏକାଠି ହୋଇଥିଲେ। ଏତିକିବେଳେ ଆତତାୟୀମାନେ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଅଜଣା ବନ୍ଧୁକଧାରୀ ୩ ବର୍ଷରେ ଶତାଧିକ ଲୋକଙ୍କୁ ହତ୍ୟା କରିଥିବା ସ୍ଥାନୀୟ ପ୍ରଶାସନ କହିଛି।

## 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ରାଜ୍ୟ ଉପରେ ଆକ୍ରମଣ: ରାହୁଲ

**ନୂଆଦିଲ୍ଲୀ,୩।୯**

'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଚିନ୍ତାଧାରାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିନ୍ଦା କରିଛନ୍ତି। ଏହା ଭାରତୀୟ ଏକତା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ ବୋଲି ରବିବାର ରାହୁଲ ଟୁଇଟ୍ କରିଛନ୍ତି। ଏକସଙ୍ଗେ ନିର୍ବାଚନ କରିବାର ସମ୍ଭାବ୍ୟତା ଉପରେ ମତାମତ ରଖିବା ଲାଗି ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ତେବେ ଉକ୍ତ କମିଟିରେ ନ ରହିବାକୁ ଚାହାନ୍ତି ନାହିଁ ବୋଲି କଂଗ୍ରେସ ନେତା ଅଧୀର ରଞ୍ଜନ



ଚୌଧୁରୀ କହିଛନ୍ତି। କମିଟିରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନିଆ ନ ଯାଇ ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦଙ୍କୁ ନିଆଯାଇଛି। ଏହା ବ୍ୟତୀତ କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପଞ୍ଚଦଶ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପୂର୍ବତନ ମହାସଚିବ ସୁଭାଷ କଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ, ପୂର୍ବତନ ସିଭିସି ସଞ୍ଜୟ କୋଠାରୀଙ୍କୁ ନିଆଯାଇଛି। କମିଟି 'ୱାନ୍ ନେଶନ ୱାନ୍ ଇଲେକ୍ସନ' କାର୍ଯ୍ୟକାରିତା ଲାଗି ଆବଶ୍ୟକ ସମ୍ବିଧାନ ସଂଶୋଧନ, ଜନପ୍ରତିନିଧି ଆଇନ ଓ ଅନ୍ୟ ଆଇନ ଏବଂ ନିୟମାବଳୀରେ ସଂଶୋଧନର ଆବଶ୍ୟକତା ନେଇ ସରକାରଙ୍କୁ ସୁପାରିସ କରିବ।

## ଦେଶର ପ୍ରତ୍ୟେକ ଭାଗରେ ଜି୨୦ କାର୍ଯ୍ୟକ୍ରମ କରିବା ସ୍ୱାଭାବିକ

**ନୂଆଦିଲ୍ଲୀ,୩।୯(ପି.ଟି.)**

ଦେଶର ବିଭିନ୍ନ ପ୍ରାନ୍ତରେ ଜି୨୦ କାର୍ଯ୍ୟକ୍ରମ ଆୟୋଜନ କରିବା ଭାରତ ପାଇଁ ସ୍ୱାଭାବିକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। କଶ୍ମୀର ଏବଂ ଅରୁଣାଚଳପ୍ରଦେଶରେ ଜି୨୦ର କେତେକ କାର୍ଯ୍ୟକ୍ରମ ଆୟୋଜନକୁ ଚାଇନା ବିରୋଧ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୈଶ୍ୱିକ ମଞ୍ଚରେ ଭାରତ ଏହାର ସଂସ୍କୃତି ଓ ଆଞ୍ଚଳିକ ବିବିଧତାକୁ ପ୍ରଦର୍ଶିତ କରିବାର ଉଦ୍ୟମ ସ୍ୱରୂପ ଦେଶବ୍ୟାପୀ ଜି୨୦ କାର୍ଯ୍ୟକ୍ରମର ଆୟୋଜନ କରିଥିଲା।

### ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ହେବ: ମୋଦି



ଅନ୍ୟପକ୍ଷରେ ଜି୨୦ ସଦସ୍ୟ ରାଷ୍ଟ୍ର ଚାଇନା ଏବଂ ସଦସ୍ୟ ନ ଥିବା ପାକିସ୍ତାନ କଶ୍ମୀରକୁ ବିବାଦୀୟ ଅଞ୍ଚଳ କହି ସେଠାରେ ଜି୨୦ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ସେହିପରି ଅରୁଣାଚଳ ଉପରେ ଭାରତର ସାର୍ବଭୌମତ୍ୱକୁ ନେଇ ଚାଇନା ବିବାଦ ସୃଷ୍ଟି କରୁଛି। ଚାଇନା ଓ ପାକିସ୍ତାନର ଦାବିକୁ ଭାରତ ଅଗ୍ରାହ୍ୟ କରିଦେଇଛି।

ମୋଦି କହିଛନ୍ତି, ତାଙ୍କ ୯ ବର୍ଷ ସରକାରର ରାଜନୈତିକ ସ୍ଥିରତାର ସ୍ୱାଭାବିକ ଉପଉତ୍ପାଦ ହେଉଛି ଦେଶର ଆର୍ଥିକ ଅଭିବୃଦ୍ଧି। ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବା ସହ ଜାତୀୟ ଜୀବନରେ ଦୁର୍ନୀତି, ଜାତିବାଦ ଏବଂ ସାମ୍ପ୍ରଦାୟିକତାବାଦର ସ୍ଥାନ ରହିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଏକ ସାକ୍ଷାତ୍‌କାରରେ କହିଛନ୍ତି।

## 'ଯୌତୁକ ନିର୍ଯାତନାର ମିଥ୍ୟା ଅଭିଯୋଗ ଚରମ ନିଷ୍ଠୁରତା'

**ନୂଆଦିଲ୍ଲୀ,୩।୯(ପି.ଟି.)**

ସ୍ୱାମୀଙ୍କ ପରିବାର ବିରୋଧରେ ମହିଳା ମିଥ୍ୟା ଯୌତୁକ ନିର୍ଯାତନା କିମ୍ବା ବଳାତ୍କାର ଅଭିଯୋଗ ଆଣିବା 'ଚରମ ନିଷ୍ଠୁରତା' ଏବଂ ଏହାର କ୍ଷମା ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଉଚ୍ଚ ଅଦାଲତଙ୍କ ମତରେ କୌଣସି ବୈବାହିକ ସମ୍ପର୍କର ଆଧାର ହେଉଛି ସହବାସ ଓ ବୈବାହିକ ସମ୍ପର୍କ। ଦମ୍ପତି ପରସ୍ପର ସହାବସ୍ଥାନରୁ ବଞ୍ଚିତ ହେଲେ ବିବାହ ତିଷ୍ଠି ରହିବ ନାହିଁ ବୋଲି ପ୍ରମାଣିତ ହୋଇଥାଏ। ଜଣେ ଅନ୍ୟ ଜଣଙ୍କୁ ବୈବାହିକ ସମ୍ପର୍କରୁ ବଞ୍ଚିତ କରିବା ଅତ୍ୟନ୍ତ ନିଷ୍ଠୁରତା ବୋଲି ହାଇକୋର୍ଟ




ଟିପ୍ପଣୀ ଦେଇଛନ୍ତି। ନିଷ୍ଠୁରତା ଆଧାରରେ ଅଲଗା ରହୁଥିବା ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ଲାଗି ପରିବାର ଅଦାଲତ ଅନୁମତି ଦେଇଥିବାବେଳେ ମହିଳା ଜଣକ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଛନ୍ତି। ସ୍ୱାମୀ-ସ୍ତ୍ରୀ ୨୦୧୪ରୁ ପରସ୍ପରଠାରୁ ଅଲଗା ରହୁଥିବାରୁ ସେମାନେ ବୈବାହିକ ସମ୍ପର୍କ ବଜାୟ ରଖିବାକୁ ଅସମର୍ଥ ବୋଲି ପ୍ରମାଣିତ ହୋଇଛି। ୯ ବର୍ଷ ଧରି ପରସ୍ପରଠାରୁ ଅଲଗା ରହିବା ଚରମ ମାନସିକ ନିଷ୍ଠୁରତା। ତେଣୁ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନିଷ୍ଠୁରତା ଆଧାରରେ ସେମାନଙ୍କୁ ବୈବାହିକ ସମ୍ପର୍କକୁ ତୁରନ୍ତ ବିଚ୍ଛେଦ କରାଯିବାକୁ ଜଷ୍ଟିସ ସୁରେଶ କୁମାର କାଇତ ଏବଂ ନୀନା ବଂଶଲ କ୍ରିଷ୍ଣାଙ୍କ ଖଣ୍ଡପୀଠ କହିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ବିରୋଧରେ ମିଛ ଅଭିଯୋଗ କରିଥିବାରୁ ଏହା ମାନସିକ ନିର୍ଯାତନା ବୋଲି ଖଣ୍ଡପୀଠ କହିଥିଲେ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪/୨୦୨୩ | Bhubaneswar, Monday, September 4/2023 | ପୃଷ୍ଠା-୧


# ଏକସଙ୍ଗେ ନୁହେଁ

**ତଥାଗତ ସତପଥୀ**

'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗ ଏବେ ଦେଶବ୍ୟାପୀ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏହାର ବାସ୍ତବତା ନେଇ ସନ୍ଦେହ ଉପୁଜିଥିବା ବେଳେ ପ୍ରକୃତ କଥାକୁ ନିରେଖି ଦେଖିଲେ କେନ୍ଦ୍ର ସରକାର ବିଫଳତାକୁ ଲୁଚାଇବାକୁ ଯାଇ ଏଭଳି ଏକ ଫନ୍ଦା ଆରମ୍ଭ କରିଥାଇପାରନ୍ତି। ଆଜିର ସ୍ଥିତିରେ ହଠାତ୍ ଏହା ଲାଗୁ କରିବା କଷ୍ଟକର ବ୍ୟାପାର। ଭାରତ ସ୍ୱାଧୀନ ହେବା ପରଠାରୁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଲୋକ ସଭା ସହିତ ବିଧାନସଭା ନିର୍ବାଚନକୁ ଏକ ସଙ୍ଗେ କରିଥିଲେ। ଏହା ୧୯୬୭ ଯାଏ ଚାଲିଥିଲା ବୋଲି ଇତିହାସ କହୁଛି। କିନ୍ତୁ ପରବର୍ତ୍ତୀ ସମୟରେ କେଉଁଠାରେ ସରକାର ବିଶ୍ୱାସ ହରାଇବା ଯୋଗୁ ବିଧାନସଭା ଭଙ୍ଗ ହୋଇଥିଲା ବେଳେ ଅନ୍ୟ କେଉଁଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇ ଜବରଦସ୍ତ ରାଜ୍ୟ ସରକାରକୁ ବରଖାସ୍ତ କରାଯାଇଥିଲା। ବିଭିନ୍ନ ପ୍ରକାର ଅସଙ୍ଗତି ଦେଖାଦେବାରୁ ନିର୍ବାଚନ ସମୟରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ଏବର ସ୍ଥିତି ଦେଖି ବିଧିବଦ୍ଧ ଭାବେ ହିସାବ କଲେ ଆସନ୍ତାବର୍ଷ ମେ'ରେ ଲୋକ ସଭା ନିର୍ବାଚନ ସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ୍ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ହେବା କଥା। କିନ୍ତୁ କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଛି ଯେ, ଖୁବ୍‌ଶୀଘ୍ର ଲୋକ ସଭାକୁ ଭାଙ୍ଗିଦିଆଯାଇ ସଦ୍ୟ ନିର୍ବାଚନ କରାଯିବ। ଏମିତି ଦେଖିଲେ ଆସନ୍ତା ନଭେମ୍ବର-ଡିସେମ୍ବରରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଅଛି। ମୋଦି ସରକାର କହୁଛନ୍ତି, ପ୍ରାୟ ୯ଟି ରାଜ୍ୟରେ ଯଦି ପାଖାପାଖି ନିର୍ବାଚନ ହେବାର ଅଛି, ତେଣୁ ଅନ୍ୟ ବିଧାନସଭାଗୁଡ଼ିକୁ ଲୋକ ସଭା ନିର୍ବାଚନ ସହିତ ମିଶାଇ ଗୋଟିଏ ନିର୍ବାଚନ କରାଗଲେ ଏ ଦିଗରେ ହେଉଥିବା ଖର୍ଚ୍ଚକୁ ହ୍ରାସ କରାଯାଇପାରିବ। ବାସ୍ତବରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଭଳି ରାଜ୍ୟରେ ଭାଜପା ଜିତିକରି ସରକାର ଗଢ଼ିବା ସମ୍ଭବପର ମନେ ହେଉନାହିଁ। ଲୋକ ସଭା ନିର୍ବାଚନ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାଜ୍ୟଗୁଡ଼ିକରେ ପରାଜୟକୁ ସାମ୍ନା କଲାଭଳି ଶକ୍ତି ଭାଜପା ପାଖରେ ନାହିଁ ବୋଲି ସେହି ଦଳର ନେତୃତ୍ୱ ବୁଝିସାରିଲେଣି। ଦୀର୍ଘ ଏକ ଦଶନ୍ଧିର ଶାସନକାଳ ପରେ ମୋଦିଙ୍କ କରିସ୍ମା ହ୍ରାସ ପାଇଛି ବୋଲି ସମସ୍ତେ ହୃଦ୍‌ବୋଧ କଲେଣି। ବିନା କୌଣସି ନୂତନତ୍ୱ ଦର୍ଶାଇ ନିର୍ବାଚନ ଲଢ଼ିଲେ କେନ୍ଦ୍ରରେ ଭାଜପା ପାଇଁ କଷ୍ଟକର ବ୍ୟାପାର ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି।

ଚଳିତ ମାସ ୧୮ ତାରିଖରୁ ୫ ଦିନିଆ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଏହା ଘୋଷଣା ହେବାର ପରଦିନ ସରକାର 'ଏକ ଦେଶ, ଏକ ନିର୍ବାଚନ' ବିଲ୍‌କୁ ଉକ୍ତ ଅଧିବେଶନରେ ଆଗତ କରିବେ ବୋଲି ସଙ୍କେତ ଦେଇଥିଲେ। ଉକ୍ତ ବିଷୟ ଘୋଷଣା କଲାବେଳକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ଏହି ବିଲ୍ ଆଗତ ହେବାରେ କେହି ବିଚଳିତ ହେବା ଦରକାର ନାହିଁ। ତା'ର ଉତ୍ତରରେ ବିରୋଧୀ ଦଳ କହିଛନ୍ତି, ସମ୍ଭବତଃ ସରକାର ବ୍ୟସ୍ତ ହୋଇପଡ଼ିଥିବାରୁ ଏଭଳି ପଦକ୍ଷେପ ନେଉଛନ୍ତି। ଇତିମଧ୍ୟରେ ଏ ସଂକ୍ରାନ୍ତରେ ତର୍ଜମା କରିବା ସକାଶେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହାର ସ୍ୱରୂପକୁ ଦେଖିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ପୂର୍ବତନ ଏମ୍‌ପି ଗୁଲାମ ନବୀ ଆଜାଦ, ୧୫ତମ ଅର୍ଥ କମିଶନ୍‌ର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପୂର୍ବତନ ସେକ୍ରେଟାରି -ଜେନେରାଲ ଡକ୍ଟର ସୁଭାଷ ସି. କାଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ପୂର୍ବତନ ସିଭିସି ସଞ୍ଜୟ କୋଠାରୀ ସଦସ୍ୟ ଅଛନ୍ତି। ହେଲେ ଅଧୀର ରଞ୍ଜନ ଉକ୍ତ ପ୍ୟାନେଲରେ ରହିବେ ନାହିଁ ବୋଲି କହିସାରିଲେଣି। ଏଭଳି ଅବାସ୍ତବ ପ୍ରସ୍ତାବ ସରକାରଙ୍କ ଦ୍ୱାରା ଅଣାଯାଇଥିବାରୁ ସେଥିରେ ମନ୍ଦ ଉଦ୍ଦେଶ୍ୟ ନିହିତ ଥିବା ଦର୍ଶାଇ ଅଧୀର କମିଟିରୁ ଓହରି ଯାଇଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ବେଳେ ଭାଜପା ନିଜ ଇସ୍ତାହାରରେ ଏକକ ନିର୍ବାଚନ କରାଇବା ନେଇ ଏକ ପଦ୍ଧତି ବିକଶିତ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୀର୍ଘ ଏକ ଦଶନ୍ଧି ମଧ୍ୟରେ ସେହି ଦିଗରେ କୌଣସି ପଦକ୍ଷେପ ନେଲାନାହିଁ। ନିଜକୁ ଅତି ଶକ୍ତିଶାଳୀ ବୋଲାଉଥିବା ଏହି ସରକାର ବିମୁଦ୍ରୀକରଣଠାରୁ ଆରମ୍ଭ କରି କରୋନା ଲକ୍‌ଡାଉନ୍ ପର୍ଯ୍ୟନ୍ତ ବିନା କୌଣସି ଆଇନର ସାହାଯ୍ୟ ଲୋଡ଼ି ସ୍ୱଇଚ୍ଛାରେ କରାଇଦେଇ ପାରିଥିଲେ। ଚାହିଁଥିଲେ ଏକସଙ୍ଗେ ନିର୍ବାଚନ ମଧ ଲୋକ ସଭାକୁ ଭାଙ୍ଗି କରାଇଦେଇ ପାରିଥାନ୍ତେ। ଏବେ ସ୍ଥିତିରେ ପରିବର୍ତ୍ତନ ଘଟିବାରୁ ବିକଳ୍ପ ପନ୍ଥା ଖୋଜିବାକୁ ଯାଇ ଏହିଭଳି ଡାକରା ଦିଆଯାଉଛି। ମନେରଖିବାକୁ ହେବ ଯେ, କରଦାତାଙ୍କ ପାଇଁ ଏକସଙ୍ଗେ ନିର୍ବାଚନ କରାହେଲେ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ଭୋଟ୍‌ଗ୍ରହଣ କେନ୍ଦ୍ର, ସେଥିରେ ମୁତୟନ ହେବାକୁଥିବା ସରକାରୀ କର୍ମଚାରୀ, ପୋଲିସ ବନ୍ଦୋବସ୍ତ, ପରିବହନ ଭଳି ସବୁ ଖର୍ଚ୍ଚ ଏପରି ନିର୍ବାଚନରେ ଏକସଙ୍ଗେ ହେବ, ଯାହାକି ସେହି ଖର୍ଚ୍ଚ ଏବେ ଭାଗବଣ୍ଟା ହୋଇ ଭିନ୍ନ ସମୟରେ ହେଉଛି। ଅର୍ଥାତ୍ ଦେଶର ଅର୍ଥ ବଞ୍ଚିବ ବୋଲି ଯାହା କୁହାଯାଉଛି ତାହା ସମ୍ପୂର୍ଣ୍ଣ ଅସତ୍ୟ।

ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ଗଣତାନ୍ତ୍ରିକ ରାଷ୍ଟ୍ର। ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ମାଧ୍ୟମରେ ଭୋଟ ଗ୍ରହଣ କରାଯାଉଛି। ସମଗ୍ର ଦେଶରେ ଏକସଙ୍ଗେ ନିର୍ବାଚନ ହେଲେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଇଭିଏମ୍ ଏବଂ ସମାନ ସଂଖ୍ୟକ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରାଏଲ (ଭିଭିପିଏଟି)ର ଆବଶ୍ୟକତା ରହିଛି ବୋଲି କୁହାଯାଉଛି। କିନ୍ତୁ ନିର୍ବାଚନ କମିଶନଙ୍କ ନିକଟରେ ଏବେ ମାତ୍ର ୧୨ ଲକ୍ଷ ଇଭିଏମ୍ ଅଛି। ନିର୍ବାଚନ କମ୍ ସମୟ ଥିବାରୁ ଆହୁରି ୧୩ ଲକ୍ଷ ଇଭିଏମ୍ ପ୍ରସ୍ତୁତ କରି ସେଗୁଡ଼ିକୁ ଯାଞ୍ଚ କରିବା ବୈଷୟିକ ଦୃଷ୍ଟିକୋଣରୁ ଯଥାର୍ଥ ମନେହେଉନାହିଁ। ସାମ୍ବିଧାନିକ ଦୃଷ୍ଟିରୁ ଦେଖିଲେ ଏକସଙ୍ଗେ ନିର୍ବାଚନ ହେବା ଲାଗି ତାରିଖ ଘୋଷଣା ହେବାର କିଛି ମାସ ପୂର୍ବରୁ ଯେଉଁ ବିଧାନସଭାଗୁଡ଼ିକର ଅବଧି ପୂରି ଯାଉଛି, ସେଗୁଡ଼ିକ କ୍ଷେତ୍ରରେ କେଉଁ ନିୟମ ଲାଗୁହେବ ତାହା ଅନେକ ପ୍ରଶ୍ନ ଠିଆ କରୁଛି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଆଦି ରାଜ୍ୟରେ ନଭେମ୍ବର ୨୦୨୩ରେ ଆୟୁଷ ପୂରୁଛି। ସେହିଭଳି ନିକଟ ଅତୀତରେ ଯେଉଁ ବିଧାନସଭାଗୁଡ଼ିକର ନିର୍ବାଚନ ସରି ସରକାର ଗଠନ ହୋଇଛି ଓ ସେଗୁଡ଼ିକର ଅବଧି ପ୍ରାୟ ୩ ବର୍ଷ ସମୟ ଅଛି, ସେହି ରାଜ୍ୟଗୁଡ଼ିକ ଯଥା ଉତ୍ତର ପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ମାନିନେବା ଭାଜପାର ଯୁକ୍ତି ଦେଶର ହିତ ଉପରେ ଆଧାରିତ। ଯଦି ବିଧାନସଭାଗୁଡ଼ିକୁ ଭଙ୍ଗକରି ଏକସଙ୍ଗେ ଲୋକ ସଭା ସହିତ ନିର୍ବାଚନ ହୁଏ, ତେବେ ପରବର୍ତ୍ତୀ ସମୟରେ କୌଣସି ବିଧାନସଭାରେ ଗୋଟିଏ ଦଳ ବହୁମତ ନ ପାଇପାରିଲେ କିମ୍ବା ରାଷ୍ଟ୍ରପତି ଶାସନ ଜାରି ହେଲେ ତାହାର ପ୍ରଭାବ କିଭଳି ସମ୍ଭଳା ପଡ଼ିବ ହେଉଛି ବଡ଼ ପ୍ରଶ୍ନ। ମନେରଖିବାକୁ ହେବ, ଏକ ସୁସ୍ଥ ଗଣତନ୍ତ୍ରରେ ହେଉଥିବା ବିଭିନ୍ନ ସମୟର ନିର୍ବାଚନ ସ୍କୁଲ ପିଲାଙ୍କ ପ୍ରୋଗ୍ରେସ ରିପୋର୍ଟ ଭଳି କାମକରେ। ଗୋଟିଏ ରାଜ୍ୟ ସରକାର ପାଇଁ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନ ଲୋକମତକୁ ପଦାକୁ ଆଣିଥାଏ। ସେହିଭଳି ବିଭିନ୍ନ ରାଜ୍ୟରେ ନିର୍ବାଚନ ଦର୍ଶାଇଥାଏ କେନ୍ଦ୍ରରେ ଶାସନ କରୁଥିବା ଦଳର ଲୋକପ୍ରିୟତା। ଶେଷରେ ଏତିକି କହିହେବ, ୧୯୪୭ ପୂର୍ବରୁ ଭାରତୀୟ ଉପମହାଦେଶ କେବେହେଲେ ଗୋଟିଏ ଦେଶ ଭାବେ ନ ଥିଲା। ଏହାର ବିବିଧତାରେ ରହିଛି ଏକତା। ସେଥିପାଇଁ ଗୋଟିଏ ସମୟରେ ନିର୍ବାଚନ ଡାକରା ଦେଉଥିବା ମତ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ନାଗରିକ ବିରୋଧୀ। ଏଥିସହିତ ଏହାର ଅବାସ୍ତବତା ବାରମ୍ବାର ପ୍ରମାଣିତ ହୋଇଆସିଛି। ସେଥିପାଇଁ ଏଇ ଚିନ୍ତାଧାରାକୁ ସ୍ପଷ୍ଟ ଭାବେ ବିରୋଧ କରାଯିବା ଦରକାର।

# ସନାତନ ଧର୍ମର ବିଲୋପ ଜରୁରୀ: ଉଦୟନିଧି

**ଭୋଟ ପାଖେଇ ଆସିଲେ ଭାଜପା ନେତାମାନେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଛାଡ଼ି ଧର୍ମୀୟ କାର୍ଡ ଖେଳିବା ସହ ଧ୍ରୁବୀକରଣ ବଳରେ ନିର୍ବାଚନ ଜିତିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥାଏ। ଦେଶରେ ବଢ଼ିଚାଲିଥିବା ମୁଦ୍ରାସ୍ଫୀତି, ବେକାରି ସମସ୍ୟା ଓ ଲୋକଙ୍କ ସୁବିଧା ଅସୁବିଧାକୁ ଭୁଲି ସେମାନେ ହିନ୍ଦୁତ୍ୱ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥାଆନ୍ତି। ଶାସକ ଦଳର ଉଗ୍ର ହିନ୍ଦୁତ୍ୱବାଦ ସମ୍ପର୍କିତ ହୋହଲ୍ଲା ଭିତରେ ଅନେକ ମତଦାତା ନିଜ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଭୁଲି ପ୍ରଭାବିତ ହୋଇଯାଆନ୍ତି। ଏଭଳି ସ୍ଥିତିରେ ୨୦୨୪ ଲୋକ ସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଏବଂ ଡେଙ୍ଗୁ ଜ୍ୱର ସହ ତୁଳନା କରି ଏହାକୁ ନଷ୍ଟ କରିଦିଆଯିବା ଆବଶ୍ୟକ ବୋଲି କହିଛନ୍ତି। ଉଦୟନିଧିଙ୍କ ଏହି ବିବାଦୀୟ ମନ୍ତବ୍ୟକୁ ରାଜନୈତିକ ପ୍ରସଙ୍ଗ କରିବା ପାଇଁ ଭାଜପାକୁ ସୁଯୋଗ ମିଳିଯାଇଛି।**


ଉଦୟନିଧି ଷ୍ଟାଲିନ୍

**ଚେନ୍ନାଇ/ନୂଆଦିଲ୍ଲୀ,୩।୯**

ସନାତନ ଧର୍ମ ସମାନତା ଏବଂ ସାମାଜିକ ନ୍ୟାୟ ବିରୋଧୀ। ଏହି ଧର୍ମର ବିଲୋପ ହେବା ଆବଶ୍ୟକ ବୋଲି ଡିଏମ୍‌କେ ଯୁବ ଶାଖାର ସମ୍ପାଦକ ତଥା ତାମିଲନାଡୁ କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ସମାଲୋଚନା କରିଛନ୍ତି। ସେ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଏବଂ ଡେଙ୍ଗୁ ଜ୍ୱର ସହ ତୁଳନା କରି ଏହାକୁ ବିରୋଧ ନୁହେଁ, ବରଂ ନଷ୍ଟ କରିଦିଆଯିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ତାମିଲନାଡୁର ପ୍ରଗତିଶୀଳ ଲେଖକ ଓ କଳାକାର ସଂଘର ଏକ ବୈଠକକୁ ଉଦ୍‌ବୋଧନ ଦେବା ଅବସରରେ ଡିଏମ୍‌କେ ଯୁବ ନେତା ଏଭଳି ବିବୃତି ଦେଇଥିଲେ। ଉକ୍ତ ସଂଗଠନ 'ସନାତନକୁ ବିରୋଧ' ପରିବର୍ତ୍ତେ 'ସନାତନର ବିଲୋପ' ଶୀର୍ଷକ ଚୟନ କରିଥିବାରୁ ଉଦୟନିଧି ଏହାର ପ୍ରଶଂସା କରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି କହିଥିଲେ, କେତେକ ବିଷୟକୁ ବିରୋଧ କରାଯାଇପାରିବ ନାହିଁ, ସେଗୁଡ଼ିକୁ କେବଳ ହଟାଇ ଦିଆଯିବା ଜରୁରୀ। ସନାତନମ୍ କେବଳ ଏକ ସଂସ୍କୃତ ନାମ। ଏହା ସମାନତା ଏବଂ ସାମାଜିକ ନ୍ୟାୟର ବିରୋଧୀ ବ୍ୟତୀତ ଅନ୍ୟ କିଛି ନୁହେଁ।

ସନାତନର ଅର୍ଥ ଏହା ଶାଶ୍ୱତ, ଯାହାକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ। କେହି ଏହା ଉପରେ ପ୍ରଶ୍ନ କରିପାରିବେ ନାହିଁ। ସନାତନ ଜାତି ଆଧାରରେ ଲୋକଙ୍କୁ ଭାଗ ଭାଗ କରୁଥିବା ଉଦୟନିଧି କହିଥିଲେ। ସେ ଆହୁରି କହିଥିଲେ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି ସବୁ ସମ୍ପ୍ରଦାୟକୁ ଏକାଠି କରିବା ପାଇଁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ସାମଥୁଭାପୁରମ୍ (ପଡୋଶୀଙ୍କ ମଧ୍ୟରେ ସମାନତା) ସ୍ଥାପନ କରିଥିଲେ। ସବୁ ଜାତିର ଲୋକ ମନ୍ଦିର ପୂଜକ ☞ପୃଷ୍ଠା-୨

### ଇଣ୍ଡିଆ ବ୍ଲକ୍ ହିନ୍ଦୁତ୍ୱକୁ ଘୃଣା କରେ: ଶାହା







B.J.B. AUTONOMOUS COLLEGE , BHUBANESWAR-751014

NAAC ACCREDITED WITH A

DSPL-203

ADMISSION NOTICE FOR THE SESSION 2023-2024

Applications are invited in online mode for admission into few vacant seats of the following self financing courses: B.A.LL.B. (H), IMCA, IMBA, IMSc.ETC, IMSc.BI, BSc.ITM, MBA (Agri-Business), MA JMC, MA PMIR, MA THM, M.Com FC for the Session 2023-24.The Admission Prospectus and Online Application form will be available in college website www.bjbcollege.in from 28.08.2023 to 09.09.2023 till 11:55 PM. The details about the Courses, Application form, and Form fill-up procedures, etc. are available in prospectus in college website. The details of courses are given below.

| INTEGRATED (5 Years) /UNDERGRADUATE (3Years) COURSES | POST GRADUATE COURSES (2Years) |
|---|---|
| Integrated law B.A.LL.B. (Hons) Eligibility: Passed +2 in any stream with 45 % for GEN and 40% for SC/ST marks in aggregate | MBA (Agri-Business) Eligibility: Graduate in any stream/Equivalent, with 40% in aggregate |
| IMCA (Integrated Master In Computer Application) Eligibility: Passed +2 in any stream with Mathematics, 40% marks in aggregate | MA PMIR - MA in Personnel Management & Industrial Relations Eligibility: Graduate in any stream/Equivalent, with 40% in aggregate |
| IMBA (Integrated Master of Business Administration) Eligibility: Passed +2 in any stream 40% in aggregate | MA THM- MA in Tourism and Hospitality Management Eligibility: Graduate in any stream/Equivalent, with 40% in aggregate |
| IMSc.ETC (Integrated Master of Science in Electronics & Telecommunication) Eligibility: Passed +2 Science with Mathematics, 40% marks in aggregate | MAJMC - MA in Journalism and Mass Communication Eligibility: Graduate in any stream/Equivalent, with 40% in aggregate |
| IMSc.BI (Integrated Master of Science in Bio-Informatics) Eligibility: Passed +2 Science with Biology, 40% marks in aggregate | M.Com FC- Master of Commerce in Finance and Control Eligibility: Graduate in any stream/Equivalent, with 40% in aggregate |
| BSc.ITM (Bachelor of Science in Information Technology and Management) Eligibility: Passed +2 Science with Mathematics, 40% marks in aggregate | |

| ENTRANCE TEST | IMSc.BI , MAJMC, IMCA, MCFC, B.A.LL.B. (H), 12.09.2023 | MBA (Agri-Business), Bsc. ITM, IMSc.ETC, IMBA, MA PMIR, MA THM 13.09.2023 |
|---|---|---|

FOR FURTHER DETAILS CONTACT : IMBA : 8327795216, 8908011344, IMSc. BI : 9861404459, 9078677013, IMSc.ETC : 7016028257, 7978510648, MAJMC: 7008678166, 8637202388, M.Com FC: 9861118208, 9938511866, BSc.ITM & IMCA: 9861048056, 9938511866, B.A.LL.B. (H): 9437311169, 9437419291, MA PMIR, MA THM & MBA (Agri-Business) : 9437311169, 9776987162,9777612056,

Application form for the above courses, complete in all respects, should be submitted on or before 09.09.2023 (11.55pm) in Online Mode.

s/d PRINCIPAL

OIPR-11011/13/0003/2324


# ୩୧୧ ଆପ୍, ୯୫ ମେଶିନ ବ୍ୟବହୃତ

### ଜି୨୦ ସମ୍ମିଳନୀ ପାଇଁ ଦିଲ୍ଲୀର ପରିଚ୍ଛନ୍ନତା

**ନୂଆଦିଲ୍ଲୀ,୩।୯**

ଦିଲ୍ଲୀରେ ସେପ୍ଟେମ୍ବର ୯ ଓ ୧୦ରେ ହେବାକୁ ଥିବା ଜି୨୦ ସମ୍ମିଳନୀ ପାଇଁ ଜାତୀୟ ରାଜଧାନୀକୁ ଆକର୍ଷଣୀୟ କରାଯାଇଛି। ବିଦେଶୀ ଅତିଥିଙ୍କୁ ସ୍ୱାଗତ କରିବାକୁ ଯାଉଥିବା ଦିଲ୍ଲୀର ସଫେଇ ପାଇଁ ୩୧୧ ଆପ୍, ୧୨,୦୦୦ କର୍ମୀ ଓ ୯୫ଟି ମେଶିନକୁ ବ୍ୟବହାର କରାଯାଇଛି। ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ମେୟର ଶେଲି ଓବରୟ ରବିବାର ଏହି ସୂଚନା ଦେଇଛନ୍ତି। ଶେଲି କହିଛନ୍ତି, ଦିଲ୍ଲୀକୁ କେବଳ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ୨ ମାସ ସମୟ ଲାଗିଛି।



### ୧୨ ହଜାର କର୍ମଚାରୀ ନିୟୋଜିତ

ଜି୨୦ ସମ୍ମିଳନୀ ପାଇଁ ଦିଲ୍ଲୀକୁ ପ୍ରସ୍ତୁତ କରିବା ସକାଶେ ଆମେ ୧୨ ହଜାର କର୍ମୀଙ୍କୁ ସ୍ୱତନ୍ତ୍ର ଡ୍ୟୁଟିରେ ନିୟୋଜିତ କରିଛୁ। ସେମାନଙ୍କ ମଧ୍ୟରୁ ସେଣ୍ଟ୍ରାଲ ଜୋନ୍‌ରେ ୧୫୦୦, ସାଉଥ୍ ଜୋନ୍‌ରେ ୧୦୦୦, ଜନଫଗଡ଼ ଜୋନ୍‌ରେ ୧୫୦୦, ପ୍ରଗତି ମଇଦାନରେ ୨୫୦ ଜଣଙ୍କୁ ନିୟୋଜିତ କରାଯାଇଛି। ୫୫ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ବ୍ୟବସ୍ଥାର ତଦାରଖ କରୁଛନ୍ତି। ଏମ୍‌ସିଡିର ୫୨ ମେକାନିକାଲ ରୋଡ୍ ସୁଇପିଂ ମେଶିନ ଜରିଆରେ ଦିଲ୍ଲୀର ରାସ୍ତାଘାଟ ସଫେଇ ଚାଲିଛି। ୨୫୦ରୁ ଅଧିକ କର୍ମଚାରୀଙ୍କୁ ରାଜଘାଟ ମାର୍ଗ, ଜବାହରଲାଲ ମାର୍ଗ, ଜୁ ଏରିଆ, ଭୈରବ ମାର୍ଗ, ବିକାଶ ମାର୍ଗ ଓ ତିଳକ ମାର୍ଗରେ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି। ମେୟର ଆହୁରି କହିଛନ୍ତି, କୁତବମିନାର, ଦିଲ୍ଲୀ ସିକ୍ସ ଓ ଲାଲ୍‌କିଲ୍ଲା ସମେତ ଐତିହାସିକସ୍ଥଳଗୁଡ଼ିକର ସ୍ୱଚ୍ଛତା ଉପରେ ଅଧିକ ଧ୍ୟାନ ଦିଆଯାଇଛି। ସେହିପରି ଏମ୍‌ସିଡିର ୩୧୧ଟି ଆପ୍ ଜରିଆରେ ସହରର ୧୨,୦୦୦ରୁ ଅଧିକ ଆବର୍ଜନାସ୍ଥଳ ସଫେଇ ପାଇଁ ଚିହ୍ନଟ କରାଯାଇଥିବା ଡେପୁଟି ମେୟର ଆଲେ ମହମ୍ମଦ ଇକ୍‌ବାଲ ସୂଚନା ଦେଇଛନ୍ତି।

**ଆଜିର ମନ୍ତବ୍ୟ**

ଇଣ୍ଡିଆ ହେଉଛି ଭାରତ, ଯାହାକି ରାଜ୍ୟଗୁଡ଼ିକର ସଂଘ। 'ଏକ ଦେଶ, ଏକ ନିର୍ବାଚନ' ଯୋଜନା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖିରି ଖିରିସା**
**କିଏ ପାଉ ନାହିଁ ପଣସ ଖୋସା।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର ପୁଷମାସ,**
**କାହାର ସର୍ବନାଶ।**

ସଂସାରରେ ସୁଖ ଏବଂ ଦୁଃଖର ପରିଧି ମଧ୍ୟରେ କେତେବେଳେ କିଏ ଦୁଃଖ ଭୋଗ କରେ ତ ଅନ୍ୟ କେହି ସୁଖ ଭୋଗ କରୁଥିବା ଦେଖିବାକୁ ମିଳିଥାଏ। ଜଣକର ଭଲ ହେଲାବେଳେ ଆଉ ଜଣକର କିଛି ନା କିଛି ମନ୍ଦ ଘଟିଥାଏ। ଅବସ୍ଥାର ତାରତମ୍ୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚାକିରି ନାଁରେ ୫୩ ଲକ୍ଷ ଠକେଇ

## ■ ମହିଳାଙ୍କ ସମେତ ୬ ଗିରଫ ■ କାର, ବାଇକ, ମୋବାଇଲ ଫୋନ୍, ମିଥ୍ୟା ନିଯୁକ୍ତିପତ୍ର ଜବତ

**କଟକ,୩।୯ (କାର୍ତ୍ତିକ ସାହୁ)**

କଟକ ସହରରେ ଏକ ବଡ଼ ଧରଣର ଠକେଇର ପର୍ଦ୍ଦାଫାସ୍ କରିଛି କମିଶନରେଟ୍ ପୋଲିସ। ଏକ କମ୍ପାନୀରେ ଚାକିରି ଦେବାକୁ କହି ବିଭିନ୍ନ ଉପାୟରେ ହୋଇଥିବା ୫୩ ଲକ୍ଷ ଟଙ୍କା ଠକେଇ ମାମଲାରେ ୬ ଜଣଙ୍କୁ ଦରଘାବଜାର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଠକେଇର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକ, ତାଙ୍କ ସ୍ତ୍ରୀ ଦୀପାଳି ମହାନ୍ତି, ଶ୍ରୀନିବାସ ନନ୍ଦ, ବିଭୂତି ଜେନା, ବିଶାଳ ଭୂୟାଁ ଓ ମାନସ ରଞ୍ଜନ ନାୟକ। ସେମାନେ ଠକେଇ କାରବାରରେ ସାମିଲ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ପଠାଯାଇଥିବା ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ଗୋଟିଏ କାର, ୪ଟି ବାଇକ୍, ୭ଟି ମୋବାଇଲ ଫୋନ୍, ମିଥ୍ୟା ନିଯୁକ୍ତି ପତ୍ର ଓ ମିଥ୍ୟା ପରିଚୟ ପତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଦରଘାବଜାର ବ୍ରାହ୍ମଣସାହିର ବାସିନ୍ଦା ରାଜକିଶୋର ମିଶ୍ରଙ୍କର ଏକ ଷ୍ଟେସନାରି ବ୍ୟବସାୟ ରହିଛି। ରାଜକିଶୋରଙ୍କ ଦୋକାନକୁ ସଞ୍ଜୟ ଜିନିଷ କିଣିବାକୁ ଆସନ୍ତି। ସେ ସବୁବେଳେ ନିଜକୁ ଓଡ଼ିଶା ଥର୍ମାଲ ପାୱାର କର୍ପୋରେଶନ(ଓଟିପିସି) ଲିମିଟେଡ୍ କମ୍ପାନୀର ଅଧିକାରୀ ଭାବେ ରାଜକିଶୋରଙ୍କ ନିକଟରେ ପରିଚୟ ଦେଇଆସୁଥିଲେ। ଗତବର୍ଷ ଦିନେ ସେ ରାଜକିଶୋରଙ୍କ ନିକଟକୁ ଆସି ଓଟିପିସି ପାୱାର କମ୍ପାନୀରେ ଚାକିରି ବାହାରିଛି ବୋଲି କହିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ରାଜକିଶୋର ତାଙ୍କ ସମ୍ପର୍କୀୟ ଭାଇ ଅମିୟ ରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ରଜନୀକାନ୍ତ ମିଶ୍ର, ରଞ୍ଜିତ ମିଶ୍ର, ରଞ୍ଜିତ ମହାଳିକ ଓ ଶୁଭମ୍ ସାହୁଙ୍କୁ ଚାକିରି ଦେବା ପାଇଁ କହିଥିଲେ। ଉଭୟଙ୍କ ମଧ୍ୟରେ କଥୋପକଥନ ହେବା ପରେ ରାଜକିଶୋରଙ୍କ ଭାଇ ରାଜରତନ ମିଶ୍ରଙ୍କ ଜେସିବି ମେଶିନ୍‌କୁ ଓଟିପିସି ପାୱାର କମ୍ପାନୀରେ କାମରେ ଲଗାଇବେ ବୋଲି ସଞ୍ଜୟ କଥା ଦେଇଥିଲେ। ଏଥିପାଇଁ ରାଜକିଶୋରଙ୍କଠାରୁ ସେ ବିଭିନ୍ନ ଉପାୟରେ ୫୩ ଲକ୍ଷ ଟଙ୍କା ଠକି ନେଇଥିଲେ। ପରେ ଉକ୍ତ ଟଙ୍କା ଧରି ସେ, ତାଙ୍କ ସ୍ତ୍ରୀ ଦୀପାଳି ମହାନ୍ତି ଓ ପୁଅ ବିଶାଳ ନାୟକ ଫେରାର ହୋଇଯାଇଥିଲେ। ଏ ନେଇ ରାଜକିଶୋର ଦରଘାବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୦/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତଦନ୍ତବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ ଯେ, ଠକାମି ଟଙ୍କାରୁ ପ୍ରାୟ ୯୮୦ ଗ୍ରାମ୍ ଓଜନର ସୁନା ଅଳଙ୍କାର କିଣି ଚୌଧୁରୀବଜାରରେ ଥିବା ଏକ ଫାଇନାନ୍ସ କମ୍ପାନୀ ଶାଖାରେ ବନ୍ଧକ ଦେଇ ୩୪ ଲକ୍ଷ ଟଙ୍କା ଋଣ ନେଇଥିଲେ। ପୋଲିସ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀଠାରୁ ଉକ୍ତ ସୁନା ଅଳଙ୍କାର ଜବତ କରିଛି। ଅଭିଯୁକ୍ତମାନେ ଆହୁରି ସ୍ୱୀକାର କରିଛନ୍ତି ଯେ, ସେମାନେ ପୂର୍ବରୁ ଅନୁଗୋଳ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ଜଗତ୍‌ସିଂହପୁର ଜିଲାର ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଲୋଭନ ଦେଖାଇ ୧ କୋଟିରୁ ଅଧିକ ଟଙ୍କା ଠକି ନେଇଛନ୍ତି। ମାମଲାର ଅଧିକ ତଦନ୍ତ ଚାଲିଛି। ଏହି ଘଟଣାରେ ଆଉ କେଉଁମାନେ ସାମିଲ ଅଛନ୍ତି, କେଉଁମାନେ ଠକାମିରେ ପଡ଼ିଛନ୍ତି ପୋଲିସ ତାହାର ଖୋଳତାଡ଼ କରୁଛି ବୋଲି ଡିସିପି ମିଶ୍ର କହିଛନ୍ତି।


ଗିରଫ ଅଭିଯୁକ୍ତମାନେ।

# ସ୍ୱାମୀଙ୍କ ଆତ୍ମହତ୍ୟା ପରେ ସ୍ତ୍ରୀଙ୍କ ଜୀବନ ଗଲା





**ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅଧୀନ ବଣିଆଟାଙ୍ଗୀରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ସ୍ୱାମୀଙ୍କ ଆତ୍ମହତ୍ୟା ପରେ ସ୍ତ୍ରୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ ସମରେନ୍ଦ୍ର ସେନାପତି ଓ ସୁନୀତା। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ମୃତ ସମରେନ୍ଦ୍ରଙ୍କ ବଡ଼ଭାଇ ଅମରେନ୍ଦ୍ରଙ୍କ କହିବାନୁଯାୟୀ, ବିଲକୁ ସେ କାମ କରିବାକୁ ଯାଇଥିବା ବେଳେ ଅପରାହ୍ନରେ ଘରକୁ ଫେରିଥିଲେ। ସମରେନ୍ଦ୍ର ଘର ଭିତରପଟୁ କବାଟ ବନ୍ଦ କରିଦେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ କବାଟ ଭାଙ୍ଗି ପଶିବା ବେଳେ ସମରେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ଏକ ଅଟୋରେ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ମେଡିକାଲରେ ଥିବା ବେଳେ ସୁନୀତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିବା ଖବର ପାଇଥିଲେ। ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତ ଦମ୍ପତିଙ୍କ ୧୭ ଓ ୧୨ବର୍ଷର ଦୁଇଟି ଝିଅ ରହିଥିବା ବେଳେ ୭ବର୍ଷର ପୁଅ ଅଛନ୍ତି। ବାଜପୁର ସରପଞ୍ଚ କେଦାର ପୃଷ୍ଟି ଏବଂ ଗ୍ରାମବାସୀ ବାପମା' ଛେଉଣ୍ଡ ପିଲାଙ୍କ ଭବିଷ୍ୟତ ପାଇଁ ସରକାରୀ ସହାୟତା ଯୋଗାଇଦେବା ଲାଗି ଅନୁରୋଧ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଯୋଗାଡ଼ରେ ଚାଲିଛି...

ବିଭାଗରେ ୬୦ଟି ଶଯ୍ୟା ରହିଛି। ହେଲେ ଏଠାରେ ରୋଗୀସଂଖ୍ୟା ପ୍ରାୟ ସମୟରେ ପାଖାପାଖି ୧୦୦ ରହିଥାଏ। ସମ୍ପ୍ରତି ଏଠାରେ ୩ଟି ୟୁନିଟ୍ କାର୍ଯ୍ୟ କରୁଛି। ୨ଜଣ ପ୍ରଫେସର, ଜଣେ ଆସୋସିଏଟ୍ ପ୍ରଫେସର, ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ୮ଟି ସିନିୟର ରେସିଡେଣ୍ଟସ(ଏସ୍‌ଆର) ପୋଷ୍ଟ ନିମନ୍ତେ ମଞ୍ଜୁରୀ ମିଳିଥିବାବେଳେ ଏହି ପଦବୀରେ ଅଛନ୍ତି ମାତ୍ର ୪ଜଣ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ୩ଟି ୟୁନିଟ୍‌ରେ ସୀମିତ ଥିବା ନ୍ୟୁରୋ ସର୍ଜରି ବିଭାଗ ୫ଟି ୟୁନିଟ୍‌ରେ ପହଞ୍ଚିବ। ସାଧାରଣ ଶଯ୍ୟା ସଂଖ୍ୟା ଅତିକମ୍‌ରେ ୧୦୦ ଛୁଇଁବ। ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଲେଖାଏ ପ୍ରଫେସର ପଦବୀର ଡାକ୍ତରଙ୍କ ସମେତ ଜଣେ ଆସୋସିଏଟ ପ୍ରଫେସର ଏବଂ ୨ଜଣ ଆସିଷ୍ଟାଣ୍ଟ ପ୍ରଫେସର ଦାୟିତ୍ୱରେ ରହିବେ। ୮ଜଣ ବଦଳରେ ୨୦ଜଣ ସିନିୟର ରେସିଡେଣ୍ଟସ ନିଯୁକ୍ତି ପାଇବେ। ନ୍ୟୁରୋ ସର୍ଜରି ବିଭାଗରେ ଆଇସିୟୁ ଶଯ୍ୟା ସଂଖ୍ୟା ୬ ରହିଛି। ଏହା ମଧ୍ୟ ୧୦ରେ ପହଞ୍ଚିବ ବୋଲି ହସ୍ପିଟାଲ୍ ସୂତ୍ରରୁ ସୂଚନା ମିଳିଛି।

## ସନାତନ ଧର୍ମର ବିଲୋପ...

ହୋଇପାରିବେ ବୋଲି ସେ ଆଇନ ଆଣିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଷ୍ଟାଲିନ ମଧ୍ୟ ଅର୍ଚ୍ଚକ ତାଲିମ ସମ୍ପୂର୍ଣ୍ଣ କରିଥିବା ଲୋକଙ୍କୁ ମନ୍ଦିରରେ ପୂଜକ ନିଯୁକ୍ତ କରିଛନ୍ତି। ଏହା ଦ୍ରାବିଡୀୟ ଆଦର୍ଶ ବୋଲି ଉଦୟନିଧି କହିଛନ୍ତି। ଡିଏମ୍‌କେ ଯୁବନେତା କହିଛନ୍ତି, ସନାତନ ଧର୍ମ ମହିଳାମାନଙ୍କୁ ଦାସୀ ସଜାଇଥିବାବେଳେ ସେମାନଙ୍କୁ ଘରୁ ବାହାରିବା ଲାଗି ଅନୁମତି ଦେଇ ନ ଥାଏ। ଏବେ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିବା ସହ ଅନେକେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସନାତନ ଧର୍ମ ମହିଳାମାନଙ୍କୁ ସେମାନଙ୍କ ମୃତ ସ୍ୱାମୀଙ୍କ ଚିତାକୁ ଠେଲିଦେଉଥିଲା (ପୂର୍ବର ସତୀଦାହ ପ୍ରଥା)। ବିଧବାମାନଙ୍କୁ ଲଣ୍ଡା ହେବା ସହ ଧଳା ଶାଢ଼ି ପିନ୍ଧିବାକୁ ବାଧ୍ୟ କରାଯାଉଥିଲା। ସନାତନ ଧର୍ମରେ ବାଲ୍ୟ ବିବାହ ରହିଥିଲା। ଦ୍ରାବିଡ ବିଚାରଧାରା ମହିଳାମାନଙ୍କୁ ବସ୍‌ରେ ମାଗଣା ଯାତ୍ରା କରିବାର ସୁଯୋଗ ଦେଇଛି। କଲେଜ ଛାତ୍ରୀମାନଙ୍କୁ ମାସିକ ୧,୦୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି ବୋଲି ଉଦୟନିଧି ଶନିବାର କହିଥିଲେ।

ସନାତନ ଧର୍ମ ସମ୍ପର୍କରେ ଉଦୟନିଧିଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀ ମେଣ୍ଟ 'ଇଣ୍ଡିଆ' ହିନ୍ଦୁତ୍ୱକୁ ଘୃଣା କରେ ଓ ଏହା ଆମ ଐତିହ୍ୟ ଉପରେ ଆକ୍ରମଣ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର କହିଛନ୍ତି। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନର ଡୁଙ୍ଗରପୁରରେ ଭାଜପାର ପରିବର୍ତ୍ତନ ଯାତ୍ରା ଶୁଭାରମ୍ଭ ଅବସରରେ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ଉଦୟନିଧିଙ୍କ ମନ୍ତବ୍ୟ ଇଣ୍ଡିଆ ବ୍ଲକ୍‌ର ଭୋଟବ୍ୟାଙ୍କ ରାଜନୀତି ଏବଂ ତୁଷ୍ଟୀକରଣ କୌଶଳର ଅଂଶବିଶେଷ। ଉଦୟନିଧିଙ୍କ ମନ୍ତବ୍ୟ ଭାଇରାଲ ହେବା ପରେ ଭାଜପା ନେତାମାନେ ଏହାକୁ ନରସଂହାର ପାଇଁ ଆହ୍ୱାନ ବୋଲି କହିବା ସହ ତୀବ୍ର ସମାଲୋଚନା କରିଛନ୍ତି। 'ଇଣ୍ଡିଆ'ର ସଦସ୍ୟମାନେ ଡିଏମ୍‌କେ ନେତାଙ୍କ ମନ୍ତବ୍ୟରେ ସହମତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୦ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ମନେପକାଇ ଦେଇଛନ୍ତି ଅମିତ୍ ଶାହା। ସେତେବେଳେ ରାହୁଲ କହିଥିଲେ, ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନଠାରୁ କଠୋରପନ୍ଥୀ ହିନ୍ଦୁ ସଂଗଠନଗୁଡ଼ିକ ବଡ଼ ବିପଦ। ରାହୁଲ ହିନ୍ଦୁ ସଂଗଠନକୁ ଲଶ୍କର-ଇ-ତୋଇବା ସହ ତୁଳନା କରିବା ସହ ଦେଶରେ ହିନ୍ଦୁ ଆତଙ୍କବାଦ ଚାଲିଥିବା କହିଥିଲେ। ରାଜସ୍ଥାନ ରାଲିରେ ଶାହା କହିଛନ୍ତି, ସନାତନ ଧର୍ମ ଲୋକଙ୍କ ହୃଦୟରେ ରାଜ କରୁଛି। ମୋଦି ଜିତିଲେ ସନାତନ ଶାସନ ଆସିବ। ସମ୍ବିଧାନ ଅନୁଯାୟୀ ଭାରତ ଚାଲିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଉଛନ୍ତି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ କଂଗ୍ରେସ ଅଟକାଇ ରଖିଥିଲା। ଆଗାମୀ ଜାନୁୟାରୀରେ ସେଠାରେ ଭବ୍ୟ ରାମମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ଇଣ୍ଡିଆ ମେଣ୍ଟ ଏହାକୁ ଅଟକାଇପାରିବ ନାହିଁ ବୋଲି ଶାହା କହିଛନ୍ତି।

# ଆସିଲାନି ଆମ୍ବୁଲାନ୍ସ, ଟ୍ରଲିରେ ପ୍ରସବ

**ନୀଳଗିରି,୩।୯(ପ୍ରଶାନ୍ତ କୁମାର ବିଶ୍ୱାଳ)**

ଗର୍ଭବତୀଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଜନନୀ ଏକ୍ସପ୍ରେସ ଓ ଆମ୍ବୁଲାନ୍ସର ବ୍ୟବସ୍ଥା ରହିଥିବା ବେଳେ ଏହି ଯୋଜନା ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଫେଲ୍ ମାରିଛି। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କରିବାରୁ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳା ଟ୍ରଲିରେ ମେଡିକାଲ ଯାଉଥିବା ବେଳେ ବାଟରେ ସେହି ଟ୍ରଲି ଉପରେ ସନ୍ତାନ ପ୍ରସବ କରିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସଜନାଗଡ଼ ପଞ୍ଚାୟତ ଡାହିସାହି ଗ୍ରାମର ହେମନ୍ତ କୁଅଁରଙ୍କ ସ୍ତ୍ରୀ ରଞ୍ଜିତା ୧୦ ମାସର ଗର୍ଭବତୀ ଥିଲେ। ରାଖୀ ବାନ୍ଧିବା ପାଇଁ ସେ ବାପ ଘର ନୀଳଗିରି ଏନ୍‌ଏସି ଅଧୀନ ୮ନଂ.ୱାର୍ଡର ରାଣୀକୋଠି ଗ୍ରାମକୁ ଆସିଥିଲେ। ରବିବାର ରାତି ୮ଟା ସମୟରେ ପ୍ରସବ ଯନ୍ତ୍ରଣା ହେବାରୁ ବାପ ଘର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କରିବାରୁ ତାଙ୍କୁ ଏକ ଟ୍ରଲି ରିକ୍ସାରେ ମେଡିକାଲକୁ ନିଆଯାଉଥିଲା ବେଳେ ଅଧାବାଟରେ ଉକ୍ତ ଟ୍ରଲି ଉପରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରେ ମା' ଓ ନବଜାତ ଶିଶୁକନ୍ୟାଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।


ଟ୍ରଲି ଉପରେ ସନ୍ତାନ ପ୍ରସବ କରିଥିବା ମହିଳା।

# ଡିଗ୍ରୀରେ ରହିବନି ଆଧାର ନମ୍ବର: ୟୁଜିସି

**ନୂଆଦିଲ୍ଲୀ,୩।୯**

ଛାତ୍ରୀଛାତ୍ରଙ୍କ ଡିଗ୍ରୀ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ସେମାନଙ୍କ ଆଧାର ନମ୍ବର ରହିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ବାରଣ କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ଜାରି ଡିଗ୍ରୀ ଓ ପ୍ରୋଭିଜନାଲ ପ୍ରମାଣପତ୍ରରେ ସମ୍ପୂର୍ଣ୍ଣ ଆଧାର ନମ୍ବର ପ୍ରିଣ୍ଟ କରାଇବା ପାଇଁ ରାଜ୍ୟ ସରକାରମାନେ ଚିନ୍ତା କରୁଥିବାବେଳେ ଏପରି ନ କରିବାକୁ ୟୁନିଭର୍ସିଟି ଓ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁଜିସି ନିର୍ଦ୍ଦେଶ ଦେଇଛି। ୟୁଜିସି ସେକ୍ରେଟାରି ମନୀଷ ଜୋଷୀ କହିଛନ୍ତି, ନିୟମ ଅନୁସାରେ କୌଣସି ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର କିମ୍ବା ତତ୍ ସମ୍ପର୍କିତ ଅନ୍ୟ ତଥ୍ୟ ସାର୍ବଜନୀନ କରିପାରିବେ ନାହିଁ। ଡିଗ୍ରୀଗୁଡ଼ିକରେ ଆଧାର ନମ୍ବର ଛାପିବା ପାଇଁ ୟୁଜିସି ଅନୁମତି ଦେଇନାହିଁ। ତେଣୁ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନ ୟୁଆଇଡିଏଆଇ ନିୟମ ମାନି ଚଳିବାକୁ ବାଧ୍ୟ ବୋଲି ସେ କହିଛନ୍ତି।

# ଆମେରିକା ଶପିଂ ମଲ୍‌ରୁ ସାମଗ୍ରୀ ଚୋରି ବୃଦ୍ଧି

**ନ୍ୟୁୟର୍କ,୩।୯**

ଆମେରିକାରେ ଖୁଚୁରା ଦୋକାନ, ଶପିଂ ମଲ୍‌ଗୁଡ଼ିକରେ ଟୁଥ୍‌ପେଷ୍ଟ, ଚକୋଲେଟ, ୱାଂଶି ପାଉଡର, ଡିଓଡାର୍ଣ୍ଟସ୍ ଭଳି ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଚୋରି ବୃଦ୍ଧି ପାଉଛି। ଏହାକୁ ଏଡ଼ାଇବା ପାଇଁ ଦୋକାନ ଏବଂ ଶପିଂ ମଲ୍ ମାଲିକମାନେ ଉକ୍ତ ସାମଗ୍ରୀଗୁଡ଼ିକୁ ତାଲା ପକାଇ ରଖୁଛନ୍ତି। ଆମେରିକାରେ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଦରଦାମ ଆକାଶଛୁଆଁ ହୋଇଛି। ଫଳରେ ଜୀବନଯାପନ ମହଙ୍ଗା ହୋଇଛି। ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇବା ସହ ଷ୍ଟୋରଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀ ଚୋରି ଭଳି ଅପରାଧ ବୃଦ୍ଧି ପାଇଛି। ପ୍ରମୁଖ ରିଟେଲ୍ ଷ୍ଟୋର ତଥା ୱାଲ୍‌ମାର୍ଟ, ଟାର୍ଗେଟ୍, ସିଭିଏସ୍, ୱାଲ୍‌ଗ୍ରୀନ୍ ସମେତ ହୋମ୍ ଡିପୋଟ୍, ଫୁଟ୍ ଲକର ଆଦି ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ସାମଗ୍ରୀ ଚୋରି ନେଇ ଚିନ୍ତା ପ୍ରକଟ କରାଯାଇଛି। 'ଡିକ୍ସ ସ୍ପୋର୍ଟିଂ ଗୁଡ୍‌ସ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଲରେନ ହୋବର୍ଟ କହିଛନ୍ତି ଯେ, ସଂଗଠିତ ରିଟେଲ କ୍ରାଇମ୍ ଏବଂ ସାଧାରଣ ଚୋରି ଖୁଚୁରା ବ୍ୟବସାୟୀମାନଙ୍କୁ ପ୍ରଭାବିତ କରୁଛି, ଯାହାକି ଏକ ଗମ୍ଭୀର ପ୍ରସଙ୍ଗ ହୋଇଛି। ଏପରିକି ସାମଗ୍ରୀ ଚୋରିର ପ୍ରଭାବ ସଂସ୍ଥାର ବାର୍ଷିକ ବାଲାନ୍ସ ଓ ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଉପରେ ସ୍ପଷ୍ଟ ଦେଖିବାକୁ ମିଳୁଛି ବୋଲି ହୋବର୍ଟ କହିଛନ୍ତି। ସେହିପରି ଅନ୍ୟତମ ପ୍ରମୁଖ ରିଟେଲର 'ଟାର୍ଗେଟ୍'ର ମୁଖ୍ୟ କାର୍ଯ୍ୟନିର୍ବାହୀ ବ୍ରାଏନ୍ କର୍ନେଲ କହିଛନ୍ତି, ଚଳିତବର୍ଷର ପ୍ରଥମ ୫ ମାସ ମଧ୍ୟରେ ତାଙ୍କ ଷ୍ଟୋରରେ ସାମଗ୍ରୀ ଚୋରି ଘଟଣା ୧୨୦ ପ୍ରତିଶତ ବୃଦ୍ଧି ପାଇଛି, ଯେଉଁଥିରେ ହିଂସା ମଧ୍ୟ ଦେଖିବାକୁ ମିଳୁଛି।



## ■ ତାଲା ପକାଇ ରଖୁଛନ୍ତି ବ୍ୟବସାୟୀ

ତାଙ୍କ ଟିମ୍ କ୍ରମାଗତ ଭାବେ ଗ୍ରହଣ ନ ହେବା ଭଳି ଖୁଚୁରା ସାମଗ୍ରୀ ଚୋରି ଏବଂ ଏ ସମ୍ପର୍କିତ ସଂଗଠିତ ଅପରାଧକୁ ସାମ୍ନା କରିଆସୁଛି ବୋଲି କର୍ନେଲ କହିଛନ୍ତି। ଏଭଳି ସ୍ଥିତି ଋଣ ସୁଧହାର ବୃଦ୍ଧି ଯୋଗୁ ଘଟିଛି। କାରଣ ୧୮ ମାସ ମଧ୍ୟରେ ସୁଧହାର ଶୂନରୁ ପ୍ରାୟ ୫.୫% ଯାଏ ବୃଦ୍ଧି ପାଇଛି, ଯାହାକି ୨୨ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର। ବ୍ୟବସାୟୀମାନେ ଉଚ୍ଚ ସୁଧହାରରେ ଋଣ କରୁଥିବାରୁ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟୁଛି, ଏହାର ପରିଣାମ ଗ୍ରାହକମାନଙ୍କୁ ଭୋଗିବାକୁ ପଡୁଛି।

ନ୍ୟାଶନାଲ ରିଟେଲ ଫେଡେରେଶନ ଦ୍ୱାରା ହୋଇଥିବା ରିଟେଲ ସୁରକ୍ଷା ସର୍ଭେ-୨୦୨୨ ଅନୁଯାୟୀ, କେବଳ ୨୦୨୧ରେ ସମଗ୍ର ଆମେରିକାରେ ଖୁଚୁରା ବ୍ୟବସାୟୀମାନେ ଆନୁମାନିକ ୯୪.୫ ବିଲିୟନ ଡଲାର ହରାଇଛନ୍ତି। ଏଭଳି ରିଟେଲ ସିଙ୍କ୍ (ଖୁଚୁରା ସଙ୍କୋଚନ)ର ଅର୍ଥ କର୍ମଚାରୀଙ୍କ ଦ୍ୱାରା ଚୋରି, ଦୋକାନରୁ ଚୋରି କିମ୍ବା ପ୍ରଶାସନିକ ତ୍ରୁଟି ଆଦି କାରଣରୁ ଷ୍ଟୋରର କ୍ଷତି। ସର୍ଭେରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ୨୦୨୧ରେ ହାରାହାରି ସଂଗଠିତ ରିଟେଲ କ୍ରାଇମ୍ ୨୬.୫% ବୃଦ୍ଧି ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବୁଧାଦିତ୍ୟ ଯୋଗ କୋଣଭାବସ୍ଥ ଯୋଗୁ ଶିକ୍ଷା ସମ୍ବନ୍ଧୀୟ କିମ୍ବା ସନ୍ତାନ ହେତୁକ ପ୍ରତ୍ୟେକ ସମସ୍ୟା ନିଶ୍ଚିତ ସୁଧୁରିଯିବ। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** – ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇ ଅଯଥା ମନ ବିଷାକ୍ତ କରିବେ। ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ। ବାକି ପଡିଥିବା କାମକୁ ଶେଷ କରିବେ କିମ୍ବା ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ କାମଟିକୁ ଆରମ୍ଭ କରିବେ ଏହି ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁପ୍ରସ୍ତାବ ସ୍ଥିରୀକୃତ ସକାଶେ ଆଲୋଚନା କରିପାରନ୍ତି।

**ମିଥୁନ** – ସରକାରୀ କିମ୍ବା ବେସରକାରୀ ସ୍ତରରୁ ଅର୍ଥ ପାଇବା ପାଇଁ ଚେଷ୍ଟା କରିବେ। ରୋଗର ଆରୋଗ୍ୟ, ଋଣ ପରିଶୋଧ କରିବା ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ। ଝଗଡା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କିମ୍ବା ସମାଧାନ କରିବାର ଚିନ୍ତା ଲାଗି ରହିବ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** – ଖାଲି କାମ ଭିତରେ ବୁଡ଼ିରହି ସ୍ୱାସ୍ଥ୍ୟ ପ୍ରତି ନଜର ନ ଦେବା ଏକପ୍ରକାର ଭୁଲ୍ ହୋଇଯିବ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି, ତାହା ନିଶ୍ଚିତ ସଫଳତା ପ୍ରାପ୍ତ ହୋଇପାରିବ। ଅପରାହ୍ନରେ ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** – ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ଆଜି ଜଣେ ହିତୈଷୀଙ୍କ ସାହଚର୍ଯ୍ୟରେ ସମାଧାନ ହୋଇଯିବ। ପରିବହନ, ବାଣିଜ୍ୟ ଓ ବ୍ୟବସାୟ, ଶିଳ୍ପ ଓ ଏଜେନଶିପ୍, ପରିବହନରୁ ଖୁସି ରହିବେ। ସମୟଟି ଆଜିର ଏହିପରି ଯେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କନ୍ୟା** – କର୍ମ କ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନରେ ଅସୁବିଧା ରହିବ ନାହିଁ। ବିବାଦୀୟ ଟିକା ଟିପ୍ପଣୀ କିଛି ସମୟରେ ଦୂରେଇଯିବ। ବନ୍ଧୁମାନେ ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଯଥା ସମୟରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ମନ ଖୁସି ରହିଲେ ମଧ୍ୟ ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପଖୁଆଇ ଚଳିବାକୁ ବାଧ୍ୟ ହେବେ।

**ତୁଳା** – ଆଜି କର୍ମାରମ୍ଭରେ ପ୍ରାଥମିକ ଅବସ୍ଥାରେ ସ୍ତ୍ରୀ/ସହକର୍ମୀ କିମ୍ବା କୌଣସି ଗୁରୁସ୍ଥାନୀୟ ବ୍ୟକ୍ତି ବିରୋଧାଭାସ ପ୍ରଦର୍ଶନ କରିପାରନ୍ତି। କୌଣସି କଥାରେ ଅଭାବ ରହିବ ନାହିଁ କିମ୍ବା କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ସଭାସମିତିରେ ଆପଣ ଏମିତି ଯୁକ୍ତି କରିବେ ଯେ ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ।

**ବିଛା** – କୌଣସି ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ଅନୁରାଧା ନକ୍ଷତ୍ରଜାତ ବ୍ୟକ୍ତିମାନେ ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାରେ ପଡ଼ିବେ। କୌଣସି ସଭାସମିତି କିମ୍ବା ଆଲୋଚନା ନତୁବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ ପାଇଁ ଦିନଟି ଭଲ।

**ଧନୁ** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ପ୍ରେରଣା ଦ୍ୱାରା ପ୍ରଭାବିତ ହୋଇ ସମ୍ମାନିତ ହୋଇପାରନ୍ତି। ଆଜିର ପୂର୍ବଚିନ୍ତିତ ଭ୍ରମଣ, ଜମିଜମା କାରବାର କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଆପଣଙ୍କର ମନୋବଳ ଖୁବ୍ ଟାଣ ରହିଲେ ମଧ୍ୟ ସନ୍ତାନ ହେତୁକ ସମସ୍ୟାରେ କିମ୍ବା ବିବାଦୀୟ ମନ୍ତବ୍ୟ ଦେବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ।

**ମକର** – ନିଜ ଲୋକଙ୍କ ଖାପଛଡ଼ା ମନୋଭାବ, ଘରଲୋକଙ୍କ ମନଇଚ୍ଛା କାମ, କର୍ମକ୍ଷେତ୍ରରେ ସମସ୍ୟା ପରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ହାତକୁ ନେଇଥିବା ଆଜିର କାମ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହେବ।

**କୁମ୍ଭ** – ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଦୃଢ଼ ମନୋବଳ ଆପଣଙ୍କୁ କାମ କରିବା ସକାଶେ ପ୍ରେରଣା ଯୋଗାଇବ। ଭଲ ସମ୍ପର୍କ ଥିବା ବନ୍ଧୁ ସାଧାରଣ କଥାରେ ବିଗିଡ଼ି ଯାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**ମୀନ** – ଉଚ୍ଚ ପଦାଧିକାରୀ ଅନୁକୂଳ ମତ ପୋଷଣ କରିବେ ନାହିଁ। ନିଜ ଲୋକମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଆଜି ଶେଷ କରିବାକୁ ଭାବୁଥିବା କାମଟିକୁ ସାରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିବ, ଅବଶ୍ୟ ସଫଳତା ନିଶ୍ଚିତ ମିଳିବ। ବ୍ୟବସାୟ ତଥା ଆଲୋଚନା କ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ।

ଆଜି ଭାଦ୍ରବ କୃଷ୍ଣ ପଞ୍ଚମୀ ଯୁକ୍ତ ଷଷ୍ଠୀ ସୋମବାର, ସେପ୍ଟେମ୍ବର ୪ ତାରିଖ, ଶ୍ରୀମନ୍ଦିରରେ ରେଖାପଞ୍ଚମୀ, ସୁବର୍ଣ୍ଣ ରାହୁରେଖାଲାଗି, ଘଣ୍ଟାକର୍ଣ୍ଣପୂଜା, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୫।୩୫ଗତେ,ଘ.୦୭।୦୭ମଧ୍ୟେ,ଘ.୧୦।୩୧ଗତେ,ଘ.୧୨।୫୯ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୭ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା

ରାଜନଗର, ୩।୯ (ଭାସ୍କର ରାଉତରାୟ)

## ୪ ଟିମ୍ ୫ ଦିନ ଗଣନା କରିବେ



ବିଶ୍ୱପ୍ରସିଦ୍ଧ ଭିତରକନିକା ଏବେ ଦେଶୀୟ ପକ୍ଷୀଙ୍କ କାକଳିରେ ଫାଟି ପଡୁଛି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରଠାରୁ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ଭିତରକନିକାଠାରେ ଭିଡ଼ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ବନ ବିଭାଗ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଛି। ଭିତରକନିକାର କନିକା ରେଞ୍ଜର ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ମଠଆଡିଆ ସହ ଚଳିତବର୍ଷ ପ୍ରଥମଥର ପାଇଁ ରାଜନଗର ରେଞ୍ଜର ଏକମାଣିଆ ବାଲିଡିଆ ଆଇଲ୍ୟାଣ୍ଡରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସା କରି ଅଣ୍ଡା ଦେଇଛନ୍ତି। ଚଳିତବର୍ଷ ଡାଙ୍ଗମାଳ ରେଞ୍ଜରେ ୪ଟି ଟିମ୍ ଓ ରାଜନଗର ରେଞ୍ଜରେ ଗୋଟିଏ ଟିମ୍ ପକ୍ଷୀ ଗଣନା କରୁଛନ୍ତି। ଏହି ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡ଼ପକ୍ଷୀ ଓ କେତେ ପକ୍ଷୀ ଶାବକ ସେ ନେଇ ନିିକିନିଖି ଭାବେ ଗଣନା କରୁଛନ୍ତି। ଡାଙ୍ଗମାଳ ରେଞ୍ଜରେ ଫରେଷ୍ଟର ନବୀନ କୁମାର ମଲ୍ଲିକ, ପ୍ରଶାନ୍ତ ସିଂ, ଫରେଷ୍ଟଗାର୍ଡ ସୁନୀଲରଞ୍ଜନ ରାଉତରାୟ, ହେମନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ୪ଟି ଟିମ୍ ପ୍ରତିଦିନ ସକାଳ ୬ ଟାରୁ ୯ଟା ଯାଏ ଦେଶୀୟ ପକ୍ଷୀଙ୍କ ଗଣନା କରୁଛନ୍ତି। ରବିବାର ଆରମ୍ଭ ହୋଇଥିବା ଗଣନା ୫ ଦିନ ଧରି ୭ ତାରିଖ ଯାଏ ଚାଲିବ। ପ୍ରତି ଟିମ୍‌ରେ ୫ଜଣ ଲେଖାଏ ବନ କର୍ମଚାରୀ ସାମିଲ ହୋଇଛନ୍ତି। ରାଜନଗର ରେଞ୍ଜରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକମାଣିଆର ବାଲିଡିଆ ଆଇଲ୍ୟାଣ୍ଡରେ ୫ଜଣିଆ ଟିମ୍ ଗଣନା କରୁଛି। ଭିତରକନିକାରେ ଗେଣ୍ଡାଳିଆ, ପାଣିକୁଆ, ଅଞ୍ଜନା, ରାଣୀବଗ, ମଝିଆବଗ, ଖଇରା, ଅନ୍ଧାରିଆବଗ, କାପରଖାଇ, ସାନବଗ, ଦାବେଣ୍ଟିଆ ପ୍ରଭୃତି ଦେଶୀୟ ପକ୍ଷୀ ଭିଡ଼ ଜମାଇଛନ୍ତି।

ଗତବର୍ଷ ଭିତରକନିକାରେ ୧,୧୬୦୭୦ ପକ୍ଷୀ ଭିଡ଼ ଜମାଇ ଥିଲେ। ମଠଆଡ଼ିଆରେ ୬୪,୩୫୮ ପକ୍ଷୀ, ଲକ୍ଷ୍ମୀପ୍ରସାଦଡ଼ିଆରେ ୨୫,୫୦୧, ଦୁର୍ଗାପ୍ରସାଦଡ଼ିଆରେ ୬୭୨୭ ପକ୍ଷୀ ଭିଡ଼ ଜମାଇଥିଲେ। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ଭିଡ ଦେଖିବାକୁ ମିଳିଥିବାରୁ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଭିତରକନିକାକୁ ଜୁନ୍ ଶେଷ ଭାଗରୁ ଦେଶୀୟ ପକ୍ଷୀମାନଙ୍କର ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ଛୁଆମାନଙ୍କୁ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରି ଯାଇଥାନ୍ତି। ମୌସୁମୀର ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି। ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱ ତାପନର ପ୍ରଭାବ ଯୋଗୁ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହୋଇଥିବାରୁ କ୍ରମାଗତ ଭାବେ ଭିତରକନିକା ଦେଶୀୟ ପକ୍ଷୀ ଠିକଣା ବଦଳାଇବାରେ ଲାଗିଛନ୍ତି। ପୂର୍ବରୁ ବଗଗହନରେ ଦେଶୀୟ ପକ୍ଷୀମାନେ ଭିଡ଼ ଜମାଉଥିଲେ। ୭ବର୍ଷ ହେଲା ବଗଗହନଠାରୁ ୩ କିମି ଦୂର ମଠଆଡ଼ିଆରେ ଦେଶୀୟ ପକ୍ଷୀଙ୍କ କଳରବ ଶୁଭୁଛି। ୨୦୧୯ରୁ ମଠଆଡ଼ିଆ ସହିତ ଲକ୍ଷ୍ମୀପ୍ରସାଦଡ଼ିଆ ଓ ଦୁର୍ଗାପ୍ରସାଦଡ଼ିଆରେ ଦେଶୀୟ ପକ୍ଷୀମାନେ ଭିଡ଼ ଜମାଉଛନ୍ତି। ଚଳିତବର୍ଷ ଏକମାଣିଆର ବାଲିଡ଼ିଆ ଆଇଲ୍ୟାଣ୍ଡ ପକ୍ଷୀଙ୍କ ନୂତନ ଠିକଣା ପାଲଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶୀୟ ପକ୍ଷୀମାନେ ବଗଗହନରେ ଭିଡ଼ ଜମାଉଥିଲେ। ସେହି ସ୍ଥାନରେ ପର୍ଯ୍ୟଟକମାନେ ଦେଶୀୟ ପକ୍ଷୀଙ୍କୁ ଦେଖିବା ପାଇଁ ୱାଚ ଟାୱାର ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ଲଗାତର ୭ ବର୍ଷ ହେଲା ବଗଗହନରେ ଗୋଟିଏ ବି ପକ୍ଷୀ ବସା ବାନ୍ଧୁ ନାହାନ୍ତି। ଦେଶୀୟ ପକ୍ଷୀ ବାରମ୍ବାର ଠିକଣା ବଦଳାଉ ଥିବାରୁ ଏହା ପରିବେଶବିତ୍‌ଙ୍କୁ ଆଶ୍ଚର୍ଯ୍ୟ କରିଛି। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସେମାନଙ୍କ ପାଇଁ ଖାଦ୍ୟ ଅଭାବ ଯୋଗୁ ଦେଶୀୟ ପକ୍ଷୀ ବାରମ୍ବାର ଠିକଣା ବଦଳାଉ ଥିବା କୁହାଯାଉଛି।

# ୪୮ ଘଣ୍ଟାରେ ଲଘୁଚାପ, ଆଉ ୫ ଦିନ ବର୍ଷିବ

ଭୁବନେଶ୍ୱର,୩।୯ (ଅନୁରାଧା ମହାରଣା)

ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ବାୟୁମଣ୍ଡଳରେ ସମୁଦ୍ର ପତନଠାରୁ ୫.୮ କି.ମି. ଉପରେ ଉତ୍ତର-ପଶ୍ଚିମ ଦିଗରେ ଲମ୍ବିଛି। ଏହା କ୍ରମଶଃ ଘନୀଭୂତ ହୋଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ତଥା ବଙ୍ଗୋପସାଗରର କେନ୍ଦ୍ରୀୟ-ପଶ୍ଚିମାଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର ଅପରାହ୍ଣ ୫ଟା ୩୦ ସୁଦ୍ଧା ଢେଙ୍କାନାଳରେ ସର୍ବାଧିକ ୨୩.୫ ମି.ମି. ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ ୧୬.୦୮ ମିମି, ଯାଜପୁର ଓ ନବରଙ୍ଗପୁରରେ ୧୬.୦ ମିମି, ଭୁବନେଶ୍ୱରରେ ୬.୦ ମିମି, କଟକରେ ୪.୪ ମିମି ରେକର୍ଡ଼ କରାଯାଇଛି। ଏଥିସହ ରାଜ୍ୟରେ ଆଗାମୀ ୫ଦିନ ଯାଏ ବର୍ଷା ଲାଗି ରହିବ। ୪ ତାରିଖରେ ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, ବୌଦ୍ଧ, କନ୍ଧମାଳର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, କଟକ, ସମ୍ବଲପୁର, ଦେବଗଡ଼, ସୋନପୁର, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇପାରେ। ଅନ୍ୟ କିଛି ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷା ହେବା ନେଇ ଆଶଙ୍କା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୫ ତାରିଖରେ କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଆଦି ଜିଲାରେ ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ବରଗଡ଼, ରାୟଗଡ଼ା, ବଲାଙ୍ଗୀର, ନୂଆପଡ଼ା, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବୌଦ୍ଧ ଓ ସୋନପୁରର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ୬ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଗଞ୍ଜାମ, ଗଜପତି, ରାୟଗଡ଼ା, ନୂଆପଡ଼ା, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଳାହାଣ୍ଡିରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୭ ତାରିଖରେ ପ୍ରାୟ ୧୩ଟି ଜିଲାକୁ ଓ ୮ ତାରିଖରେ ଘଡ଼ଘଡ଼ି ସହ ବର୍ଷା ନେଇ ପ୍ରାୟ ଅଧା ଓଡ଼ିଶାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



ଦିଗପହଣ୍ଡିଠାରେ ସୂର୍ଯ୍ୟ ପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।





ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ସୂର୍ଯ୍ୟ ପାତ୍ରଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ପଞ୍ଚଭୂତରେ ଲୀନ ସୂର୍ଯ୍ୟ ପାତ୍ର

## ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ପରିବାର ଲୋକେ

### ବିଜେଡି କାର୍ଯ୍ୟାଳୟ, ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି

ଦିଗପହଣ୍ଡି(ଅଶେଷ ନାଥ ମିଶ୍ର)/ ବ୍ରହ୍ମପୁର(ନରସିଂହ ସାହୁ)/ ଭୁବନେଶ୍ୱର (ସୁନିତ୍ ମିଶ୍ର), ୩।୯

ପଞ୍ଚଭୂତରେ ଲୀନ ହୋଇଛନ୍ତି ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର। ନିଜର କର୍ମଭୂମି ଦିଗପହଣ୍ଡିରେ ରବିବାର ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ପାର୍ଥିବ ଶରୀରକୁ ଅନ୍ତିମ ବିଦାୟ ଦିଆଯାଇଛି। ତାଙ୍କର ବଡ଼ପୁଅ ବିପ୍ଳବ ପାତ୍ର ମୁଖାଗ୍ନି ଦେଇଥିଲେ।

ରବିବାର ସକାଳେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ତାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ମରଶରୀରକୁ ବିଜେଡି ରାଜ୍ୟ କାର୍ଯ୍ୟାଳୟ ଓ ବିଧାନସଭା ପରିସରକୁ ନିଆଯାଇଥିଲା। ଉଭୟ ଶାସକ ଓ ବିରୋଧୀ ଦଳର ନେତା, ମନ୍ତ୍ରୀ ଏବଂ ବିଧାନସଭା କର୍ମଚାରୀମାନେ ଶେଷଦର୍ଶନ କରିଥିଲେ। ବିଧାନସଭା ପରିସରରେ ଗାର୍ଡ ଅଫ ଅନର ଦିଆଯିବା ପରେ ତାଙ୍କ ମରଶରୀର ସିଧା ବ୍ରହ୍ମପୁର ଅଭିମୁଖେ ଯାଇଥିଲା। ଖଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ଲୋକେ 'ସୂର୍ଯ୍ୟ ଆତ୍ମା ଅମର ରହେ' ଧ୍ୱନି ଦେଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ତାଙ୍କର ପାର୍ଥିବ ଶରୀର ଦିଗପହଣ୍ଡିରେ ପହଞ୍ଚିବା ପରେ ବସଷ୍ଟାଣ୍ଡସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିଲା। ସେଠାରେ ସହରବାସୀ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ବହୁ ସଂଖ୍ୟକ ବିଜେଡି କର୍ମୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ପୁଞ୍ଜିକୟାଁ ଛକ ଦେଇ ଦିଗପହଣ୍ଡି ଆରଏମସି କାର୍ଯ୍ୟାଳୟ ନିକଟସ୍ଥ ମଶାଣିକୁ ନିଆଯାଇଥିଲା। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଭାଜପା ବରିଷ୍ଠ ନେତା କାହ୍ନୁଚରଣ ପତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ହଜାର ହଜାର ସମର୍ଥକ ମଧ୍ୟ ଶେଷ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ଅପରାହ୍ଣ ୫ଟାରେ ପୋଲିସ ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଗାର୍ଡ ଅଫ ଅନର୍ ଦିଆଯିବା ପରେ ପରିବାରବର୍ଗଙ୍କ ଉପସ୍ଥିତିରେ ଜ୍ୟେଷ୍ଠପୁତ୍ର ବିପ୍ଳବ ପାତ୍ର ମୁଖାଗ୍ନି ଦେଇଥିଲେ। ତେବେ ସୂର୍ଯ୍ୟ ପାତ୍ରଙ୍କ ଇଚ୍ଛା ଥିଲା ମୃତ୍ୟୁ ପରେ ତାଙ୍କ ଦୁଇ ଆଖି ସେ ଦାନ କରିବେ। ତେଣୁ ପରିବାର ସଦସ୍ୟଙ୍କ ସହମତି କ୍ରମେ ତାଙ୍କ ମୃତ୍ୟୁ ପରେ ଚକ୍ଷୁ ଦାନ କରାଯାଇଥିଲା।

# ଆଜି ଶ୍ରୀମନ୍ଦିରରେ ୫ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

## ମହାପ୍ରଭୁଙ୍କ ରାହୁରେଖା ନୀତି

ପୁରୀ,୩।୯ (ଅଜିତ୍ ମହାନ୍ତି)

ରେଖା ପଞ୍ଚମୀ ତିଥି ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରାହୁରେଖା ଲାଗି କରାଯିବ। ଶ୍ରୀମୁଖ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଶ୍ରୀବିଗ୍ରହଙ୍କୁ ଲାଗି ହେବ। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତିକୁ ଦଇତାପତି ସେବାୟତମାନେ ସମ୍ପାଦନ କରିବେ। ଏହି ନୀତି ସମୟରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ରହିବ। ଅପରାହ୍ଣ ୩ଟାରୁ ରାତି ୮ଟା ଯାଏଁ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ନାନପୂର୍ଣ୍ଣିମାରେ ୧୦୮ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଶ୍ରୀବିଗ୍ରହ ଶ୍ରୀମୁଖରୁ ରାହୁରେଖାକୁ କାଢି ଦିଆଯାଇଥିଲା। ତେବେ ପୁନର୍ବାର ରେଖା ପଞ୍ଚମୀ ଅବସରରେ ଦେଉଳକରଣ, ତଢଉ କରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢ଼ାଯିବ। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପ୍ରଥମ ଭୋଗମଣ୍ଡ ସରିବା ପରେ ପୁଷ୍ପାଳକ ସେବାୟତ ଖୋବାକଣ୍ଟି, ମଇଲମ କରିବା ସହ ମହାଜନ ସେବାୟତମାନେ ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଖଟଶେଯ ଘରେ ବିରାଜମାନ କରାଇବେ। ପରେ ପତିମହାପାତ୍ର ସେବାୟତ ଏହି ରାହୁରେଖାକୁ ସଂସ୍କାର କରିସାରିବା ପରେ ୪ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବାୟତମାନେ ଓଷୁଅ ଏବଂ କନା ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖରେ ରାହୁରେଖାକୁ ଲାଗି କରାଇବେ।

# ମାଓବାଦୀ ଡିଆର୍‌ଜିରେ ମହିଳା କମାଣ୍ଡୋ

### ଭାଇଙ୍କ ଚିଠିରେ ସଂଗଠନରୁ ଫେରିଲେ ସୁମିତ୍ରା



ମାଲକାନଗିରି,୩।୯ (ନୃସିଂହ ଚରଣ ମହାନ୍ତି)



ଛତିଶଗଡ ବିଜାପୁର ଜିଲାରେ ମହିଳା କମାଣ୍ଡୋମାନେ ମାଓବାଦୀ ବିରୋଧୀ ଅଭିଯାନରେ ବାହାରିଛନ୍ତି।

କେତେକ ମହିଳା ଦୀର୍ଘ ବର୍ଷ ଧରି ବିଭିନ୍ନ ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସମୟରେ ସେମାନେ ସଂଗଠନ ଉପରେ ଅସନ୍ତୋଷ ବ୍ୟକ୍ତକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ପୋଲିସ ପାଖରେ ଆତ୍ମସମର୍ପଣ କରୁଛନ୍ତି। ପରେ ସେମାନଙ୍କୁ ପୋଲିସ ପକ୍ଷରୁ ନୂତନ ଦାୟିତ୍ୱ ଦିଆଯାଉଛି। ଫଳରେ ସେମାନେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ(ଡିଆର୍‌ଜି)ବାହିନୀର ଜଣେ ଜଣେ ଶକ୍ତିଶାଳୀ ମହିଳା କମାଣ୍ଡୋ ହୋଇ ମାଓବାଦୀ ଦମନ ଅପରେଶନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲାରେ ଏବେ ମାଓବାଦୀଙ୍କୁ ଦମନ କରିବା ଲାଗି ଏହି ମହିଳା କମାଣ୍ଡୋମାନଙ୍କୁ ନିୟୋଜିତ କରାଯାଇଛି। ଏକେ ୪୭ ବନ୍ଧୁକ ଧରି ଅପରେଶନରେ ଛତିଶଗଡ଼ ଡିଆର୍‌ଜି ବାହିନୀର ମହିଳା କମାଣ୍ଡୋ ବାହାରୁଛନ୍ତି। ଏମାନଙ୍କ ଭିତରେ ରହିଛନ୍ତି ଏମିତି ଜଣେ ମହିଳା ଯାହାଙ୍କୁ ପିଲାଦିନେ ଖୁସିରେ ବାପା ମାଆ ତାଙ୍କ ନାମ ସୁମିତ୍ରା ରଖିଥିଲେ। ମାଲକାନଗିରି ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲା ନିବାସୀ ସୁମିତ୍ରା ଦୀର୍ଘ ବର୍ଷ ଧରି ମାଓବାଦୀ ସଂଗଠନରେ ରହିବା ସହ ସୁକୁମା, ଦାନ୍ତେୱାଡା ଓ ବିଜାପୁର ଜିଲାରେ ଅନେକ ହିଂସାକାଣ୍ଡ ଘଟାଇଛନ୍ତି। ହେଲେ ଜଗଦଲପୁରସ୍ଥିତ ସିଆରପିଏଫ ବାହିନୀରେ ଥିବା ନିଜ ଭାଇଙ୍କ ଏକ ହାତ ଲେଖା ଚିଠି ତାଙ୍କୁ ଫେରାଇ ଆଣିଥିଲା ସମାଜର ମୁଖ୍ୟସ୍ରୋତକୁ। ୨୦୨୦ରେ ବିଜାପୁର ପୋଲିସ ପାଖରେ ଆତ୍ମସମର୍ପଣ କରିବା ପରେ ସୁମିତ୍ରା ଡିଆରଜି ବାହିନୀର ଜଣେ ଦକ୍ଷ ମହିଳା କମାଣ୍ଡୋ ହୋଇଛନ୍ତି। ବିଜାପୁର ଜିଲାରେ ମାଓବାଦୀଙ୍କୁ ନିପାତ କରିବା ଲାଗି ତାଙ୍କୁ ଦାୟିତ୍ୱ ମିଳିଛି।

କେବଳ ସୁମିତ୍ରା ନୁହନ୍ତି ତାଙ୍କ ପରି ଅବାଟକୁ ଚାଲିଯାଇଥିବା ରାଜ କୁମାରୀ ଓ ମମତା ମଧ୍ୟ ମାଓବାଦୀ ସଂଗଠନ ଛାଡି ଏବେ ଛତିଶଗଡ଼ ପୋଲିସ ଡିଆର୍‌ଜି ବାହିନୀରେ ସାମିଲ ହୋଇଛନ୍ତି। ଘଞ୍ଚ ପାହାଡ଼ ଜଙ୍ଗଲ ଓ ପାଣି ଭିତରେ ମାଓବାଦୀ ଅପରେଶନ ଲାଗି ସମ୍ପୂର୍ଣ୍ଣ ଭାବେ ସକ୍ଷମ ଏହି ମହିଳା ଡିଆର୍‌ଜି ବାହିନୀ। ନୂଆ ଓ କେତେକ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀଙ୍କୁ ମିଶାଇ ଏବେ ମୋଟ ୭୫ ମହିଳା କମାଣ୍ଡୋ ରହିଛନ୍ତି। ବିଜାପୁର ଏସ୍‌ପିଙ୍କ ପାଖରେ ଏହା ବ୍ୟତୀତ ଜିଲାର ବିଭିନ୍ନ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ସୁରକ୍ଷାକର୍ମୀଙ୍କ କ୍ୟାମ୍ପରେ ନିୟୋଜିତ ଅଛନ୍ତି ଆହୁରି ୧୨୫ ମହିଳା କମାଣ୍ଡୋ, ଯେଉଁମାନେ ଜଙ୍ଗଲ ଭିତରେ ଦିନ ରାତି ମାଓବାଦୀ ବିରୋଧୀ ଅପରେଶନ ଚଳାଇଛନ୍ତି। କେନ୍ଦ୍ର ସରକାରଙ୍କ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ସୁରକ୍ଷା ଡିଆର୍‌ଜି ବାହିନୀର ଏହି ମହିଳା କମାଣ୍ଡୋଙ୍କ ହାତରେ ବୋଲି ବିଜାପୁର ଏସ୍‌ପି ଅଞ୍ଜନେ ବାର୍ନୋଇ କହିଛନ୍ତି।

ସୂଚନାଯୋଗ୍ୟ, ସୁମିତ୍ରା ଦୀର୍ଘ ୧୦ ବର୍ଷ ଧରି ଦଣ୍ଡକାରଣ୍ୟ ମାଓବାଦୀ ସଂଗଠନରେ ଜଣେ ସକ୍ରିୟ ସଦସ୍ୟ ଥିଲେ। ଟପ୍ ମାଓବାଦୀ ନେତା ହିଡ଼ିମାଙ୍କ ସହଯୋଗୀ ଭାବେ ମଧ୍ୟ କାମ କରୁଥିଲେ।


## Government of Odisha
## Higher Education Department

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2023-24**

No. n: Timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website **www.samsodisha.gov.in**. Please refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 1) | Availability of Online Common Application Form (CAF) on the website **www.samsodisha.gov.in** | 04 Sept. 2023 (Monday) (12.00 Noon) |
| 2) | Last date for applying online CAF through **www.samsodisha.gov.in** | 13 Sept. 2023 (Wednesday) (11.45 P.M.) |
| 3) | Editing of the earlier submitted CAF (for once only), if required | 14 Sept. 2023 (Thursday) (11.00 A.M.) & 15 Sept. 2023 (Friday) (11.45 P.M.) |
| 4) | Publication of Provisional Allotment of Seats along with waitlisted applicants in HEI's e-Space (Ten (10) times the actual vacancy as on 15.09.2023) | 22 Sept. 2023 (Friday) (12.00 Noon) |
| 5) | Online payment of admission fees by the selected applicants through SAMS **[Student's Account]** portal | 22 Sept. 2023 (Friday) (01.00 P.M.) to 25 Sept. 2023 (Monday) (11.45 P.M.) |
| 6) | Reporting of the applicants at allotted Institutions for taking admission **(for First Round Selection)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (05.00 P.M.) (Except Holiday) |
| 7) | Data updation of admitted students in the e-space by the respective Institutions **(for First Round Admission)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (07.00 P.M.) (Except Holiday) |
| 8) | Reporting of waitlisted applicants for submission of CAF along with relevant documents for participating in the waiting list admission round | 27 Sept. 2023 (Wednesday) (09.00 A.M.) & 28 Sept. 2023 (Thursday) (05.00 P.M.) |
| 9) | Preparation of merit list among the reported waitlisted applicants & update in HEI's e-space | 03 Oct. 2023 (Tuesday) (02.00 P.M.) |
| 10) | Display of selected options in the SAMS **[Student's Account]** portal | 03 Oct. 2023 (Tuesday) (04.00 P.M.) |
| 11) | Last date to Choose any one of the selected HEI in Student's login | 05 Oct. 2023 (Thursday) (06.00 P.M.) |
| 12) | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/ NEFT/UPI etc.)** | 06 Oct. 2023 (Friday) (upto 05.00 P.M. |
| 13) | Updation of selected waitlisted Student's data by the HEIs in their e-Space | 07 Oct. 2023 (Saturday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed U.G. Phase-II Guidelines available in the SAMS U.G. Portal.

**OIPR-11001/11/0029/2324** **Sd./- Deputy Director, PTC Section**



## KEONJHAR CENTRAL CO-OPERATIVE BANK LTD.
AT/PO: KEONJHARGARH, KEONJHAR- 758001 (Odisha)
କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
**Telephone: (06766) 255183, 251745, Fax: 253137**
**Email: kendujharccb@gmail.com**
No.KCCB:2712/2023-24 Date: 01.09.2023

**EXPRESSION OF INTEREST**

The Keonjhar Central Co-operative Bank Ltd., Keonjhar invites Expression of Interest from reputed Architectural Firms / Engineering Consultancy firms for providing Project Management, Architectural & Engineering Consultancy Services for the construction of multi-storeyed buildings in the premises of Head Office, Keonjhar Central Co-operative Bank Ltd., Keonjhar and other Construction work in future. The bids will be received upto 5.00 P.M. on Dt.21.09.2023 by Registered Post / Speed Post only. Interested bidders are to download the detail EOI documents from our webpage: www.keonjharccb.com. The EOI documents will be available for download from 11.00 A.M. of the Dt.05.09.2023 to 5.00 P.M. of Dt.18.09.2023. Any corrigendum for the above work will be available in the above website only.

The authority reserves the right to reject any/all bids without assigning any reason thereof.

**Sd./- Secretary**
**Keonjhar Central Co-operative Bank Ltd.**
**Keonjhar**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ସେପ୍ଟେମ୍ବର, ୨୦୨୩

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ। **-ଶ୍ରୀଅରବିନ୍ଦ**



# ଦେଶରେ କରର ସ୍ୱରୂପ



ସୁଜାତା ପ୍ରହରାଜ

ଯୁଗଜୟୀ କବି କାଳିଦାସ 'ରଘୁବଂଶମ୍' କାବ୍ୟରେ କହିଛନ୍ତି 'ପ୍ରଜାନାମେବ ଭୂତ୍ୟର୍ଥଂ ସ ତାଭ୍ୟୋ ବଳିମଗ୍ରହୀତ/ସହସ୍ରଗୁଣମୁତ୍ସ୍ରଷ୍ଟୁମାଦତ୍ତେ ହି ରସଂ ରବି ।' ଯେପରି ସୂର୍ଯ୍ୟ ପୃଥିବୀରୁ ଜଳ ଶୋଷି ନେଇ ପୃଥିବୀରେ ଜୀବନ ପାଇଁ ତାକୁ ବର୍ଷା ଆକାରରେ ପୁଣି ପୃଥିବୀକୁ ଫେରେଇ ଦିଏ, ଠିକ୍ ସେହିପରି ରାଜା (ଦିଲୀପ) ପ୍ରଜାମାନଙ୍କଠାରୁ ବଳି(କର) ଆଦାୟ କରି ପ୍ରଜାମାନଙ୍କର ସୁଖସୁବିଧା ପାଇଁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦିଅନ୍ତି। ମନୁସ୍ମୃତିରେ ପ୍ରଜା ନିଜର ସୁନାର ଏକ-ପଞ୍ଚମାଂଶ ଏବଂ ବାର୍ଷିକ ଫସଲର ଏକ-ଷଷ୍ଠାଂଶ, ଏକ- ଅଷ୍ଟମାଂଶ ବା ଏକ- ଦ୍ୱାଦଶାଂଶ କର ରାଜାଙ୍କୁ ଦେବାର ଉପଦେଶ ରହିଛି। ରାଜତନ୍ତ୍ର, ଗଣତନ୍ତ୍ର, ଏକଛତ୍ରବାଦ ବା ସାମନ୍ତବାଦ- ଯେ କୌଣସି ପ୍ରକାରର ଶାସନ ବ୍ୟବସ୍ଥା ହେଉ ଦେଶର ପରିଚାଳନା କରି ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକ, ନିଯୁକ୍ତିସୁଯୋଗ ପରି ଅତ୍ୟାବଶ୍ୟକ ସାର୍ବଜନିକ ସେବାଯୋଗାଣ ତଥା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ପ୍ରଚୁର ସମ୍ବଳର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ, ଯାହାର ବୃହତ୍ ଅଂଶ ଜନସାଧାରଣଙ୍କଠାରୁ କର ରୂପେ ସଂଗୃହୀତ ହୋଇଥାଏ।

ଶାସକ ଯେତେବେଳେ ଜନସାଧାରଣଙ୍କ ଉପରେ କର ବସାଇବାକୁ ଯାଆନ୍ତି କରଦାତାଙ୍କ ଆର୍ଥିକଅବସ୍ଥା ସର୍ବପ୍ରଥମେ ବିଚାର ହୋଇଥାଏ। ସାଧାରଣ ଲୋକଙ୍କର କରଦାନର କ୍ଷମତା ସେମାନଙ୍କର ଆୟର ପରିମାଣ ଉପରେ ନିର୍ଭରଶୀଳ ହୋଇଥିବାରୁ ଆୟ କରନିର୍ଦ୍ଧାରଣର ମୂଳଦୁଆ ହୋଇଥାଏ। ଆୟର ପରିମାଣ କରଧାର୍ଯ୍ୟର ଆଧାର ନ ହେଲେ ଦେଶରେ ଅସନ୍ତୋଷ ଓ ବିଭ୍ରାଟ ସୃଷ୍ଟି ହେବା ଥୟ। ରୁଷ, ଫ୍ରାନ୍ସ, ବ୍ରିଟେନ ପରି ଦେଶମାନଙ୍କରେ ଘଟିଥିବା ବିପ୍ଲବସବୁର ମୂଳକାରଣ ଅବିଚାରିତ କରଭାର। ଆୟର ତାରତମ୍ୟକୁ ହିସାବକୁ ନ ନେଲେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ଆର୍ଥିକଶୋଷଣର ଶିକାର ହେବା ସ୍ୱାଭାବିକ।

ଗୋଟିଏ ଦେଶର ସବୁ ନାଗରିକଙ୍କର ଉପାର୍ଜନ ସମାନ ନୁହେଁ। ସବୁଲୋକ ଯେ ଆୟକାରୀ ତାହା ମଧ୍ୟ ନୁହେଁ। ଏହାର ଆଧାରରେ କରର ପ୍ରକାରଭେଦ ହୋଇଥାଏ- ପ୍ରତ୍ୟକ୍ଷ ଓ ପରୋକ୍ଷ କର ଏବଂ ପ୍ରଗତିଶୀଳ ଓ ପ୍ରତିଗାମୀ କର। ଯେଉଁ କରକୁ ସ୍ୱୟଂ କରଦାତାଙ୍କୁ ଦେବାକୁ ପଡ଼େ ଏବଂ ସେ କରଭାରକୁ ଅନ୍ୟ କାହା ଉପରକୁ ଖସାଇ ପାରନ୍ତି ନାହିଁ ତାହା ପ୍ରତ୍ୟକ୍ଷ କର। କିନ୍ତୁ ପରୋକ୍ଷ କରକୁ ସହଜରେ ଅନ୍ୟ ମୁଣ୍ଡ ଉପରକୁ ଖସେଇ ଦିଆଯାଏ। ପ୍ରତ୍ୟକ୍ଷକର ସମସ୍ତେ ଦେଉ ନ ଥିବା ବେଳେ ପରୋକ୍ଷକର ସମସ୍ତେ ଦେବାକୁ ବାଧ୍ୟ।

ଆୟ ଅନୁପାତରେ କର ସ୍ଥିର ହେଲେ ଅର୍ଥାତ୍ ଉଚ୍ଚ ଆୟକାରୀ କର ନିମ୍ନଆୟକାରୀ ଅପେକ୍ଷା ଅଧିକ ହେଲେ ତାହା ପ୍ରଗତିଶୀଳ ବୋଲି କୁହାଯାଏ। ଧନୀ ଗରିବ ସମସ୍ତଙ୍କୁ ସମାନ କର ଦେବାକୁ ହେଲେ ସେ କର ବ୍ୟବସ୍ଥା ପ୍ରତିଗାମୀ ହୋଇଥାଏ। ପ୍ରଗତିଶୀଳ କର ଅର୍ଥନୈତିକ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା କରୁଥିବା ବେଳେ ପ୍ରତିଗାମୀ କର ଅର୍ଥନୈତିକ ଓ ସାମାଜିକ ନ୍ୟାୟର ପରିପନ୍ଥୀ। ଭାରତ କ୍ଷେତ୍ରରେ ଆୟକର, ସମ୍ପଦକର, ନିଗମ କର ଓ ପୁଞ୍ଜିଗତ କର ପରି ପ୍ରତ୍ୟକ୍ଷ କର ପ୍ରଗତିଶୀଳ ହୋଇଥିବା ବେଳେ




ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପ୍ରତିଗାମୀ କର। ଜିଏସ୍‌ଟି, ସୀମାଶୁଳ୍କ ଏବଂ ଉତ୍ପାଦଶୁଳ୍କରୁ ଦେଶର ମୋଟ ଆୟର ୪୮.୫% ଅର୍ଥାତ୍ ପ୍ରାୟ ଅଧା ଆଦାୟ ହୁଏ।

ଭାରତୀୟ କରଦାତା ଭାରତର କର ବ୍ୟବସ୍ଥାକୁ ଜନବିରୋଧୀ କହୁଥିବା ବେଳେ ବହୁ ବିଦେଶ ରାଷ୍ଟ୍ର ତୁଳନାରେ ଭାରତରେ କରହାର କମ୍। ଜାପାନ, ଆମେରିକା ପରି ଦେଶରେ କରହାର ଅଧିକା ହେଲେ ମଧ୍ୟ ଲୋକ କର ଦେବାକୁ କୁଣ୍ଠାବୋଧ କରନ୍ତିନି କାରଣ ଏଠାରେ ସରକାର ସମସ୍ତ ପ୍ରକାରର ମୌଳିକ ସାର୍ବଜନିକ ସେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଆଦି ସାମାଜିକ ସୁରକ୍ଷା ମାଗଣା ବା ଅତି କମ ଦେୟରେ ଯୋଗାଇ ଦିଅନ୍ତି। କିନ୍ତୁ ଭାରତରେ ଆୟ ଏବଂ ଦ୍ରବ୍ୟ ଓ ସେବା ଉପରେ କର ସହିତ ସାର୍ବଜନିକ ସୁବିଧା ତଥା ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ଅଲଗା ଦେୟ ରହିଥାଏ।

ବିଭିନ୍ନ ସଂସ୍ଥାମାନଙ୍କର ଆକଳନ ଅନୁସାରେ ଭାରତରେ କରଦାତାଙ୍କ ସଂଖ୍ୟା ଆଠ କୋଟି, ଯାହା ସମୁଦାୟ ଜନସଂଖ୍ୟାର ୬%ରୁ କମ୍। ବାର୍ଷିକ ଅଢ଼େଇ ଲକ୍ଷ ଟଙ୍କାରୁ କମ୍ ରୋଜଗାର କରୁଥିବା ଲୋକ ସମୁଦାୟ କରଦାତାଙ୍କ ୫୭% ଏବଂ ପଚାଶ ଲକ୍ଷରୁ ଅଧିକ ରୋଜଗାର କରୁଥିବା ଲୋକ ସମୁଦାୟ କରଦାତାଙ୍କର ୧%। ମାତ୍ର ତିନିଜଣ ଭାରତୀୟ ୧୦୦ କୋଟି ଟଙ୍କାରୁ ଅଧିକ କର ଦିଅନ୍ତି ଯଦିଓ ଦେଶରେ ଅରବପତିଙ୍କ ସଂଖ୍ୟା ୨୦୨୧ ଅନୁସାରେ ତଥ୍ୟ ୧୬୬। ୮୫% କରଦାତା ଦେଢ଼ଲକ୍ଷ ଟଙ୍କାରୁ କମ୍ କର ଦିଅନ୍ତି।

ଅର୍ଥନୈତିକ ବୈଷମ୍ୟ ଓ କ୍ଷମତା ପାଇଁ ରାଜନୈତିକ ବାଧ୍ୟବାଧକତା ଗୋଟିଏ ଦେଶରେ କରଦରରେ ବୈଷମ୍ୟ ସୃଷ୍ଟି କରିଥାଏ। ଦେଶର ଅର୍ଦ୍ଧାଧିକ ଲୋକ କରମୁକ୍ତ। ତାହା ଉପରେ ରହିଛି ମାଗଣାବଣ୍ଟନର ଭାର, ଯାହା ଦିନକୁଦିନ ଉଗ୍ର ହେବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଯେମିତି ମାଗଣାବଣ୍ଟନର ପ୍ରତିଯୋଗିତା ଚାଲିଛି। ମା' ପେଟରୁ ମଶାଣିରେ ଦାହ ହେବା ପର୍ଯ୍ୟନ୍ତ ସବୁ ମାଗଣା। ଏହା ଏକ ସାମାଜିକ ଓ ଅର୍ଥନୈତିକ ବ୍ୟାଧିରେ ପରିଣତ ହେଲାଣି। ଯୁବସମାଜ କର୍ମଭୀରୁ ହେବା ସହିତ ଦେଶରେ ଅପରାଧ ବୃଦ୍ଧି ପାଉଛି। ଦେଶର ଅର୍ଥନୀତିରେ ଏକ ବଡ଼ ଅଂଶୀଦାରର କୌଣସି ଯୋଗଦାନ ନାହିଁ। ଏହାଛଡ଼ା ରହିଛନ୍ତି ବଡ଼ଚାଷୀ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଏକ ତଥ୍ୟ ଅନୁସାରେ ଦେଶରେ ଆଠଲକ୍ଷରୁ ଅଧିକ ବଡ଼ଚାଷୀ ଅଛନ୍ତି; ଯେଉଁମାନଙ୍କର ବାର୍ଷିକ ଆୟ ଏକକୋଟି ଟଙ୍କାରୁ ଅଧିକ। ସମସ୍ତ ପ୍ରକାରର ସବ୍‌ସିଡିର ସୁଯୋଗ ନେବା ସହିତ ସେମାନେ କର ଦେଉ ନାହାନ୍ତି। ଦେଶରେ ସରକାରୀ ଓ ବେସରକାରୀ ଚାକିରିଆଙ୍କୁ ଆୟକର ସହିତ ଅନ୍ୟ ସମସ୍ତ କର ଦେବାକୁ ପଡୁଥିବାରୁ ସେମାନେ ଏହାକୁ ନିଜର ଦେଶଭକ୍ତି ଓ ସାଧୁତାର ଦଣ୍ଡ ବୋଲି ଭାବନ୍ତି। ତେଣୁ ସ୍ୱେଚ୍ଛାରେ କର ଦେବାକୁ ଚାହୁଁଥିବା ଲୋକ କମ୍, ସମୁଦାୟ କରଦାତାଙ୍କର ୧୧.୬%।

ଭାରତରେ ସବୁବର୍ଗର ଲୋକଙ୍କ ସୁବିଧାସୁଯୋଗ, ଆକାଂକ୍ଷା ଓ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ଦେଶ ଚଳେଇବା ଏକ ଦୁରୂହ ବ୍ୟାପାର। କର ଯେହେତୁ ଦେଶର ଆୟର ପ୍ରମୁଖ ସ୍ରୋତ କରବ୍ୟବସ୍ଥା ସରଳ, ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ହେବା ସହ ଅର୍ଥନୀତିକୁ ଚଳେଇବା ପାଇଁ ଏହା ଆବଶ୍ୟକତାନୁକୂଳ ହେବା ଉଚିତ। ଆୟକର ପ୍ରଗତିଶୀଳ ହୋଇଥିଲେ ମଧ୍ୟ ଆୟକାରୀଙ୍କର ଏକ ବଡ଼ଅଂଶ ଏହାର ସୀମା ବାହାରେ ରହିବା ଏବଂ ହିସାବ ଅନୁସାରେ କର ନ ଦେବା ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟର ପରିପନ୍ଥୀ। ବଡ଼ଚାଷୀମାନଙ୍କୁ ଦିଆଯାଉଥିବା ସବ୍‌ସିଡିର ଠିକ୍ ମୂଲ୍ୟାୟନ ହେବା ସହିତ ସଂପୂର୍ଣ୍ଣ କରଛାଡ଼ ବନ୍ଦ ହେବା ଉଚିତ। ଅନେକ ପରୋକ୍ଷ କରର ମିଶ୍ରଣରେ ଜିଏସ୍‌ଟିର ପ୍ରଚଳନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଜିଏସ୍‌ଟିର ପ୍ରଚଳନ ପରେ ଦେଶରେ ପରୋକ୍ଷ କର ଅସୁଲ ବୃଦ୍ଧି ପାଇଛି। ହେଲେ ଏହାର ସରଳୀକରଣର ଆବଶ୍ୟକତା ରହିଛି। ଧନୀ ଗରିବ ଏକାପ୍ରକାରର ଜିନିଷ ବା ସେବା ପାଇଁ ସମାନ କର ଦେବା ଠିକ୍ ନୁହେଁ। କରଦାତାଙ୍କର ଅର୍ଥନୈତିକ ଅବସ୍ଥା ହିସାବରେ ଏହା ସ୍ଥିରୀକୃତ ହେବା ଉଚିତ।

ଭାରତୀୟ କରବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହୋଇଛି। ତଥାପି କରଦାତାଙ୍କର ଚିହ୍ନଟ ଓ କର ବ୍ୟବସ୍ଥାରେ ଥିବା ଗଳାବାଟ ବନ୍ଦ ପାଇଁ ସର୍ବାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବା ଉଚିତ। କରଆଦାୟର ଧାରା ସହଜ ଓ ସମସ୍ୟାରହିତ ହେବା ସହିତ କର ଅସୁଲର ଖର୍ଚ୍ଚଭାର କମ ହେବା ବାଞ୍ଛନୀୟ କାରଣ ଭାରତରେ କର ଅସୁଲ ପ୍ରକ୍ରିୟା ବେଶ କ୍ଲିଷ୍ଟ ଏବଂ ବ୍ୟୟସାପେକ୍ଷ। ନାଗରିକମାନେ ଯେତେବେଳେ ଅନୁଭବ କରିବେ ଯେ ସେମାନେ ଦେଉଥିବା କର ଗରିବକଲ୍ୟାଣ, ସାମାଜିକସୁରକ୍ଷା ଯୋଗାଣ ତଥା ଦେଶର ସାମୂହିକ ବିକାଶ ପାଇଁ ଖର୍ଚ୍ଚ ହେଉଛି, ସେମାନଙ୍କର ଦେଶପ୍ରେମ ଓ ଦେଶ ପାଇଁ ପ୍ରତିବଦ୍ଧତାର ଭାବନା ସ୍ୱତଃ ଜାଗ୍ରତ ହେବ। କରଅସୁଲ ବଢ଼ିବ ଏବଂ ଦେଶର ମୋଟ ଜାତୀୟ ଉତ୍ପାଦରେ ଶୁଳ୍କ ଅନୁପାତ ବୃଦ୍ଧି ପାଇବ। ପ୍ରତି ଭାରତୀୟର ଆଶାନୁରୂପ ଦେଶ ବିକାଶପଥରେ ଲମ୍ଫ ପ୍ରଦାନ କରି ବିଶ୍ୱର ଅନ୍ୟତମ ପ୍ରଗତିଶୀଳ ରାଷ୍ଟ୍ର ଭାବରେ ଠିଆ ହେବ।

**ଭୁବନେଶ୍ୱର, ମୋ:୮୨୪୫୭୦୫୪୨୧**

## ସଙ୍ଗଠକଙ୍କ ସ୍ୱାଭିମାନ ରକ୍ଷା



ମୌସୁମୀ ପରିଡ଼ା

ଘରଟିଏ ଗଢ଼ିବା ଯେତିକି କଷ୍ଟ, ତା'ଠାରୁ ଅଧିକ କଷ୍ଟ ଅନୁଷ୍ଠାନଟିଏ ଗଢ଼ିବା। ଲାଭକ୍ଷତିର ବିଚାର ନ କରି ୨୦୦୦ ମସିହା ପୂର୍ବରୁ ଯେଉଁମାନେ ନିଜ ପକେଟ୍‌ରୁ ଅର୍ଥ ବ୍ୟୟ କରି ଗ୍ରାମାଞ୍ଚଳମାନଙ୍କରେ ଶିକ୍ଷାନୁଷ୍ଠାନମାନ ଗଢ଼ିଥିଲେ, ଆଜି ସେମାନଙ୍କ ସ୍ଥିତି କ'ଣ, ଯେଉଁମାନେ ଅନେକ ପରିବାରର ଭରଣପୋଷଣର ମୁଖ୍ୟ ମାଧ୍ୟମ ହୋଇଥିଲେ, ସେମାନଙ୍କ ଅବସ୍ଥା ଓ ମନ ଅବସ୍ଥା କିପରି, ସମ୍ବେଦନଶୀଳ ମଣିଷ ଭାବେ ସମସ୍ତଙ୍କର ଚିନ୍ତା କରିବାର ବିଷୟ। ସମୟ ସାକ୍ଷୀ। ଅତୀତରେ ସମାଜର ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ଅନୁଷ୍ଠାନ ଗଢ଼ିଉଠିଛି। ଗ୍ରାମାଞ୍ଚଳମାନଙ୍କରେ ସ୍କୁଲ୍‌କୁ ଆସିବାକୁ ପିଲାମାନଙ୍କୁ ନଦୀ ପାର ହେବାକୁ ପଡୁଥିଲା। ବର୍ଷାଦିନେ ଆଣ୍ଠୁଏ ପାଣି କାଦୁଅରେ ଯା'ଆସ କରି ରୋଗରେ ପଡୁଥିବା ପିଲାଙ୍କ ପାଇଁ ସ୍କୁଲ୍ ଆସିବା ସମ୍ଭବପର ନ ଥିଲା। ମାଟ୍ରିକ୍ ପାଶ୍ କଲାପରେ କଲେଜ ଆଡ୍‌ମିଶନ୍ ହେବାରେ ନାନା ଅସୁବିଧା। ସରକାରୀ କଲେଜଗୁଡ଼ିକରେ ସିଟ୍‌ସଂଖ୍ୟା କମ୍ ଥିବାରୁ ଅଧିକାଂଶ ପିଲା ସିଟ୍ ନ ପାଇ ଘରେ ବସୁଥିଲେ କିମ୍ବା ପାଠପଢ଼ା ଛାଡୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ କର୍ମସଂସ୍ଥାନ ପାଇଁ ଚାଷବାସରେ ମନ ଦେଉଥିଲେ କିମ୍ବା ଜମିବାଡ଼ି ନ ଥିବାରୁ ବାହାର ରାଜ୍ୟକୁ ଚାଲିଯାଉଥିଲେ। ସେତେବେଳେ କଲେଜପଢ଼ା ଏତେ ସହଜ ନ ଥିଲା। ନା ବାଟଘାଟର ସୁବିଧା ଥିଲା ନା ଅଭିଭାବକମାନଙ୍କ ଆର୍ଥିକ ସମ୍ବଳ।

ସେହି ଅଭାବନୀୟ ସମୟରେ କିଛି ସମାଜସେବୀ, ନିଃସ୍ୱାର୍ଥପର ପ୍ରତିଷ୍ଠିତ ବ୍ୟକ୍ତି ମିଳିତ ହୋଇ ଗ୍ରାମାଞ୍ଚଳମାନଙ୍କରେ ଶିକ୍ଷାନୁଷ୍ଠାନମାନ ଗଢ଼ିବାକୁ ଆଗଭର ହୋଇଥିଲେ। ଲକ୍ଷ୍ୟ ଥିଲା- ସମାଜର ଭବିଷ୍ୟତ ଏପରି ଅର୍ଦ୍ଧଶିକ୍ଷିତ ହୋଇ ନ ରୁହନ୍ତୁ। ପିଲାମାନେ ପଢ଼ନ୍ତୁ। ସମାଜର ଆବଶ୍ୟକତା ଅନୁଯାୟୀ ବେସରକାରୀ ଯୁକ୍ତ ଦୁଇ କଲେଜମାନ ଗଢ଼ିଉଠିଲା। ପରେ ପରେ ଯୁକ୍ତ ତିନି। ଆର୍ଥିକ ଅନଟନ ପାଇଁ ପାଠରେ ଡୋରି ବାନ୍ଧୁଥିବା ପିଲାମାନେ ଉପକୃତ ହେଲେ। ଉକ୍ତ ଅନୁଷ୍ଠାନର କର୍ମଚାରୀମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ପରିଚୟ ପାଇଲେ, ସେକଥା କେହି ଅସ୍ୱୀକାର କରିପାରିବେ ନାହିଁ।

କିଛି ବର୍ଷ ପରେ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ମିଳିଲା। ବହୁସଂଖ୍ୟକ କର୍ମଚାରୀ ଉପକୃତ ହେଲେ। କାଳକ୍ରମେ ଉଭୟ କର୍ମଚାରୀ ଓ ପ୍ରଶାସକଙ୍କ ଦ୍ୱାରା ପ୍ରତିଷ୍ଠାତା ବା ସଙ୍ଗଠକମାନେ ଉପେକ୍ଷିତ ହେଲେ। ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଭାବେ କ୍ଷମତା କାଢ଼ି ନିଆଯିବାରୁ ଅନୁଷ୍ଠାନଗୁଡ଼ିକରେ ନାନା ପ୍ରକାରର ବିଶୃଙ୍ଖଳା ଦେଖାଦେଲା। କେହି କାହାରିକୁ ସମ୍ମାନ କରିବା ତ ଦୂରର କଥା, ପରସ୍ପରକୁ ଅପମାନିତ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। ଜନ୍ମଦାତା/ଦାତ୍ରୀ (ସଙ୍ଗଠକ) ଜାଣନ୍ତି ପିଲାଙ୍କ ଦୁର୍ବଳତା, ସରକାର ଜାଣନ୍ତି ଶିକ୍ଷାଗତ ଯୋଗ୍ୟତା ଆଧାରରେ ପରିଚୟ। ସଙ୍ଗଠକମାନଙ୍କ ପାରଦର୍ଶିତା ଓ ଦୂରଦର୍ଶିତାକୁ ଅସ୍ୱୀକାର କରି ସେମାନଙ୍କୁ ସମ୍ପୂର୍ଣ୍ଣ ବାଦ୍‌ଦେବାରୁ ଅନୁଷ୍ଠାନଗୁଡ଼ିକରେ ନାନା ଦୁଃସ୍ଥିତିମାନ ପରିଲକ୍ଷିତ ହେଲା। ଅନୁଷ୍ଠାନକୁ ପୁଣିଥରେ ସମ୍ଭାଳିବାକୁ ଯାଇ ନା ଆଦର ମିଳିଲା ନା କର୍ମଚାରୀମାନଙ୍କଠାରୁ ପୂର୍ବ ସମ୍ମାନ।

କଥାଟିକୁ ନିରେଖି ଦେଖିଲେ ଅପ୍ରକାଶ୍ୟ ଦିଗଟି ଆହୁରି ସ୍ପଷ୍ଟତର ହେବ। ମାତାପିତା ଜନ୍ମ ଦିଅନ୍ତି, ଶିକ୍ଷିତ କରାନ୍ତି। ଅନୁଷ୍ଠାନ ପରିଚୟ ଦିଏ, ଆର୍ଥିକସ୍ତରରେ ଭବିଷ୍ୟତକୁ ସୁରକ୍ଷିତ କରାଏ। ସେହି ଅନୁଷ୍ଠାନକୁ ଗଢ଼ିଥିବା ସଙ୍ଗଠକମାନେ ଓ ମାତାପିତା ଉଭୟ ଯେଉଁ ତ୍ୟାଗ କରିଥାନ୍ତି, ସେମାନଙ୍କ ଭିତରୁ ପ୍ରଥମ ବର୍ଗର ଲୋକମାନଙ୍କୁ ଭୁଲିଯିବାଟା ଚରମ ସ୍ୱାର୍ଥପରତା! ସେମାନେ ଅନେକ ପ୍ରତିରୋଧ, ବାଧାବିଘ୍ନ ସହି ଆବଶ୍ୟକ ସ୍ଥଳେ କୋର୍ଟ କଚେରିରେ ଲଢ଼ି ଯେଉଁ ଅନୁଷ୍ଠାନକୁ ଛିଡା କରାଇଛନ୍ତି, ସେମାନଙ୍କୁ ଭୁଲିଯିବା ଶିକ୍ଷାନୁଷ୍ଠାନର ସୁଶିକ୍ଷିତ ଶ୍ରେଣୀର ସୁଜନତା କି, ଏକ ପ୍ରଶ୍ନବାଚୀ।

ମାତାପିତାଙ୍କ ସାମ୍ନାରେ ପିଲାମାନଙ୍କର ଅହଙ୍କାର ଯେପରି ଅଶୋଭନୀୟ ସେହିପରି ଅନୁଷ୍ଠାନର କର୍ମଜୀବୀମାନେ (ଯେଉଁମାନଙ୍କୁ କେବଳ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ନୁହେଁ, ଅନ୍ୟ କାରଣମାନ ବି ଉହ୍ୟ ରହିଥାଏ) ପ୍ରତିଷ୍ଠାତାମାନଙ୍କ ଆଗରେ ବୃଥା ଅହମିକା ଓ ଅସମ୍ମାନ ପ୍ରଦର୍ଶନ କରିବା ମଧ୍ୟ ହାସ୍ୟାସ୍ପଦ, ଅଯୌକ୍ତିକ। କ୍ଷମତା ହାସଲ କରିବା ପରେ ଲୋକମାନେ ପୂର୍ବକଥା ବିସ୍ମରିଯାଆନ୍ତି। କଥାରେ ଅଛି- ସବୁ ଗଛ ରୋପିବ ପଛେ ମଣିଷ ଗଛ ରୋପିବ ନାହିଁ। କାରଣ ଲୋକେ ନିଜ ଦୁଃସମୟକୁ ନିମିଷକେ ଭୁଲିଯାଇ କୁତ୍ସାରଚନା କରିବା ନିହାତି ମାମୁଲିକଥା।

ସେତେବେଳେ ପ୍ରତିଷ୍ଠାତାମାନେ ଅର୍ଥ ରୋଜଗାରର ମାଧ୍ୟମ ପାଇଁ ଶିକ୍ଷାନୁଷ୍ଠାନମାନ ଗଢ଼ି ନ ଥିଲେ, ଗଢ଼ିଥିଲେ ସାମାଜିକ ସ୍ୱାର୍ଥ ଓ ଶିକ୍ଷାର ବିକାଶ ପାଇଁ। କିନ୍ତୁ କ'ଣ ପାଇଲେ ସେକଥା ପରଖିବାର ଦାୟିତ୍ୱ ସମାଜ ସହିତ ପ୍ରଶାସନର। ଗୋଟେ ସମୟରେ ସମାଜର ମଙ୍ଗ ଧରିଥିବା ଓ କଲେଜପଢ଼ାକୁ ସହଜତର କରିଥିବା ନିଃସ୍ୱାର୍ଥପର ସଙ୍ଗଠକମାନଙ୍କୁ ଅବହେଳା କରାଯିବା ମନ୍ଦିରର ଦିଅଁଙ୍କୁ ଅସମ୍ମାନ କଲାପରି ମନେହୁଏ। ସମାଜର ମୁଖ୍ୟସ୍ରୋତରେ ଥିବା ଆମ ଧରୋହରମାନଙ୍କୁ ଅବହେଳା କଲେ ସମୟ କ୍ଷମା ଦେବ ନାହିଁ।

ସମାଜସେବା ନାଁରେ ନିଜ ପରିବାରର ଅଧିକାରରୁ ଅର୍ଥ ଓ ସମୟ ଖେଣ୍ଟି ସେମାନେ ଯେଉଁ ଅନୁଷ୍ଠାନ ଗଢ଼ିଥିଲେ, ସେଥିରେ ଅନୁଷ୍ଠାନ ଓ ସେଠାରେ କାମ କରୁଥିବା କର୍ମଚାରୀମାନଙ୍କ ସହିତ ଆବେଗଗତ ସମ୍ପର୍କଟେ ଥିଲା ଯାହା ଏବେ ସଂପୂର୍ଣ୍ଣ ଶୂନ୍ୟ। ବିଭିନ୍ନ ମାନସିକତାର ଲୋକମାନଙ୍କୁ ଏକାଠି କରି, ସାମାଜିକ କର୍ତ୍ତବ୍ୟ ସହିତ ପ୍ରତିବଦ୍ଧ ହୋଇ ଆନୁଷଙ୍ଗିକ ଉପକରଣ ଯୋଗାଡ଼ କରିବା ଓ ଅଭାବ ଅସୁବିଧା ସହିତ ବୁଝାମଣା କରିବା ଯେ କେତେ କଷ୍ଟକର ତାହା ସେହି ପ୍ରତିଷ୍ଠାତାମାନେ ହିଁ ଜାଣନ୍ତି। ସେଥିପାଇଁ କେତେ ତ୍ୟାଗ କରିବାକୁ ହୁଏ, କେତେ ପ୍ରତିଦ୍ୱନ୍ଦ୍ୱିତା ଜିତିବାକୁ ହୁଏ, ପ୍ରତିକୂଳତାର ଶିକାର ହେବାକୁ ପଡ଼େ, ସେ ଦୁଃଖ ଅନୁଷ୍ଠାନର ବେତନଭୋଗୀ କର୍ମଚାରୀମାନେ ବୁଝିପାରନ୍ତି ନାହିଁ। ସମାଜ ପାଇଁ ସେମାନଙ୍କ ବଳିଦାନ ବ୍ୟର୍ଥ ଯାଇନାହିଁ, କିନ୍ତୁ ସେମାନଙ୍କୁ ମାନସିକ ସ୍ତରରେ ପଙ୍ଗୁ କରି ଉପେକ୍ଷିତ କରିଦିଆଯାଇଛି। ଏଭଳି ସ୍ଥଳେ ସେମାନଙ୍କ ମନୋବଳକୁ ଦୃଢ଼ କରିବାକୁ ପ୍ରଶାସନ ତତ୍ପର ହେବା ଉଚିତ୍।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

'ଜୀବେ ଦୟା' ଭାବରେ ବୟସ ବାଧକ ସାଜେନାହିଁ। ଏହା ପ୍ରମାଣ କରିଛନ୍ତି ଉତ୍ତରପ୍ରଦେଶ ଗାଜିଆବାଦର କନକ ସକ୍ସେନା। ଏବେ ସେ ୯୦ ବର୍ଷ ବୟସରେ ବି ସକ୍ରିୟ ଭାବେ ବୁଲା କୁକୁରଙ୍କ ସେବାରେ ସମୟ ଦେଉଛନ୍ତି। ଏଥିରେ ତାଙ୍କୁ ସହଯୋଗ କରୁଛନ୍ତି ନାତୁଣୀ ସାନା। କନକ ଏହି ୨୦୨୦ରେ ଆରମ୍ଭ କରିଥିଲେ। ଲକ୍‌ଡାଉନ୍ ସମୟରେ ଗୋଟିଏ ବୁଲା କୁକୁରର ମୃତ୍ୟୁ ଦେଖି ସାନା ଦୁଃଖିତ ହେବାପରେ ତାଙ୍କ ଦାଦି ମା' କନକ ପ୍ରାଣୀଙ୍କ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଏହି ସେବାରେ ପୂରା ସକ୍ସେନା ପରିବାର ଲାଗିପଡିଛନ୍ତି। ପ୍ରଥମେ ଗାଜିଆବାଦ ବୈଶାଳୀର ଏକ ରାସ୍ତାରେ ବୁଲୁଥିବା ୧୦-୨୦ କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ଏବେ ଏହି ସଂଖ୍ୟା ୧୨୦ରେ ପହଞ୍ଚି ସାରିଲାଣି। କେବଳ ଏତିକି ନୁହଁ ଆହତ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିବା ସହ ସେମାନଙ୍କୁ ଆଶ୍ରୟସ୍ଥଳୀରେ ରଖୁଛନ୍ତି। ଦାଦି ଭୋର୍ ୪.୩୦ରୁ ଉଠି କୁକୁରଙ୍କ ପାଇଁ ରୋଷେଇ କରନ୍ତି। ୧୦ କେଜି ଚାଉଳର ଭାତ ରାନ୍ଧନ୍ତି। ଏହା ସହ ଚିକେନ ମଧ୍ୟ କରୁଛନ୍ତି। ପ୍ରତିଟି କୁକୁର ପାଇଁ ମାସକୁ ୩୫୦ ଟଙ୍କା ଖର୍ଚ୍ଚ ହିସାବରେ ୧୨୦ଟି କୁକୁରଙ୍କ ପାଇଁ ୪୨,୦୦୦ ଟଙ୍କା ଦରକାର ହେଉଛି। ଏ ସମସ୍ତ ଖର୍ଚ୍ଚ ସକ୍ସେନା ପରିବାର ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୮

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଏଲ୍‌ଟିଟିଇ ବଙ୍କର ଧ୍ୱଂସ କରିବା ପାଇଁ ସେନା ପକ୍ଷରୁ ହୋଇଥିବା ଉଦ୍ୟମ ସମୟରେ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟି ୨୫ ଏଲ୍‌ଟିଟିଇ ବିଦ୍ରୋହୀ ନିହତ।
- ସୁଇସ୍ ଏୟାର ଲାଇନ୍ସର ଏକ ବିମାନ ଆଟ୍‌ଲାଣ୍ଟିକ୍ ମହାସାଗରରେ ଖସିପଡ଼ିବା ଫଳରେ ଏଥିରେ ଥିବା ସମସ୍ତ ଯାତ୍ରୀ ଓ ୧୪ ବିମାନ କର୍ମଚାରୀଙ୍କ ମୃତ୍ୟୁ।
- ଚଳଚ୍ଚିତ୍ର ଓ ମଞ୍ଚ ଜଗତର ଜଣାଶୁଣା ଅଭିନେତା ଅନୁପ କୁମାରଙ୍କ ୭୮ ବର୍ଷ ବୟସରେ ପରଲୋକ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 6 | | | 4 | 1 | | | | |
| | | | 6 | | 8 | | 1 | |
| 7 | | | | | | | 9 | |
| 4 | | 5 | | | | | | |
| | | | 7 | | | | | 2 |
| | | | 8 | 9 | | | | 4 |
| 2 | | 4 | | | | | | 8 |
| | | | | | | | 6 | 3 |
| | 7 | | | | 3 | 5 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 3 | 5 | 4 | 1 | 7 | 2 |
| 7 | 3 | 5 | 2 | 6 | 1 | 4 | 9 | 8 |
| 2 | 1 | 4 | 7 | 9 | 8 | 3 | 5 | 6 |
| 3 | 2 | 7 | 6 | 1 | 9 | 8 | 4 | 5 |
| 4 | 5 | 9 | 8 | 7 | 2 | 6 | 3 | 1 |
| 1 | 8 | 6 | 5 | 4 | 3 | 7 | 2 | 9 |
| 5 | 4 | 2 | 1 | 8 | 7 | 9 | 6 | 3 |
| 6 | 9 | 1 | 4 | 3 | 5 | 2 | 8 | 7 |
| 8 | 7 | 3 | 9 | 2 | 6 | 5 | 1 | 4 |

ଗତକାଲିର ଉତ୍ତର

## ଧର୍ମ ଆଚରଣ ନାମ ସ୍ୱାର୍ଥ ସିଦ୍ଧି



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ କେବଳ ଓଡ଼ିଶା ବା ଓଡ଼ିଆ ଜାତିର ଅସ୍ମିତା ନୁହନ୍ତି ବରଂ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ବିଶ୍ୱାସର ଆରାଧ୍ୟ ଦେବତା। ସ୍ଥୂଳ ଚକ୍ଷୁରେ ସେ ହସ୍ତ, ପଦ, କର୍ଣ୍ଣ, ନାସା ହୀନ ଅପଲକ ଗୋଲାକାର ଚକ୍ଷୁ ଚିତ୍ରିତ ଦାରୁବିଗ୍ରହ। କିନ୍ତୁ ସମର୍ପିତ ଏବଂ ତଲ୍ଲୀନ ଭକ୍ତି ଭାବର ଉପଲବ୍ଧିରେ ତାଙ୍କ ସ୍ୱରୂପ ଅନିର୍ବଚନୀୟ। ଯାହା ଭକ୍ତ ବା ସାଧକଙ୍କୁ ଆନନ୍ଦରୁ ବ୍ରହ୍ମାନନ୍ଦ ପ୍ରାପ୍ତି କରାଏ ବୋଲି ଶାସ୍ତ୍ରୋକ୍ତ ମତ ରହିଛି। ଆମେ ବାୟୁ ଚଳାଚଳର ତୀବ୍ରତା, ମଧୁରତା ଏବଂ ବିବିଧ ଗନ୍ଧ କେବଳ ଅନୁଭବ କରିପାରୁ। କିନ୍ତୁ ତା'ର ସ୍ୱରୂପ ଦେଖିବା ବା ବର୍ଣ୍ଣନା କରିବା ଯେପରି ଅସମ୍ଭବ ସେପରି ଐଶ୍ୱରୀୟ ସତ୍ତା ଅନୁଭବର ବର୍ଣ୍ଣନା ବି ଅସମ୍ଭବ। ଧର୍ମ ଭାବନା ଓ ଐଶ୍ୱରୀୟ ଶକ୍ତିର ଅନୁଭବ ସର୍ବଦା ନିଜସ୍ୱ। ଭକ୍ତି ଓ ସାଧନା ମାର୍ଗରେ ଆଦି ଶଙ୍କରାଚାର୍ଯ୍ୟଙ୍କ ସହ ଅନେକ ସିଦ୍ଧ ସାଧକ ନିଶ୍ଚିତ ଶ୍ରୀଜୀଉମାନଙ୍କ ଦର୍ଶନରେ ବିମୋହିତ ହୋଇ ଶ୍ରୀକ୍ଷେତ୍ରକୁ ନିଜର ସାଧନା ସ୍ଥଳୀ କରିଥିଲେ। ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅଧମ, ମଧ୍ୟମ ଓ ଉତ୍ତମ ଭକ୍ତିର ସୂଚନା ଦେଇଛନ୍ତି। ଦାଢ଼ର୍ତ୍ୟ ଭକ୍ତି ମାଧ୍ୟମରେ ଶ୍ରୀଜୀଉମାନଙ୍କ ବିଭୂତି ବର୍ଣ୍ଣନା ରହିଥିଲେ ବି ସେଥିରେ ସୂଚିତ ଚରିତ୍ରମାନେ ନିଜସ୍ୱ ଅନୁଭବ କେଉଁଠି ପ୍ରକାଶ କରିନାହାନ୍ତି। ସେମାନେ ସର୍ବାନ୍ତରୀକରଣରେ ଭାବପୂର୍ଣ୍ଣ ଓ ନିଷ୍କାମ ମନ ଏବଂ ଉତ୍ସର୍ଗୀକୃତ ଚିତ୍ତରେ ଭକ୍ତି ଭାବ ଯୋଗୁ ଐଶ୍ୱରୀୟ ସତ୍ତା ଉପଲବ୍ଧି କରିଥିଲେ। ଯାହାକି ଦାଢ଼୍ୟତା ଭକ୍ତିର ନିର୍ଯ୍ୟାସ। ବର୍ଗୀକରଣରେ ସେମାନେ ନିଶ୍ଚିତ ଉତ୍ତମ ଧର୍ମାଚାରୀ ଥିଲେ। କିନ୍ତୁ ବସ୍ତୁବାଦୀ ସମାଜରେ ଧର୍ମର ଦ୍ୱାହି ଦେଇ ନିଜର ବ୍ୟକ୍ତିଗତ ସମସ୍ୟାର କାକତାଳିକ ସମାଧାନ ବା କଳ୍ପିତ ଇଚ୍ଛା ପୂରଣକୁ ଯେଉଁମାନେ ଶ୍ରୀଜୀଉମାନଙ୍କ ପ୍ରତି ସେମାନଙ୍କର ସମର୍ପଣ ଭାବର ଫଳ ବୋଲି ସାର୍ବଜନୀନ କରୁଛନ୍ତି ତାହା ନିଶ୍ଚିତ ଅଧମ ଭକ୍ତି ପଦବାଚ୍ୟ। ଏହା ପ୍ରକାରାନ୍ତରେ ଅହଂକାର ଏବଂ ଦେବୋପରାଧକୁ ହିଁ ସାବ୍ୟସ୍ତ କରିଥାଏ।

କେତେଜଣ ବ୍ୟକ୍ତି ନିଜେ ବା ଗୋଷ୍ଠୀଗତ ଭାବେ ଆତ୍ମପ୍ରତିଷ୍ଠା ଏବଂ ବ୍ୟବସାୟିକ ମନୋଭାବରେ ଆମର ଶ୍ରୀଜୀଉମାନଙ୍କ ପ୍ରତି ଥିବା ବିଶ୍ୱାସକୁ ପାଥେୟ ଏବଂ ଉପଯୋଗ କରିଚାଲିଛନ୍ତି। ଯାହାର ଦୃଷ୍ଟାନ୍ତ କ୍ରମଶଃ ବଢ଼ିଚାଲିଛି। ଏହା ସର୍ବଜନ ବିଦିତ ଯେ ଶ୍ରୀଜୀଉମାନଙ୍କର ପ୍ରତ୍ୟେକ ଯାତ୍ରା ଓ ବେଶ ପାଇଁ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଧାରିତ ହୋଇଥାଏ। ସେଥିପାଇଁ ଇସ୍କନ ପ୍ରଯୋଜିତ ଶ୍ରୀଜୀଉମାନଙ୍କ ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ କରିବା ସ୍ୱାଗତ ଯୋଗ୍ୟ। କିନ୍ତୁ ସେଇ ବିରୋଧର କେତେଜଣ ମୁଖ୍ୟ ପ୍ରବକ୍ତା ଓ ବ୍ୟକ୍ତିବିଶେଷ ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀଜୀଉମାନଙ୍କର ଅଦିନରେ ବିବିଧ ବେଶର ପ୍ରଦର୍ଶନୀ କରାନ୍ତି। କୁଡୁଆରେ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ ସହ ଛପନ ଭୋଗର ପସରା ମେଲାଇ ଅର୍ଥାଗମ ବାଟ ସୁଗମ କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଯେଉଁ ପ୍ରବକ୍ତାମାନେ ବ୍ରହ୍ମା ଅଚ୍ୟୁତ ଶଙ୍କରଙ୍କୁ ଶ୍ରୀଜୀଉମାନଙ୍କ ଆଦି ଅନ୍ତ ଅଗୋଚର ବୋଲି ଭାବପୂର୍ଣ୍ଣ ଭାଷଣ ଦିଅନ୍ତି ସେମାନେ ଶ୍ରୀଜଗନ୍ନାଥ ତତ୍ତ୍ୱର ଗବେଷକ ସଂଗୋଷ୍ଠୀ



ଗଠନ କରନ୍ତି। ଯେଉଁମାନେ ଶ୍ରୀଜଗନ୍ନାଥଙ୍କର ସମସ୍ତ ଲୀଳା ଦିବ୍ୟାଦିଦିବ୍ୟ ଏବଂ ଅଲୌକିକ ବୋଲି କହିଥାନ୍ତି ସେମାନେ ଲୌକିକ ମତରେ ଶ୍ରୀଜୀଉମାନଙ୍କ ଆତ୍ମୀୟ ବୋଲି ନିଜକୁ ପରିଚିତ କରାନ୍ତି। ପରିତାପର କଥା ହେଉଛି, ରଥ ଉପରେ ସୁନାବେଶ ପରଦିନ ଅଧରପଣା ଶ୍ରୀଜୀଉମାନଙ୍କୁ ଅର୍ପଣ ପରେ ପଣାହାଣ୍ଡି ଭାଙ୍ଗି ଦିଆଯାଏ। ଅର୍ପିତ ପଣା ଭୂତ, ପ୍ରେତ, ପିଶାଚଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଡାକବାଜି ଯନ୍ତ୍ର ଓ ଦୂରଦର୍ଶନ ଦ୍ୱାରା ପ୍ରଚାରିତ ହେଉଥିବା ବେଳେ କେତେଜଣ ସେବକ ହାଣ୍ଡି ଭଙ୍ଗା ବା ଭୂମିପାତ ପୂର୍ବରୁ ସେହି ପଣାକୁ ସଂଗ୍ରହ କରି ବ୍ୟବସାୟିକ ଉପଯୋଗ କରିଥାନ୍ତି।

ଏହା ସତ୍ୟ ଯେ ଧର୍ମ ଓ ସଂସ୍କୃତି ମଧ୍ୟରେ ଅନେକ ଫରକ ରହିଛି। ଶ୍ରୀକ୍ଷେତ୍ରକୁ ଆସିଥିବା ସିଦ୍ଧ ସାଧକମାନେ ଏହି ପବିତ୍ର ଧାମକୁ ଧାର୍ମିକ କ୍ଷେତ୍ର ଭାବେ ବିବେଚନା କରୁଥିଲେ। ପରେ ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରୀଜୀଉମାନଙ୍କ ସେବା ପାଇଁ ବ୍ୟବସ୍ଥାରେ ଅନେକ ମଠ ଓ ଆଖଡ଼ା ସୃଷ୍ଟି ହୋଇଥିଲା। ବିବିଧ ସମ୍ପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ସେଇ ମଠ ଆଖଡ଼ାର ନିଜସ୍ୱ ଚିନ୍ତନ ଓ ପରିଚାଳନା ବ୍ୟବସ୍ଥାବଳୀରେ ସ୍ୱତନ୍ତ୍ରତା ମଧ୍ୟ ଥିଲା। ଯାହାକି ପୁରୀ ସଂସ୍କୃତିର ମୁଖ୍ୟ ଅଂଶ ହୋଇଥିଲା। ଐତିହ୍ୟ ସୁରକ୍ଷା ନାମରେ ଅନେକ କିମ୍ବଦନ୍ତୀଯୁକ୍ତ ଏବଂ ସ୍ୱତନ୍ତ୍ର ଗଠନ ଶୈଳୀରେ ନିର୍ମିତ ସେଇ ମଠଗୁଡ଼ିକରୁ ଅନେକଙ୍କୁ ମାଟିରେ ମିଶାଇ ଦିଆଗଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ସେଇ କାର୍ଯ୍ୟର ସମର୍ଥକ ଏବଂ ନୀରବ ଦର୍ଶକ ହୋଇଥିବା କିଛି ବ୍ୟକ୍ତି ବିଶେଷ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପ୍ରଚାର ପ୍ରସାର ନାମରେ ବିଭିନ୍ନ ଭାଷାରେ ପୁସ୍ତକ ରଚନା ପାଇଁ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ଏହି ପ୍ରୟାସ ଏପରି ସୁଚିନ୍ତିତ ଭାବେ କରାଯାଉଛି ଯେ ଏହା ଫଳରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଭକ୍ତଙ୍କ ଦାନ ଅର୍ଥ ବ୍ୟୟରେ କିଛି ବ୍ୟକ୍ତିଙ୍କ ଆତ୍ମପ୍ରଚାର ମାର୍ଗ ସୁଗମ ହୋଇପାରିବ। ଏହା ସତ୍ୟ ଯେ ଶ୍ରୀକ୍ଷେତ୍ରକୁ ଆସିଥିବା କୌଣସି ସାଧକ ଶ୍ରୀଜୀଉ ବା ତତ୍ ସମ୍ପର୍କିତ କୌଣସି ପ୍ରଚାର ପ୍ରସାର ସପକ୍ଷରେ ନ ଥିଲେ।

ବ୍ୟାସଦେବଙ୍କ ରଚିତ ସ୍କନ୍ଦ ପୁରାଣ ବହୁ ପ୍ରାଚୀନ। ସେଥିରେ ଥିବା ଉତ୍କଳ ଖଣ୍ଡରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଅନେକ ତଥ୍ୟ ରହିଛି। କିନ୍ତୁ ସେହି ପୁରାଣରେ କୌଣସି ସୂଚନା ନ ଥିଲେ ମଧ୍ୟ ତାହାକୁ ପାଞ୍ଚ ଭାଗ କରାଯାଇ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ନାମରେ ନାମିତ କରାଯାଇଛି। ଏବଂ ଏହାର ପାଳନ ପାଇଁ ବିଧି ନିର୍ଘଣ୍ଟ ବି କରାଯାଇଛି। ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ସୃଷ୍ଟି ବହୁ ପ୍ରାଚୀନ ହୋଇଥିବା ବେଳେ ଏହି ପଞ୍ଚରାତ୍ରର ସୃଷ୍ଟି ମାତ୍ର ୧୫ ବର୍ଷ ପୂର୍ବରୁ ହୋଇଛି। ଏଠାରେ ସ୍ୱତଃ ପ୍ରଶ୍ନ ଆସେ ଯେ ବହୁ ଶତାବ୍ଦୀରୁ ଥିବା ମନ୍ଦିର ବା ଆରାଧ୍ୟ ଦେବତାଙ୍କ ସମ୍ପର୍କରେ କୌଣସି ପ୍ରଚାର କରି ନ ଥିବା ଗୁଣୀ ଜ୍ଞାନୀମାନଙ୍କୁ ଏହି ପଞ୍ଚରାତ୍ର ବିଧି କ'ଣ ଏହା ଅଜ୍ଞାତ ଥିଲା? କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ପଣ୍ୟ କରି ଯେଉଁମାନେ ଆତ୍ମପ୍ରତିଷ୍ଠା ଏବଂ ଅର୍ଥ ଲାଭ ପାଇଁ ଏଭଳି କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରାଉଛନ୍ତି ସେମାନେ ପ୍ରକାରାନ୍ତରରେ ନିଜକୁ ଅଧମ ସାବ୍ୟସ୍ତ କରୁଛନ୍ତି।

କିଛିବ୍ୟକ୍ତି କାଳ୍ପନିକ ଭକ୍ତ ଚରିତ୍ର ସୃଷ୍ଟି କରି ଏବଂ କିଛି ଦିବଂଗତଙ୍କ ନାମ ନେଇ ଶ୍ରୀଜଗନ୍ନାଥଙ୍କ କରୁଣା ପ୍ରାପ୍ତ ଭକ୍ତଙ୍କ ଅନୁଭୂତି ନାମରେ କପୋଳକଳ୍ପିତ ଗଳ୍ପର ଅବତାରଣା କରି ସାମାଜିକ ପ୍ରତିଷ୍ଠା ଓ ଆୟ ବୃଦ୍ଧିନିମିତ୍ତ ପୁସ୍ତକ ପ୍ରସ୍ତୁତି କରୁଛନ୍ତି। ଏହି ଘଟଣା ଯୋଗୁ ଧର୍ମାଚରଣରେ ପ୍ରବଞ୍ଚନା ସାବ୍ୟସ୍ତ ହେଉଥିବାରୁ ଏ ସମସ୍ତ କାର୍ଯ୍ୟରେ ଅଙ୍କୁଶ ଲାଗିବା ଜରୁରୀ ନୁହେଁ କି?

**ଗୁଣ୍ଡିଚା ବିହାର ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନରେ ମାଣ୍ଡିଆ ମିଳୁ

ମହାଶୟ,

ରାଜ୍ୟରେ ସବୁ ରାଶନକାର୍ଡଧାରୀଙ୍କୁ ଗହମ ଓ ଚାଉଳ ପରିବର୍ତ୍ତେ କିଛି ମାସରେ ମାଣ୍ଡିଆ ଦିଆଯାଉ। ମାଣ୍ଡିଆ, ଯଅ, ବାଜରା, କାଙ୍ଗୁ, ସୁଆଁ ଇତ୍ୟାଦିରେ ପ୍ରୋଟିନ ଓ ଆଇରନ୍ ଅଧିକ ରହିଛି। ମାଣ୍ଡିଆ ଶିଶୁ ଏବଂ ଗର୍ଭବତୀଙ୍କ ପାଇଁ ବହୁ ଦରକାରୀ। ସେହିପରି ଏଥିରୁ ପ୍ରସ୍ତୁତ ମିକ୍ସଚର, ଲଡୁ, ବିସ୍କୁଟ୍ ଓ ମୁଡ଼କି ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଉ। ଅଣ୍ଡା ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ସହିତ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ବର୍ଦ୍ଧନରେ ବେଶ୍ ସହାୟକ ହୋଇପାରିବ। ପ୍ରତି ମାସରେ ନ ହେଲେ ମଧ୍ୟରେ କିଛି କିଛି ମାସ ଅନ୍ତରାଳରେ ମାଣ୍ଡିଆ ଯୋଗାଇଦେଲେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୁଅନ୍ତା। ସରକାର ଏଥିପ୍ରତି ଅଧିକ ପଦକ୍ଷେପ ନେବା ଆବଶ୍ୟକ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

କ୍ଷୁଦ୍ରତାର ଶୂନ୍ୟତାର
ବାଧା କାଟି ପୁଣି ସମୟର
ଲେଖିଦ୍ୟବି କାଳବକ୍ଷେ
ମୋର ଏକ ଜୀବନ୍ତ ସ୍ୱାକ୍ଷର। -(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ପ୍ରିୟବ୍ରତ ମାଝୀ ହେଲେ ବିଜେଡି ମିଡିଆ ସଂଯୋଜକ

ଭୁବନେଶ୍ୱର: ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳରେ ପୁଣି ଜଣଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ପ୍ରିୟବ୍ରତ ମାଝୀଙ୍କୁ ରବିବାର ଦଳର ମିଡିଆ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ତେବେ ପୂର୍ବରୁ ପ୍ରକାଶ ପାଇଥିବା ଦଳର ମିଡିଆ ସଂଯୋଜକ ତାଲିକାକୁ ଦେଖି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଏହି ଘୋଷଣା କରିଛନ୍ତି। ତେବେ ଏନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦଳ ତରଫରୁ ଏହି ଚିଠି ପ୍ରକାଶ କରାଯାଇଛି।

# ପାଳିରେ ମୁଖ୍ୟମନ୍ତ୍ରୀ ପଦ ଚାହିଁଥିଲା ଏନ୍‌ସିପି: ପ୍ରଫୁଲ

ନାଗପୁର,୩।୯

ମହାରାଷ୍ଟ୍ରରେ ଶିବସେନା ନେତା ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱରେ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ଗଠନ ବେଳେ ମୁଖ୍ୟମନ୍ତ୍ରୀ ପଦ ଅଢ଼େଇ ବର୍ଷ ଲେଖାଏ ପାଳିରେ ନେବା ଲାଗି ସହଯୋଗୀ ଦଳ ଏନ୍‌ସିପି ପ୍ରସ୍ତାବ ଦେଇଥିଲା। ତେବେ ଶିବସେନା କୌଣସି ଉତ୍ତର ନ ଦେଇ ନୀରବ ରହିଥିଲା ବୋଲି ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଗୋଷ୍ଠୀର ବରିଷ୍ଠ ନେତା ପ୍ରଫୁଲ ପଟେଲ କହିଛନ୍ତି। ଏନ୍‌ସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କଠାରୁ ଅଲଗା ହେବାର ଏହା ଅନ୍ୟତମ କାରଣ ବୋଲି ପୂର୍ବତନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଛନ୍ତି। ମହାବିକାଶ



ଅଘାଡ଼ି ସରକାରରେ ଶିବସେନାର ୫୬ ବିଧାୟକ ଥିବାବେଳେ ଏନ୍‌ସିପିର ୫୪ ଜଣ ବିଧାୟକ ଥିଲେ। ତେଣୁ ପାଳିକରି ମୁଖ୍ୟମନ୍ତ୍ରୀ ହେବା ନିମନ୍ତେ ପ୍ରସ୍ତାବ ଦେବା ସ୍ୱାଭାବିକ। ଏହି ପ୍ରସ୍ତାବ ନେଇ ପ୍ରଫୁଲ ମାତୋଶ୍ରୀ ଯାଇ ଉଦ୍ଧବ ଠାକ୍‌ରେ, ତାଙ୍କ ପୁଅ ଆଦିତ୍ୟ ଏବଂ ଏମ୍‌ପି ସଞ୍ଜୟ ରାଉତଙ୍କୁ ଭେଟିଥିଲେ। ଅନ୍ତତଃ ୨ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ପଦ ଏନ୍‌ସିପିକୁ ଛଡ଼ାଯିବାକୁ ପ୍ରଫୁଲ ଦାବି କରିଥିଲେ ମଧ୍ୟ ଏହା ଉପରେ ଠାକ୍‌ରେ ଓ ତାଙ୍କ ନେତାମାନେ ଆଲୋଚନା କରି ନ ଥିଲେ। ସେ କହିଛନ୍ତି, ୨୦୧୯ ନିର୍ବାଚନ ପରେ ଏନ୍‌ସିପି ବିରୋଧୀ ଦଳ ଆସନରେ ବସିବା ପାଇଁ ପ୍ରସ୍ତୁତ ଥିଲା। ତେବେ ଆସନ ବୁଝାମଣାକୁ ନେଇ ଶିବସେନା ଭାଜପା ସହ ୨୫ ବର୍ଷର ମେଣ୍ଟ ସମ୍ପର୍କ ତୁଟାଇ ଆମ ସହ ହାତ ମିଳାଇଥିଲା। ରାଜ୍ୟର ବିକାଶ ପାଇଁ ସରକାରରେ ସାମିଲ ହେବା ଲାଗି ଏନ୍‌ସିପି କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ପ୍ରବର୍ତ୍ତାଇଥିଲା ବୋଲି ପ୍ରଫୁଲ କହିଛନ୍ତି।



ରାଜସ୍ଥାନର ଫଲୋଦି ଜିଲାରେ ରବିବାର ଆୟୋଜିତ 'ଇନ୍‌ଫ୍ଲେସନ ରିଲିଫ୍ କ୍ୟାମ୍ପ'ରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଜଣେ ମହିଳା ରାଖି ବାନ୍ଧୁଛନ୍ତି।

# ୟୁପିରୁ ଦିନେଶ ଶର୍ମା ଭାଜପାର ରାଜ୍ୟ ସଭା ପ୍ରାର୍ଥୀ



ଲକ୍ଷ୍ନୌ,୩।୯

ଉତ୍ତରପ୍ରଦେଶର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମାଙ୍କୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀ କରିଛି। ଗତ ଜୁନ୍‌ରେ ଭାଜପା ଏମ୍‌ପି ହରିଦ୍ୱାର ଦୁବେଙ୍କ ପରଲୋକ ଯୋଗୁ ରାଜ୍ୟ ସଭାରେ ଗୋଟିଏ ଆସନ ଖାଲି ପଡ଼ିଥିଲା। ଆସନ୍ତା ୧୫ ତାରିଖରେ ଉକ୍ତ ଆସନ ଲାଗି ଉପନିର୍ବାଚନ ହେବାକୁ ଯାଉଛି। ଉତ୍ତରପ୍ରଦେଶ ବିଧାନସଭାରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାରୁ ଦିନେଶ ସହଜରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇପାରିବେ। ସେ ଏହି ପଦରେ ୨୦୨୬ ପର୍ଯ୍ୟନ୍ତ ରହିବେ। ୫୯ ବର୍ଷୀୟ ଦିନେଶ ଲକ୍ଷ୍ନୌ ୟୁନିଭର୍ସିଟିର ବାଣିଜ୍ୟ ପ୍ରାଧ୍ୟାପକ। ସେ ୨୦୧୪ରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନିଯୁକ୍ତ ହୋଇଥିଲେ।

# ମଧ୍ୟପ୍ରଦେଶର ୬ ଭାଜପା ନେତା କଂଗ୍ରେସରେ ସାମିଲ

ଲକ୍ଷ୍ନୌ,୩।୯

ବିଧାନସଭା ନିର୍ବାଚନ ନିର୍ବାଚନ ହେବାକୁ ଯାଉଥିବା ମଧ୍ୟପ୍ରଦେଶରେ ୬ ଭାଜପା ନେତାଙ୍କ ସମେତ ବିଭିନ୍ନ ଦଳର ମୋଟ ୯ ବିଧାୟକ ଶନିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ଏବଂ ମଧ୍ୟପ୍ରଦେଶ କଂଗ୍ରେସ ଦାୟିତ୍ୱରେ ଥିବା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କଂଗ୍ରେସରେ ସାମିଲ ହୋଇଥିବା ଭାଜପା ନେତାଙ୍କ ମଧ୍ୟରେ ଅଛନ୍ତି ଦୁଇଥରର ବିଧାୟକ ଭଁଓର ସିଂ ଶେଖାୱତ। ସେହିପରି ଭୋପାଳର ଭାଜପା ନେତା ଆଶିଷ ଅଗ୍ରୱାଲ (ଗୋଲୁ) ଏବଂ ବରିଷ୍ଠ ଭାଜପା ନେତା ଉମାଶଙ୍କର ଗୁପ୍ତା କଂଗ୍ରେସରେ ଯୋଗ ଦେଇଛନ୍ତି। ଭାଜପା ନେତା ଚେଡିଲାଲ ପାଣ୍ଡେ ଓ ପୁଅ ଶିବମ୍ ପାଣ୍ଡେ ମଧ୍ୟ କଂଗ୍ରେସରେ ସାମିଲ ହୋଇଛନ୍ତି।

# ହେଲିକପ୍ଟର ବ୍ୟବହାର ନେଇ ବିଜେଡି-ଭାଜପା ଟୁଇଟ୍ ଯୁଦ୍ଧ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

- ସମସ୍ୟା ସମାଧାନ ହେଉଥିବା ଦେଖି ଭାଜପା ମୁଣ୍ଡ କାମ କରୁନି: ମନ୍ତ୍ରୀ
- ବିଧାନସଭାରେ କଡ଼ାଗଣ୍ଡାରେ ହିସାବ ହେବ: ଟେଟେ
- ଆପଣଙ୍କ ଦୁର୍ନୀତିର ଅସଲ କଥା ବିଧାନସଭାରେ ଖୋଲିବ: ଇପ୍‌ସିତା

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ହେଲିକପ୍ଟର ବ୍ୟବହାର କରିଛନ୍ତି ବୋଲି ଭାଜପା ଅଭିଯୋଗ ଆଣିବା ପରେ ଏହି ପ୍ରସଙ୍ଗରେ ରାଜ୍ୟ ପରିବହନ ମନ୍ତ୍ରୀ ତଥା ବିଜେଡି ନେତ୍ରୀ ଟୁକୁନି ସାହୁ ପ୍ରବଳ ବର୍ଷିଛନ୍ତି। ଆସନ୍ତା ବିଧାନସଭାରେ ଏହି ପ୍ରସଙ୍ଗରେ ତଥ୍ୟ ରଖି ଭାଜପାର ମିଛ ଲୋକଙ୍କ ଆଗରେ ରଖିବେ ବୋଲି ସେ ଟୁଇଟ୍ କରି କହିଛନ୍ତି। ଭାଜପା ବିଧାୟିକା କୁସୁମ ଟେଟେ ମନ୍ତ୍ରୀ ସାହୁଙ୍କ ପ୍ରତିକ୍ରିୟା ଉପରେ ପାଲଟା ଜବାବ ରଖିଛନ୍ତି। ଟେଟେଙ୍କ ପ୍ରତିକ୍ରିୟାକୁ ପୁନର୍ବାର ବିଜେଡି ପାଲଟା କାଉଣ୍ଟର କରିଛି।

ଟୁକୁନି ସାହୁ ଟୁଇଟ୍ କରି କହିଛନ୍ତି ଯେ, କୁଚକ୍ରୀ ଗୋଷ୍ଠୀଙ୍କର ମୁଣ୍ଡ ଖରାପ ହୋଇଗଲାଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ କାର୍ଯ୍ୟାଳୟ ଯେଉଁଭଳି ଲୋକଙ୍କ ସମସ୍ୟା ବୁଝୁଛି ଓ ସମାଧାନ କରୁଛି ସେମାନଙ୍କ ମୁଣ୍ଡ କାମ କରୁନି। ସେଥିପାଇଁ ଭାଜପା ନେତାମାନେ ଇଆଡୁ ସିଆଡୁ ବୟାନ ଦେଉଛନ୍ତି। ଏମାନେ ଚାହୁଁ ନ ଥିଲେ ଲୋକଙ୍କ ସମସ୍ୟାର ସମାଧାନ ହେଉ, ସେଥିପାଇଁ ବିଭ୍ରାନ୍ତିକର ବକ୍ତବ୍ୟ ଦେଇଚାଲିଛନ୍ତି। କିଏ କହୁଛି ହେଲିକପ୍ଟର ଗସ୍ତ ବାବଦକୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ତ ଆଉ କିଏ କହୁଛି ୫୦୦ କୋଟି। ସେମାନଙ୍କ ନିଜ କଥାରେ ତାଳମେଳ ରହୁନାହିଁ। ପ୍ରକୃତରେ ଗତ ୫ ବର୍ଷରେ ହେଲିକପ୍ଟରରେ ଗସ୍ତ ବାବଦକୁ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅର୍ଥାତ୍ ବର୍ଷକୁ ହାରାହାରି ୧୦ରୁ ୧୨ କୋଟି ଟଙ୍କା ବ୍ୟୟ ହୋଇଛି। ସାହୁ ଆହୁରି ଲେଖିଛନ୍ତି, ଆସନ୍ତା ବିଧାନସଭାରେ ସେ ଏ ବାବଦରେ ସବୁ ତଥ୍ୟ ରଖିବେ। ସେତେବେଳେ ଏମାନଙ୍କ ସବୁ ମିଥ୍ୟା ପ୍ରଚାର ଧରାପଡ଼ିବା ସହିତ ମୁଖା ଖୋଲିଯିବ। ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏପରି ମିଥ୍ୟା ପ୍ରଚାର କରୁଛନ୍ତି, ସେମାନଙ୍କୁ ଲଜ୍ଜା ଲାଗିବା ଦରକାର। ଏମାନଙ୍କ ପାଖରେ ଯଦି ସାମାନ୍ୟ ଲଜ୍ଜା ଥିବ, ତେବେ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରୁଥିବାରୁ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବେ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ମନ୍ତ୍ରୀ ସାହୁଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି କୁସୁମ କହିଛନ୍ତି ଯେ, ରାଜ୍ୟରେ ଚାଲିଥିବା ଶାସନ ବ୍ୟବସ୍ଥା ଆପଣଙ୍କୁ ବ୍ୟଥିତ କରୁନାହିଁ। ଆପଣଙ୍କ କଥାରୁ ପ୍ରମାଣ ହୋଇଛି ମନ୍ତ୍ରୀ ଠାରୁ ସଚିବ ବଡ଼। ଦୁଇଟି ବିଭାଗର ମନ୍ତ୍ରୀ ଭାବେ କେତେଥର ହେଲିକପ୍ଟର ବ୍ୟବହାର କରିଛନ୍ତି। ଭାଜପା ଯେଉଁ ବୈଧାନିକ ପ୍ରଶ୍ନ କରିଛି ତା'ର ଉତ୍ତର କେବେ ଦେବେ। ମାତ୍ର ୬ ମାସରେ ୭୫ ଥର ସରକାରୀ ଅର୍ଥରେ ହେଲିକପ୍ଟର, ସ୍ୱତନ୍ତ୍ର ବିମାନ, ଅତ୍ୟାଧୁନିକ ବିଜ୍‌ନେସ୍ ଜେଟ୍ ବ୍ୟବହାର ହୋଇଛି। ଏହିସବୁ ଥର କେଉଁମାନେ ହେଲିକପ୍ଟର ବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ କରନ୍ତୁ। ଜିଲା ଗସ୍ତ କାର୍ଯ୍ୟକ୍ରମରେ ଯେଉଁଭଳି ୫୦୦ କୋଟି ଟଙ୍କା ଖର୍ଚ୍ଚ ହେଲା ତାହା ଜନବିରୋଧୀ ନୁହେଁ କି ବୋଲି ପ୍ରଶ୍ନ କରିବା ସହିତ ଆସନ୍ତା ବିଧାନସଭାରେ ଭାଜପା ଏହାର କଡ଼ାଗଣ୍ଡା ଜବାବ ଦେବ ବୋଲି ଟେଟେ କହିଛନ୍ତି।

ବିଜେଡି ନେତ୍ରୀ ଇପ୍‌ସିତା ସାହୁ ଟୁଇଟ୍ ଜରିଆରେ ଟେଟେଙ୍କୁ ଟାର୍ଗେଟ କରି କହିଛନ୍ତି, ଆପଣଙ୍କ ନିକଟତମ ସମ୍ପର୍କୀୟ ୨ ନମ୍ବର କୋଇଲା ବେପାର ଏବଂ ଟେଣ୍ଡର ଫିକ୍ସିଂ କରି ଯେଉଁ ୫୦୦ କୋଟି ଟଙ୍କା ରୋଜଗାର କରିଛନ୍ତି କହୁ କହୁ ସେକଥା କହିଦେଲେ। ଆପଣଙ୍କ ନିକଟତମ ସମ୍ପର୍କୀୟ ଚାକିରି ଦେବା ନାଁରେ ଯେଉଁ ଠକାମି କରିଛନ୍ତି ସେଥିଲାଗି ଉଦ୍‌ବେଗ ପ୍ରକାଶ କରୁଛନ୍ତି ନା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନ୍‌ଟିପିସିରୁ ପାଉଁଶ ପରିବହନ ବାବଦକୁ ହୋଇଥିବା ଟେଣ୍ଡର ଫିକ୍ସିଂରେ କିଏ ସମ୍ପୃକ୍ତ ଅଛନ୍ତି। ୫୦୦ କୋଟି ଟଙ୍କା ଆପଣଙ୍କୁ କମ୍ ଲାଗିପାରେ ହେଲେ ସମସ୍ତେ ଜାଣନ୍ତି ଆପଣ କେତେ କୋଟି ଟଙ୍କାର ମାଲିକ। ଆପଣଙ୍କ ଭଳି ଜଣେ ଦୁର୍ନୀତୀଗ୍ରସ୍ତ ଏବଂ ଜନବିରୋଧୀ ନେତାଙ୍କ ଅସଲ ଚେହେରା ଆସନ୍ତା ବିଧାନସଭା ଅଧିବେଶନରେ ଖୋଲିଯିବ ବୋଲି ଇପ୍‌ସିତା କହିଛନ୍ତି।

# ଏତଲା ପରେ ପାରାଦୀପ ବିଧାୟକଙ୍କ ଅଡୁଆ ବଢ଼ିଲା

କୁଜଙ୍ଗ,୩।୯(ମନୋଜ ପ୍ରଧାନ)

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମର ବଟମହାପୁରୁଷ ପୀଠରେ ମହିଳାଙ୍କୁ ଦୁର୍ବ୍ୟବହାର ଘଟଣାରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ଅଡୁଆ ବଢ଼ିଛି। ତାଙ୍କ ବିରୋଧରେ ରବିବାର ସମ୍ପୃକ୍ତା ମହିଳା କାଞ୍ଚନବାଳା ସ୍ୱାଇଁ ଓ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୃଥକ୍ ଭାବେ ଥାନାରେ ଏତଲା ଦିଆଯାଇଛି।

ବଟମହାପୁରୁଷ ପୀଠର ଉନ୍ନତୀକରଣ ନିମନ୍ତେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଗତ ୧ ତାରିଖରେ ଶିଳାନ୍ୟାସ କରିବାକୁ ଯାଇଥିଲେ। ଏହି ଅବସରରେ ଉକ୍ତ ଗ୍ରାମର କାଞ୍ଚନବାଳା ସ୍ୱାଇଁ ୫ବର୍ଷ ପର୍ଯ୍ୟନ୍ତ କୁଆଡେ ଯାଇଥିଲ ବୋଲି ବିଧାୟକ ରାଉତରାୟଙ୍କୁ ପଚାରିବା ସହ ମଠକୁ ଆସିଥିବା ୧୭ ଲକ୍ଷ ଟଙ୍କାର ସୁବିନିଯୋଗ କରିବାକୁ କହିଥିଲେ। ଏହାର ଉନ୍ନତୀକରଣ କାର୍ଯ୍ୟ ଠିକାଦାରଙ୍କ ବଦଳରେ ମଠ କମିଟି ଦ୍ୱାରା କରିବାକୁ ଦାବି କରିଥିଲେ। ଏଥିରେ ବିଧାୟକ ଉତ୍‌କ୍ଷିପ୍ତ ହୋଇ 'ମଠ କ'ଣ ତୋ ବୋପା ସମ୍ପତ୍ତି' ବୋଲି କହିଥିଲେ। ଏନେଇ କାଞ୍ଚନ ଥାନାରେ ଅଭିଯୋଗ କରି ବିଧାୟକ ତାଙ୍କ ସହ ଦୁର୍ବ୍ୟବହାର କରିଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲା ଉପସଭାନେତ୍ରୀ ଦୀପ୍ତିମୟୀ ବସ୍ତିଆ, ବୀଣାପାଣି ସାମଲ, ମାନିନୀ ବରାଳ, ପୁଷ୍ପଲତା ତରାଇ ପ୍ରମୁଖ ଶତାଧିକ କର୍ମୀ ଏକତ୍ର ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ବେଳେ ଟାଳଟୁଳ ନୀତି ଅବଲମ୍ବନ କଲେ ବାଧହୋଇ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ରାଜ୍ୟ, କେନ୍ଦ୍ର ଉପରେ ବର୍ଷିଲେ ନେତା



ବୌଦ୍ଧ ବୁଟୁପାଲି ତୁଳସୀ ମଣ୍ଡପରେ ରବିବାର ଅନୁଷ୍ଠିତ କଂଗ୍ରେସର ଜନ ଜାଗରଣ ସଭାରେ ମଞ୍ଚାସୀନ କଂଗ୍ରେସ ନେତୃବର୍ଗ।

ବୌଦ୍ଧ, ୩।୯(ଅଜିତ କୁମାର ବାରିକ)

### ବୌଦ୍ଧରେ କଂଗ୍ରେସର ଜନ ଜାଗରଣ ସଭା

ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଜନଜାଗରଣ ସଭା ସହରର ବୁଟୁପାଲି ତୁଳସୀ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ନବ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡିଶା ପ୍ରଭାରୀ ଡା.ଏ.ଚେଲ୍ଲା କୁମାର, ପ୍ରଦେଶ କଂଗ୍ରେସ ସଭାପତି ଶରତ କୁମାର ପଟ୍ଟନାୟକ, ପ୍ରଚାର କମିଟି ଅଧ ବିଜୟ ପଟ୍ଟନାୟକ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ରାଜଗାଙ୍ଗପୁର ବିଧାୟକ ଡ.ରାଜନ ଏକ୍କା, ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ବୌଦ୍ଧ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ କବିତା ମହାକୁଡ, ପୂର୍ବତନ ସାଂସଦ ନକୁଳ ନାୟକ, ଦଳର ବୌଦ୍ଧ ଜିଲା ପର୍ଯ୍ୟବେକ୍ଷକ ଜାନକୀବଲ୍ଲଭ ପଟ୍ଟନାୟକ, କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପୂର୍ବରୁ ଦଳ ପକ୍ଷରୁ ହରଭଙ୍ଗା ବ୍ଲକର ଚାରିଛକ ବଜାରଠାରୁ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ଓଡିଶା ପ୍ରଭାରୀ ଚେଲ୍ଲା କୁମାର ଓ ପ୍ରଦେଶ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇ ସଭାସ୍ଥଳକୁ ନିଆଯାଇଥିଲା।

ସଭାରେ ପିସିସି ସଭାପତି ସଭାପତି ପଟ୍ଟନାୟକ ଉଭୟ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ଓ ରାଜ୍ୟର ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରର ଜନ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଅସହ୍ୟ ଦରବୃଦ୍ଧି ଯୋଗୁ ଜନତା ତ୍ରାହିତ୍ରାହି ଡାକିଲେଣି। ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ଓଡ଼ିଶାରେ ଗଣତନ୍ତ୍ରକୁ ବିଜେଡି ସରକାର ହତ୍ୟା କରି ଚାଲିଛନ୍ତି। ଏଠାରେ ଜନ ପ୍ରତିନିଧିଙ୍କର କୌଣସି ଗୁରୁତ୍ୱ ନାହିଁ। ତେଣୁ ଓଡ଼ିଶାର ସ୍ୱାଭିମାନ ଓ ବିଜେଡି, ଭାଜପା ସକରାରର କୁଶାସନ ବିରୋଧରେ ୨୦୨୪ ସାଧାରଣ ନିର୍ବାଚନରେ ଲୋକେ କଂଗ୍ରେସ ଦଳକୁ ଆଶୀର୍ବାଦ କରିବେ ବୋଲି ସେ ଆହ୍ୱାନ ଦେଇଥିଲେ। ମିଶନ ୯ରୁ ୯୦ ବୌଦ୍ଧରୁ ଆରମ୍ଭ ହେବ ବୋଲି ପିସିସି ସଭାପତି ପଟ୍ଟନାୟକ ଆଶାବ୍ୟକ୍ତ କରିଥିଲେ।

ଓଡ଼ିଶା ପ୍ରଭାରି ଚେଲ୍ଲା କୁମାର ଗ୍ୟାସ ଦରବୃଦ୍ଧି, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ କଥା ଉଠାଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ମହିଳାମାନଙ୍କୁ କିଛି ପ୍ରଶ୍ନ ପଚାରି ପୁରସ୍କୃତ କରିଥିଲେ। ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ ୫-ଟି ଏକ ମିଛି ବୋଲି ମତବ୍ୟକ୍ତ କରିବା ସହ କଂଗ୍ରେସ ଦଳକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ। ଓଡ଼ିଶା ମହିଳା କଂଗ୍ରେସ ସଭାନେତ୍ରୀ ପରିଡା ମିଶନ ଶକ୍ତି ନାଁରେ ରାଜ୍ୟ ସରକାର ମହିଳାଙ୍କୁ ଭୁଆଁ ବୁଲାଉଥିବା କହିଥିଲେ। ବିଧାୟକ ସାଲୁଜା ମଣିପୁର ହଂସା, ନାରି ନିର୍ଯାତନା ଓ ୫-ଟି ସଚିବ ଗସ୍ତ ଖର୍ଚ୍ଚ ନେଇ ବର୍ଷିଥିଲେ। ବୈଠକରେ ବିଧାୟକ ତାର ପ୍ରସାଦ ବାହିନୀପତିଙ୍କ ମୁଖ୍ୟମନ୍ତ୍ରୀ ପ୍ରତି କଟାକ୍ଷ କରିଥିବା ଗୀତ ଲୋକଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲା।

# ସଙ୍ଗଠନ ସୁଦୃଢ଼ ଲାଗି କାର୍ଯ୍ୟକ୍ରମ ସ୍ଥିରକଲା ଭାଜପା



କୋର୍ କମିଟି ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

### ଭାଜପା କୋର୍ କମିଟି ବୈଠକ ଅନୁଷ୍ଠିତ
### ୧୭ରୁ ଅକ୍ଟୋବର ୨ ଯାଏ ଚାଲିବ କାର୍ଯ୍ୟକ୍ରମ

ଭାଜପାର କୋର୍ କମିଟି ବୈଠକ ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଛି। ଆସନ୍ତା ୨୦୨୪ ନିର୍ବାଚନ ରଣନୀତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ସହପ୍ରଭାରୀ ବିଜୟ ପାଲ ସିଂ ତୋମାର, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ଏମ୍‌ପି ଜୁଏଲ ଓରାମ, ପ୍ରତାପ ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ କେ.ଭି.ସିଂଦେଓ, ପୂର୍ବତନ ଉପସଭାନେତ୍ରୀ ସୁରମା ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବୈଠକ ଦିନ ପ୍ରାୟ ୧୧ଟା ୩୦ ମିନିଟ୍‌ରୁ ଆରମ୍ଭ ହୋଇ ପ୍ରାୟ ୪ଟା ୪୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା। ଏତେ ସମୟ କୋର୍ କମିଟି ସଦସ୍ୟମାନେ ବସିଥିବାରୁ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥାରେ ବୋଲି ଚର୍ଚ୍ଚା ହେଉଛି। ତେବେ ବୈଠକ ସମ୍ପର୍କରେ ସୂଚନା ଦେଇ ମନମୋହନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମକୁ ଭାଜପା ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ନିଜର ଜୀବନ ଓ ଯୌବନ ବଳିଦାନ ଦେଇଥିବା ପ୍ରତ୍ୟେକ ଶହୀଦଙ୍କ ଗାଁକୁ ଯାଇ ମାଟି ଆଣିବା ସହ ୭୫ଟି ଗଛ ଲଗାଯିବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଆସନ୍ତା ୧୭ ତାରିଖରେ ବିଶ୍ୱକର୍ମା କାର୍ଯ୍ୟକ୍ରମ ଆରମ୍ଭ ହେବ। ସାରା ରାଜ୍ୟରେ ଆସନ୍ତା ୧୮ରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଦୀନଦୟାଲ ଉପଧ୍ୟାୟଙ୍କ ଜନ୍ମଦିନ ଅବସରରେ ଆସନ୍ତା ୨୫ରୁ ଆରମ୍ଭ କରି ଅକ୍ଟୋବର ୨ ପର୍ଯ୍ୟନ୍ତ ତଳସ୍ତରର ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟକ୍ରମ କରାଯିବ। ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପ୍ରତି ପଞ୍ଚାୟତ ଓ ମଣ୍ଡଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ ବୋଲି ମନମୋହନ କହିଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଦଳୀୟ ରଣନୀତି ପ୍ରସ୍ତୁତ କରାଯାଇଛି। ଗତ ୯ ବର୍ଷରେ ଓଡ଼ିଶାକୁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ଓ ସହାୟତା ଆସିଛି। ହେଲେ ରାଜ୍ୟରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁ ଏହି ଅର୍ଥ ବାଟମାରଣା ହୋଇଛି। ଏନେଇ ବିଧାନସଭା ଭିତରେ ଏବଂ ବାହାରେ ବ୍ୟାପକ ଆନ୍ଦୋଳନ କରାଯିବ। ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତା ବିରୋଧରେ ପଞ୍ଚାୟତସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ ହେବ ବୋଲି ମନମୋହନ କହିଛନ୍ତି।

# ଉଦୟନିଧିଙ୍କ ସନାତନ ପ୍ରସଙ୍ଗରେ ଚୁପ୍ କାହିଁକି

### କେଜ୍‌ରିୱାଲଙ୍କୁ ଭାଜପାର ଟାର୍ଗେଟ

ନୂଆଦିଲ୍ଲୀ,୩।୯

ତାମିଲନାଡୁ ମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ବିବାଦୀୟ ମନ୍ତବ୍ୟ ସନାତନ ଧର୍ମକୁ ଲୋପ କରାଯିବା ପ୍ରସଙ୍ଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଚୁପ୍ କାହିଁକି ବୋଲି ଭାଜପା ପ୍ରଶ୍ନ କରିଛି। ଦିଲ୍ଲୀ ଭାଜପା ମୁଖ୍ୟ ବୀରେନ୍ଦ୍ର ସଚଦେବା କହିଛନ୍ତି, କେଜ୍‌ରିୱାଲ ନିଜକୁ ହିନ୍ଦୁତ୍ୱର ସୁରକ୍ଷାକାରୀ ବୋଲି କହୁଥିବାବେଳେ ଷ୍ଟାଲିନ୍‌ଙ୍କ ବିବାଦରେ କାହିଁକି ମୁହଁ ଖୋଲୁନାହାନ୍ତି। ରବିବାର ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍ କହିଥିଲେ କରୋନା, ମ୍ୟାଲେରିଆ ଏବଂ ଡେଙ୍ଗୁଭଳି ସନାତନ ଧର୍ମ। ତେଣ ଏହାକୁ ବିରୋଧ ଅପେକ୍ଷା ଲୋପ କରାଯିବା ଉଚିତ। ତାଙ୍କର ଏହି ପ୍ରସଙ୍ଗକୁ ନେଇ ଭାଜପା, ଡିଏମ୍‌କେ ସମେତ କଂଗ୍ରେସ ଓ 'ଇଣ୍ଡିଆ' ମେଣ୍ଟରେ ସାମିଲ ହୋଇଥିବା ରାଜନୈତିକ ଦଳଗୁଡ଼ିକୁ ସମାଲେଚନା କରିଛି। ଏଏପି ଏମ୍‌ପି ସଞ୍ଜୟ ସିଂ କହିଛନ୍ତି, ସବୁଧର୍ମକୁ ସମ୍ମାନ ଦେବା ଉଚିତ। ଭାରତରେ ବିଭିନ୍ନ ଧର୍ମ, ଜାତି ଏବଂ ଭାଷାଭାଷୀ ଲୋକ ରହନ୍ତି। ତେଣୁ ସମସ୍ତଙ୍କୁ ଏକାଭଳି ଦେଖିବା ଉଚିତ। ଅପରପକ୍ଷେ ହିନ୍ଦୁ ଧର୍ମକୁ ସମ୍ପୂର୍ଣ୍ଣ ବିରୋଧ କରିବା ଇଣ୍ଡିଆର ପ୍ରାଥମିକ ପ୍ରସଙ୍ଗ ବୋଲି ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲଭ୍ୟା ଅଭିଯୋଗ କରିଛନ୍ତି।



ବୀରେନ୍ଦ୍ର ସଚଦେବା

# ଓଡ଼ିଶାରେ ଲିଜ୍‌ରେ ଚାଲିଥିବା ସରକାର ଗାଦିଚ୍ୟୁତ ହେବ: ଜୟନାରାୟଣ

### ମାନସିକ ରୋଗର ଚିକିତ୍ସା ଅଧାରୁ ଛାଡ଼ି ପଳାଇଆସିଛନ୍ତି: ଶ୍ରୀମୟୀ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

କିଛିଦିନ ହେଲା ଅସୁସ୍ଥ ଥିବା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସୁସ୍ଥ ହୋଇ ଫେରିଛନ୍ତି। ଭାଜପା କୋର୍ କମିଟି ବୈଠକରେ ଯୋଗଦେବା ଅବସରରେ ଜୟନାରାୟଣ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଆସିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଆଗାମୀ ଦିନରେ ଲଢ଼େଇ ଜୋରଦାର୍ ହେବ। ବିଜେଡି ରାଜ୍ୟରୁ ଗାଦିଚ୍ୟୁତ ହେବ। ଓଡ଼ିଶାରେ ଲିଜ୍‌ରେ ଚାଲିଥିବା ସରକାରକୁ ଲୋକମାନେ ଗାଦିଚ୍ୟୁତ କରାଇବେ। ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର ସୀମା ପାର କରିଛି। ରାଜ୍ୟରେ ଭାଜପା ସରକାର କରିବ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏମାନଙ୍କୁ ଜେଲରେ ପୂରେଇବେ ବୋଲି ଜୟନାରାୟଣ କହିଛନ୍ତି।

ଜୟନାରାୟଣଙ୍କ ପ୍ରତିକ୍ରିୟାର ଜବାବରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି ଯେ, ସେ ଶୁଣିଥିଲେ ଜୟନାରାୟଣ ମିଶ୍ର କୁଆଡେ ମାନସିକ ରୋଗର ଚିକିତ୍ସା ଲାଗି ଯାଇଥିଲେ। ଯାହା ଜଣାପଡୁଛି ସମ୍ପୂର୍ଣ୍ଣ ଚିକିତ୍ସା ସରିବା ପୂର୍ବରୁ ସେ ଆସିଯାଇଛନ୍ତି। ଆମର ପ୍ରାର୍ଥନା ସେ ତୁରନ୍ତ ସୁସ୍ଥ ହୁଅନ୍ତୁ। ଗଣମାଧ୍ୟମ ଏବଂ ଭାଜପା ରାଜ୍ୟ ନେତାମାନଙ୍କୁ ଅନୁରୋଧ ଜୟନାରାୟଣଙ୍କ ପୂର୍ବ ବ୍ୟବହାର ଯାହାଥିଲା ତାକୁ ମନେପକାଇ ତାଙ୍କଠାରୁ ସୁରକ୍ଷିତ ଦୂରତା ରକ୍ଷାକରନ୍ତୁ ବୋଲି ଶ୍ରୀମୟୀ କହିଛନ୍ତି।

## ସଂକ୍ଷେପରେ

### ଜଙ୍କିଆ ଥାନାଞ୍ଚଳରେ ଗୁଳିମାଡ଼: ବନ୍ଧୁକ, ଖଣ୍ଡା ଜବତ



ନିରାକାରପୁର,୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଡମଣଭୂମି ଗ୍ରାମରେ ରବିବାର ସରକାରୀ ଜାଗାକୁ କେନ୍ଦ୍ରକରି ମାରପିଟ୍ ସହ ଗୁଳିମାଡ଼ ହୋଇଛି। ତେବେ ଗୁଳିମାଡ଼ରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଗ୍ରାମର ପ୍ରିୟବ୍ରତ ଭୋଳଙ୍କ ଅଭିଯୋଗ ମୁତାବକ, ତାଙ୍କ ଘର ସମ୍ମୁଖରେ ଥିବା ସରକାରୀ ଇନକ୍ଲୋଜମେଣ୍ଟ ଜାଗାରେ ପଡ଼ୋଶୀ ସନ୍ତୋଷ ଭୋଳ ଜୋରଜବରଦସ୍ତ କିଛି ଗଛ ଲଗାଇ ତାକୁ ଅକ୍ତିଆର କରିବାକୁ ଚାହୁଁଥିଲେ। ପ୍ରିୟବ୍ରତ ବାରଣ କରିବାରୁ ହଠାତ୍ ସନ୍ତୋଷ ଉତ୍‌କ୍ଷିପ୍ତ ହୋଇ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ହେଲେ ଗୁଳି ତାଙ୍କ ଦେହରେ ବାଜି ନ ଥିଲା। ଏପରିକି ସନ୍ତୋଷଙ୍କ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। କେତେଜଣ ଗ୍ରାମବାସୀ ସେଠାରେ ପହଞ୍ଚିବାରୁ ସେମାନଙ୍କୁ କାବୁ କରିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ଦେଶୀ ବନ୍ଧୁକ, ଗୁଳି ଓ ଖଣ୍ଡା ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୯୨/୨୩) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ସାନକୁ ବଞ୍ଚାଇବାକୁ ଯାଇ ବଡ଼ଭାଇଙ୍କ ଜୀବନଗଲା

ନିରାକାରପୁର,୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନଦୀରେ ବୁଡ଼ିଯାଉଥିବା ସାନଭାଇକୁ ଉଦ୍ଧାର କରିବାକୁ ଯାଇଥିବା ବଡଭାଇଙ୍କ ମୃତ୍ୟୁରେ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନାନପଡା ସାହିର ଆକାଶ କୁମାର ରାଉତରାୟ। ସୂଚନା ମୁତାବକ, ନାନପଡାସାହିର ଆକାଶ ଓ ସାନଭାଇ ପ୍ରକାଶ କେତେଜଣ ସାଙ୍ଗଙ୍କ ସହିତ ଶନିବାର କଟକ ଜିଲା ତ୍ରିଶୂଳିଆ ନିକଟ ମହାନଦୀ କୂଳରେ ଅବସ୍ଥିତ ଦେବୀଦ୍ୱାର ଠାରେ ଭୋଜି କରିବାକୁ ଯାଇଥିଲେ। ଭୋଜି ପରେ ପ୍ରକାଶ ନଦୀକୁ ଗୋଧାଇବାକୁ ଯାଇଥିଲେ। ତେବେ ପ୍ରକାଶ ନଦୀରେ ବୁଡ଼ି ଯାଉଥିବା ଦେଖି ଆକାଶ ନଦୀକୁ ଡେଇଁପଡ଼ିଥିଲେ। ପରେ ପ୍ରକାଶଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେ ପାଣି ସୁଅରେ ଭାସି ଯାଇଥିଲେ। ରବିବାର ଆକାଶଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ପରେ ଗ୍ରାମକୁ ମୃତଦେହ ଅଣାଯିବା ସହ ଅନ୍ତିମ ସଂସ୍କାର କରାଯାଇଛି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ସିଟି ହସ୍ପିଟାଲରେ ରୋଗୀ ମୃତ, ଉତ୍ତେଜନା

କଟକ,୩।୯(କାର୍ତ୍ତିକ ସାହୁ)

## ଚିକିତ୍ସା ଅବହେଳା ଅଭିଯୋଗ



ଯସ୍ମିନ୍ ବେଗମ୍।

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ହସ୍ପିଟାଲ ପରିସରରେ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏ ନେଇ ମୃତା ମହିଳାଙ୍କ ପରିବାର ପକ୍ଷରୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ବିରୋଧରେ ଦରଘାବଜାର ଥାନାରେ ଏତଲା ଦିଆଯାଇଛି।

ସୂଚନା ଅନୁସାରେ, ଦରଘାବଜାର ଅଞ୍ଚଳର ଯସ୍ମିନ୍ ବେଗମ୍ ନାମ୍ନୀ ମହିଳା ଗର୍ଭବତୀ ଥିବାରୁ ଗତ ଅଗଷ୍ଟ ୨୬ରେ ପ୍ରସବ ପାଇଁ ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଏକ ମୃତ ପିଲା ଜନ୍ମ ହୋଇଥିଲା। ପରେ ତାଙ୍କୁ ମେଡିକାଲରେ ରଖି ଚିକିତ୍ସା କରାଯାଇଥିଲା। ୨/୩ ଦିନ ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ସେ ଘରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କୁ ଶନିବାର ରାତି ପ୍ରାୟ ସାଢ଼େ ୧୨ଟାରେ ପରିବାର ଲୋକେ ସିଟି ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧.୪୫ ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ଯେ, ମୃତ ପିଲା ଜନ୍ମ ପରେ ଯସ୍ମିନ୍‌ଙ୍କୁ ଅଧିକ ଦିନ ମେଡିକାଲରେ ରଖି ଚିକିତ୍ସା କରାଯାଇପାରିଥାନ୍ତା। ତାଙ୍କର ଛାତି ଯନ୍ତ୍ରଣା ହେଉଥିବାବେଳେ ଗୋଡ଼, ମୁହଁ ଫୁଲିଯାଇଥିଲା। ଡାକ୍ତରମାନେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ। ସମ୍ପୂର୍ଣ୍ଣ ଭାବେ ଡାକ୍ତରଙ୍କ ଅବହେଳା ପାଇଁ ଯସ୍ମିନ୍‌ଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଏତଲାରେ ଦର୍ଶାଇଛନ୍ତି।

ଅପରପକ୍ଷରେ ଦରଘାବଜାର ଥାନା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡା କହିଛନ୍ତି, ହସ୍ପିଟାଲ ପକ୍ଷରୁ ଥାନାରେ ଦିଆଯାଇଥିବା ସୂଚନାକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତାଙ୍କ ଭିସେରା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଭିସେରା ରିପୋର୍ଟ ଆସିବାକୁ ପ୍ରାୟ ୨ ମାସ ସମୟ ଲାଗିଥାଏ। ତେବେ ମୃତଦେହ ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟ ଆସିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟରୁ ଜଣାପଡିଲେ ମାମଲାର ମୋଡ଼ ବଦଳିବ। ସେପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ରଙ୍ଗ୍ ରୁଟ୍‌ରେ ଯିବା ନେଇ ଡିସିପି ଅଫିସ୍ ସାମ୍ନାରେ ଗଣ୍ଡଗୋଳ

ଭୁବନେଶ୍ୱର,୩।୯ (ସତ୍ୟଜିତ୍ ରାଉତ)



ରଙ୍ଗ୍ ରୁଟ୍‌ରେ ଠେଲାଗାଡି ନେବାକୁ ନେଇ ବାଣୀବିହାର ଛକସ୍ଥିତ ଡିସିପି ଅଫିସ ସାମ୍ନା ରାସ୍ତାରେ ରବିବାର ରାତିରେ ଗଣ୍ଡଗୋଳ ହୋଇଛି। କାର୍ ଚାଳକ ଗୋଷ୍ଠୀ ଓ ଗୁପ୍‌ଚୁପ୍ ବେପାରି ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହେବା ସହ ଠେଲାପେଲା ହୋଇଛି। ଏଥିରେ ଉଭୟ ଗୋଷ୍ଠୀରୁ ସାମାନ୍ୟ ଆହତ ହୋଇଛନ୍ତି। ଶନିବାର ରାତି ପ୍ରାୟ ୧୦ଟା ୧୫ ବେଳେ ଏହି ଘଟଣା ଘଟିଥିଲା। ତେବେ ଗଣ୍ଡଗୋଳର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଅଧିକ ଚର୍ଚ୍ଚା ହୋଇଛି। ଏପରିକି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁଥ ମରାମରି ହେବା ସହ ଗାଳିଗୁଲଜ ହେଉଥିବା ଦେଖିବାକୁ ମିଳୁଛି। ତେବେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ବାଣୀବିହାର ଛକରେ ଏଭଳି ଘଟଣା ଘଟିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ପ୍ରାୟ ୨୦ ମିନିଟ୍ ଧରି ରାସ୍ତା ମଝିରେ ଏହି ଗଣ୍ଡଗୋଳ ହେଉଥିଲେ ମଧ୍ୟ ସେଠାରେ କୌଣସି ପୋଲିସ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା, ଯାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ରୁପାଲି ଛକ ପାର୍ଶ୍ୱରୁ କେତେଜଣ ଗୁପ୍‌ଚୁପ୍ ବେପାରି ଠେଲା ଗାଡିଧରି ରଙ୍ଗ୍ ରୁଟ୍‌ରେ ବାଣୀବିହାର ଆଡ଼କୁ ଯାଉଥିଲେ। ଏପଟୁ ବାଣୀବିହାର ଆଡୁ ଯାଉଥିବା କାର୍ ଚାଳକ ଗୋଷ୍ଠୀ ସେମାନଙ୍କୁ ବିରୋଧ କରିବାରୁ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଥାନାଧିକାରୀ ମନୋଜ ଶତପଥୀ କହିଛନ୍ତି, କାର୍ ଚାଳକ ପ୍ରକାଶ ଜେନାଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ସେ କହିଛନ୍ତି।

# 'ନିମନ୍ତ୍ରଣ' ମେନୁ ଓଡ଼ିଆ ଖାଦ୍ୟର ପ୍ରକୃତ ପରିଚୟ ଦେଇଛି




ଭୁବନେଶ୍ୱରସ୍ଥିତ 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟଠାରେ କେକ୍ କଟାଯାଉଛି।

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

## ଦ୍ୱିତୀୟ ବାର୍ଷିକ ଉତ୍ସବ

'ନିମନ୍ତ୍ରଣ' ରେଷ୍ଟୁରାଣ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଟିଡିସି ଅଧ୍ୟକ୍ଷ ଡ. ଲେନିନ ମହାନ୍ତି ଉପସ୍ଥିତ ରହି କହିଛନ୍ତି, ୨ ବର୍ଷ ଧରି 'ନିମନ୍ତ୍ରଣ' ଓଡ଼ିଶାର ସମୃଦ୍ଧ ଓ ବିବିଧ ସ୍ୱାଦକୁ ନେଇ ଏକ ଅନନ୍ୟ ରୋଷେଇ ସ୍ଥାନ ପାଲଟିଛି। ଏହା ଓଡ଼ିଶାର ରୋଷେଇ ଐତିହ୍ୟକୁ ପ୍ରଦର୍ଶିତ କରିବା ସହ ପ୍ରସ୍ତୁତ ପାରମ୍ପରିକ ବ୍ୟଞ୍ଜନର ଏକ ମନୋରମ ଶୃଙ୍ଖଳା ପ୍ରଦାନ କରୁଛି। ସୁସ୍ୱାଦୁ ପଖାଳଠାରୁ ଆରମ୍ଭ କରି ଉତ୍କୃଷ୍ଟ ଡାଲମା ପର୍ଯ୍ୟନ୍ତ ନିମନ୍ତ୍ରଣର ମେନୁ ଓଡ଼ିଆ ଖାଦ୍ୟର ପ୍ରକୃତ ପରିଚୟ ପାଲଟିଛି। ଏହି ପରିପ୍ରେକ୍ଷୀରେ ଓଟିଡିସିର ଅଧିକାରୀ ଓ କର୍ମଚାରୀଙ୍କ ସହ ରେଷ୍ଟୁରାଣ୍ଟକୁ ଆସୁଥିବା ଅତିଥିଙ୍କ ଉପସ୍ଥିତିରେ କେକ୍ କଟାଯାଇଥିଲା। ଡିଭିଜନାଲ ମ୍ୟାନେଜର ଅଭିଜିତ ସ୍ୱାଇଁ, ପ୍ରଶାନ୍ତ ପଣ୍ଡା, ଡ. ଆଲୋକ ମିଶ୍ର, ରଞ୍ଜନ ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ସୁନୀଲ ବେହେରା, କାର୍ଯ୍ୟନିର୍ବାହୀ ସେଫ ସଞ୍ଜୟ ସରକାର, ଭୁବନେଶ୍ୱର ନିମନ୍ତ୍ରଣର ମ୍ୟାନେଜର ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଟେକ୍ନୋଲୋଜି ପାରମ୍ପରିକ ଚିତ୍ରଶିଳ୍ପୀଙ୍କୁ ପ୍ରଭାବିତ କରିଛି

## 'ସାମ୍ପ୍ରତିକ ପରିସ୍ଥିତିରେ ଚିତ୍ରଶୀଳ୍ପିଙ୍କ ଜୀବନ ଜୀବିକା' ଆଲୋଚନାଚକ୍ର

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଅଲ ଓଡ଼ିଶା ପେଣ୍ଟିଙ୍ଗ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ରବିବାର ଏକ ଆଲୋଚନା ସଭା ଲୋହିଆ ଏକାଡେମୀଠାରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଖଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମଲିକ, ମୁଖ୍ୟବକ୍ତା ଭାବେ ସମାଜସେବୀ ସତୀଶ ମିଶ୍ର, ଗଣତାନ୍ତ୍ରିକ ଅଧିକାର ମଞ୍ଚର କେନ୍ଦ୍ରୀୟ କମିଟି ସଦସ୍ୟ ବିବେକ ରଞ୍ଜନ, ସଂଗଠନର ସଭାପତି ଆଡଭୋକେଟ ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। 'ସାମ୍ପ୍ରତିକ ପରିସ୍ଥିତିରେ ଚିତ୍ରଶିଳ୍ପିଙ୍କ ଜୀବନ ଜୀବିକା' ଉପରେ ଆଲୋଚନା କରି କେନ୍ଦ୍ର ଓ ରାଜ୍ୟ ସରକାର ଏହି କଳାକାରଙ୍କ ପ୍ରତି ଦୃଷ୍ଟି ଦେବା ଏବଂ ଏହି ଚିତ୍ରଶିଳ୍ପୀଙ୍କ କୁଶଳତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ନୂଆ ନୂଆ ଟେକ୍ନୋଲୋଜିର ପ୍ରସାର ଫଳରେ ଚିତ୍ରକଳାରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଇଥିବା କହିଥିଲେ। ଏହାର ପ୍ରଭାବ ପାରମ୍ପରିକ ପଦ୍ଧତିରେ ରଙ୍ଗତୂଳୀ ଦ୍ୱାରା ପରିବାର ପ୍ରତି ପୋଷଣ କରୁଥିବା ଚିତ୍ରଶିଳ୍ପୀଙ୍କ ଉପରେ ପଡିଛି । ଚିତ୍ରଶିଳ୍ପୀମାନଙ୍କୁ ଚିହ୍ନଟ କରିବା, ସ୍ୱତନ୍ତ୍ର ରଙ୍ଗତୂଳୀ କଳାକାର କଲ୍ୟାଣ ବୋର୍ଡ ଗଠନ କରିବା, ବୋର୍ଡ ମାଧ୍ୟମରେ କାମ ଓ ସାମାଜିକ ସୁରକ୍ଷା ଯୋଗାଇ ଦେବା, ପ୍ରତିବ୍ଲକରେ ଏକ ଗୋଷ୍ଠୀ କର୍ମଶାଳା ଗୃହ ସ୍ଥାପନ କରି ଚିତ୍ରଶିଳ୍ପୀଙ୍କୁ ପ୍ରଦାନ କରିବା, ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସହ ସମ୍ମାନଜନକ ବଞ୍ଚିବା ଭଳି ପେନସନ ଯୋଗାଇ ଦେବା ଆଦି ୧୧ ଦଫା ଦାବିକୁ ନେଇ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରୀ ଅଛି ବୋଲି ସାଧାରଣ ସମ୍ପାଦକ ମିଶ୍ର ସୂଚନା ଦେଇଛନ୍ତି।

# କାନାରା ବ୍ୟାଙ୍କ ପକ୍ଷରୁ ନଡ଼ିଆ ଚାରାରୋପଣ



ଭୁବନେଶ୍ୱର,୩।୯

କାନାରା ବ୍ୟାଙ୍କର ସର୍କଲ ଅଫିସ ଭୁବନେଶ୍ୱର ପକ୍ଷରୁ ରବିବାର ଏକ ମେଗା ନଡ଼ିଆ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ୱେଲଫେୟାର ଏଜେନ୍ସି ଫର୍ ରୁରାଲ ଡେଭଲପମେଣ୍ଟ ଏବଂ ସାତପଡା ଏନଆର ଫାଉଣ୍ଡେଶନର ମିଳିତ ସହଯୋଗରେ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ଅଧୀନ ଚାରିଛକଠାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ନଡ଼ିଆ ଚାରାରୋପଣ ସହିତ ପ୍ରାୟ ୪୦,୦୦୦ ନଡ଼ିଆ ଗଛ (ଚାରା) ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କାନାରା ବ୍ୟାଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ନିର୍ଦ୍ଦେଶକ ଦିବାକର ପ୍ରସାଦ ହରିଚନ୍ଦନ, ଜିଏମ୍ ଜଗଦୀଶ ଚନ୍ଦରଙ୍କ ସମେତ ଅଶୋକ କୁମାର ମେହେର, ପ୍ରେମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାନାରା ବ୍ୟାଙ୍କର କର୍ମଚାରୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

# ପଦ୍ମଶ୍ରୀ ରଜତ କର ଥିଲେ ସଂସ୍କୃତି ସମ୍ରାଟ

ଭୁବନେଶ୍ୱର,୩।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ୯୦ତମ ଜୟନ୍ତୀ ଭାରତୀୟ ବିଦ୍ୟାଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପୌରହିତ୍ୟରେ ଅନୁଷ୍ଠିତ ତଥା ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଜୟନ୍ତୀ ଉତ୍ସବରେ ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ଡ. ମନ୍ମଥ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ କରଙ୍କ ନାଟ୍ୟ ଜୀବନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଐତିହାସିକ ଚରିତ୍ରଙ୍କ ଉପରେ ନାଟକ ଲେଖି ତାଙ୍କୁ ଜୀବନ୍ତ କରିବାରେ ରଜତ କର ଥିଲେ ଅଦ୍ୱିତୀୟ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କର୍ପୋରେଟର ମାନସୀରାଣୀ ସୁନ୍ଦରରାୟ ଯୋଗଦେଇ କରଙ୍କୁ ଜଣେ ଦରଦୀ ବ୍ୟକ୍ତି ଭାବେ ସ୍ମରଣ କରି ତାଙ୍କ ରଚିତ ଜଗନ୍ନାଥ ଜଣାଣ ସବୁ ଅତ୍ୟନ୍ତ ମର୍ମସ୍ପର୍ଶୀ ବୋଲି କହିଥିଲେ। ସମ୍ମାନିତ ବକ୍ତା ପ୍ରଭାତ କୁମାର ନନ୍ଦ କହିଲେ, ଗୁରୁ ଦେବ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ପରେ କରଙ୍କ ବଳିଷ୍ଠ ନେତୃତ୍ୱରେ କଳିଙ୍ଗ ଭାରତୀର ଭଞ୍ଜ ଆନ୍ଦୋଳନ ବିଶ୍ୱବ୍ୟାପି ଭଞ୍ଜ ସାହିତ୍ୟକୁ ପ୍ରତିଷ୍ଠିତ କରି ପାରିଥିଲା। ଭଞ୍ଜ ସାହିତ୍ୟକୁ ଗାୟନ ଓ ବାଖ୍ୟାନ କରିବାର ତାଙ୍କ ଅନନ୍ୟ ଶୈଳୀ ଲକ୍ଷ ଲକ୍ଷ ଶ୍ରୋତାଙ୍କୁ ବାନ୍ଧି ରଖି ପାରୁଥିଲା। ତେଣୁ ତାଙ୍କୁ ଏ ଜାତି 'ସଂସ୍କୃତି ସମ୍ରାଟ' ବୋଲି ପରିଚୟ ଦେଇଛି। ମୁଖ୍ୟବକ୍ତା ଡ. ଉପେନ୍ଦ୍ର ପ୍ରସାଦ ନାୟକ ତାଙ୍କୁ ଆମର ପରମ୍ପରା ଓ ସଂସ୍କୃତିର ସଂରକ୍ଷକ ବୋଲି କହିଥିଲେ। ଏହି ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ସହ କରଙ୍କ ନିଜସ୍ୱ ଅନୁଭୂତି ପୁସ୍ତକ 'ଅନନ୍ୟ ଜଗନ୍ନାଥ ଅନୁଭୂତି'ର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଡ. ଅଂଶୁମାନ କର ସଭା ପରିଚାଳନା କରିଥିବାବେଳେ ରଞ୍ଜୀତ କର ଅତିଥି ପରିଚୟ ଓ ରାଜୀବ କର ଧନ୍ୟବାଦ ଅର୍ପଣ କରିଥିଲେ। ଶୋଭନ କର, ସାଗରିକ ପ୍ରହରାଜ,ପଣ୍ଡିତ ନଗେନ୍ଦ୍ର ମହାପାତ୍ର, ଅଶୋକ କୁମାର ଦାଶ, ରଶ୍ମି ସାହୁ, ମଞ୍ଜୁଲା ତ୍ରିପାଠୀ ସ୍ମୃତି ଚାରଣ କରିଥିବାବେଳେ ଦେବସ୍ମିତା ମହାପାତ୍ର, ଅମୂଲ୍ୟ କୁମାର ସ୍ୱାଇଁ, ପ୍ରଦୀପ କର, ଅନୁପ ମାର୍ଥା, ଅଂଶୁମିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଯାନ୍ତ୍ରିକ ତ୍ରୁଟି ପାଇଁ ବାଟରେ ଅଟକିଲା ଆମ୍ବୁଲାନ୍ସ

ବାଲୁଗାଁ,୩।୯(ସଂଗ୍ରାମ ପାଇକରାୟ)

## ଦେଢ଼ ଘଣ୍ଟା ପରେ ସ୍ଥାନାନ୍ତର ହେଲେ ରୋଗୀ

ସରକାର ଉନ୍ନତମାନର ସ୍ୱାସ୍ଥ୍ୟସେବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ଜରୁରିକାଳୀନ ରୋଗୀ ସେବା ପାଇଁ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି। ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ଜଣେ ଗୁରୁତର ହୃଦ୍‌ରୋଗୀ ଦେଢ଼ ଘଣ୍ଟା ଧରି ହନ୍ତସନ୍ତ ହେବା ପରେ ସ୍ଥାନାନ୍ତର ହୋଇଥିଲେ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତାର ଅଲାଇଡ଼ିହ ଛକଠାରେ ଦେଖିବାକୁ ମିଳିଛି। ବାଣପୁର ନିକଟ ବଡ଼ସିରେଇପୁର ଗ୍ରାମର ହୃଦାନନ୍ଦ ସୁବୁଦ୍ଧି ହୃଦ୍‌ରୋଗରେ ପୀଡ଼ିତ ଥିବା ବେଳେ ରବିବାର ଅପରାହ୍ନରେ ଗୁରୁତର ଅବସ୍ଥାରେ ତାଙ୍କୁ ବାଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ନିଆଯାଇଥିଲା। ବାଲୁଗାଁ ବାଇପାସ୍ ରାସ୍ତାର ଅଲାଇଡ଼ିହ ଛକଠାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆମ୍ବୁଲାନ୍ସଟି ଅଚଳ ହୋଇପଡ଼ିଥିଲା। ଦୀର୍ଘ ଦେଢ଼ ଘଣ୍ଟା ପରେ ୧୦୨ ଜନନୀ ଆମ୍ବୁଲାନ୍ସ ପହଞ୍ଚିବା ପରେ ହୃଦାନନ୍ଦଙ୍କୁ ସ୍ଥାନାନ୍ତର କରାଯାଇଥିଲା।

# ନାଟକ 'ମମତାର ବାଲିଘର' ମଞ୍ଚସ୍ଥ

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)



## ବିଏମ୍‌ସି ରିକ୍ରିଏଶନ୍ କ୍ଲବର ୫୨ତମ ବାର୍ଷିକ ଉତ୍ସବ

ବର୍ତ୍ତମାନ ସମୟରେ ସାମାଜିକ ଏବଂ ପାରିବାରିକ ମାର୍ଗଦର୍ଶନର ଦେଖାଦେଉଛି ଘୋର ଅଭାବ। ଏହାର ସୁଯୋଗ ନଅନ୍ତି ଅନ୍ୟଅସାମାଜିକଚରିତ୍ରମାନେ।ନିଷ୍ଠାପର ହୋଇ ଜୀବନସାରା କାର୍ଯ୍ୟକରିଥିବା ଓ ରାଜ୍ୟ ପୁରସ୍କାର ପ୍ରାପ୍ତ ଜଣେ ପୋଲିସ ଇନସପେକ୍ଟରଙ୍କର ପରିବାରରେ ମମତାର ପରିଣତିରେ ପୁଅଝିଅମାନେ ଅବାଟରେ ଚାଲିଯାଇଛନ୍ତି। ପୁଅଟି ଚୋରା ବନ୍ଧୁକ ବ୍ୟବସାୟୀ ସହ ମିଶି ବ୍ୟବସାୟ କରି ଶେଷରେ ଜେଲ ଯାଉଛି। ଅନ୍ୟପଟେ ଝିଅଟି ମା'ବାପାଙ୍କ ଇଚ୍ଛା ବିରୁଦ୍ଧରେ ଜଣେ ବେକାର ଯୁବକକୁ ଭଲପାଇ ବସିଛି। ଏଭଳି ପରିସ୍ଥିତିରେ ଇନ୍ସପେକ୍ଟର ଜଣକ ନିଜ ଚାକିରିରୁ ଇସ୍ତଫା ଦେଇଛନ୍ତି। କାରଣ ସରକାରୀ କାର୍ଯ୍ୟରେ ଆଦର୍ଶ କର୍ମଚାରୀ ହୋଇଥିଲେ ମଧ୍ୟ ପରିବାର ପ୍ରତି ଅବହେଳା କରିଛନ୍ତି। ଏଭଳି ଏକ କାହାଣୀକୁ ନେଇ ନାଟକ 'ମମତାର ବାଲିଘର' ରବିବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ବିଏମ୍‌ସି ରିକ୍ରିଏଶନ୍ କ୍ଲବର ୫୨ତମ ବାର୍ଷିକ ଉତ୍ସବ ଅବସରରେ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଭୁବନେଶ୍ୱର ମହାନଗର ନିଗମର କର୍ମଚାରୀମାନଙ୍କୁ ନେଇ ଏହି ନାଟକ ପ୍ରସ୍ତୁତ କରାଯାଇଥିଲା। ୨ଦିନ ଧରି ଏହି ନାଟକ ପରିବେଷିତ ହୋଇଥିଲା। ପ୍ରାୟ ୨୦ ଜଣ କର୍ମଚାରୀ ଏହି ନାଟକରେ ଅଭିନୟ କରିଥିଲେ। ସୁଧାଂଶୁ ନାୟକଙ୍କ ଲିଖିତ ଏହି ନାଟକର ନିର୍ଦ୍ଦେଶକ ହେଉଛନ୍ତି ପ୍ରସନ୍ନ ମିଶ୍ର। ଶନିବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଏବଂ କମିଶନର ବିଜୟ ଅମୃତା କୁଲୋଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୪ନଂ. ୱାର୍ଡ ସବୁଠୁ ବିକଶିତ ଅଞ୍ଚଳ ହେବ

ବାଲିଅନ୍ତା,୩।୯ (ନୀଳମାଧବ ସାହୁ)



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମେୟର ସୁଲୋଚନା ଦାସ ଓ ଅନ୍ୟ ଅତିଥିମାନେ।

ରାଜଧାନୀ ଉପକଣ୍ଠରେ ଅବସ୍ଥିତ ବିଏମ୍‌ସିର ୪ନଂ. ୱାର୍ଡ ସ୍ମାର୍ଟ ସିଟି ଭିତରେ ଥାଇ ମଧ୍ୟ ୧୨ଟି ଗାଁରେ ବିଭିନ୍ନ ସମସ୍ୟା ରହିଛି। ବର୍ତ୍ତମାନ ନହରକଣ୍ଟା, ରୁଦ୍ରପୁର ଓ ହରିଦାସପୁର ଗ୍ରାମର ମୁଖ୍ୟ ରାସ୍ତାର ଉନ୍ନତୀକରଣ ପାଇଁ ବିଏମ୍‌ସି ପକ୍ଷରୁ ୧୦ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହିସବୁ ଅଞ୍ଚଳରେ ଆଉ ବର୍ଷା ଦିନେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଏହି ୱାର୍ଡକୁ ପାଖାପାଖି ୨୫ କୋଟି ଟଙ୍କାର କାମ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତଙ୍କ ଯୋଗୁ ଏହି ଅଞ୍ଚଳ ବିକାଶ ପଥରେ ଆଗେଇ ଚାଲିଛି। ଏହି ୱାର୍ଡରେ ଜନସଂଖ୍ୟା ଦ୍ରୁତଗତିରେ ବଢି ଚାଲିଛି। ଆଗାମୀ ଦିନରେ ଏହି ୱାର୍ଡ ଅଞ୍ଚଳରେ ଏକ ଅତ୍ୟାଧୁନିକ ୱାଟର ପାର୍କ ନିର୍ମାଣ, ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏଥିସହ ଜୟଦେବ କଲେଜ ପର୍ଯ୍ୟନ୍ତ ମୋ ବସ୍ ଚଳାଚଳ କରିବ। ଆଗାମୀ କିଛି ବର୍ଷ ଭିତରେ ଏହି ୱାର୍ଡ ଅନ୍ୟ ୱାର୍ଡ ଅପେକ୍ଷା ସବୁଠୁ ବିକଶିତ ହେବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ରବିବାର ଏହି ୱାର୍ଡର ହରିଦାସପୁର, ରୁଦ୍ରପୁର ଓ ନହରକଣ୍ଟା ଗ୍ରାମର ୩ଟି ମୁଖ୍ୟରାସ୍ତା ଓ ଗୋଟିଏ ଡ୍ରେନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମେୟର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉତ୍ସବରେ ଡେପୁଟି ମେୟର ମଞ୍ଜୁଲତା କହଁର, ଡ୍ରେନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ସୂପକାର, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ବିଏମ୍‌ସି ବିଭାଗୀୟ ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସାମାଜିକ କର୍ମୀ ରମାକାନ୍ତ ଜେନା, ବିବେକାନନ୍ଦ ଭୋଳ, ପ୍ରକାଶ ଚନ୍ଦ୍ର ଜେନା, ଝରଣା ମଲ୍ଲିକ, ରଶ୍ମିତା ସାହୁ, ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ନହରକଣ୍ଟା ପାଟଣା ସାହି ନିକଟରେ ଏକ ସଭା ଆୟୋଜିତ ହୋଇଥିଲା। କର୍ପୋରେଟର ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ସେପ୍ଟେମ୍ବର, ୨୦୨୩

**ସୂର୍ଯ୍ୟ ପାତ୍ରଙ୍କ ବିୟୋଗରେ ଶୋକ**

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ ଏବଂ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି। ପାତ୍ରଙ୍କ ବିୟୋଗ ମର୍ମାହତ କରିଛି। ବିଧାନସଭାରେ ତାଙ୍କ ସହ କାମ କଲାବେଳେ ଅନେକ କଥା ଶିଖିଛୁ। ଓଡ଼ିଶା ରାଜନୀତି ଜଣେ ଟାଣୁଆ ନେତାଙ୍କୁ ହରାଇଲା ବୋଲି ବିଧାୟକ ସାହୁ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ବାରମ୍ବାର ବିଦ୍ୟୁତ୍ କାଟ, ବଢୁଛି ଅସନ୍ତୋଷ

ଟାଙ୍ଗୀ,୩।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଅନ୍ତର୍ଗତ ଅଞ୍ଚଳରେ ପ୍ରତିଦିନ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଡାକ୍ତରଖାନା, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣରେ ବିଫଳ ହୋଇଛି। ହେଲେ ଉପଭୋକ୍ତାମାନଙ୍କ ଠାରୁ ବିଦ୍ୟୁତ୍ ଦେୟ ଆଦାୟ କରିବାକୁ କର୍ମଚାରୀ ଅବହେଳା କରୁନାହାନ୍ତି। ପ୍ରତିଦିନ ୧୫ରୁ ଊର୍ଦ୍ଧ୍ୱ ଥର ବିଦ୍ୟୁତ୍ କାଟ କରାଯାଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଚାରାରୋପଣ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୩।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜୟଦୁର୍ଗା ସଂସ୍କୃତ ବିଦ୍ୟାପୀଠ ବାଲି ଜଗନ୍ନାଥପୁର ଦେଉଳପଡ଼ା ପରିସରରେ ଗ୍ରୀନ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିଲୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ତୃପ୍ତି କର, ପ୍ରଦୀପ କୁମାର ଦାସ, ନରେନ୍ଦ୍ର ତରେଇ, ଅକ୍ଷୟ କୁମାର ପଲେଇ, ଗ୍ରୀନ ପାରିକୁଦ ସଦସ୍ୟ ଅମିତା ତରେଇ, ବିଷ୍ଣୁ ପ୍ରସାଦ ବେହେରା, ସୁଦର୍ଶନ ପଲେଇ, ଭଗବାନ ତରେଇ, ମିନାରାଣୀ ସାହୁ, ମହେଶ୍ୱର ସେଠୀଙ୍କ ଉପସ୍ଥିତିରେ ଚାରାରୋପଣ କରାଯାଇଥିଲା। ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ବ୍ୟାପକ ଚାରାରୋପଣ କରି ଯତ୍ନ ନେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଡିଆଇଇଟିରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୩।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷରେ ନବାଗତ ଡିପ୍ଲୋମା ପାଠ୍ୟକ୍ରମ(ସିଟି) ଶିକ୍ଷାର୍ଥୀଙ୍କୁ ନେଇ ଚାଲିଥିବା ସ୍ୱାଗତ ସମ୍ବର୍ଦ୍ଧନା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠ୍ୟକ୍ରମର ରୂପରେଖ, ଶିକ୍ଷାର୍ଥୀଙ୍କୁ ସକାରାତ୍ମକ ମନୋଭାବର ବିକାଶ, ଉତ୍ତମ ଶିକ୍ଷକଙ୍କ ଗୁଣାବଳୀ, ଅନୁଶାସନ ପ୍ରଭୃତି ବିଭିନ୍ନ ପ୍ରାସଙ୍ଗିକତା ଉପରେ ସୂଚନା ଦିଆଯାଇଥିଲା। ସେହିପରି ଶୈକ୍ଷିକ ପରିବେଶ, ପୂର୍ବତନ ଶିକ୍ଷାର୍ଥୀଙ୍କ ସହ ଭାବବିନିମୟ, ଅନୁଭୂତି, ଅଭିଜ୍ଞତା, ଯୋଗ, ପ୍ରାଣାୟମ, କ୍ରୀଡାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ତାପସ କୁମାର ନାୟକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦେଢ଼ ବର୍ଷରେ ସବୁ ଜାଗା ଆଖଡ଼ା ପୁନରୁଦ୍ଧାର

## ପ୍ରଥମ ପର୍ଯ୍ୟାୟରେ ୪୧ ଜାଗା ଆଖଡ଼ାର କାର୍ଯ୍ୟ ଜାରି

ପୁରୀ,୩।୯(ଅଜିତ ମହାନ୍ତି)

ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରା ସହ ଓତପ୍ରୋତ ଭାବେ ଶ୍ରୀକ୍ଷେତ୍ରରେ ଥିବା ଜାଗା ଆଖଡ଼ାଗୁଡ଼ିକ ଜଡ଼ିତ ରହିଛି। ତେବେ ଆର୍ଥିକ ସମସ୍ୟା ପାଇଁ ଏହି ଜାଗା ଆଖଡ଼ାଗୁଡ଼ିକ ଏବେ ଅବହେଳିତ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଶ୍ରୀକ୍ଷେତ୍ରବାସୀଙ୍କ ବହୁ ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ମୁକ୍ତା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସହରରେ ଥିବା ୪୧ଟି ଜାଗା ଆଖଡ଼ା ଘରର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ଦେଢ଼ବର୍ଷ ଭିତରେ ପର୍ଯ୍ୟାୟକ୍ରମେ ସହରରେ ଥିବା ସମସ୍ତ ଜାଗା ଆଖଡ଼ାର ପୁନରୁଦ୍ଧାର ଏବଂ ଉନ୍ନତୀକରଣ କାର୍ଯ୍ୟ ହେବ ବୋଲି ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି।

ପୁରୀ ସହରର ଜାଗା ଆଖଡ଼ାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏବେ ଏହା ନୂଆ ରୂପ ପାଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଜାଗା ଆଖଡ଼ା ଘରର ଉନ୍ନତୀକରଣ ସହ ସୁନ୍ଦର ଉଦ୍ୟାନ, ଚିଲଡ୍ରେନ୍ ପାର୍କ, ପୋଖରୀ ପୁନରୁଦ୍ଧାର ଓ ପାର୍କିଂ ବ୍ୟବସ୍ଥା ଆଦି କାର୍ଯ୍ୟ ବିଭିନ୍ନ ଜାଗା ଆଖଡ଼ାରେ ନିର୍ମାଣ କରାଯାଉଛି। ମୁକ୍ତା ଯୋଜନାରେ ଏହି ଜାଗା ଆଖଡ଼ାଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ଚାଲୁଛି। ତେବେ ପୁରୀରେ ଥିବା ଅମିନ ଜାଗାର ଉନ୍ନତୀକରଣ କାର୍ଯ୍ୟ ଶେଷ ହେବା ପରେ ତାହା ଉଦ୍‌ଘାଟନ କରାଯାଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରୀର ଐତିହ୍ୟ, ପରମ୍ପରା ଜାଗା ଆଖଡ଼ାର ଉନ୍ନତୀକରଣକୁ ସମସ୍ତେ ସ୍ୱାଗତ କରିଛନ୍ତି। ତେବେ ପୂର୍ବକାଳରେ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଏହି ଜାଗା ଆଖଡ଼ା ଘର ନିର୍ମାଣ କରାଯାଇଥିଲା। ସେବାୟତ ପରିବାରର ଯୁବକମାନେ ଏହି ଜାଗା ଆଖଡ଼ାରେ ବିଭିନ୍ନ ପ୍ରକାର ବ୍ୟାୟାମ, କସରତ ଓ ଶରୀରର ଚର୍ଚ୍ଚା କରିବା ସହ ବିଭିନ୍ନ ପାରମ୍ପରିକ ଯୁଦ୍ଧ କଳାକୌଶଳ ଶିକ୍ଷା ମଧ୍ୟ ଗ୍ରହଣ କରୁଥିଲେ। ଏହିଠାରୁ ବିଭିନ୍ନ ଯୁଦ୍ଧ କଳାକୌଶଳ ଶିଖି ବାହ୍ୟ ଶତ୍ରୁମାନଙ୍କୁ ମୁକାବିଲା କରୁଥିଲେ। ରାଜରାଜୁଡ଼ା ସମୟରେ ଏହି ଜାଗା ଆଖଡ଼ା ଘରର ଅନେକ ଗୌରବ ଗାଥା ଥିବାବେଳେ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ଏହି ଜାଗା ଆଖଡ଼ା ସଂସ୍କୃତି ବିଲୀନ ହେବାକୁ ବସିଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୁରୀ ପୌର ପ୍ରଶାସନ ପକ୍ଷରୁ ସମସ୍ତ ଜାଗା ଆଖଡ଼ାର ଉନ୍ନତ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି।



ଖୋର୍ଦ୍ଧା: ଖୁଦୁରୁକୁଣୀ ବ୍ରତ ଅବସରରେ ରବିବାର ଯୁବତୀମାନେ ପୂଜାର୍ଚ୍ଚନା କରୁଛନ୍ତି।

## ଖୁଦୁରୁକୁଣୀ ପୂଜାରେ କମ୍ପିଲା ଗାଁ ପରିବେଶ

ଖୋର୍ଦ୍ଧା ( ପ୍ରଭାତ ପାଣିଗ୍ରାହୀ), ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ)/ ଜଟଣୀ,୩।୯(ରବୀନ୍ଦ୍ର ନାଥ ମହାକୁଡ଼)

ଭାଇମାନଙ୍କର ଦୀର୍ଘାୟୁ କାମନା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା ମାନସୀ ଭଉଣୀମାନେ ଖୁଦୁରୁକୁଣୀ ବ୍ରତ ପାଳନ କରିଥାନ୍ତି। ରବିବାର ବ୍ରତର ପ୍ରଥମ ପାଳିହୋଇଥିବାରୁ ଖୋର୍ଦ୍ଧା ଜିଲାର ନିରାକାରପୁର ଓ ଜଟଣୀର ବିଭିନ୍ନ ସ୍ଥାନରେ ପ୍ରତ୍ୟୁଷରୁ ଗ୍ରାମର ଯୁବତୀମାନେ ସ୍ଥାନୀୟ ଜଳାଶୟରେ ଏକତ୍ରିତ ହୋଇଥିଲେ। ସେଠାରେ ବାଲୁକାରେ ବିଭିନ୍ନ ନୈବେଦ୍ୟ ଅର୍ପଣ ପୂର୍ବକ ଭାଇମାନଙ୍କ ଦୀର୍ଘାୟୁ କାମନା କରି ବୁଡ଼ ପକାଇଥିଲେ। ସନ୍ଧ୍ୟାରେ ଖୁଦୁରୁକୁଣୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ଆରାଧନା କରାଯାଇଥିଲା। ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଟ୍ରାଫିକ୍ ନିୟମ ସଚେତନତା କାର୍ଯ୍ୟକ୍ରମ



ଟାଙ୍ଗୀ,୩।୯(ରଘୁନାଥ ସାହୁ)

ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ନିର୍ଦ୍ଦେଶକ୍ରମେ ଶନିବାର ସମସ୍ତ ବିଦ୍ୟାଳୟରେ ଟ୍ରାଫିକ୍ ନିୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର ମହର୍ଷି ଇଂଲିଶ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଟ୍ରାଫିକ ନିୟମ ସମ୍ପର୍କିତ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜନସାଧାରଣଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ। ଚାନ୍ଦପୁର ଥାନା ଆଇଆଇସି ଜଗଦୀଶ କର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ଅଧକ୍ଷ କମଳାକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ହୋଇଥିଲା। ପରିଚାଳନା କମିଟି ଚେୟାରମ୍ୟାନ ଶ୍ରୀନିବାସ ସାହୁ, ଅଭିଭାବକ ସଂଘର ସଭାପତି ସଞ୍ଜୟ ସିଂ, ଉପସଭାପତି ମହେନ୍ଦ୍ର କୁମାର ପୃଷ୍ଟି, ସଂଯୋଜକ ବିଶ୍ୱରଞ୍ଜନ ତ୍ରିପାଠୀ ଓ ପବିତ୍ର କୁମାର ରାଉତ ଯୋଗଦେଇଥିଲେ। ରାସ୍ତାରେ ଯିବା ବେଳେ ସମସ୍ତେ ଟ୍ରାଫିକ ନିୟମ ମାନିବା ଉଚିତ। ଫଳରେ ଦୁର୍ଘଟଣା ହ୍ରାସ ପାଇବ। ନିଜେ ରକ୍ଷା ପାଇବା ସହ ଅନ୍ୟମାନଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପୁରୀ: ମା'ମଙ୍ଗଳା ଓ ରେଖା ପୂର୍ଣ୍ଣମୀ ପାଇଁ ଭୈରବ ଚିତ୍ର ଅଙ୍କନ କରାଯାଉଛି ।

## ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ହିତାଧିକାରୀଙ୍କୁ ମିଳିଲା ସହାୟତା

ବାଘମାରୀ (ଶୁଭକାନ୍ତ ମହାପାତ୍ର)/ ବୋଲଗଡ଼ (ଦେବବ୍ରତ ହୋତା)/ ବେଗୁନିଆ,୩।୯(ହର ପ୍ରସନ୍ନ ପଣ୍ଡା)

ଗତ ୨୨ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବେଗୁନିଆର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବେଗୁନିଆ ଓ ବୋଲଗଡ଼ ବ୍ଲକର ହିତାଧିକାରୀ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ପାଇଁ ଆବେଦନ କରିଥିଲେ। ମୁଖ୍ୟମନ୍ତ୍ରୀ ଉକ୍ତ ଦରଖାସ୍ତକୁ ବିଚାରକୁ ନେଇ ପୋଡ଼ାଡିହ ପଞ୍ଚାୟତ ନୀଳକଣ୍ଠପୁରର ଗଙ୍ଗାଧର ସାହୁଙ୍କୁ କର୍କଟ ରୋଗର ଚିକିତ୍ସା ନିମନ୍ତେ ୩୦ହଜାର ଟଙ୍କା, ହଜ ପଞ୍ଚାୟତର ନିଧିପୁର ଅଞ୍ଚଳର ଦିବ୍ୟାଙ୍ଗ ପବିତ୍ର ସେଠୀ, ସିକୋ ପଞ୍ଚାୟତ ଅଞ୍ଚଳର ତପସ୍ୱିନୀ ସାମନ୍ତରାୟ ଏବଂ ଗେଡିଆପଲ୍ଲି ପଞ୍ଚାୟତ ସାନ୍ତରାପୁର ଗ୍ରାମର ସୁକୁଟି ନାୟକଙ୍କୁ ପରିବାର ପ୍ରତିପୋଷଣ ନିମନ୍ତେ ୨୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି। ଉକ୍ତ ସହାୟତା ରାଶି ସ୍ଥାନୀୟ ବ୍ଲକ ପ୍ରଶାସନଠାରୁ ଚେକ୍ ମାଧ୍ୟମରେ ଗ୍ରହଣ କରିଛନ୍ତି। ହିତାଧିକାରୀମାନେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ୫-ଟି ସଚିବଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।




ବାଲୁଗାଁ: ନୂଆଗାଁ ଗ୍ରାମର ଯୁବ ସଙ୍ଗଠକ ତାରାପ୍ରସାଦ ରାଉତଙ୍କ ଦ୍ୱାଦଶାହ ଅବସରରେ ବାହାରିଥିବା ମହମବତି ଶୋଭାଯାତ୍ରା।

## ତାରାପ୍ରସାଦଙ୍କ ଦ୍ୱାଦଶାହରେ ମହମବତି ଶୋଭାଯାତ୍ରା

ବାଲୁଗାଁ,୩।୯(ସଂଗ୍ରାମ ପାଇକରାୟ)

ବାଲୁଗାଁ ଏନ୍‌ଏସି ୯ନଂ. ୱାର୍ଡ କୁଲାକୁଣ୍ଡେଇ ନୂଆଗାଁ ଗ୍ରାମର ଯୁବ ସଙ୍ଗଠକ ତାରାପ୍ରସାଦ ରାଉତ ଓରଫ ପିଙ୍କୁ (୩୨)ଙ୍କ ଗତ ୨୩ ତାରିଖରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ରବିବାର ତାଙ୍କ ଦ୍ୱାଦଶାହ ଦିବସ ତଥା ସ୍ମୃତି ଚାରଣ ପରିପ୍ରେକ୍ଷୀରେ ଗ୍ରାମର ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ବାଲୁଗାଁ ସହର ପରିକ୍ରମା କରିଥିଲା। ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବଳିଷ୍ଠ ଭୂମିକା ତୁଲାଇ ପିଙ୍କୁ ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲେ ବୋଲି ମତପ୍ରକାଶ ପାଇଥିଲା। ପ୍ରକାଶ ଯେ, ଗତ ୨୩ତାରିଖ ସନ୍ଧ୍ୟାରେ ପିଙ୍କୁ ସାଥି ସହ ବାଇକରେ ବାଣପୁରରୁ ବାଲୁଗାଁ ଫେରୁଥିଲେ। ଅଲାଇଡ଼ିହ ଓଭରବ୍ରିଜ୍ ଛକଠାରେ ଏକ ଟ୍ରକ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ଏବଂ ବାଇକରେ ବସିଥିବା ସାଥି ଗୁରୁତର ଆହତ ହୋଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବ ବେଗୁନିଆ ବ୍ଲକ ଓଷ୍ଟା

ବେଗୁନିଆ,୩।୯(ହର ପ୍ରସନ୍ନ ପଣ୍ଡା)

ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ବିଭିନ୍ନ ଦାବି ନେଇ ଆବେଦନ କରିଆସୁଥିବା ଓଷ୍ଟାକୁ ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଓଷ୍ଟା ରାଜ୍ୟ ସଂଘର ବିଚାରଧାରାକୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇବ ବେଗୁନିଆ ବ୍ଲକ ଓଷ୍ଟା। ଏନେଇ ସାରୁଅ-ଜୟମଙ୍ଗଳ ପଞ୍ଚପଲ୍ଲୀ ବାଉତି ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଶ୍ରୀନିବାସ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗଠାରେ ଗୁରୁଦିବସ ଅବସରରେ ସେମାନେ ମୁହଁରେ କଳାପଟି ବାନ୍ଧି ନୀରବ ପ୍ରତିବାଦ କରିବେ। କୌଣସି ସୁଫଳ ନ ମିଳେ ତେବେ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନୁଦାନ ଯୋଗ୍ୟ ୧୯୪ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ୨୨୬ ଓ ୩୯୯ ଉଚ୍ଚ ବିଦ୍ୟାଳୟକୁ ୭ମ ବେତନ ପ୍ରଦାନ, ବିଶେଷକରି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ପେନସନ ଓ ଚାକିରି ସର୍ତ୍ତାବଳୀ ପ୍ରଦାନ ଆଦି ଦାବି ରହିଛି। ବ୍ଲକ ସମ୍ପାଦକ ରତିକାନ୍ତ କହଲସିଂହ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ମହାପାତ୍ର, ସଙ୍ଗଠନ ସମ୍ପାଦକ ବଂଶୀଧର ପାଣିଗ୍ରାହୀ, ଜଗଦୀଶ ପଟ୍ଟନାୟକ, ଅଚ୍ୟୁତାନନ୍ଦ ବେହେରା, ପ୍ରଧାନ ଶିକ୍ଷକ ବସନ୍ତ କୁମାର ପାଇକରାୟ, ଶିବ ନାରାୟଣ ଦାଶଙ୍କ ସମେତ ବହୁ ଶିକ୍ଷକ ଓ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ।

# ବିକାଶଠୁ ପଛରେ ପଡ଼ିଛି ପର୍ଯ୍ୟଟନକ୍ଷେତ୍ର

ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ଅନେକ ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ହୋଇପଡ଼ିଛି। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଧୀରେ ଧୀରେ ପର୍ଯ୍ୟଟକ ମୁହଁ ଫେରାଇବାରେ ଲାଗିଛନ୍ତି। ବିଶେଷକରି ବରୁଣେଇ ରୋପ୍ ୱେ, ଖୋର୍ଦ୍ଧାଗଡ଼, ଉଷ୍ମପ୍ରସ୍ରବଣ, ହଟ୍ଟକେଶ୍ୱର ପୀଠ ଏବଂ ଗୁରୁଜଙ୍ଗ ଶ୍ରୀଧବଳେଶ୍ୱର ପୀଠ ପ୍ରତି ସରକାରଙ୍କ ନଜର ପଡୁନାହିଁ। ଏହି ସ୍ଥାନଗୁଡ଼ିକର ବିକାଶ କରାଗଲେ ପର୍ଯ୍ୟଟକଙ୍କ ଆଗମନ ସାଙ୍ଗକୁ ରାଜସ୍ୱ ବୃଦ୍ଧି ହୋଇପାରନ୍ତା।

### ପ୍ରସ୍ତାବରେ ଅଟକିଛି ବରୁଣେଇ ରୋପ୍ ୱେ

ପାଇକ ବିଦ୍ରୋହର ମୂକସାକ୍ଷୀଭାବେ ଦଣ୍ଡାୟମାନ ବରୁଣେଇ ପାହାଡ଼। ଏଠାରେ ମା' ବରୁଣେଇ ଓ କରୁଣେଇଙ୍କ ଆସ୍ଥାନ ରହିଛି। ଏହି ପୀଠକୁ ପର୍ଯ୍ୟଟନର ମାନ୍ୟତା ମିଳିଛି, କିନ୍ତୁ ଆବଶ୍ୟକ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଚାରିଆଡେ ଅଳିଆ, ଆବର୍ଜନା ପଡ଼ିରହିଛି। ପାଣି ଟ୍ୟାପ୍ ଓ ପୀଠକୁ ଯାଇଥିବା ପାହାଚ ଭାଙ୍ଗିଗଲାଣି। ଏଠାକୁ ଆସୁଥିବା ପର୍ଯ୍ୟଟକ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ବରୁଣେଇ ପାହାଡ଼ ଉପରେ ଐତିହାସିକ ସୀତାକୁଣ୍ଡ ଓ ପାଣ୍ଡବ ଗୁମ୍ଫା ରହିଛି। ଏହାର ଅନ୍ୟପଟେ ଦିଗବାରେଣୀ ପାହାଡ଼ ଅବସ୍ଥିତ। ଗବେଷକଙ୍କ ମତ ଅନୁଯାୟୀ, ଏଠାରେ ଦୁଇହଜାର ବର୍ଷତଳର ବୌଦ୍ଧ କୀର୍ତ୍ତିରାଜି ଶିଳାଲେଖ ରହିଛି। ପାଇକ ବୀରମାନେ ପାହାଡ଼ ଉପରେ ରହି ବ୍ରିଟିଶ ସୈନ୍ୟଙ୍କୁ ନିରୀକ୍ଷଣ କରୁଥିଲେ। ବରୁଣେଇ ପାଦଦେଶରୁ ଉପରକୁ ସଂଯୋଗ ଲାଗି ପ୍ରସ୍ତାବିତ ରୋପ୍ ୱେ ସରକାରୀ ନାଲିଫିତା ତଳେ ଚାପି ହୋଇ ରହିଯାଇଛି। ସେହିପରି ପାହାଚ ନିର୍ମାଣ ଅଧାରେ ଅଟକିଛି।

### ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ହେଉନି

ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ତଥା ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚିତ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ଲାଗି ପଦକ୍ଷେପ ନିଆଯାଉ ନାହିଁ। ଗଡ଼ ଭିତରେ ଅନେକ ଐତିହ୍ୟ କୀର୍ତ୍ତିରାଜି ନଷ୍ଟ ହେବାକୁ ବସିଛି। ୧୯୭୮ ମସିହାରେ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧାଦୁର୍ଗର ବିକାଶ କାର୍ଯ୍ୟ ହାତକୁ ନେଇଥିଲେ। ତେବେ ତାହା ଫଳପ୍ରଦ ହୋଇପାରିନାହିଁ।

### ଲୁପ୍ତ ହୋଇଗଲା ଉଦ୍ଧାର କୀର୍ତ୍ତିରାଜି

ପ୍ରଥମ ଗଜପତି ମହାରାଜା ରାମଚନ୍ଦ୍ର ଦେବ ଖୋର୍ଦ୍ଧଗଡ଼ ମଧ୍ୟରେ ଅନେକ ମନ୍ଦିର ନିର୍ମାଣ କରିଥିଲେ। ସେଗୁଡ଼ିକ ଏବେ ଜବରଦଖଲ ହେବା ସହ ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ଗଡ଼ଖୋର୍ଦ୍ଧାସ୍ଥିତ ରଘୁନାଥ ମନ୍ଦିର ସମ୍ମୁଖରୁ ୧୯୮୦ରେ ବହୁ ଐତିହ୍ୟ କୀର୍ତ୍ତିରାଜିର ପଦଚିହ୍ନ ସ୍ୱରୂପ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଶିଳା, ପଥର ଉଦ୍ଧାର କରାଯାଇଥିଲା। ତେବେ ଏହା ଏବେ କେଉଁଠି ଅଛି, ତାହାର ଖବର ପ୍ରଶାସନ ନିକଟରେ ନାହିଁ। କେବଳ ସଂସ୍କୃତି ଭବନ ପରିସରରେ ଗୋଟିଏ କିମ୍ବା ଦୁଇଟି ଭଗ୍ନ ଶିଳା ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି।

### ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଅବହେଳିତ

ମହାପ୍ରଭୁଙ୍କ ଲୀଳାକ୍ଷେତ୍ରଭାବେ ପରିଚିତ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୁଞ୍ଜବନ ମଠ ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ଗଜପତି ମହାରାଜା ରାମଚନ୍ଦ୍ର ଦେବ କୁଜଙ୍ଗଗଡ଼ରୁ ବ୍ରହ୍ମ ଆଣି ନବକଳେବର କରାଇଥିଲେ। ତେଣୁ ଶ୍ରୀମନ୍ଦିର ସଂସ୍କୃତି ସହ ଗଡ଼ଖୋର୍ଦ୍ଧା ଜଡିତ। ତେବେ ଏହି ସ୍ଥାନର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ନଇରିସ୍ଥିତ ହରିହରେଶ୍ୱରଙ୍କ ପୀଠରେ ମହାପ୍ରଭୁ ଗୁପ୍ତଭାବେ ଚକା ଉପରେ ବିଜେ ହୋଇ ପୂଜା ପାଉଥିଲେ। ଏଠାରେ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜିତ ହୋଇଥିଲା। ସେହିଭଳି ଚିଲିକା କାଙ୍କଣଶିଖରୀ (ଏକ ଟାପୁ)ରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଚକା ଏବଂ ଚତୁର୍ଦ୍ଧାବିଗ୍ରହ ପୂଜା ପାଉଛନ୍ତି। ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ତେବେ ଚିଲିକା ଦେଇ କାଙ୍କଣଶିଖରୀ ଯିବାକୁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନାହିଁ। ଏହି କ୍ଷେତ୍ରର ବିକାଶ ପ୍ରତି ମଧ୍ୟ ସରକାରଙ୍କ ପକ୍ଷରୁ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗଡମାଣିତ୍ରୀଠାରେ ମହାପ୍ରଭୁଙ୍କ ନବକଳେବର ଓ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଏଠାକାର ବିକାଶ ପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି।

### ବିକାଶ ଅପେକ୍ଷାରେ ଉଷ୍ମପ୍ରସ୍ରବଣ

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନକ୍ଷେତ୍ର ଅତ୍ରି ଉଷ୍ମପ୍ରସବଣର କୁଆକୁଣ୍ଡ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ପର୍ଯ୍ୟଟକଙ୍କ ପାଇଁ ଏଠାରେ ସୁବିଧା ନାହିଁ। ବାଘମାରୀସ୍ଥିତ ପ୍ରସିଦ୍ଧ ଶୈବପୀଠ ଏକାଦଶ ରୁଦ୍ର ଶ୍ରୀହଟ୍ଟକେଶ୍ୱର ପୀଠର ବିକାଶ ପ୍ରତି ସରକାରଙ୍କ ଦୃଷ୍ଟି ପଡୁନାହିଁ।

### ମାନ୍ୟତା ସତ୍ତ୍ୱେ ବିକାଶ ନାହିଁ

ଗୁରୁଜଙ୍ଗରେ ଶ୍ରୀଧବଳେଶ୍ୱରଙ୍କ ପୀଠ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଛି। ତେବେ ଏଠାକାର ବିକାଶ ପ୍ରତି ସରକାର ଧ୍ୟାନ ଦେଉନାହାନ୍ତି। ସେହିପରି ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥର ଜାଗୁଲିପାଟଣା ଗ୍ରାମରେ ବିଜେ କରିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ। ଏଠାରେ ଚତୁର୍ଦ୍ଧାମୂର୍ତ୍ତି ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ପର୍ଯ୍ୟଟନ ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମିର ବିକାଶ ନାହିଁ। ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ। ଚନ୍ଦନ ପୋଖରୀ ପୁନରୁଦ୍ଧାର କରାଯାଉନାହିଁ। ଏଠାରେ ବର୍ଷସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ।

### ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ପଛରେ ପଡ଼ିଛି

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ପଲ୍ଲାତୋଟାପଡ଼ା (ଖୋର୍ଦ୍ଧା ଠାରୁ ୫କିମି) ଠାରୁ ଜରିପୁଟ ଗ୍ରାମ ନିକଟ ତନ୍ତ୍ରମୁଣ୍ଡିଆ ପାହାଡ଼ ଉପରେ ବିଜେ କରିଛନ୍ତି ସଙ୍କଟମୋଚନ। ଏହି ମନ୍ଦିରକୁ ପର୍ଯ୍ୟଟନର ମାନ୍ୟତା ମିଳିଛି। ହନୁମାନଙ୍କ ପୂଜାର୍ଚ୍ଚନା ଲାଗି ବର୍ଷସାରା ଭିଡ଼ ହୋଇଥାଏ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳୀ, ପାନୀୟଜଳ ସୁବିଧା ନାହିଁ। ୧୬ନଂ. ଜାତୀୟ ରାଜପଥରେ ଟାଙ୍ଗୀଠାରୁ ବାଣପୁର ମଧ୍ୟରେ ରାସ୍ତାପାର୍ଶ୍ୱରେ ଚଣ୍ଡେଶ୍ୱର, ପଶ୍ଚିମଶମ୍ଭୀ, ନାଚୁଣୀସ୍ଥିତ ଶୈବପୀଠର ମାହାତ୍ମ୍ୟ ରହିଛି। ଭକ୍ତମାନେ ଏଠାକୁ ଆସି ମହାଦେବଙ୍କ ନିକଟରେ ଭକ୍ତିଅର୍ଘ୍ୟ ପ୍ରଦାନ କରିଥାନ୍ତି। ତେବେ ଏହି ପୀଠର ପୁନରୁଦ୍ଧାର ଓ ବିକାଶ ପାଇଁ ଜିଲା ପ୍ରଶାସନ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି।

## କରାଟେରେ ସଲୋନି, ଅଂଶିତା ଓ ସୁସ୍ମିତାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର



ବାଲୁଗାଁ,୩।୯(ସଂଗ୍ରାମ ପାଇକରାୟ)

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତ ତଥା ପଦକ ପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। କରାଟେରେ ମୋଟ ୩୪ଜଣ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେଥିମଧ୍ୟରୁ ଖୋର୍ଦ୍ଧା ଜିଲା ଅଧୀନ ବାଲୁଗାଁର ସଲୋନି ପାତ୍ର, ଖୋର୍ଦ୍ଧା ସହରର ଅଂଶିତା ସାହୁ ଓ ସସ୍ମିତା ବିଶ୍ୱାଳ ପୁରସ୍କୃତ ହୋଇଛନ୍ତି। ଏମାନେ ଜୁନିୟର ବାଳିକା ବିଭାଗରେ କାଂସ୍ୟ ପଦକ ହାସଲ କରିଥିଲେ। ଖୋର୍ଦ୍ଧା ଜିଲା କରାଟେ ସଂଘର ସମ୍ପାଦକ ତଥା ଜାତୀୟ କୋଚ୍ ସେନ୍‌ସେଇ ଦୀପକ କୁମାର ସାମନ୍ତରାୟଙ୍କ ନିକଟରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ଲାଭ କରିଛନ୍ତି । ଆଗାମୀ ପ୍ରତିଯୋଗିତାରେ ଉତ୍କୃଷ୍ଟ କୌଶଳ ପ୍ରଦର୍ଶନ କରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଥିବା କୋଚ୍ ସାମନ୍ତରାୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କୁମାର ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ପୁରୀ,୩।୯(ଅଜିତ୍ ମହାନ୍ତି)

୫୬ତମ କୁମାର ଉତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଭକ୍ତ ସାଲବେଗ ପୀଠ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଛି। ସ୍ୱର୍ଗତ ଦିବାକର ତ୍ରିପାଠୀଙ୍କ ସ୍ମୃତିରେ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଗୀତା ପାଠ, ବେଦ ପାଠ, ହନୁମାନ ଚାଳିଶା, ଝୋଟି, ସଙ୍ଗୀତ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଆଦି ହେବ। ଏଥିସହ ପ୍ରତିବର୍ଷ ଭଳି ଶ୍ରୀକାନ୍ତ ମହାନ୍ତିଙ୍କ ସମ୍ପାଦନାରେ ସ୍ମରଣିକା ଉନ୍ମୋଚନ ହେବା ସହ ୩ଦିନ ବ୍ୟାପି ମୁକ୍ତାକାଶ ରଙ୍ଗମଞ୍ଚରେ ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ୫୬ତମ କୁମାର ଉତ୍ସବ ମହାସମାରୋହରେ ପାଳନ ନିମନ୍ତେ ବୈଠକରେ ସ୍ଥିର କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସଦ୍ୟତମ ଓଡ଼ିଶା ରାଜ୍ୟ ଓକିଲ ପରିଷଦ ନିର୍ବାଚନରେ ବିଜୟୀ ହୋଇଥିବା ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବୈଠକରେ ଇଞ୍ଜିନିୟର ରାଜେଶ ମିଶ୍ର, ଶ୍ରୀକାନ୍ତ ମହାନ୍ତି, ଚକ୍ରଧର ମହାପାତ୍ର, ବିଦ୍ୟୁ ଲତା ଆଚାର୍ଯ୍ୟ, ସଂଗ୍ରାମ କେଶରୀ ଦାସ, ଅମରେନ୍ଦ୍ର ପାଇକରାୟ, ସିତୁ ରଞ୍ଜନ ପୃଷ୍ଟି, ରତନ କୁମାର ଦାସ, ବିଶ୍ୱନାଥ ଦାସ, ସୁକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ପ୍ରଧାନ, ସାଧନା ମହାନ୍ତିଙ୍କ ସହ ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ହରଗଣେଶ୍ୱର ମନ୍ଦିରକୁ ରୂପାନ୍ତରଣରେ ସାମିଲ ପାଇଁ ଦାବି

କାକଟପୁର,୩।୯(ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା କାକଟପୁର ବ୍ଲକରେ ବିଭିନ୍ନ ମନ୍ଦିର, ମଠ ଏବଂ ଧର୍ମାନୁଷ୍ଠାନର ଉନ୍ନତୀକରଣ ପାଇଁ ପ୍ରାୟ ୩୦ ଗୋଟି ପ୍ରକଳ୍ପ ଲାଗି ୧ କୋଟି ୭୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଆମ ଓଡ଼ିଶା ଏବଂ ନବୀନ ଓଡ଼ିଶା ଯୋଜନାରେ ପ୍ରକଳ୍ପ ମଧ୍ୟରୁ ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ସୁହାଣପୁର ପଞ୍ଚାୟତ ଅଧୀନ ରାଏସ୍ ଗ୍ରାମର ପ୍ରଭୁ ହରଗଣେଶ୍ୱର ମହାଦେବଙ୍କ ମନ୍ଦିର ବାଦ୍ ପଡିଛି। ପ୍ରଭୁଙ୍କ ମହିମା ଯୋଗୁ ପ୍ରତ୍ୟହ ପ୍ରଭୁଙ୍କ ମନ୍ଦିରରେ ଭକ୍ତଙ୍କ ସମାଗମ ହୁଏ। ଏପରିକି ପ୍ରତି ମାସ ସଂକ୍ରାନ୍ତି, ଶିବ ଚତୁର୍ଦ୍ଦଶୀ ତଥା ମହାଶିବରାତ୍ରି ଜାଗର ଯାତ୍ରାରେ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଉପଯୁକ୍ତ ପାରିପାର୍ଶ୍ୱିକ ସ୍ଥିତି ପାଇଁ ମନ୍ଦିରରେ ପ୍ରାଚୀର ନିର୍ମାଣ, ରୋଷଘର, ଆନନ୍ଦ ବଜାର, ପାର୍କ, ଯଜ୍ଞଶାଳା ଏବଂ ଆଲୋକୀକରଣ ନିହାତି ଆବଶ୍ୟକ ହୋଇପଡ଼ିଛି। ଏଥିପ୍ରତି ଦୃଷ୍ଟି ଦେଇ ପ୍ରଭୁ ହରଗଣେଶ୍ୱର ମନ୍ଦିରକୁ ରୂପାନ୍ତରଣ ଯୋଜନାରେ ସାମିଲ କରିବାକୁ ହରିନାଥଙ୍କ ସେବକ ତଥା ଯୁବ ସାମାଜିକ କର୍ମୀ ତରୁଣ ପାଢୀ, ମନ୍ଦିର ସେବକ ସମିତି ସଭାପତି ସୁରେଶ ଚନ୍ଦ୍ର ପାଢୀ, ଗ୍ରାମବାସୀ, ଭକ୍ତ, ସମସ୍ତ ସେବକଙ୍କ ସହ ବୃଦ୍ଧିଜୀବୀମାନେ ଦୃଢ ଦାବି କରିଛନ୍ତି।

### ଝର କଲମ ପ୍ରତି ରହିଛି ଦୁର୍ବଳତା

ଗୋପ,୩।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ୧୩ ବର୍ଷ ଭିତରେ ଅନେକ କମ୍ପାନୀର କଲମ ଦେଖିଥିଲେ ମଧ୍ୟ ଝର କଲମ (ଫାଉଣ୍ଟେନ୍ ପେନ୍) ପ୍ରତି ଦୁର୍ବଳତା ରହିଥିବା ଗୋପ ବ୍ଲକର ଜଣେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଭବାନୀ ଶଙ୍କର ପୋଥାଳ କହିଛନ୍ତି। ପାଠ ପଢ଼ିବାଠାରୁ ଏବେ ପର୍ଯ୍ୟନ୍ତ ସେ ଏହି କଲମ ବ୍ୟବହାର କରି ଆସୁଛନ୍ତି। ଏହି କଲମ ତାଙ୍କ ଭବିଷ୍ୟତ ବଦଳାଇ ଦେଇଛି। କାହିଁକି ନା ଝର କଲମ ବ୍ୟବହାର ପରଠାରୁ ସେ ସମସ୍ତ କାର୍ଯ୍ୟରେ ସର୍ବଦା କୃତ୍ୟକାର୍ଯ୍ୟ ହୋଇଥିବା କହିଛନ୍ତି। ତାଙ୍କ ବାପା ଯେତେବେଳେ ଇଞ୍ଜିନିୟରିଂ ଚାକିରି କରୁଥିଲେ, ସେ ମଧ୍ୟ ଝର କଲମ ବ୍ୟବହାର କରୁଥିଲେ। ଏହି କଲମ ବ୍ୟବହାର କଲେ ସର୍ବଦା ସଫଳତା ହାସଲ କରିହେବ ବୋଲି ତାଙ୍କ ବାପା କହୁଥିବାବେଳେ ଭବାନୀ ସେହି କଥାକୁ ମନେ ରଖି ଝର କଲମର ବ୍ୟବହାର କେବେ ବି ଛାଡ଼ି ନାହାନ୍ତି। ଅନ୍ୟ କଲମଠାରୁ ଝର କଲମ ଅଧିକ ଦାମ୍ ଥିଲେ ମଧ୍ୟ ସେ ଏହି କଲମରେ ସମସ୍ତ କାର୍ଯ୍ୟ କରିଥାନ୍ତି ବୋଲି କହିଛନ୍ତି।

# ଲୋକ କଳା ମାଧ୍ୟମରେ ଅଧିକ ସଚେତନ ହୋଇପାରିବେ

### ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ପୁରୀ,୩।୯(ଅଜିତ ମହାନ୍ତି)

ପୁରୀ ଜିଲାସ୍ତରୀୟ ସଂସାଧନ ସଭ୍ୟଙ୍କ ୨ଦିନିଆ ପ୍ରଶିକ୍ଷଣ ଶିବିର ରବିବାର ସଂସ୍କୃତି ଭବନରେ ଉଦ୍‌ଯାପିତ ହୋଇଛି। ପାରମ୍ପରିକ ଲୋକ କଳା ଯଥା ପାଲା, ଦାସକାଠିଆ, ଘୋଡ଼ାନାଚ, ସଂକୀର୍ତ୍ତନ, ଖଞ୍ଜଣି ଇତ୍ୟାଦି ମାଧ୍ୟମରେ ସରକାରଙ୍କର ବିବିଧ ଜନହିତକାରୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ଏହି ଶିବିର ପ୍ରମୁଖ ଭୂମିକା ଗ୍ରହଣ କରିବ। ହିତାଧିକାରୀ ଜଣଙ୍କ ଯୋଜନା ସମ୍ପର୍କରେ ଅବଗତ ହୋଇପାରିଲେ ନିଜକୁ ସେଥିରେ ସାମିଲ କରି ଯୋଜନାର ସୁଫଳ ପାଇପାରିବ। ତେଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକରୁ ଅଧିକ ହିତାଧିକାରୀ ସଚେତନ ହୋଇ ଏଥିରେ ଉପକୃତ ହୋଇପାରିବେ ବୋଲି ଉଦ୍‌ଯାପନ ଦିବସର ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଅଧ୍ୟକ୍ଷତା କରିବା ସହ ବିବିଧ ଯୋଜନା ଓ ଏହି ସଚେତନତା କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ବିଷଦ ସୂଚନା ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ମହାରଣା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର ପ୍ରମୁଖ ମଧୁବାବୁ ପେନସନ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫-ଟି ବିଦ୍ୟାଳୟ ରୂପାନ୍ତରଣ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ସାହିତ୍ୟିକ ବଦ୍ରି ମିଶ୍ର ଓ ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ଶିବିର ହୋଇଥିଲା। ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଓ ବରିଷ୍ଠ କଳାକାରମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ଲୋକକଳା ଗୁରୁ ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଚଳିତ ମାସ ୧୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ସମ୍ବଳିତ କାର୍ଯ୍ୟକ୍ରମ ଜିଲାର ସମସ୍ତ ଗ୍ରାମ, ପଞ୍ଚାୟତରେ ଆୟୋଜିତ ହେବ ବୋଲି ସଂସ୍କୃତି ଅଧିକାରୀ ବେହେରା ସୂଚନା ଦେଇଛନ୍ତି।


ସଂସ୍କୃତି ଭବନରେ ଅନୁଷ୍ଠିତ ଜିଲା ସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ଉତ୍ସବରେ ମଞ୍ଚାସୀନ ଅତିଥି ।



ପୁରୀ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଅନୁଷ୍ଠିତ ଆଧ୍ୟାତ୍ମିକ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ହେଲେ ପ୍ରିୟବ୍ରତ

ପିପିଲି,୩।୯(ଦୁର୍ଗାମାଧବ ମିଶ୍ର)

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ହେଲେ ପିପିଲିର ପ୍ରିୟବ୍ରତ ସାମନ୍ତରାୟ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୫ଜଣିଆ ସଦସ୍ୟଙ୍କ ମଧ୍ୟରେ ପ୍ରିୟବ୍ରତ ମନୋନୀତ ହୋଇଛନ୍ତି। ପୂର୍ବରୁ ରାଜ୍ୟ ବିଜେଡି ସମ୍ପାଦକ ଥିବା ପ୍ରିୟବ୍ରତଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନୂଆ ଦାୟିତ୍ୱ ଦେଇଛନ୍ତି। ପିପିଲିର ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ପୁଅ ପ୍ରିୟବ୍ରତ ସାମନ୍ତରାୟ ରାଜନୀତିରେ ବିଚକ୍ଷଣ ଥିବାବେଳେ ପୁରୀ ଜିଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଅନେକ ଯୁବ ସଙ୍ଗଠନ ସହିତ ନିଜକୁ ସାମିଲ କରିଛନ୍ତି। ପ୍ରିୟବ୍ରତଙ୍କ ଏହି ସଦସ୍ୟତା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଭକ୍ତ ଦାସିଆ ପୀଠରେ ସରିଲା ଝୁଲଣ ପର୍ବ

ପିପିଲି,୩।୯(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅଧୀନ ବାଲିଗାଁଠାରେ ଥିବା ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠରେ ଗତ ସପ୍ତାହେ ଧରି ପୁରୀ ଶ୍ରୀମନ୍ଦିର ଝୁଲଣ ପର୍ବ ପାଳିତ ହୋଇଯାଇଛି। ପ୍ରତି ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଏବଂ ଗୁରୁଣ୍ଡି ଗୋପାଳଙ୍କୁ ସୁସଜ୍ଜିତ କରି ଏକ ସ୍ୱତନ୍ତ୍ର ଝୁଲଣ ବିମାନରେ ବିରାଜିତ କରାଯାଏ। ପ୍ରଭୁଙ୍କ ସ୍ୱତନ୍ତ୍ର ନୀତି ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ, ସହାୟକ ପୂଜକ ଲକ୍ଷ୍ମୀଧର ଦୀକ୍ଷିତ ଓ ପ୍ରହଲ୍ଲାଦ ମିଶ୍ର ସମାପନ କରୁଥିଲେ।

## ୧୩ରେ ବିଦ୍ୟୁତ୍ ଉପଭୋକ୍ତା ସଂଘର ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

କାକଟପୁର,୩।୯(ଶୁଭଦର୍ଶନ ମିଶ୍ର)

ମା’ ମଙ୍ଗଳା ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଆଦିତ୍ୟ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟ, ଅଘୋଷିତ ବିଦ୍ୟୁତ୍ କାଟ, ମାତ୍ରାଧିକ ବିଦ୍ୟୁତ୍ ବିଲ୍ ଆଦାୟ, ଲୋ ଭୋଲ୍ଟେଜ, ୩୩ କେଭି ଲାଇନର ନବୀକରଣ ତଥା ବାଙ୍ଗୁରୀଗାଁରୁ କାକଟପୁରକୁ ୩୩ କେଭି ଲାଇନ ସଂଯୋଗୀକରଣ ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଂଘ ପକ୍ଷରୁ ଏହି ଦାବିକୁ ନେଇ ଗତ ଜୁନ ୧୨ରେ ଏକ ଦାବିପତ୍ର କାକଟପୁର ଉପଖଣ୍ଡ ଅଧିକାରୀଙ୍କ ସମେତ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ କ୍ରୀଡ଼ା, ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ସ୍ଥାନୀୟ ପ୍ରଶାସନକୁ ଦିଆଯାଇଥିଲା। ହେଲେ ମଧ୍ୟ ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୩ ତାରିଖରେ ସଂଘ ପକ୍ଷରୁ କାକଟପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ଗଣତାନ୍ତ୍ରିକ ପଦ୍ଧତିରେ ଜନଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଆନ୍ଦୋଳନରେ କାକଟପୁର ଓ ଅସ୍ତରଙ୍ଗର ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ଯୋଗଦେଇ ସେମାନଙ୍କ ନ୍ୟାଯ୍ୟ ଦାବି ପାଇବାକୁ ସଂଘ ନିବେଦନ କରିଛି। ଅପରପକ୍ଷରେ ବିଦ୍ୟୁତ୍ କାଟକୁ ନେଇ କୌଣସି ସନ୍ତୋଷଜନକ ସୂଚନା ବିଭାଗୀୟ ଅଧିକାରୀ ଉପଭୋକ୍ତା ବା ସଂଘକୁ ପ୍ରଦାନ କରୁ ନ ଥିବାରୁ ଉପସ୍ଥିତ ଉପଭୋକ୍ତା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଆସନ୍ତା ୧୩ ତାରିଖରେ ପ୍ରାୟ ୨ ହଜାର ଉପଭୋକ୍ତା ଆନ୍ଦୋଳନରେ ସାମିଲ ହେବାକୁ ସଂଘ ଚେତାବନୀ ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବୈଠକରେ ସଂଘର ଆଇନ ପରାମର୍ଶଦାତା ଆଇନଜୀବୀ ପ୍ରଫୁଲ୍ଲ ନାୟକ, ଉପଦେଷ୍ଟା ପ୍ରଭାକର ଖୁଣ୍ଟିଆ, ତୁଷାର ରଞ୍ଜନ ଦୀକ୍ଷିତ, ଉପସଭାପତି ଅମିୟ ନାୟକ, ସମ୍ପାଦକ ମାନସ ସାମଲ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର, ଅଶୋକ ବରାଳଙ୍କ ସମେତ ଶତାଧିକ ଉପଭୋକ୍ତା ଯୋଗଦେଇଥିଲେ।

## ବିଭିନ୍ନ ଧାର୍ମିକ ଅନୁଷ୍ଠାନ ପାଇଁ ଅର୍ଥ ମଞ୍ଜୁର

ଅସ୍ତରଙ୍ଗ,୩।୯(ମମତା ଜେନା)

୫-ଟି ସଚିବ ଭି.କେ ପାଣ୍ଡିଆନ ଗତ ୧୮ ଓ ୧୯ ତାରିଖ ୨ ଦିନ ଧରି ପୁରୀ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀ ଗସ୍ତ କରିଥିଲେ। ସେହି ସମୟରେ ଲୋକେ ବିଭିନ୍ନ ଦାବିପତ୍ର ତାଙ୍କୁ ପ୍ରଦାନ କରିଥିଲେ। ସେହିସବୁ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦାଖଲ କରାଯିବା ପରେ ଜିଲାର ୬୦୮ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨୬ କୋଟି ୪୮ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜିଲା ପ୍ରଶାସନ ସୂତ୍ରରୁ ଜଣାପଡିଛି। ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତ ଅଣଚମ୍ପା ଗ୍ରାମସ୍ଥିତ ରାମ ମନ୍ଦିର ମରାମତି ପାଇଁ ୯ଲକ୍ଷ ଟଙ୍କା, ଜିଉନ୍ତୀର ଈଶ୍ୱରନାଥ ଶୈବପୀଠର ଭୋଗମଣ୍ଡପ ପୁନରୁଦ୍ଧାର ପାଇଁ ୮ ଲକ୍ଷ ଟଙ୍କା, ଉକୁଲେଇ ଠାକୁରାଣୀଙ୍କ ମନ୍ଦିର ମରାମତି ଓ ପୁନରୁଦ୍ଧାର ପାଇଁ ୭ ଲକ୍ଷ ଟଙ୍କା, କୋରଣା ପଞ୍ଚାୟତ ପୋଟଳ ଗ୍ରାମର ମହିମା ଅଲେଖ ମନ୍ଦିର ମରାମତି ପାଇଁ ୭ ଲକ୍ଷ ଟଙ୍କା, ସହନ ଗଙ୍ଗାଦେବୀ, କୋରଣା ଦୁର୍ଗାମଣ୍ଡପ, ବେଗୁନିଆବସ୍ତ ବାଲୁଙ୍କେଶ୍ୱର, ବଳଭଦ୍ରପୁର ମସଜିଦ, ଅସ୍ତରଙ୍ଗ ନିଗମାନନ୍ଦ ଆଶ୍ରମର ଭୋଗମଣ୍ଡପ ଓ ଭିତ୍ତିପ୍ରସ୍ତର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କା, ବନ୍ତିଲୋ ଜଗନ୍ନାଥ ମନ୍ଦିରକୁ ୮ ଲକ୍ଷ, କାକଟପୁର ବ୍ଲକ ଲତାହରଣ ଗ୍ରାମେଶ୍ୱର ମନ୍ଦିର ଭୋଗମଣ୍ଡପ ନିର୍ମାଣ ପାଇଁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିସହ ଅନ୍ୟ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କାକଟପୁର ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ଦୀକ୍ଷିତ୍, ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାର ନାଥ ବିଶ୍ୱାଳ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କାର୍ଯ୍ୟକ୍ରମ

ପୁରୀ, ୩।୯(ଅଜିତ୍ ମହାନ୍ତି)

ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୃଦ୍ଧି ହେତୁ ଭାରତରେ ସାମୁଦ୍ରିକ ଓ ଉପକୂଳ ଇକୋସିଷ୍ଟମ ଅସୁରକ୍ଷିତ ହୋଇପଡ଼ିଛି। ସାମୁଦ୍ରିକ ମତ୍ସ୍ୟଜୀବୀମାନେ ସଦାବେଳେ ସମୁଦ୍ର ନିକଟରେ ରୁହନ୍ତି। ଏହା ସେମାନଙ୍କ ଜୀବନ ଓ ଜୀବିକା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଆଣିଥାଏ। ଟ୍ରପିକାଲ୍ ସାଇକ୍ଲୋନ୍ ପରି ଜଳବାୟୁ ପରିବର୍ତ୍ତନ ଘଟଣାର ବଢୁଥିବା ଫ୍ରିକ୍ୱେନ୍ସି ଏବଂ ତୀବ୍ରତା ଉପରେ ସେମାନେ ଅତ୍ୟଧିକ ସଂସ୍ପର୍ଶରେ ଆସିଛନ୍ତି। ଜଳବାୟୁ ଆଘାତ ସହିତ ସେମାନଙ୍କର ଅନୁକୂଳ କ୍ଷମତା ବଢ଼ାଇବା ପାଇଁ ସ୍ଥାନୀୟ ସଂଗଠନ ସ୍ପନ୍ଦନ, ଆଶ୍ରୟ ହସ୍ତକ୍ଷେପ ଟ୍ରଷ୍ଟ ସହଭାଗିତାରେ ବେଙ୍ଗାଲୁରୁସ୍ଥିତ ଇନଫୋସିସ୍ ସହପ୍ରତିଷ୍ଠାତା କେ. ଦୀନେଶ ପୁରୀରେ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏ ନେଇ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ‘ସ୍ପନ୍ଦନ’ ପକ୍ଷରୁ ସୂଚନା ମିଳିଛି। ଏହି ପାଣିପାଗ କେନ୍ଦ୍ରଗୁଡ଼ିକ ଦୈନିକ ପାଣିପାଗ ସୂଚନା ଦେବା ଆରମ୍ଭ କରିଦେଇଛି । ଏମାନେ ଓଡ଼ିଶାର ପାଣିପାଗ ବିଭାଗ ସହିତ ଅଂଶୀଦାର ହୋଇଛନ୍ତି। ଏହି ହସ୍ତକ୍ଷେପ ୪ହଜାର ମତ୍ସ୍ୟଜୀବୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଯେଉଁମାନେ ମାଛ ଓ ଶୁଖିଲା ମାଛ ବ୍ୟବସାୟରେ ଜଡ଼ିତ, ସେମାନଙ୍କୁ ସ୍ଥାନୀୟ ପାଣିପାଗ ସୂଚନା ଦେବା ପାଇଁ ପ୍ରୟାସ କରାଯାଇଛି। ଏହି ପ୍ରକ୍ରିୟାର ପ୍ରାରମ୍ଭିକ ପଦକ୍ଷେପ ଭାବରେ ପୁରୀର ପେଣ୍ଠକଟା ଏବଂ କୋଣାର୍କ ଚନ୍ଦ୍ରଭାଗା ମତ୍ସ୍ୟଜୀବୀଙ୍କ ବାସସ୍ଥାନରେ ଦୁଇଟି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଆଶ୍ରୟ ହସ୍ତକ୍ଷେପ ଟ୍ରଷ୍ଟରୁ ଏନ୍.କେ ଶାରାମା, ଜିଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଫିଶରଫୋଲ୍କ ମହିଳା ଫେଡେରେଶନ୍ ସଭାପତି ଆରିପିଲି ବାରଶାଲି ମିଶ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଦୁର୍ଗା ଦେ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଡେଲାଙ୍ଗ,୩।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଜେନାପୁର ପଞ୍ଚାୟତର ଚନ୍ଦ୍ରଶେଖର ଦେବ ଉଚ୍ଚବିଦ୍ୟାଳୟ ପରିସରରେ ଶିକ୍ଷକ ଦ୍ୱିଜବର ପରିଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ବିଭୂତିଭୂଷଣ ହୋତାଙ୍କ ସଭାପତିତ୍ୱରେ ଏବିଇଓ ସୁଷମା ଦାଶ, ବିଦ୍ୟାଳୟ ପ୍ରତିଷ୍ଠାତା ସତ୍ୟବାଦୀ ସ୍ୱାଇଁ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମହାରଣା, ଶିକ୍ଷକ ଦିଗମ୍ବର ରଥ, ଶତ୍ରୁଘ୍ନ ଜେନା, ଦ୍ୱିଜବର ବେହେରା, ଶିକ୍ଷୟିତ୍ରୀ ପୂର୍ଣ୍ଣିମା ରାଉତ, ସତ୍ୟନାରାୟଣ ପ୍ରଧାନ, କିରାଣୀ ହରିହର ସ୍ୱାଇଁ, ବସନ୍ତ ଦାଶ, ମିଟୁକିଶୋର ସ୍ୱାଇଁ, ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଜୀବନରେ ଶିକ୍ଷକ ହେଉଛନ୍ତି ପଥପଦର୍ଶକ, ଗୁରୁ ଶିଷ୍ୟକୁ ଅନ୍ଧାରରୁ ଆଲୋକକୁ ଆଣିବା ସହିତ ଠିକ୍ ମାର୍ଗରେ ଗଢିତୋଳିବା ପାଇଁ ପ୍ରଚେଷ୍ଟା କରିଥାଏ ବୋଲି ହୋତା ମତବ୍ୟକ୍ତ କରିଥିଲେ। ଶିକ୍ଷକ ହୃଷୀକେଶ ବଳିୟାରସିଂହ ସଭା ସଂଯୋଜନା କରିଥିବା ବେଳେ ପ୍ରଧାନ ଶିକ୍ଷକ ମହାରଣା ଧନ୍ୟବାଦ ଦେଇଥିଲେ। ଶିକ୍ଷକ କେଦାରସନ ବେହେରା, ସୁରେଶ ମଲ୍ଲିକ, ବଳରାମ ନାୟକ, ବନମାଳି ହେମ୍ବ୍ରମ୍, ଶିବଶଙ୍କର ସିଂହ, ଛାତ୍ର ସଂସଦ ସଭାପତି ବିଶ୍ୱଜିତ ନାୟକ, ମହେଶ୍ୱର ବେହେରା ପ୍ରମୁଖଙ୍କ ସହିତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି ଉତ୍ତରୀୟ ପ୍ରଦାନ ପୂର୍ବକ ବିଦାୟୀ ସମ୍ବର୍ଦ୍ଧନା ଦେଇଥିଲେ।

## ‘ଶିକ୍ଷକ ଜୀବନରେ ଅବସର ନ ଥାଏ’

ଗୋପ,୩।୯(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷକ ସମାଜ ଲାଗି ଦର୍ପଣ ସଦୃଶ, କାହିଁକି ନା ଶିକ୍ଷକ ଜୀବନରେ ଅବସର ନ ଥାଏ। ଦୋସ୍ଥଳି ପଞ୍ଚାୟତ ଅଧୀନ ଭାରଗୋଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯମେଶ୍ୱର ସ୍ୱାଇଁଙ୍କ ଅବସରକାଳୀନ ଉତ୍ସବ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ସବରେ ଯୋଗଦେଇ ଏହା କହିଥିଲେ। ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ପୂର୍ବତନ ସଭାପତି ସୁଶାନ୍ତ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା, ସମ୍ମାନିତ ଅତିଥି ଭାବେ ଦୋସ୍ଥଳି ସରପଞ୍ଚ ମକରଧ୍ୱଜ ସ୍ୱାଇଁ, ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ, ଅଲଓଷ୍ଟାର ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ଯୁବରାଜ ବିଶ୍ୱାଳ, ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ସରୋଜ ମିଶ୍ର, ସତ୍ୟ ମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷାକୁ ସରକାର ପ୍ରାଥମିକତା ଦେଉଥିବାବେଳେ ଆମେ ସଚେତନତା ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍କୁଲ ପରିସରରେ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପରେ ମନ୍ତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

# ୯ରେ କୃଷକ ବିଜୟ ସମାବେଶ

### ଯୋଗଦେବେ ପ୍ରଶାନ୍ତ ଭୂଷଣ, ମେଧା ପାଟେକର

ପୁରୀ, ୩।୯(ଅଜିତ୍ ମହାନ୍ତି):

ଅନିଲ ଅଗ୍ରୱାଲ ଫାଉଣ୍ଡେଶନ ପାଇଁ ରାଜ୍ୟ ସରକାରଙ୍କ ବେଆଇନ ଜମି ଅଧିଗ୍ରହଣ ନେଇ ସୁପ୍ରିମକୋର୍ଟରେ ହୋଇଥିବା ମାମଲାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ବିଜୟୀ ହେବାପରେ ସେପ୍ଟେମ୍ବର ୯ରେ ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ କୃଷକ ବିଜୟ ସମାବେଶ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ଅବସରରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ନେତୃବୃନ୍ଦ ବାଇଶମୌଜାର ପ୍ରତ୍ୟେକ ଗାଁକୁ ଗାଁ ବୁଲି ବେଦାନ୍ତ ବିଶ୍ୱବିଦ୍ୟାଳୟ ଆଳରେ ଅନିଲ ଅଗ୍ରୱାଲଙ୍କ ଜମି ହଡ଼ପର ଆଭିମୁଖ୍ୟ ତତ୍କାଳୀନ ରାଜ୍ୟ ସରକାରଙ୍କ ଆଖିବୁଜା କମ୍ପାନୀ ପ୍ରୀତି ଏପରିକି ଏହି ମାମଲାରେ ଲୋକପାଳ ଓ ହାଇକୋର୍ଟରେ ବେଆଇନ ଘୋଷଣା ପରେ ବି ସୁପ୍ରିମକୋର୍ଟ ଯିବା, ସେଠାରେ ମାମଲା ତର୍ଜମା ପରେ ବହୁ ଦୁର୍ନୀତି ଓ ବେଆଇନ ଘଟଣାର ପର୍ଦ୍ଦାଫାଶ ସମ୍ପର୍କରେ ଲୋକଙ୍କୁ ସଚେତନ ସହ ସଭା କରାଉଛନ୍ତି। ସମିତି ପକ୍ଷରୁ ଶନିବାର ପୁରୀରେ କାର୍ଯ୍ୟକ୍ରମକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ସ୍କୁଲ ନିକଟ ନାଓମୀ ଭବନଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ପ୍ରମୁଖ ପୁରୋଧା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଯୋଗଦେଇ ଆଗାମୀ ବିଜୟ ଦିବସ ପାଳନର ପ୍ରସ୍ତୁତିପର୍ବ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ଓ ବାଇଶମୌଜା ଅଞ୍ଚଳର ସମସ୍ତ ଚାଷଜମିକୁ ରାଜ୍ୟ ସରକାରଙ୍କ ଦ୍ୱାରା ବେଦାନ୍ତ କମ୍ପାନୀ କିପରି ଜାଲିଆତି କାଗଜାତରେ ହାତେଇ ନେଇଥିଲା ସେ ସମ୍ପର୍କରେ ସୂଚନା ଦେବାପରେ ଏହି ବେଆଇନ ଜମି ଅଧିଗ୍ରହଣ ବିରୋଧରେ ଲୋକପାଳ, ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯାଏ ଆଇନଗତ ଲଢେଇର ଯନ୍ତ୍ରଣା ଅବତାରଣା କରିଥିଲେ। ଆଗାମୀ ‘ମହାପ୍ରଭୁଙ୍କ ବିଜୟ ଉତ୍ସବ ଓ କୃଷକ ବିଜୟ ସମାବେଶ’ରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ସଂଖ୍ୟାରେ କୃଷକ ସଙ୍ଗଠନ, କୃଷକ ନେତାଙ୍କ ସହ ବହୁ ନେତୃବୃନ୍ଦ, ସୁପ୍ରିମକୋର୍ଟରେ ଏହି ମାମଲା ପରିଚାଳନା କରିଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ, ନର୍ମଦା ବଞ୍ଚାଅ ଅଭିଯାନର ଜନନେତ୍ରୀ ମେଧା ପାଟେକର ପ୍ରମୁଖ ଯୋଗଦେବେ। ତେଣୁ ଶୃଙ୍ଖଳିତ ଭାବେ ଶୋଭାଯାତ୍ରା ଓ ସଭାକାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଦୁଇଜଣ ଅତିଥିଙ୍କୁ ଏକ ବିରାଟ ବାଇକ ଶୋଭାଯାତ୍ରାରେ ସଭାସ୍ଥଳ ବେଲଦଳକୁ ଅଣାଯିବ। ସେଠାରେ ସଭା ହେବ। ବୈଠକରେ ଦେଶର ବଡ଼ ଜମି ଜାଲିଆତି ପାଇଁ କରାଯାଇଥିବା ଷଡଯନ୍ତ୍ର ବିରୋଧରେ ଆଇନଗତ ଲଢେଇ ହେବ। ଯେଉଁମାନେ ଏହି କେଲେଙ୍କାରିରେ ସାମିଲ ଥିଲେ ସେମାନଙ୍କ ବିରୋଧରେ କୋର୍ଟଙ୍କ ଆଶ୍ରୟ ନେବା ସହ ତଦନ୍ତ କରାଯିବ। ବେଆଇନ ଭାବରେ ନେଇଥିବା ଜମିକୁ ସରକାର ଲୋକଙ୍କୁ ଫେରାଇବା ପାଇଁ ଉକ୍ତ ଦିନ ସମିତି ପକ୍ଷରୁ ଦାବି ଉପସ୍ଥାପନ କରାଯିବ ବୋଲି ରଥ ସୂଚନା ଦେଇଛନ୍ତି। ବୈଠକରେ ପୁରୀର ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବୁଦ୍ଧିଜୀବୀ, ଓକିଲ, ସେବାୟତ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ରଥଙ୍କୁ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା।


ବେଦାନ୍ତ ଜମି ଫେରସ୍ତରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଉମାବଲ୍ଲଭ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ହେଲ୍‌ପର ମୃତ

ମଙ୍ଗୁଳି-ଜଗତପୁର,୩।୯(ମାନସ ସାମଲ)

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ଏକ ପେଟ୍ରୋଲ ପମ୍ପ ନିକଟରେ ଟ୍ରକ୍ ଧକ୍କାରେ ଜଣେ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉତ୍ତରପ୍ରଦେଶ କୋରା ଥାନା ଅଧୀନ ଧର୍ମମଙ୍ଗଳ ଅଞ୍ଚଳର ସୋଲେ କୁମାର (୨୩)। ଶନିବାର ବିଳମ୍ବିତ ରାତିରେ ସେ ଖାଇବା ପାଇଁ ଉକ୍ତ ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ହୋଟେଲକୁ ଯାଇଥିଲେ। ସେଠାରେ ଖାଇବା ପରେ ଡ୍ରାଇଭର ପାଇଁ ଖାଦ୍ୟ ଆଣି ଚାଲି ଚାଲି ଯାଉଥିଲେ। ଏହି ସମୟରେ କଟକରୁ ମଙ୍ଗୁଳି ଛକ ଅଭିମୁଖେ ଆସୁଥିବା ଏକ ଟ୍ରକ (ନଂ. ଓଡି୦୫ବିଏଫ୍-୯୮୫୨) ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ପରେ ଟ୍ରକ୍ ଚକ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲା। ଏଥିସହ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିଛି।

### ଭାଗବତ ପାରାୟଣ ଉଦ୍‌ଘାଟିତ

କଟକ,୩।୯ (କାର୍ତ୍ତିକ ସାହୁ)

ସୁବୋଧ କୃଷ୍ଣ ମିଶନ ପକ୍ଷରୁ ରାଷ୍ଟ୍ରଭାଷା ପ୍ରଚାର ସମିତି ସଭାଗୃହରେ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ରବିବାରଠାରୁ ଆରମ୍ଭ ହୋଇଛି। ପୁରୀରୁ ମା' ସୁଭଦ୍ରାଙ୍କ ମୁଖ୍ୟ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁବୋଧ କୃଷ୍ଣ ମିଶନର ଲୋକସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଲିଜା ରାଉତ, ଶିକ୍ଷାବିତ୍ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ଜଷ୍ଟିସ୍ ବାସୁଦେବ ପାଣିଗ୍ରାହୀ, ଭାଷ୍ୟକାର ରମାନାଥ ପଣ୍ଡା, ଜତୀନ୍ଦ୍ର ନାଥ ଦାସ ଯୋଗଦେଇଥିଲେ। ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟି ଲିଙ୍ଗରାଜ ଖାଡ଼ଙ୍ଗା, ରାଜେଶ ସାହୁ, ଉପାଧ୍ୟକ୍ଷ ଶଶିଭୂଷଣ ତ୍ରିପାଠୀ, ସମ୍ପାଦକ ବିନୟ କୁମାର ନାୟକଙ୍କ ଉପସ୍ଥିତିରେ ମିଶନର ପ୍ରମୁଖ ଡ. ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ ଭାଗବତ ପାରାୟଣ ପ୍ରବଚନର ଶୁଭାରମ୍ଭ କରିଥିଲେ।

# ସିଟି ହସ୍ପିଟାଲରେ ରୋଗୀ ମୃତ, ଉତ୍ତେଜନା

କଟକ,୩।୯(କାର୍ତ୍ତିକ ସାହୁ)

କଟକ ଜିଲା ମୁଖ୍ୟ ଚିକିତ୍ସାଳୟ (ସିଟି ହସ୍ପିଟାଲ)ରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ହସ୍ପିଟାଲ ପରିସରରେ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏ ନେଇ ମୃତା ମହିଳାଙ୍କ ପରିବାର ପକ୍ଷରୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ବିରୋଧରେ ଦରଘାବଜାର ଥାନାରେ ଏତଲା ଦିଆଯାଇଛି।

ସୂଚନା ଅନୁସାରେ, ଦରଘାବଜାର ଅଞ୍ଚଳର ଯସ୍ମିନ୍ ବେଗମ୍ ନାମ୍ନୀ ମହିଳା ଗର୍ଭବତୀ ଥିବାରୁ ଗତ ଅଗଷ୍ଟ ୨୬ରେ ପ୍ରସବ ପାଇଁ ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର

## ଚିକିତ୍ସା ଅବହେଳା ଅଭିଯୋଗ


ଯସ୍ମିନ୍ ବେଗମ୍।

ଏକ ମୃତ ପିଲା ଜନ୍ମ ହୋଇଥିଲା। ପରେ ତାଙ୍କୁ ମେଡିକାଲରେ ରଖି ଚିକିତ୍ସା କରାଯାଇଥିଲା। ୨/୩ ଦିନ ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ହେଲେ ସେ ଘରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କୁ ଶନିବାର ରାତି ପ୍ରାୟ ସାଢ଼େ ୧୨ଟାରେ ପରିବାର ଲୋକେ ସିଟି ହସ୍ପିଟାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧.୪୫ ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ ଯେ, ମୃତ ପିଲା ଜନ୍ମ ପରେ ଯସ୍ମିନ୍‌ଙ୍କୁ ଅଧିକ ଦିନ ମେଡିକାଲରେ ରଖି ଚିକିତ୍ସା କରାଯାଇପାରିଥାନ୍ତା। ତାଙ୍କର ଛାତି ଯନ୍ତ୍ରଣା ହେଉଥିବାବେଳେ ଗୋଡ଼, ମୁହଁ ଫୁଲିଯାଇଥିଲା। ଡାକ୍ତରମାନେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ। ସମ୍ପୂର୍ଣ୍ଣ ଭାବେ ଡାକ୍ତରଙ୍କ ଅବହେଳା ପାଇଁ ଯସ୍ମିନ୍‌ଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷରେ ଦରଘାବଜାର ଥାନା ଆଇଆଇସି ଚିନ୍ତେଶ୍ୱର ମୁଣ୍ଡା କହିଛନ୍ତି, ହସ୍ପିଟାଲ ପକ୍ଷରୁ ଥାନାରେ ଦିଆଯାଇଥିବା ସୂଚନାକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏସ୍‌ସିବି ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତାଙ୍କ ଭିସେରା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଭିସେରା ରିପୋର୍ଟ ଆସିବାକୁ ପ୍ରାୟ ୨ ମାସ ସମୟ ଲାଗିଥାଏ। ତେବେ ମୃତଦେହ ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟ ଆସିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ହୋଇଥିବା ନେଇ ରିପୋର୍ଟରୁ ଜଣାପଡିଲେ ମାମଲାର ମୋଡ଼ ବଦଳିବ। ସେପର୍ଯ୍ୟନ୍ତ ଆମକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# 'ବିଶ୍ୱରେ ଭଲ ମଣିଷଙ୍କ ଆବଶ୍ୟକତା ଜରୁରୀ'



ସଭାରେ ଉପସ୍ଥିତ ଅତିଥି।

କଣ୍ଟାପଡା,୩।୯ (ସୁରନାରାୟଣ ସାହୁ)

## ଦଧୀଚି ଶିକ୍ଷାସମୂହ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

କଣ୍ଟାପଡା ବ୍ଲକ ଅଧୀନ ସୁନ୍ଦରଗ୍ରାମଠାରେ ଥିବା ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନର ୧୯ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର ଜୟନ୍ତ ନାରାୟଣ ଷଡଙ୍ଗୀ ଯୋଗଦେଇ କହିଥିଲେ, ବିଶ୍ୱରେ ବୁଦ୍ଧିମାନ ମଣିଷଙ୍କ ଅଭାବ ନାହିଁ। ହେଲେ ବିଶ୍ୱକୁ ସୁରକ୍ଷିତ ରଖିବା ପାଇଁ ଭଲ ମଣିଷଙ୍କ ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡିଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମେଡିକାଲ ଶିକ୍ଷା ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ଗ୍ରାମାଞ୍ଚଳର ଗୋଟିଏ ପରିସରରେ ଛାତ୍ରୀଛାତ୍ରଙ୍କୁ ଭିନ୍ନ ଭିନ୍ନ ବିଭାଗରେ ଶିକ୍ଷା ମିଳିବା ଏକ ଖୁସିର ବିଷୟ ବୋଲି କହିଥିଲେ। ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷା ସମୂହ ଚେୟାରମ୍ୟାନ୍ ଡ. ମନୋଜ କୁମାର ଦାଶ ଯୋଗଦେଇ ଗ୍ରାମାଞ୍ଚଳ ଗରିବ ମେଧାବୀଙ୍କ ପାଇଁ ଏହି ଅନୁଷ୍ଠାନ ସବୁବେଳେ ସମର୍ପିତ ବୋଲି କହିଥିଲେ। ଅନୁଷ୍ଠାନର ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ସଂଗ୍ରାମ କେଶରୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# 'ସଦାଚାରୀ ବ୍ୟକ୍ତି ସମାଜରେ ନବ ଜାଗରଣ ଆଣେ'


ସମାରୋହରେ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୩।୯ (କାର୍ତ୍ତିକ ସାହୁ)

## ବିଶ୍ୱ ସଂସ୍କୃତ ଦିବସ ସମାରୋହ

ସମାଜର ବିବିଧ ବିଶୃଙ୍ଖଳା ଦମନ କରିବାକୁ ସଂସ୍କୃତ ହିଁ ସମର୍ଥ। ସଂସ୍କୃତ ପ୍ରତି ରୁଚି ରଖୁଥିବା ବ୍ୟକ୍ତି ସଦାଚାରୀ ହୋଇଥାଏ। ସଦାଚାରୀ ବ୍ୟକ୍ତି ହିଁ ସମାଜରେ ନବ ଜାଗରଣ ଆଣିଥାଏ। ତେଣୁ ଏହାର ବହୁଳ ପ୍ରଚାର, ପ୍ରସାର ଆବଶ୍ୟକ ବୋଲି ବିଶ୍ୱ ସଂସ୍କୃତ ଦିବସ ସମାରୋହରେ ମୁଖ୍ୟ ଅତିଥି ସ୍ୱାମୀ ସତ୍ୟାନନ୍ଦ ଦାସ ମହାରାଜ ମତବ୍ୟକ୍ତ କରିଛନ୍ତି।

ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ କଟକ ଟାଉନ୍ ହଲ୍‌ଠାରେ ଆୟୋଜିତ ସମାରୋହରେ ଲୋକକବି ଡ. କାଳୀପ୍ରସନ୍ନ ଶତପଥୀ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ବ୍ରଜକିଶୋର ସ୍ୱାଇଁ ଓ ସମ୍ମାନିତ ଅତିଥି ପ୍ରାଧ୍ୟାପିକା ମନୀଷା ଦାସ ଯୋଗଦେଇ ସଂସ୍କୃତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଂସ୍କୃତ ସାହିତ୍ୟ ଏକାଡେମୀର ସମ୍ପାଦକ ଡ. ବିପିନ୍ ବିହାରୀ ଶତପଥୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ରଙ୍କୁ ଓଡ଼ିଶୀ ନୃତ୍ୟଗୁରୁରତ୍ନମ୍ ଉପାଧିରେ ଭୂଷିତ କରାଯାଇଥିଲା। ସେହିପରି ତିରୁପତିସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ସଂସ୍କୃତ ବାଚକ ଶିରୋମଣି ସମ୍ମାନ ପ୍ରଦାନ କରାଯାଇଥିଲା। ପଣ୍ଡିତ ନୀରଦ କୁମାର ଆର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଦୀପ୍ତ କୁମାର ରଥ ଧନ୍ୟବାଦ ଦେଇଥିଲେ। ସଂସ୍କୃତ ଭାଷଣ, ଶ୍ଳୋକାବୃତ୍ତି ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡା. ଦୀପକ ରାଜ, ଡ. ଦିଲୀପ ପାଲ, କାତ୍ୟାୟନୀ ଆଚାର୍ଯ୍ୟ, ତପସ୍ୱିନୀ ତ୍ରିପାଠୀ, ମନୋରଞ୍ଜନ ମିଶ୍ର, ପ୍ରିୟବ୍ରତ କର, ଅଶୋକ ମହାରଣା, ଜଗନ୍ନାଥ ପଣ୍ଡା, ଅଭିମନ୍ୟୁ ରଥ, କୃଷ୍ଣଚନ୍ଦ୍ର ନାୟକ, ପର୍ଶୁରାମ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍, ଅଟୋ ଜବତ: ୨ ଗିରଫ

ଫୁଲନଖରା,୩।୯(ସତ୍ୟରଞ୍ଜନ ଦାସମହାପାତ୍ର)

ବାଇକ୍ ଓ ଅଟୋ ଚୋରି କରିବା ଅଭିଯୋଗରେ କଟକ ସଦର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଗୋପାଳପୁର ସାମଲ ସାହିର ଆକାଶ ସାମଲ ଓ ମାହାଙ୍ଗା ଥାନା ଅନ୍ତର୍ଗତ ପଲ୍ଲୀ ସାହିର ବୈଦି ଭୂଷଣ ଦାସ। ସେମାନଙ୍କଠାରୁ ଗୋଟିଏ ବାଇକ ଓ ଅଟୋ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ସଞ୍ଜୟ କୁମାର ସ୍ୱାଇଁ ଘରଭଡା ନେଇ ରହୁଥିଲେ। ଗତ ଜୁଲାଇ ୨୭ ତାରିଖ ସନ୍ଧ୍ୟାରେ ତାଙ୍କ ଘର ଆଗରେ ଥିବା ବାଇକ୍ ଚୋରି ହୋଇଥିଲା। ଏନେଇ ସଞ୍ଜୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୫୯/୨୩) ରୁଜୁ କରିଥିଲା। ସଦର ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ସାସମଲ ଘଟଣାର ତଦନ୍ତ କରି ଆକାଶଙ୍କୁ ଗିରଫ କରିଥିଲେ। ତାଙ୍କୁ ପଚରାଉଚରା କରାଯିବାରୁ ଏକ ଅଟୋ ସ୍ଥାନୀୟ ଗୋପାଳପୁର ବେହେରା ସାହିରୁ ବୈଦି ଭୂଷଣଙ୍କ ସହ ମିଶି ଚୋରି କରିଥିବା ସେ ସ୍ୱୀକାର କରିଥିଲେ।

# ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ, ସହାୟିକା ସାମ୍ମୁଖ୍ୟର ଜିଲା ସମ୍ମିଳନୀ

କଟକ,୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର କଟକ ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ରଶ୍ମିବାଳା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟର ରାଜ୍ୟ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦିକା ମଞ୍ଜୁଲତା ଦାସ, ସଞ୍ଜୁବାଳା ମହାନ୍ତି, ସୁଶ୍ରୀ ସଙ୍ଗୀତା ଦାସ, ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ତଥା ମେୟର ସୁବାସ ସିଂ, ସମ୍ପାଦକ ରାଜୀବ ମହାନ୍ତି ପ୍ରମୁଖ ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲାର ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ଅବସରରେ କଟକ ଜିଲା କମିଟି ଗଠନ କରାଯାଇଥିଲା। ଏଥିରେ ଜିଲା ସଭାନେତ୍ରୀ ଭାବେ ରଶ୍ମିବାଳା ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସାଧାରଣ ସମ୍ପାଦିକା ଭାବେ ସଂଯୁକ୍ତା ମହାନ୍ତି, କୋଷାଧ୍ୟକ୍ଷା ଭାବେ ସ୍ନେହଲତା ମିଶ୍ର, ଉପ ସଭାପତି ଭାବେ କନକଲତା ସାହୁ, ସୁଷମା ପତ୍ରୀ, ଲିପିକା ନାୟକ, ପ୍ରଣତୀ ମହାପାତ୍ର, ସହସମ୍ପାଦିକା ଭାବେ ମିନର୍ଭା ରାଉତ, ରଶ୍ମିତା ସିଂ, ମମତା ପାଲ୍ ଓ ରତି ଲେଙ୍କା ମନୋନୀତ ହୋଇଥିଲେ। ଏଥିସହ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମଳୟ ରାଉତ, ପର୍‌ବିନ୍ ବିବି, ଜ୍ୟୋତ୍ସ୍ନା ମହାପାତ୍ର, ଆଶାଲତା ସିଂ, ନିବେଦିତା ବିଶ୍ୱାଳ ଓ ନମିତା ସ୍ୱାଇଁ ମନୋନୀତ ହୋଇଥିଲେ।

## 'ଆମରା କଜନ'ର ବାର୍ଷିକ ସଙ୍ଗୀତ ସନ୍ଧ୍ୟା

କଟକ,୩।୯ (କାର୍ତ୍ତିକ ସାହୁ)

ଆମରା କଜନ ସଙ୍ଗଠନର ଦ୍ୱାଦଶତମ ବାର୍ଷିକ ସଙ୍ଗୀତ ସନ୍ଧ୍ୟା କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତାରକନାଥ ସୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ବରେଣ୍ୟ ଅତିଥି ଭାବେ ଡ. ସୁନୀଲ ବୋଷ, ଆଇନଜୀବୀ ଗୌତମ ମୁଖାର୍ଜୀ ଓ ଗୋପାଳ ସୁର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶାରଦ ଆହ୍ୱାନ ଉନ୍ମୋଚିତ ହୋଇଥିଲା। ବଙ୍ଗଳା ଗାୟକ ପ୍ରୀତମ କୁମାର ଓ ତାଙ୍କ ସାଥୀ କଳାକାର ତ୍ରିନାଥ ଶାହା, ଅଭିଶ୍ରୀ ରାୟ, ଶାଳିନୀ ସମାଦାର ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପାର୍ଥ ମୁଖାର୍ଜୀ ମଞ୍ଚ ପରିଚାଳନା, ରୂପା ଘୋଷ ଅତିଥି ପରିଚୟ ଓ ଅନୁଷ୍ଠାନର ସମ୍ପାଦକ ପୁଷ୍ପାଙ୍କ ବାନାର୍ଜୀ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ପିନାକୀ ଦତ୍ତ, ଅଭିଷେକ ରାୟ, ସୁପ୍ରିୟା ମୁଖାର୍ଜୀ, ତାପସ ମୁଖାର୍ଜୀ, କାହ୍ନୁଗୋପାଳ ଚକ୍ରବର୍ତ୍ତୀ, ସମୀରଣ ଦତ୍ତ, ଅମର ଶାହା, ଉତ୍ତମ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳର ସାଧାରଣ ଅଧିବେଶନ

କଟକ,୩।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳର ସାଧାରଣ ଅଧିବେଶନ କଟକ ତେଲେଙ୍ଗା ବଜାରସ୍ଥିତ ରଘୁନାଥଜୀଉ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ତମ୍ଭକାର ତଥା ଖବରଦାତା ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ବାବାଜି ଚରଣ ପଟ୍ଟନାୟକ, ଡ. ନାରାୟଣ ଚନ୍ଦ୍ର ମିଶ୍ର, ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳର ପରୀକ୍ଷା ସଞ୍ଚାଳକ ଡ. ଚିତ୍ତରଞ୍ଜନ ଷଡ଼ଙ୍ଗୀ, ସଙ୍ଗଠନର ଯାଜପୁର ସମ୍ପାଦକ ନରହରି ଦାସ ଯୋଗଦେଇଥିଲେ। ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିବା ସହ ବିଭିନ୍ନ ଜିଲାରୁ ଆସିଥିବା ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ପଣ୍ଡିତ ଗଠନାତ୍ମକ ପରାମର୍ଶ ଦେବା ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଏକ ରିଟର୍ନିଂ କମିଟି ଗଠନ ସହ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ଲୋକଭାଷା ପ୍ରଚାର ସମିତିର ଅଧ୍ୟକ୍ଷ ଡ. ସଦାନନ୍ଦ ଦୀକ୍ଷିତ, ଉପସଭାପତି ସୁବାସ ଚନ୍ଦ୍ର ପାଣି ଓ ରମେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଡ. ଶୈଳେନ୍ଦ୍ର ନାରାୟଣ ପାଢୀ, ସାଧାରଣ ସମ୍ପାଦକ ଭାବେ ଡ. ଚିତ୍ତରଞ୍ଜନ ଷଡଙ୍ଗୀ, ସମ୍ପାଦକ ଭାବେ ଡ. ନାରାୟଣ ମିଶ୍ର ଓ ଅଜିତ କୁମାର ପ୍ରଧାନ, ସଙ୍ଗଠନ ସମ୍ପାଦକ ଭାବେ ଡ. ସିଦ୍ଧେଶ୍ୱର ପଣ୍ଡା, ସୁଶାନ୍ତ କୁମାର ତିଆଡୀ ଓ କୋଷାଧ୍ୟକ୍ଷ ଭାବେ ଆର୍ତ୍ତତ୍ରାଣ ତ୍ରିପାଠୀ ମନୋନୀତ ହୋଇଥିଲେ। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଅଶୋକ ବଳ, ପଣ୍ଡିତ ନାରାୟଣ ଚନ୍ଦ୍ର ଦାଶ, ଚତୁର୍ଭୁଜ ତ୍ରିପାଠୀ, କ୍ଷୀରୋଦ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ବେହେରା ମନୋନୀତ ହୋଇଥିଲେ। ଏଥିସହ ସଭ୍ୟ ଭାବେ ୧୨ ଜଣ ଏବଂ ଜିଲାରେ ସମ୍ପାଦକମାନଙ୍କୁ ନେଇ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା।

# ମଣ୍ଡପରେ ସମାଜ ସଂସ୍କାର ବାର୍ତ୍ତା ରହୁ

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର)/କଟକ ସଦର,୩।୯(ସୁଶାନ୍ତ କୁମାର ଜେନା)

ଆସନ୍ତା ୧୯ ତାରିଖରେ ଗଣେଶ ପୂଜା। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କଟକ ସଦର ପୋଲିସ ପକ୍ଷରୁ ପ୍ରତାପ ନଗରୀସ୍ଥିତ ମା' ଧାକୁଲେଇ ପୀଠରେ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ରଶ୍ମିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ଅତିରିକ୍ତ ଡିସିପି ଅନିଲ ମିଶ୍ର ଯୋଗଦେଇ ପୂଜାର ନିୟମାବଳୀ ବିଷୟରେ ଆଲୋଚନା କରିଥିଲେ। ପୂଜା ମଣ୍ଡପରେ ଡାକବାଜି ଯନ୍ତ୍ର ବ୍ୟବହାର ପାଇଁ କମିଟି କର୍ମକର୍ତ୍ତାମାନେ ପୋଲିସଠାରୁ ଅନୁମତି ନେବେ। ୬୫ ଡେସିବଲ ଶବ୍ଦ ମଧ୍ୟରେ ଡାକବାଜି ଯନ୍ତ୍ର ବ୍ୟବହାର କରିବା, ବେଆଇନ ଚାନ୍ଦା ଆଦାୟ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ରୋକ୍ ଲଗାଯାଇଛି। ସେହିପରି ବିକୃତ ଗଣେଶ ମୂର୍ତ୍ତି ପୂଜା ନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପୂଜା ମଣ୍ଡପଠାରେ ରାତି ୧୦ଟା ସୁଦ୍ଧା ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରିବା, ପ୍ରତ୍ୟେକ ରବିବାର ତିନୋଟି ପର୍ଯ୍ୟାୟରେ


ଧାକୁଲେଇ ପୀଠରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

## ଗଣେଶ ପୂଜା ପ୍ରସ୍ତୁତି ବୈଠକ

ଭସାଣି କରିବା ପାଇଁ ପୂଜା କମିଟି କର୍ମକର୍ତ୍ତାଙ୍କୁ କୁହାଯାଇଛି। ବିଶେଷକରି ପୂଜା ମଣ୍ଡପରେ ସମାଜ ସଂସ୍କାର ବାର୍ତ୍ତାଗୁଡ଼ିକ ରଖିବା ପାଇଁ ଅତିରିକ୍ତ ଡିସିପି ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଜୋନ୍-୪ ଏସିପି ଚନ୍ଦନ ଘଡ଼େଇ, ଟ୍ରାଫିକ ଥାନା ଆଇଆଇସି ମନୋଜ ରୋଶନ ବିଲୁଙ୍ଗ, ସଦର ଥାନା ଅତିରିକ୍ତ ଆଇଆଇସି ରୀନା ମିଶ୍ର ଯୋଗଦେଇଥିଲେ। ଏଥିରେ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ମମତା ମହାନ୍ତି, ଲିପ୍ସା ନାୟକ, ପୂର୍ଣ୍ଣିମା ସ୍ୱାଇଁ, ହରିଅନ୍ତା ସରପଞ୍ଚ ପଦ୍ମିନୀ ପ୍ରଧାନ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ଦାସ, ଜିଲା ପରିଷଦ ସଭ୍ୟା ଆଶାଲତା ବେହେରା, କୁରାଙ୍ଗ ଶାସନ ସରପଞ୍ଚ ରୋହିଣୀ ଭୋଇ, ପ୍ରତାପ ନଗରୀ ଗ୍ରାମ୍ୟ ଉନ୍ନୟନ ପରିଷଦ ସଭାପତି ପ୍ରମୋଦ ସ୍ୱାଇଁ, ପ୍ରମୋଦ କୁମାର ମହାପାତ୍ର, ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତିଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ଅନ୍ୟମାନେ ଯୋଗଦେଇଥିଲେ।

ସେହିପରି ୪୨ ମୌଜା ପୋଲିସ ପକ୍ଷରୁ ବ୍ରହ୍ମପୁରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜୋନ୍-୪ ଏସିପି ଚନ୍ଦନ ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୪୨ ମୌଜା ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣା, ୨୧ଟି ପୂଜା କମିଟିର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଓ ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। କମିଶନରେଟ୍ ପୋଲିସ ପକ୍ଷରୁ ଯେଉଁ ତାରିଖରେ ସାମୂହିକ ଭସାଣି ଶୋଭାଯାତ୍ରା ପାଇଁ ସ୍ଥିର କରାଯାଇଛି ସେଥିମଧ୍ୟରୁ ଗୋଟିଏ ତାରିଖ ବାଛିବା ପାଇଁ କୁହାଯାଇଛି। ଏ ସମ୍ପର୍କରେ ପୂଜା କମିଟି କର୍ମକର୍ତ୍ତା ଥାନାରେ ଜଣାଇଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଅଜୟ କୁମାର ଦଳେଇ, ରାମଚନ୍ଦ୍ର ଗୋଚ୍ଛାୟତ, ବିଦ୍ୟାଧର ପାତ୍ର ଓ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



କଟକ ମହାନଦୀ ବିହାରସ୍ଥିତ ଏକ ମଣ୍ଡପ ସଭାଗୃହରେ କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତିକମିଟି ପକ୍ଷରୁ ରବିବାର ଅନୁଷ୍ଠିତ ଦୁର୍ଗାପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭାରେ ଉପସ୍ଥିତ ଅତିଥିବୃନ୍ଦ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ବସୁଧୈବ କୁଟୁମ୍ବକମ୍ ମିଶନର ସପ୍ତମ ବାର୍ଷିକ ମହୋତ୍ସବରେ ବିଶ୍ୱ ଜୀବନ ପ୍ରୀତି ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ପାଇପ୍‌ରେ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,୩।୯ (ସୂର୍ଯ୍ୟକାନ୍ତ ବେହେରା) : କୌଣସି କାରଣକୁ ନେଇ ଜଣେ ବ୍ୟକ୍ତିଙ୍କୁ ଜିଆଇ ପାଇପ୍‌ରେ ଆକ୍ରମଣ କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡର ବୈକୁଣ୍ଠ ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଘର ସମ୍ମୁଖରେ ଗାଡି ପାର୍କିଂ କରିବା ସମୟରେ ଅଭିଯୁକ୍ତ ତାଙ୍କ ପାଖକୁ ଆସି ଝଗଡା କରିବା ସହିତ ତାଙ୍କୁ ମାଡ ମାରିଥିଲେ। ଏନେଇ ଆହତ ବ୍ୟକ୍ତିଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

### ସ୍ୱଭାବକବି ଗଙ୍ଗାଧରଙ୍କ ଜୟନ୍ତୀ

ପୁରୁଣା ଭୁବନେଶ୍ୱର,୩।୯(ସୁବାସ ଚନ୍ଦ୍ର ପ୍ରଧାନ): ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ଆନୁକୂଲ୍ୟରେ ଷଡ୍‌ଢେଇକଳା ଭବନ ପ୍ରେକ୍ଷାଳୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସୀତାବଲ୍ଲଭ ମହାପାତ୍ର ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ପର୍ଶୁରାମ ଦ୍ୱିବେଦୀ ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ପ୍ରଶାସକ ଲେଖକ ଅଲେଖ ଚନ୍ଦ୍ର ପଢ଼ିଆରୀ ମୁଖ୍ୟ ଅତିଥି ଏବଂ ପ୍ରଫେସର ଶରତ ଚନ୍ଦ୍ର ରଥ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସ୍ୱଭାବକବିଙ୍କ କାବ୍ୟକବିତା ଉପରେ ଆଲୋକପାତ କରିଥିଲେ। ଅଲେଖ ନନ୍ଦୀ, ଦେବାଶିଷ ମହାପାତ୍ର, ପ୍ରେମଲତା ଦେବୀ, ଇଂ. ଲଡୁ କିଶୋର ପଢ଼ିଆରୀ, ବିମଳା ସିଂ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ରାମ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

### କସ୍ତୁରୀର ଶିଶୁ ଉତ୍ସବ: ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)- ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କସ୍ତୁରୀ ପକ୍ଷରୁ କସ୍ତୁରବା ନାରୀ ମହଲଠାରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତିର ସୁରକ୍ଷା ବିଷୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନରେ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ ଆଦି ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମାଜସେବୀ ଲକ୍ଷ୍ମଣ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଇନ୍‌ଫୋସିଟି ଶାଖାର ବରିଷ୍ଠ ଅଧିକାରୀ ଅକ୍ଷୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ତଥା ବରିଷ୍ଠ ଡାକ୍ତର ବିଶ୍ୱନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ଡିସେମ୍ବର ୮ରେ ସୂଚନା ଭବନରେ ହେବାକୁ ଥିବା କସ୍ତୁରୀର ୨୫ତମ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ପଟ୍ଟା ନା ଏଲ୍‌ଆର୍‌ସି: ଦ୍ୱନ୍ଦ୍ୱରେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

## ଜାଗା ମିଶନ ପିଛା ଛାଡୁନି ବିବାଦ

**ଅଧିକ ଜମି ବାବଦ ଟଙ୍କା ପଇଠ ନ କରିବାକୁ ଭିଡିଓ ଜାରି କଲେ କର୍ପୋରେଟର**

ଜାଗା ମିଶନ ସର୍ଭେର ପିଛା ଛାଡୁନି ବିବାଦ। କେତେବେଳେ ସର୍ଭେରେ ହୋଇଥିବା ବ୍ୟାପକ ଜାଲିଆତି ତ ଆଉ କେତେବେଳେ ବସ୍ତିବାସିନ୍ଦା ସର୍ଭେରୁ ବାଦ୍ ପଡିଥିବା ଘଟଣାକୁ ନେଇ ଅଭିଯୋଗ ତାଲିକା ଲମ୍ବିଥିଲା। ଏହାକୁ ନେଇ ବସ୍ତିବାସିନ୍ଦା ଓ ବିରୋଧୀ ଦଳର ନେତୃବୃନ୍ଦ ବିଏମ୍‌ସିକୁ ଘେରିଥିଲେ। ମାତ୍ର ଅଗଷ୍ଟ ୨୮ରେ ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀଙ୍କୁ ଦିଆଯାଇଥିବା ଜମିପଟ୍ଟା ପ୍ରମାଣପତ୍ରକୁ ଦେଖି ବିବାଦ ଜୋର୍ ଧରିଛି। ପଟ୍ଟା ନାମରେ ଯାହାକୁ ହିତାଧିକାରୀଙ୍କୁ ବଣ୍ଟା ଯାଇଛି ତାହା ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରକୃତ ପଟ୍ଟା ନୁହେଁ ବୋଲି ବିରୋଧୀମାନେ ଅଭିଯୋଗ ଉଠାଉଛନ୍ତି। ଏଥିରେ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ (ଏଲ୍‌ଆର୍‌ସି) ଲେଖାଯାଇଥିବାବେଳେ ବିଏମ୍‌ସି କହୁଛି ପଟ୍ଟା। ତେବେ ବର୍ଷବର୍ଷ ଧରି ବସ୍ତିରେ ରହୁଥିବା ଲୋକେ ଜମିପଟ୍ଟା ପାଇବେ ବୋଲି ଯେଉଁ ଆଶା କରିଥିଲେ ଏହି କାଗଜକୁ ଦେଖି ଦ୍ୱନ୍ଦ୍ୱରେ ପଡିଥିବାବେଳେ ଭାଜପା କର୍ପୋରେଟରମାନେ ମଧ୍ୟ ବିରୋଧର ସ୍ୱର ଉଠାଇଛନ୍ତି। ବହୁ ଦାବି ପରେ ଶନିବାର ମେୟରଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ପୋରେଟର ଏବଂ କମିଶନରଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏଥିରେ କର୍ପୋରେଟରମାନେ ଏଲ୍‌ଆର୍‌ସିକୁ ନେଇ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଥିଲେ ବି କୌଣସି ଠିକ୍ ଉତ୍ତର ମିଳି ନ ଥିଲା। ଏପରିକି ମେୟର ଓ କମିଶନର ବୈଠକ ଅଧାରୁ ଉଠି ଯାଇଥିଲେ, ଯାହାକୁ ନେଇ କର୍ପୋରେଟରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଯେଉଁ ହିତାଧିକାରୀଙ୍କ ଘର ୩୨୩ବର୍ଗ ମିଟରରୁ ଅଧିକ ଜମି ରହିଛି ସେମାନଙ୍କୁ ଅବଶିଷ୍ଟ ଜମିର ବେଞ୍ଚମାର୍କ ମୂଲ୍ୟର ୧୦ ପ୍ରତିଶତ ଟଙ୍କା ପଇଠ କରିବାକୁ ପଡିବ। ଯଦି ସମ୍ପୃକ୍ତ ହିତାଧିକାରୀ ରାଶନକାର୍ଡଧାରୀ, ତେବେ ସେ ୫% ଟଙ୍କା ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବକେୟା ଟଙ୍କା ପଇଠ କରିବା ପରେ ହିଁ ସେମାନଙ୍କୁ ଏଲ୍‌ଆର୍‌ସି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଭାଳେଣି ପଡିଛି। ଯଦି ମିଳୁଥିବା କାଗଜ ପଟ୍ଟା ନୁହେଁ, ତେବେ ଖଣ୍ଡେ ସାର୍ଟିଫିକେଟ୍ ପାଇବା ପାଇଁ ଲୋକମାନେ କାହିଁକି ଲକ୍ଷଲକ୍ଷ ଟଙ୍କା ବିଏମ୍‌ସିକୁ ଗଣିବେ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ୱାର୍ଡ ନଂ. ୨୯ କର୍ପୋରେଟର ଅପରୂପ ନାରାୟଣ ରାଉତ ଏକ ଭିଡିଓ ଜାରି କରି ବିଏମ୍‌ସିର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି। ସେ କହିଛନ୍ତି, ମୋ ୱାର୍ଡରେ ୫୬୦ଜଣ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୫୨୦ଜଣଙ୍କର ୩୨୩ ବର୍ଗଫୁଟରୁ ଅଧିକ ଜମି ଥିବା ତାଲିକାରେ ନାମ ପ୍ରକାଶ ପାଇଛି। ଡ୍ରୋନ୍ ସର୍ଭେ କରି ଜାଗା ମାପ କରାଯାଇଥିବାବେଳେ ଏଥିରେ ସ୍ୱଚ୍ଛତା ରହିନାହିଁ। ଅପରପକ୍ଷେ ଗରିବ ଲୋକ ହୋଇଥିବାରୁ ସେମାନେ ବସ୍ତିରେ ଘର କରି ରହୁଛନ୍ତି। ଏଭଳି କ୍ଷେତ୍ରରେ ସେମାନଙ୍କ ପାଇଁ ଲକ୍ଷାଧିକ ଟଙ୍କା ପଇଠ କରିବା ସମ୍ଭବ ନୁହେଁ। ସେହିପରି ଯଦି ବିଏମ୍‌ସି ସେମାନଙ୍କଠାରୁ ଟଙ୍କା ନେଇ ଅର୍ବାନ ୱେଲଫେୟାର ଫଣ୍ଡ୍‌ରେ ଜମା କରିବ ତେବେ ତାହା ଚେକ୍‌ରେ କାହିଁକି ନେଉନାହିଁ। ବର୍ତ୍ତମାନ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ହିତାଧିକାରୀଙ୍କୁ କାହିଁକି କ୍ୟାଶ୍‌ରେ ଟଙ୍କା ପଇଠ କରିବାକୁ ବାଧ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦିଓ ଅଭିଯୋଗ ପରେ ଏବେ ଆଉ ଟଙ୍କା ନିଆଯାଉନାହିଁ, ତେବେ ସମ୍ପୃକ୍ତ ହିତାଧିକାରୀଙ୍କୁ ଏଲ୍‌ଆରସି ମଧ୍ୟ ପ୍ରଦାନ କରାଯାଉ ନାହିଁ। ତେଣୁ ତାଲିକାରେ ନାଁ ଆସିବା ପରେ ବି ଅନେକ ଲୋକ ଏଯାଏ ଜମି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ଅଛନ୍ତି।




# ନିୟମିତ ସଫା ହେଉନି ମାର୍କେଟ ବିଲ୍ଡିଂ

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

ୟୁନିଟ-୨ ମାର୍କେଟବିଲ୍ଡିଂରେ ବ୍ୟବସାୟ ନେଇ ସ୍ଥାୟୀ ଓ ଉଠାଦୋକାନୀଙ୍କ ମଧ୍ୟରେ ବିବାଦ ତୁଟିବା ପରେ ଏବେ ବେପାର ବଟା ସ୍ୱାଭାବିକ ହୋଇଛି। ମାତ୍ର ସହରର ପ୍ରମୁଖ ମାର୍କେଟ କୁହାଯାଉଥିବା ଏହି ମାର୍କେଟରେ ଏବେ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳୁଛି। ଲୋକମାନେ ବସାଉଠା କରୁଥିବା ସ୍ଥାନକୁ ସଫା କରାଯାଉ ନ ଥିବାବେଳେ ଆବର୍ଜନା ପକାଇବା ପାଇଁ ଡଷ୍ଟବିନ୍ ରଖାଯାଉ ନ ଥିବା ଅଭିଯୋଗ ହୋଇଛି। ମାର୍କେଟ ଆସୋସିଏଶନ ସହ ବିଏମ୍‌ସିର ହୋଇଥିବା ଚୁକ୍ତି ଅନୁଯାୟୀ, ଆସୋସିଏଶନ ମାର୍କେଟର ପୁନରୁଦ୍ଧାର ସହ ରକ୍ଷଣାବେକ୍ଷଣ କରିବ। ବିଏମସି କେବଳ ପରିମଳ ଅଭ୍ୟାସ ପରିଖିବା ସହ ବର୍ଜ୍ୟ ଉଠାଇବ। ଏଥିସହ ସମସ୍ତ ବ୍ୟବସାୟୀ ନିଜ ଦୋକାନର ୫ ମିଟର ପରିଧି ସଫା ରଖିବେ ଓ ୨ଟି ଲେଖାଏ ଡଷ୍ଟବିନ ବ୍ୟବହାର କରିବେ। ମାତ୍ର ଏହି ନିୟମରେ ବ୍ୟବସାୟୀମାନେ ଖିଲାପ କରୁଥିବା ଦେଖିବାକୁ ମିଳୁଛି। ମାର୍କେଟରେ ପର୍ଯ୍ୟାପ୍ତ ଡଷ୍ଟବିନ ନଥିବାରୁ ଲୋକେ ଏଣେତେଣେ ବର୍ଜ୍ୟ ଫିଙ୍ଗୁଛନ୍ତି। ଏଥିପାଇଁ ମାର୍କେଟର ଶୋଭା ହ୍ରାସ ପାଉଛି। ସେହିପରି ମାର୍କେଟରେ ନିୟମିତ ଝାଡୁ ମରା ଯାଉନାହିଁ। ପ୍ଲାଷ୍ଟିକ ଜରିଠାରୁ ଆରମ୍ଭ କରି ଅବ୍ୟବହୃତ ସାମଗ୍ରୀ ଏଣେ ତେଣେ ପଡିଥିବା ନଜରକୁ ଆସିଛି। ଏନେଇ ଆସୋସିଏଶନ ସଭାପତି

## ଏଣେତେଣେ ପଡୁଛି ଆବର୍ଜନା

ପ୍ରଦ୍ୟୁମ୍ନ ଜେନା କହିଛନ୍ତି, ବିଏମସି ସହ ରାଜିନାମା ପରେ ପ୍ରତ୍ୟେକ ଦୋକାନୀ ନିଜ ଦୋକାନ ଆଗରେ ଡଷ୍ଟବିନ ରଖିଛନ୍ତି। ପରିମଳ ନିୟମ ମାନି ବ୍ୟବସାୟ କରୁଛନ୍ତି। ତେବେ ଜନସାଧାରଣ ଉଠବସ କରୁଥିବା ସ୍ଥାନରେ ଡଷ୍ଟବିନ ରଖାଯାଇ ନାହିଁ। ଆଗକୁ ମାର୍କେଟର ଜେନେରାଲ ବଡି ମିଟିଂ ଅଛି। ଏନେଇ ମିଟିଂରେ ସମୀକ୍ଷା କରାଯିବା ସହ ମାର୍କେଟର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନେଇ ବିସ୍ତୃତ ଆଲୋଚନା ହେବ ଏହାପରେ ମାର୍କେଟ ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି।




ରାଜଧାନୀ କଳା ସଂସଦଠାରେରେ ଓଡିଶା ଲେଖିକା ସଂସଦର ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଆରତୀ ମହାନ୍ତିଙ୍କ ପୁସ୍ତକ 'କଣ୍ଢେଇ'କୁ ଲୋକାର୍ପଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ସଭ୍ୟତା ମୁଖଶାଳା ହେଲେ ସାହିତ୍ୟ ଅନ୍ତସ୍ୱର

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

## ଓଡ଼ିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ

ସଭ୍ୟତା ମୁଖଶାଳା ହେଲେ ସାହିତ୍ୟ ଅନ୍ତସ୍ୱର। ଏବେ ସମୟର ସନ୍ଧିକ୍ଷଣରେ ଅବକ୍ଷୟ ଓ ଅଭ୍ୟୁଦୟ ଏକାଠି ରହି ସ୍ରଷ୍ଟାକୁ ସନ୍ଦିହାନ କରୁଛି। ସର୍ଜନାରେ ନାରୀ ପୁରୁଷ ପରସ୍ପରର ସମଭାଗୀ ଓ ସହଯୋଗୀ ବୋଲି ରବିବାର ରାଜଧାନୀ କଳା ସଂସଦଠାରେରେ ଓଡିଶା ଲେଖିକା ସଂସଦର ପ୍ରତିଷ୍ଠା ଉତ୍ସବରେ ଏହି ମତ ପ୍ରକାଶ ପାଇଛି। ପ୍ରଭା ପଟ୍ଟନାୟକଙ୍କ ପୌରାହିତ୍ୟରେ ସମ୍ପାଦିକା ଶକୁନ୍ତଳା ବଳିଆରସିଂଙ୍କ ପରିଚାଳନାରେ ହୋଇଥିବା ଏହି ସଭାରେ ଲେଖିକା ବନଜ ଦେବୀ, ପ୍ରଫେସର ସଙ୍ଘମିତ୍ରା ମିଶ୍ର, ରମେଶ ଚନ୍ଦ୍ର ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆରତୀ ମହାନ୍ତିଙ୍କ ପୁସ୍ତକ 'କଣ୍ଢେଇ' ଓ ମେଜର ସୁମିତ୍ରା ମିଶ୍ରଙ୍କ 'ଉତ୍କଳ ବାଣୀ ନିରାଜକ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏହାକୁ ବୀଣାପାଣି ସାହୁ ଓ ସଂଯୁକ୍ତା ଷଡ଼ଙ୍ଗୀ ସମୀକ୍ଷା କରିଥିଲେ। ସୁଚେତା ରାଉତ ସ୍ୱାଗତ ଭାଷଣ ଓ କାନନ ବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ନିଷ୍ଠା, ନିବେଦନ ରଖିଥିବା ପ୍ରତ୍ୟେକ କବି ଜଣେ ଜଣେ ଦ୍ୱିତୀୟ ଈଶ୍ୱର

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

## ସଚିବାଳୟ ଲେଖକ ପରିଷଦର ସମ୍ବର୍ଦ୍ଧନା ସଭା ଓ କବିତା ଆସର

ସଚିବାଳୟ ଲେଖକ ପରିଷଦର ସମ୍ବର୍ଦ୍ଧନା ସଭା ଓ କବିତା ଆସର ରବିବାର ରାଜଧାନୀ କଳା ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ତଥା ପ୍ରଶାସକ ଅଭୟ ନାୟକ ଅଶୀଦଶକ ପରବର୍ତ୍ତୀ ଓଡ଼ିଆ କବିତା ଓ ତହିଁରେ ସଚିବାଳୟ ଲେଖକ ପରିଷଦର ସୁଦୃଢ ସ୍ଥାନ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଆଲୋଚକ ଓ କବି ଅଧ୍ୟାପକ ଅଶୋକ ମହାନ୍ତି କହିଲେ, ନିଷ୍ଠା ଓ ନିବେଦନ ରଖିଥିବା ପ୍ରତ୍ୟେକ କବି ଜଣେ ଜଣେ ଦ୍ୱିତୀୟ ଈଶ୍ୱର। ସଭା ଆରମ୍ଭରେ ବର୍ଷାକୁ ନେଇ କବି ଯୋଗେନ୍ଦ୍ର କୁମାର ନାୟକ ଓ ସୁନନ୍ଦା ମିଶ୍ରଙ୍କ ମିଳିତ ସଂଯୋଜନାରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନର ସମ୍ବର୍ଦ୍ଧନା ସଭା ପ୍ରାରମ୍ଭରେ ବିଦାୟୀ ସମ୍ପାଦକ ତଥା ବିଶିଷ୍ଟ କବି କମଳ କୁମାର ମହାନ୍ତି ପରିଷଦ ସମ୍ପର୍କରେ କହିଥିଲେ। ସଭା ପରିଚାଳନା କରିଥିଲେ ବିଦାୟୀ ସଭାପତି ଭାସ୍କର ଜେନା। ପରିଷଦର ନୂତନ କର୍ମକର୍ତ୍ତା ଭାବେ ସଭାପତି ପ୍ରବୀଣ ଚକ୍ର, ଉପସଭାପତି କମଳିନୀ ମଲ୍ଲିକ, ସାଧାରଣ ସମ୍ପାଦକ ସଞ୍ଜୟ ଆନନ୍ଦ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ସୁନନ୍ଦା ମିଶ୍ର, ସଙ୍ଗଠନ ସମ୍ପାଦକ ସୁଶାନ୍ତ ଧର, ଅର୍ଥ ସମ୍ପାଦକ ପ୍ରଭାତ କୁମାର ରାଉତ ଓ ସମୀକ୍ଷକ ମନୋଜ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିକ୍ଷାନୁଷ୍ଠାନ ମାଲିକଙ୍କଠାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୩।୯ (ସୂର୍ଯ୍ୟକାନ୍ତ ବେହେରା)

ଋଣ କରାଇଦେବାକୁ କହି ଏକ ଘରୋଇ ଶିକ୍ଷାନୁଷ୍ଠାନ ମାଲିକଙ୍କଠାରୁ ୪ ଲକ୍ଷ ୧୭ ହଜାର ଟଙ୍କା ଠକିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁରର ସୁଶାନ୍ତ ମାହୁନ୍ତ। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କ ସ୍ତ୍ରୀ ଫେରାର ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କର ପଟିଆଠାରେ ଏକ ଶିକ୍ଷାନୁଷ୍ଠାନ ରହିଛି। ଗତ ନଭେମ୍ବରରେ ଅଭିଯୁକ୍ତ ଓ ତାଙ୍କ ସ୍ତ୍ରୀ ଅଭିଯୋଗକାରୀଙ୍କୁ ସାକ୍ଷାତ କରି ଏକ ବଡ଼ ଋଣ କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ଦୁଇଟି କିସ୍ତିରେ ମୋଟ ୪,୧୭,୦୦୦ ଟଙ୍କା ନେଇଥିଲେ। ଟଙ୍କା ନେବାର ଆଠମାସ ବିତି ଯାଇଥିଲେ ମଧ୍ୟ କୌଣସି ଲୋନ କରାଇ ଦେଇ ନ ଥିଲେ କି ନେଇଥିବା ଟଙ୍କା ଫେରସ୍ତ ଦେଇନଥିଲେ। ଟଙ୍କା ଫେରସ୍ତ କରିବାକୁ କହିବାରୁ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ ନାନା ପ୍ରକାର ଧମକ ଦେଇଥିଲେ। ଏନେଇ ସେ ଥାନାରେ ଦ୍ୱାରସ୍ଥ ହୋଇଥିଲେ।

# ଜଗନ୍ନାଥ ବଳଭଦ୍ର ସଭ୍ୟତାର ବାର୍ତ୍ତାବହ

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

## ରାଜ୍ୟସ୍ତରୀୟ ଗହ୍ମା ଉତ୍ସବ ଆଲୋଚନାଚକ୍ର

ଓଡ଼ିଆଙ୍କ ଆରାଧ୍ୟ ଦେବତା ବଡ଼ଠାକୁର ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ତତ୍ତ୍ୱରେ ବିଶ୍ୱ ତାପନ ଏବଂ ପାଗ ପରିବର୍ତ୍ତନ ସଙ୍କଟର ସମାଧାନ ରହିଛି। ଏହି ତତ୍ତ୍ୱ ଅନୁସାରେ ବିଶ୍ୱର ବିକାଶ ଧାରା ନିର୍ଦ୍ଧାରିତ ହେଲେ ସମଗ୍ର ଜଗତର ପରିପୋଷଣୀୟ ତଥା ସମତା ଭିତ୍ତିକ ବିକାଶ ସମ୍ଭବ ବୋଲି ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଗହ୍ମା ଉତ୍ସବ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଶନିବାର ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏହି ପର୍ବରେ ପ୍ରଥମେ ଶ୍ରୀବଳଭଦ୍ରଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆବାହନ, ସଂସ୍ଥାପନ, ପୂଜନ ଓ କୀର୍ତ୍ତନ କରାଯାଇଥିଲା। ଗୋସେଇଁ ପ୍ରକାଶ ସାହୁ ପୁରୋହିତ ଭାବେ ପୂଜା ଓ ଆଳତି କରିବା ପରେ ମୋନାଲିସା ସାହୁ ବଡ଼ ଠାକୁର ବଳଭଦ୍ରଙ୍କ ମହିମା ଗାନ କରିଥିଲେ। ମହାଦେବ ସାହୁ ଓ ସାଥୀଙ୍କ ସମେତ ସୁକନ୍ୟା ସୁମନକଲ୍ୟାଣ ଭଜନ ପରିବେଷଣ କରିଥିଲେ। ଏହାପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓଡିଶାରେ ପାଟରା ସେବା ଓ ସଂସ୍କୃତି ଉପରେ ବକ୍ତାମାନେ କହିଥିଲେ। କୃଷି, ଗୋପାଳନ, ବିଜ୍ଞାନ ଏବଂ ସଂସ୍କୃତିର ପ୍ରବର୍ତ୍ତକ ବଳଭଦ୍ର ଓ ଜଗନ୍ନାଥ ଓଡିଶାର ଏହି ସଭ୍ୟତାର ବାର୍ତ୍ତାବହ ଥିଲେ। ପାଟରାଙ୍କ ପ୍ରତୀକ ଅଙ୍କୁଶ, ଲେଖନୀ, ପୋଥି, ବିଶା ଓ ବଟକରା ଆଦି ଆଧାତ୍ମିକ ଅନୁସନ୍ଧାନ ସହିତ ଶିକ୍ଷା ଓ ବାଣିଜ୍ୟ ସଂସ୍କୃତିର ଦିଗଦର୍ଶନ ଦେଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ସତ୍ୟବ୍ରତ ବେହେରା ଓ ଉପଦେଷ୍ଟା ଦୀନବନ୍ଧୁ ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାପତି ରୁଦ୍ର ନାରାୟଣ ପଷ୍ଟି, ସାଧାରଣ ସମ୍ପାଦକ ସଞ୍ଜୟ ପାତ୍ର ଓ ସଂଯୋଜକ ଦେବେନ୍ଦ୍ର ପୁଷ୍ଟି ଉତ୍ସବ ପରିଚାଳନା ଓ ସମ୍ପାଦକ ନିହାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଉପସଭାପତି ରବୀନ୍ଦ୍ର ନାଥ ସେନାପତି, କୃଷ୍ଣଚନ୍ଦ୍ର ପାତ୍ର, ଆଲୋକ ଚନ୍ଦ୍ର ସାହୁ, ସମ୍ପାଦକ ବଲ୍ଲଭ ଚରଣ ସାହୁ, ଆଡଭୋକେଟ ବୀରନାରାୟଣ ପାତ୍ର ଉପସ୍ଥିତ ଥିଲେ।




ନିଖିଳ ଉତ୍କଳ ପାଟରା ସମିତି ପକ୍ଷରୁ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗହ୍ମା ଉତ୍ସବ ଆଲୋଚନାଚକ୍ରରେ ଅତିଥିମାନେ।

# 'ଶୂନ'ର ଆବିଷ୍କାର ଭାରତୀୟଙ୍କ ବଡ଼ ଅବଦାନ

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

## ପ୍ରାଦେଶିକ ଗଣିତ ମେଳା ଉଦ୍‌ଯାପିତ

ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ନୀଳାଦ୍ରିବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨ଦିନ ଧରି ଚାଲିଥିବା ପ୍ରାଦେଶିକ ଗଣିତ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ଗଣିତ ପ୍ରଶିକ୍ଷଣ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଯୋଗଦେଇ ଗଣିତରେ ଥିବା ଅଜଣା ତଥ୍ୟଗୁଡିକୁ ଲୋକଲୋଚନକୁ ଆଣିବା ସହିତ ସେସବୁକୁ ସମାଜର ଉତ୍କର୍ଷ ସାଧନ ନିମିତ୍ତ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ସମ୍ପାଦକ କମଳାକାନ୍ତ ମିଶ୍ର ଯୋଗଦେଇ, ଭାରତୀୟମାନଙ୍କର ଗଣିତ କ୍ଷେତ୍ରରେ ଥିବା ପାରଦର୍ଶିତା ଉପରେ ଆଲୋକପାତ କରିଥିଲେ। ସେହିପରି ଶୂନର ଆବିଷ୍କାର କିଭଳି ଗଣିତ ପ୍ରତି ଭାରତୀୟମାନଙ୍କର ଏକ ଅତୁଳନୀୟ ଅବଦାନ ସେ ସମ୍ବନ୍ଧରେ ଉପସ୍ଥିତ ଗଣିତପ୍ରେମୀ, ଛାତ୍ରୀଛାତ୍ର ତଥା ଆଚାର୍ଯ୍ୟ/ଆଚାର୍ଯ୍ୟାଙ୍କୁ ଅବଗତ କରାଇଥିଲେ। ମେଳାରେ ଗଣିତ ପ୍ରୟୋଗ, ଗଣିତ ପ୍ରଶ୍ନମଞ୍ଚ ଏବଂ ଗଣିତ ପତ୍ରବାଚନ ଆଦି ପ୍ରତିଯୋଗିତାଗୁଡିକ ପରିଚାଳନା କରିବା ପାଇଁ ପ୍ରାୟ ୩୦ଜଣ ପରିଚାଳକ ତଥା ନିର୍ଣ୍ଣାୟକ ନିୟୋଜିତ ହୋଇଥିଲେ। ପୂର୍ବ ସଂଭାଗ ସଂଯୋଜକ ଶିରିଶ କୁମାର ହାତୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଂପାଦକ ଇନ୍ଦ୍ରମଣି ସେଣ୍ଠ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ନୀଳାଦ୍ରିବିହାର ସରସ୍ୱତୀ ଶିଶୁବଦ୍ୟାମନ୍ଦିରରେ ଚାଲିଥିବା ପ୍ରାଦେଶିକ ଗଣିତ ମେଳାର ଉଦ୍‌ଯାପନ ଅବସରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

# 'ବିଶ୍ୱବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରୀଛାତ୍ର ସାମିଲ ହୁଅନ୍ତୁ'

ଭୁବନେଶ୍ୱର,୩।୯ (ଅନୁରାଧା ମହାରଣା)

## ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ବାର୍ଷିକ ଉତ୍ସବ

ବିଶ୍ୱବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରୀଛାତ୍ର ସାମିଲ ହେବା ସହିତ ନିଜର ସକ୍ଷମତା ଅନୁସାରେ ସହଯୋଗ କରିବାକୁ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆହ୍ୱାନ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ତୃତୀୟ ବାର୍ଷିକ ଉତ୍ସବରେ କୁଳପତି ଏପରି ଆଶା ପ୍ରକାଶ କରିଛନ୍ତି। ରବିବାର ବିଶ୍ୱବିଦ୍ୟାଳୟ ପରିସରରେ ଏହି ଉତ୍ସବ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବାଣୀବିହାର ପରିସରରେ ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପରିମଳ ପଦଯାତ୍ରା 'ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ' ଅନୁଷ୍ଠିତ ହୋଇଥିଲା। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଛାତ୍ରସଂଘ ଓ ବିଶ୍ୱବିଦ୍ୟାଳୟର ବିକାଶ ସମ୍ପର୍କରେ ପୁରାତନ ଛାତ୍ରୀଛାତ୍ର ନିଜର ମତ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ରସଂଘ ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କୁଳପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ପ୍ରଫେସର ନବନୀତା ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରସଂଘ ପକ୍ଷରୁ ଚାଲିଥିବା 'ମିଟ୍ ଦ ଆଲୁମ୍ନି' କାର୍ଯ୍ୟକ୍ରମକୁ ଏଣିକି ସ୍ନାତକୋତ୍ତର ପରିଷଦ ପକ୍ଷରୁ ପ୍ରତି ମାସରେ କରାଯିବ ବୋଲି ସେ ଘୋଷଣା କରିଥିଲେ।

ଏହି ଅବସରରେ ବିଶ୍ୱବିଦ୍ୟାଳୟର ୫ଜଣ ପୁରାତନ ଛାତ୍ରୀଛାତ୍ର, ବିଶିଷ୍ଟ ଗାୟକ ଦେବାଶିଷ ମହାପାତ୍ର, ସୁଗାୟିକା ପ୍ରଫେସର ମିତାଲି ଚିନାରା ଓ ଅନିନ୍ଦିତା ଦାସ, ବିଶିଷ୍ଟ ଲେଖିକା ଡ. ହିରଣ୍ମୟୀ ମିଶ୍ର ଓ ବୈଜ୍ଞାନିକ ଡକ୍ଟର ମନୀଷା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ ସହ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରସଂଘ ସଭାପତି ଅବସରପ୍ରାପ୍ତ ଆଇଏଏସ ଅଫିସର ଦେବେନ୍ଦ୍ର ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଫେସର ଅଶୋକ ଦାସ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଡ. ପ୍ରଦୀପ ରଥ ସଞ୍ଚାଳନ ଓ ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କ୍ଷେତରେ ଟଳି ପଡ଼ିଲେ ଚାଷୀ

ନିଶ୍ଚିନ୍ତକୋଇଲି,୩।୯ (ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ବ୍ଲକ୍ ଅଧୀନ ସରପଡ଼ା ପଞ୍ଚାୟତ ସାଧୁପୁର ଗ୍ରାମର ଜଣେ ଚାଷୀଙ୍କ କ୍ଷେତରେ ପଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଆକୁଳି ଚରଣ ମହାନ୍ତି(୬୫)। ସେ ରବିବାର ମଧ୍ୟାହ୍ନରେ ଗ୍ରାମ ନିକଟରେ ଥିବା ବିଲରେ ପାୱାର ଟିଲର ଯୋଗେ ଚାଷ କାର୍ଯ୍ୟ କରୁଥିଲେ। ଏହି ସମୟରେ ହଠାତ୍ ସେଠାରେ ଟଳି ପଡ଼ିଥିଲେ। ପାଖରେ କାର୍ଯ୍ୟ କରୁଥିବା ଅନ୍ୟଶ୍ରମିକ ଓ ଚାଷୀ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜ୍ୟେଷ୍ଠପୁତ୍ର ମଣ୍ଟୁ ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗରେ ପ୍ରାକ୍ତନ ସରପଞ୍ଚ ରାଜେନ୍ଦ୍ର କୁମାର ମହାନ୍ତି, ବାଲିଆପଦା ସେବା ସମବାୟ ସମିତିର ସଭାପତି ଦିବାକର ସ୍ୱାଇଁ, ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ ଓ ଯୁବନେତା ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିବା ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

ଆଠଗଡ଼,୩।୯(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ଥାନା ଅନ୍ତର୍ଗତ ଜେନାପଦା ପଞ୍ଚାୟତ ଜେନାପଦା ଦେଶ ଗ୍ରାମରେ ଯୌତୁକ ଜନିତ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗ୍ରାମର ପ୍ରଶାନ୍ତ ରାଉତଙ୍କ ସ୍ତ୍ରୀ ପୂର୍ଣ୍ଣିମା(୨୦)। ସେ ଗର୍ଭବତୀ ଥିବା ଜଣାପଡ଼ିଛି। ଘଟଣାରେ ପୋଲିସ ମହିଳାଙ୍କ ଶଶୁର ବିଚିତ୍ର ରାଉତ ଏବଂ ସ୍ୱାମୀ ପ୍ରଶାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ୨୦୨୨ ଏପ୍ରିଲ ୨୫ରେ ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ପଞ୍ଚାୟତ ରାଧାମୋହନପୁର ଗ୍ରାମର ନିରଞ୍ଜନ ରାଉତଙ୍କ ଝିଅ ପୂର୍ଣ୍ଣିମାଙ୍କ ପ୍ରଶାନ୍ତଙ୍କ ସହିତ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଝିଅଘର ପକ୍ଷରୁ ଯୌତୁକ ବାବଦକୁ ୫୦ ହଜାର ଟଙ୍କା ସହିତ ସୁନା ଚେନ, ମୁଦି, ଟିଭି, ଫ୍ରିଜ ଓ ଆଲମାରି ଆଦି ସାମଗ୍ରୀ ପ୍ରଦାନ କରାଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକ ପୂର୍ଣ୍ଣିମାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ପୂର୍ଣ୍ଣିମା ପରିବାର ଲୋକଙ୍କୁ ଜଣାଇଥିଲେ। ମାତ୍ର ରବିବାର ପୂର୍ଣ୍ଣିମାଙ୍କୁ ଶାଶୁ ଘର ଲୋକ ମାରିଦେଇଥିବା ତାଙ୍କ ବାପା ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ନଂ.୧୮୨/୨୩ ରୁଜୁ କରିଛି। ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିଶ୍ୱଜିତ ଜେନା ପ୍ରକାଶ କରିଛନ୍ତି।

### ଆଶ୍ରମରେ ସାଗର ମେଳା ଉଦ୍ୟାପିତ

ବାଙ୍କୀ,୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ଗୋଳଗଣ୍ଡ ପଞ୍ଚାୟତସ୍ଥ ସାଁପୁର ମହାଗଙ୍ଗା ଶୂନ୍ୟ କଇଁଫୁଲ ଆଶ୍ରମ ପରିସରରେ ସାଗର ମେଳା ଉଦ୍ୟାପିତ ହୋଇଯାଇଛି। ଦୀର୍ଘ ୭ଦିନ ବ୍ୟାପି ଉକ୍ତ ସାଗର ମେଳାରେ ବଉଦ, କଙ୍କଲା, ବେଲପୁଞ୍ଜି, ଆଠମଲ୍ଲିକ, ଅନ୍ଧାରୁଆ, ଗୋଳାଗଣ୍ଡ, ବୈଦେଶ୍ୱର, ରଜୀବ, ସାତଖଣ୍ଡ, ସାଁପୁର, ଅନ୍ଧାରୁଆ, ଗୋପ, ଅନୁଆରୀ, କୁରୁମଚଇନୀ, ମଇଜୋରୀ ଓ ମୁଣ୍ଡଳୀ ଆଦି ଗ୍ରାମର ଭାଗବତ ମଣ୍ଡଳୀ ବିଭିନ୍ନ ଦିନରେ ଯୋଗଦେଇଥିଲେ। କଇଁଫୁଲ ବାବା ୧୯୩୬ରେ ବାଙ୍କୀକୁ ଆଗମନ କରିଥିଲେ। ୧୯୩୮ ମସିହାରେ ସାଁପୁରସ୍ଥିତ ମହାନଦୀ ବାଲୁକା ଶଯ୍ୟାରେ ସାଗର ମେଳା କରିଥିଲେ। ନିଖିଳ ଉତ୍କଳ ଭାଗବତ ପ୍ରଚାର ଓ ପ୍ରସାର ସେବା ସମିତିର ସାଧାରଣ ସମ୍ପାଦକ କମଳାକାନ୍ତ ପ୍ରହରାଜ ଓ ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କଇଁଫୁଲ ବାବାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଚଳିତ ବର୍ଷ ମଠର ମଠାଧୀଶ ଟିକି ବାବାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ସେନାପତି, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସେନାପତି, ପ୍ରାଣକୃଷ୍ଣ ଦଳେଇ, ପବିତ୍ର ଦଳେଇ, ପ୍ରମୋଦ ଦଳେଇ, ପ୍ରଭାକର ବସ୍ତି, ନରସିଂହ ସେନାପତି, ବିରଞ୍ଚି ସେନାପତି, ପ୍ରକାଶ ବେହେରା, ଗୁମାନ ଦଳେଇ, ପ୍ରଶାନ୍ତ ତ୍ରିପାଠୀ, ମିନକେତନ ରାଉତ ପ୍ରମୁଖ ସହାୟତା କରିଥିଲେ।

# ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ଶିକ୍ଷକ ଅଭାବ

- ୩୪୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି
- ୮ ଶ୍ରେଣୀକୁ ୭ ଶିକ୍ଷକ

ମାଣିଆବନ୍ଧ,୩।୯(ଅଖିଳ କୁମାର ସାହୁ)




ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ୫-ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଅନେକ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। କଟକ ଜିଲା ବଡ଼ମ୍ବା ବ୍ଲକର ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପରିଲକ୍ଷିତ ହୋଇଛି। ସୂଚନା ମୁତାବକ, ଏହି ବିଦ୍ୟାଳୟକୁ ୫-ଟି ଯୋଜନାରେ ରୂପାନ୍ତରଣ କରାଯାଇଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୧୮୦ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୧୬୭ ଏପରି ମୋଟ ୩୪୭ ଛାତ୍ରୀଛାତ୍ର ପଢୁଛନ୍ତି। ତେବେ ୮ଟି ଶ୍ରେଣୀକୁ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ଗୋଟିଏ ଶ୍ରେଣୀକକ୍ଷରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ର ବସୁଛନ୍ତି। ଏଭଳି ସ୍ଥିତିରେ ଜଣେ ଶିକ୍ଷକ ଅସୁସ୍ଥ ହେଲେ କିମ୍ବା ଅଫିସ କାମରେ ଛୁଟିରେ ଗଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଠାରେ ୧୦ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଆବଶ୍ୟକ ଥିବାବେଳେ ମାତ୍ର ୭ଜଣ କିଭଳି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ। ୫-ଟି ଅଧୀନରେ ବିଦ୍ୟାଳୟରେ ଭିତ୍ତିଭୂମି ସଜଡ଼ା ଯାଉଥିଲେ ମଧ୍ୟ ଶିକ୍ଷକ ଅଭାବ ଦୂର କରିବାକୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ୨୦୨୨ ଡିସେମ୍ବରରେ ଉକ୍ତ ବିଦ୍ୟାଳୟରୁ ୨ ଜଣ ଶିକ୍ଷକ ଓ ଗତ ଅଗଷ୍ଟ ୧୨ରେ ଜଣେ ଶିକ୍ଷୟିତ୍ରୀଙ୍କୁ ମିଶାଇ ମୋଟ ୩ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଏଠାରୁ ପଦୋନ୍ନତି ପାଇ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଯାଇଛନ୍ତି। ଏହାପରଠୁ ଉକ୍ତ ସ୍ଥାନ ଖାଲିପଡ଼ିଛି। ଇତିମଧ୍ୟରେ ଦୀର୍ଘ ୮ ମାସ ବିତିଯାଇଥିଲେ ମଧ୍ୟ ନୂତନ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା ପରିଷଦ ସଭାପତି ଓ ସଦସ୍ୟମାନେ ବଡ଼ମ୍ବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଖାଲି ପଡ଼ିଥିବା ଶିକ୍ଷକ ସ୍ଥାନରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ପରିଚାଳନା କମିଟି ତରଫରୁ ଗତ ଜୁଲାଇ ୯ରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ମାଟ୍ରିକ ମେଧାବୀ ସମ୍ବର୍ଦ୍ଧନା ଉତ୍ସବରେ ଏ ବିଷୟରେ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଯାଇନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ପ୍ରକାଶଚନ୍ଦ୍ର ମତଗଜସିଂଙ୍କୁ ପଚାରିବାରେ, ଉକ୍ତ ବିଷୟରେ ମୁଁ ଅବଗତ ଅଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଖୁବ୍‌ଶୀଘ୍ର ଶିକ୍ଷକ ପଦବୀ ପୂରଣ କରିବେ।

# ବାଙ୍କୀ ମହୋତ୍ସବ, ପୂର୍ବ ବାଙ୍କୀ ସାରସ୍ୱତ ସମ୍ମିଳନୀ

ବାଙ୍କୀ,୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ କୁଶୁପଙ୍ଗି ହାଇସ୍କୁଲଠାରେ ବାଙ୍କୀ ମହୋତ୍ସବ, ପୂର୍ବ ବାଙ୍କୀ ସାରସ୍ୱତ ସମ୍ମିଳନୀ ମହୋତ୍ସବ ସଙ୍ଗଠନ ସମ୍ପାଦକ ଆଇନଜୀବୀ ପ୍ରକାଶ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କାହ୍ନୁଚରଣ ସାହୁ, ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, ସରପଞ୍ଚ ନରେଶ ବେଉରା ଓ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବାଙ୍କୀର ଐତିହ୍ୟ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଡମପଡ଼ା ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରପତି ଭାବେ ତାପସ କୁମାର ମହାନ୍ତି, ଦୁଷ୍ମନ୍ତ ପରିଡା, ଜ୍ୟୋତି ପ୍ରକାଶ ପାଣି, ସ୍ମୃତି ସନ୍ଧ୍ୟା ଦାଶ, ସ୍ମୃତି ପ୍ରଜ୍ଞା ମହାପାତ୍ର ଯୋଗଦେଇଥିଲେ। ଅଜୟ ସ୍ୱାଇଁ, ରାମଚନ୍ଦ୍ର ସାହୁ, ମାନସ କୁମାର ନାୟକ, ପ୍ରତାପ ନାୟକ, ଗଗନ ବିହାରୀ ବେଉରା, ନିରାକାର ଲେଙ୍କା, ବଳଭଦ୍ର ରଣା, କରୁଣାକର ବେଉରାଙ୍କ ସମେତ କୁଶୁପଙ୍ଗି ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ବଳଭଦ୍ର ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଯୋଜକ ମାନସ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।



ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# 'ଆଧୁନିକ ଶିକ୍ଷା ବ୍ୟବସ୍ଥା ଯୁବବର୍ଗର ମାନସିକ ବିକାଶ ପରିପନ୍ଥୀ'


ଫୋରମ୍ ଅଫ ଏକାଡେମୀର ବାର୍ଷିକ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୃତୀ ଛାତ୍ରୀ ଛାତ୍ରଙ୍କୁ ଲାପ୍‌ଟପ ପ୍ରଦାନ କରୁଛନ୍ତି।

ଆଠଗଡ,୩।୯(ସତ୍ୟ ପ୍ରସାଦ ରଥ)

**୬୨ ଜଣ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ ବଣ୍ଟନ**

ଆଧୁନିକ ଶିକ୍ଷା ବ୍ୟବସ୍ଥା ଭାରତୀୟ ସଂସ୍କୃତି, ମାନବ ସମ୍ବଳ ବିକାଶ, ସାମାଜିକ ନ୍ୟାୟ ବିରୋଧୀ। ଏହା ଯୁବବର୍ଗର ମାନସିକ ବିକାଶ ପରିପନ୍ଥୀ। ଏହା ଯନ୍ତ୍ର ମାନବ ସୃଷ୍ଟି କରିବାପାଇଁ ବ୍ୟବସାୟୀମାନଙ୍କ ଷଡ଼ଯନ୍ତ୍ର ବୋଲି ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ଷ୍ଟାଡିୟମରେ କୃଷି ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଛନ୍ତି। ଫୋରମ୍ ଅଫ ଏକାଡେମୀର ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ ରାଜନୀତି ବିଜ୍ଞାନର ପ୍ରଧାପକ ତଥା ପ୍ରାକୃତିକ ବିପର୍ଯ୍ୟୟ ଓ ମାନବ ଅଧିକାର ପ୍ରବକ୍ତା ଡ. ରାଧାନାଥ ତ୍ରିପାଠୀ ଯୋଗଦେଇ ସାମାଜିକ ବିକାଶରେ କଳା ସାହିତ୍ୟ, ବିଜ୍ଞାନ, ବାଣିଜ୍ୟ, ସଙ୍ଗୀତ, କ୍ରୀଡା ଆଦିର ସମାନ ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶନିବାରଠାରୁ ୨ଦିନ ବ୍ୟାପି ଚାଲିଥିବା ଏହି ଉତ୍ସବର ପ୍ରଥମ ଦିବସରେ ନିର୍ବାଚନ ମଣ୍ଡଳୀର ୩୧ ବିଦ୍ୟାଳୟ ଓ ୧୫ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରବିବାର ଫୋରମ୍ ସଭାପତି ପ୍ରଫେସର ଦାମୋଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଫୋରମ୍ ସମ୍ପାଦକ ଡ.ଶଶୀ ଭୂଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୋରମ୍ ସଂଯୋଜକ ଡ. ରାମଚନ୍ଦ୍ର ସାହୁ, ଲଳିତ ମୋହନ ନାୟକ,ନୀଳମଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଇଁ ୬୨ ଜଣ କୃତି ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ।

### ସତ୍ୟମେବ ଜୟତେ ପରିବାରର ବାର୍ଷିକ ଉତ୍ସବ

ସାଲେପୁର,୩।୯(ଅରବିନ୍ଦ ଭୂୟାଁ)

ସାଲେପୁରସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସତ୍ୟମେବ ଜୟତେ ପରିବାରର ୧୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚିତ୍ରୋତ୍ପଳା ପବ୍ଲିକେଶନ୍‌ର ପ୍ରତିଷ୍ଠାତା କବି ସଦାଶିବ ଦାଶଙ୍କ ସଭାପତିତ୍ୱରେ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ କଥାକାର ଯଶୋବନ୍ତ ସାମଲ ଯୋଗଦେଇ ଆଜିର ଯୁବପିଢ଼ି ଓ ପିଲାମାନଙ୍କୁ କବିତା ଓ ଗପ ଲେଖିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତାଭାବେ ଶୋଭନ କର, ସମ୍ମାନିତ ବକ୍ତା ଭାବେ ଡ. ଦିଲୀପ ଶ୍ରୀଚନ୍ଦନ ଉପସ୍ଥିତ ଥିଲେ। ସଭାପତି ପଣ୍ଡିତ ବିନୟଭୂଷଣ ମିଶ୍ର ବେଦମନ୍ତ୍ର ପାଠ କରିଥିବାବେଳେ ମାନସ ରଞ୍ଜନ ଦାଶ ବାର୍ଷିକ ବିବରଣୀ ପାଠ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୃତ୍ୟ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ଟେଷ୍ଟପେପର ବଣ୍ଟନ କରାଯିବା ସହ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମମତା ପଣ୍ଡା, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ସ୍ନେହମୟୀ ବାରିକ, ଅଭିଜିତ୍ ଷଡ଼ଙ୍ଗୀ, ସଞ୍ଜୟ ଦାସ, ଆନନ୍ଦ କୁମାର ସେଠୀ, ସନ୍ତୋଷ କୁମାର ଭୋଇ, ଲଳିତା ଷଡ଼ଙ୍ଗୀ, ଗଣେଶ୍ୱର ବେହେରା, ବିଶ୍ୱଜିତ୍ ଓଝା, ପ୍ରିୟଦର୍ଶିନୀ ପ୍ରଧାନ, ପ୍ରଶାନ୍ତ ମହାନ୍ତି, ଦେବବ୍ରତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କର୍କଟ ରୋଗର ମୂଳୋତ୍ପାଟନ ପାଇଁ ସଚେତନତା ଜରୁରୀ

ସାଲେପୁର,୩।୯(ଅରବିନ୍ଦ ଭୂୟାଁ)

ସାଲେପୁର ପବ୍ଲିକ୍ ସ୍କୁଲ ପରିସରରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକର କାର୍ସିନୋଭା କ୍ୟାନସର ହସ୍ପିଟାଲ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହସ୍ପିଟାଲର ମୁଖ୍ୟ ତଥା କର୍କଟ ରୋଗ ବିଶେଷଜ୍ଞ ଡାକ୍ତର କ୍ଷିତୀଶ ଚନ୍ଦ୍ର ମିଶ୍ର ଯୋଗଦେଇ କର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ମାରାତ୍ମକ ରୋଗ ନିଶ୍ଚିତ ଭାବେ ନିୟନ୍ତ୍ରଣ ହୋଇପାରିବ। ଆଧୁନିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗୀ ଆରୋଗ୍ୟ ଲାଭ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଡ.ଜୟନ୍ତୀ ମିଶ୍ର, ପରିଚାଳନା ସମ୍ପାଦକ ଦିଲୀପ କୁମାର ବରାଳ, ସସ୍ମିତ ଦାସ ପ୍ରମୁଖ ଯୋଗଦେଇ ଏହି ରୋଗର ମୂଳୋତ୍ପାଟନ ପାଇଁ ବ୍ୟାପକ ଜନସଚେତନତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

### ମହାନଦୀରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଜବତ

ବାଙ୍କୀ,୩।୯(ସ୍ୱ.ପ୍ର.)

ବାଙ୍କୀ ଥାନା ଦେବୀଦ୍ୱାର ନିକଟସ୍ଥ ମହାନଦୀ ପୀଠରେ ଗାଧୋଉଥିବା ସମୟରେ ଶନିବାର ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ରବିବାର ଅଗ୍ନିଶମ ବିଭାଗ ପକ୍ଷରୁ ତାଙ୍କ ମୃତଦେହ ପାଣିରୁ ବାହାର କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ଅରୁଣ ରାଉତଙ୍କ ପୁଅ ଆକାଶ କୁମାର ରାଉତ (୨୧)। ତାଙ୍କ ପରିବାର ସଦସ୍ୟ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଏକ ସରକାରୀ କ୍ୱାର୍ଟର୍ସରେ ରହୁଥିବା ଜଣାପଡ଼ିଛି। ଖବରପାଇ ପୋଲିସ ପହଞ୍ଚି ଆକାଶଙ୍କ ମୃତଦେହ ଜବତ କରି ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ବାଙ୍କୀ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୮/୨୩) ରୁଜୁ କରାଯାଇଛି।

### ବାଙ୍କୀ କଲେଜ: ଅଣଛାତ୍ର ପ୍ରବେଶ କଲେ କାର୍ଯ୍ୟାନୁଷ୍ଠାନ

ବାଙ୍କୀ,୩।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦିନକୁ ଦିନ ଅଣଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ପରିଚାଳନା କମିଟି ସଭାପତି ଡ. ପ୍ରଦୀପ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଶୃଙ୍ଖଳା କମିଟି ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରିଥିଲେ। କଲେଜର ଶାନ୍ତିଶୃଙ୍ଖଳା ରକ୍ଷାକରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ବାଙ୍କୀ ଥାନା ଅଧିକାରୀ ବାବୁଲି ବାରିକ ଓ ସହକାରୀ ଥାନା ଅଧିକାରୀ ସସ୍ମିତ କୁମାର ଜେନା ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ କେତେଜଣ ପୁରାତନ ଛାତ୍ର ଅନୁପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ସହ ପ୍ରତିଦିନ ଥାନା ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯିବ ବୋଲି ଥାନା ଅଧିକାରୀ ବାରିକ ପ୍ରକାଶ କରିଛନ୍ତି।

### ଚନ୍ଦ୍ରୟାନ-୩ର ସଫଳତା ନେଇ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଭାଗ ନେଇଥିବା ଅତିଥି ଓ ଅନ୍ୟମାନେ।

ସାଲେପୁର,୩।୯(ଅରବିନ୍ଦ ଭୂୟାଁ)

ବିଜ୍ଞାନ ପ୍ରଚାର ସମିତି ସାଲେପୁର ଶାଖା ଓ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପିକୋଳସ୍ଥିତ ଟ୍ରଷ୍ଟର ସଭାଗୃହରେ ଚନ୍ଦ୍ରାୟଣ-୩ର ସଫଳତା ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିବିନ ବିହାରୀ କର, ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇ ଚନ୍ଦ୍ରୟାନ-୩ର ସଫଳତାରେ ଭାରତୀୟ ବୈଜ୍ଞାନିକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାଲେପୁର ବ୍ଲକ୍ ଅନ୍ତର୍ଗତ କୁସମ୍ବୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମାଗୁଣି ସିଂହଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜିଂ ଟ୍ରଷ୍ଟି ସୁକାନ୍ତ କିଶୋର ମହାନ୍ତି, ସ୍ମୃତିରଞ୍ଜନ ପଟ୍ଟନାୟକ, ଦିବାକର ପ୍ରଧାନ, ସ୍ନେହଲତା ସିଂହ, ଅନନ୍ତ ଚରଣ ସାହୁ, ଶାନ୍ତନୁ କୁମାର ଭୂୟାଁ, ପ୍ରଫୁଲ୍ଲ କୁମାର ଭୂୟାଁ, ଚିନ୍ମୟୀ ବେହେରା, ପୁରୁଷୋତ୍ତମ ବେହେରା, ଦାଶରଥି ଦାସ, ରାଜମୋହନ ଶତପଥୀ, ତ୍ରୈଲୋକ୍ୟନାଥ ସିଂହ, ପରମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଗୃହ

- ଗୃହର ଛାତ, କାନ୍ଥ ଓ ବିମ୍ ଫାଟି ଆଁ କରିଛି
- ମରାମତି ନିମନ୍ତେ ପଦକ୍ଷେପ ନିଆଯାଉନାହିଁ

ନିଶ୍ଚିନ୍ତକୋଇଲି,୩।୯ (ଅଶୋକ କୁମାର ମହାପାତ୍ର)



ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଗୃହ।


ଛାତରୁ ସିମେଣ୍ଟ ଅତଡ଼ା ଖସିପଡିଛି।

କଟକ ଉପଜିଲାପାଳଙ୍କ ଅଧୀନରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଗୃହ ଦୀର୍ଘଦିନ ହେବ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଗୃହକୁ ମରାମତି କରାଯିବା ନିମନ୍ତେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ କର୍ମଚାରୀମାନେ ଭାଗ୍ୟକୁ ଆଦରି ଏଠାରେ କାର୍ଯ୍ୟ କରୁଛନ୍ତି।

ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତର କୁଳିଆଠାରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ଉପରେ ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା ବ୍ଲକର ବହୁ ଚାଷୀ ନିର୍ଭରଶୀଳ। ପ୍ରତିଦିନ ବିଭିନ୍ନ କାର୍ଯ୍ୟ ନିମନ୍ତେ ଚାଷୀ ଓ କର୍ମଚାରୀମାନେ ଏଠାକୁ ଆସିଥାନ୍ତି। ଏହି କାର୍ଯ୍ୟାଳୟ ପରିସରରେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଗୃହ ନିର୍ମାଣ କରାଯାଉଛି। ଏହାସତ୍ତ୍ୱେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଗୃହର ଛାତ ,କାନ୍ଥ ଓ ବିମ୍ ଫାଟି ଆଁ କରିଛି। ଏହାକୁ ମରାମତି ନିମନ୍ତେ ବିଭାଗୀୟସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ କାର୍ଯ୍ୟାଳୟର ଛାତରୁ ପାଣି ଝରୁଥିଲା ବେଳେ ଅଫିସର କୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସୁରକ୍ଷିତ ଭାବେ ରହି ପାରୁନାହିଁ। ଛାତରୁ ବହୁ ସମୟରେ ସିମେଣ୍ଟ ମିଶ୍ରିତ ଗୋଡି ଖଣ୍ଡଖଣ୍ଡହୋଇ ଖସିପଡୁଛି। ଏପରିକି କାର୍ଯ୍ୟାଳୟର କର୍ମଚାରୀ ନିକଟରେ ଆହତ ହୋଇଥିବା ମଧ୍ୟ ନଜୀର ରହିଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିପଦସଙ୍କୁଳ ଗୃହକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସଂକ୍ଷେପରେ

### ୮ବାଇକ୍ ଜବତ, ଜଣେ ଗିରଫ

ବେଗୁନିଆ,୩।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ରବିବାର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିବା ସହ ୮ଟି ବାଇକ୍, ୩ଟି ସାଇକେଲ ଓ ୬,୫୬୦ ଟଙ୍କା ଜବତ କରିଛି। ଗିରଫ ଯୁବକ ହେଲେ ଠଣାପଲ୍ଲୀ ଗ୍ରାମର ବିଜୁ ପରିଡା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୧୦/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ରାଉତପଡା ଗ୍ରାମ ନିକଟସ୍ଥ କାଜୁ ବଗିଚାରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ସମେତ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ପୋଲିସ ବିଜୁଙ୍କୁ ଧରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ।

### ନିର୍ଦ୍ଦେଶ ସତ୍ତ୍ୱେ ବଦଳୁ ନାହାନ୍ତି ବିଡିଓ

ବୋଲଗଡ଼,୩।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ବିଡିଓଙ୍କ ବଦଳି ନେଇ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କ ବଦଳରେ ଓଡ଼ପଡ଼ା ବ୍ଲକର ବିଡିଓଙ୍କୁ ବୋଲଗଡ଼ ବ୍ଲକକୁ ବଦଳି ଆଦେଶ ଦିଆଯାଇଛି। ଚିଠି ନମ୍ବର ପିଆର୍-ବିଡିଓ-ଇଏସ୍‌ଟିଟି -୦୦୫୦-୨୦୨୧-୯୯୬୭/ପିଆର୍ ଆଣ୍ଡ ଡିଡବ୍ଲ୍ୟୁ ତାରିଖ ୦୯/୦୫/୨୦୨୩ରେ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବୋଲଗଡ ବିଡିଓଙ୍କୁ କଙ୍କଡାହାଡ଼ ବ୍ଲକକୁ ବଦଳି କରାଯାଇଥିବା ପ୍ରକାଶ ପାଇଛି। ତେବେ ୪ମାସ ହେବ ବଦଳି ନିର୍ଦ୍ଦେଶ ଆସିଥିବା ବେଳେ ବୋଲଗଡ଼ ବିଡିଓ ବଦଳି ନ ହେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ବୋଲଗଡ଼ ବିଡିଓଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମତାମତ ମିଳିପାରି ନାହିଁ।

### ବେଗୁନିଆ କଲେଜର ବିକାଶକୁ ଗୁରୁତ୍ୱ

ବେଗୁନିଆ,୩।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟର ପରିଚାଳନା ସମିତିର ନୂତନ ସଭାପତି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ମିଶ୍ର ମନୋନୀତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ୨ ତାରିଖରେ ପ୍ରକାଶ ପାଇଥିବା ଆଦେଶନାମା ପତ୍ର ସଂଖ୍ୟା ୩୭୭୭୬ ନଂ. ଯୋଗେ ଜିଲାପାଳ, ଉପଜିଲାପାଳଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ସୂଚନା ଦିଆଯାଇଛି। ସେହିପରି ନୂତନ ସଭାପତି ମିଶ୍ରଙ୍କ ପରାମର୍ଶକ୍ରମେ ନୂତନ ପରିଚାଳନା ସମିତି ଗଠନ କରିବା ପାଇଁ ଆଦେଶନାମାରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଆଗାମୀ ଦିନରେ ବେଗୁନିଆ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ନିମନ୍ତେ ଗୁରୁତ୍ୱ ଦେବେ ବୋଲି ନୂତନ ସଭାପତି ମିଶ୍ର କହିଛନ୍ତି। ନୂତନ ସଭାପତି ମିଶ୍ରଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ବେଗୁନିଆ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# 'ସମସ୍ତଙ୍କ ସହଯୋଗରେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହେବ'

ଟାଙ୍ଗୀ,୩।୯(ରଘୁନାଥ ସାହୁ)






ଟାଙ୍ଗୀସ୍ଥିତ ଗ୍ରାମ ନ୍ୟାୟାଳୟର ନୂତନ ଗୃହ ଉଦ୍‌ଘାଟନ ଅବସରରେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ସ୍ଥିତ ଗ୍ରାମ ନ୍ୟାୟାଳୟ ତଥା ଜେଏମ୍‌ଏଫ୍‌ସିର ନୂତନ ଗୃହ ରବିବାର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କୋର୍ଟ ପରିସରରେ ମୁଖ୍ୟ ବିଚାରପତି ତାଳପତ୍ର ଏବଂ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ସ୍ୱାଗତ କରାଯାଇଥିଲା। ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯିବା ପରେ ମୁଖ୍ୟ ବିଚାରପତି ଫିତା କାଟି ଉଦ୍‌ଘାଟନ କରିଥିଲେ। କୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ତାଳପତ୍ର ଯୋଗଦେଇ କହିଥିଲେ, ପାର୍ଲାମେଣ୍ଟର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ବ୍ଲକରେ ଗ୍ରାମ ନ୍ୟାୟାଳୟ ଖୋଲାଯାଇଛି। ଗ୍ରାମାଞ୍ଚଳରେ ଦେଖାଯାଉଥିବା ବିଭିନ୍ନ ଅଭିଯୋଗକୁ ସମାଧାନ କରିବା ଏହି ନ୍ୟାୟାଳୟର ଲକ୍ଷ୍ୟ। ତେଣୁ ସମସ୍ତଙ୍କ ସହଯୋଗ ରହିଲେ ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ସେହିପରି ବିଚାରପତି ଷଡ଼ଙ୍ଗୀ କହିଥିଲେ, ଟାଙ୍ଗୀରେ ଗ୍ରାମ ନ୍ୟାୟାଳୟ ଖୋଲାଯିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲା। ୨୦୧୩ରେ ଏଠାରେ ଗ୍ରାମ ନ୍ୟାୟାଳୟ ଏବଂ ୨୦୧୪ରେ ଜେଏମ୍‌ଏଫ୍‌ସି ନ୍ୟାୟାଧିକାରୀ କାର୍ଯ୍ୟ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ନ୍ୟାୟାଳୟରେ ୪୩୮୨ କେସ୍ ରହିଛି। ଅତୀତରେ ବିଚାରପତି ଓ ବାର୍ ଆସୋସିଏଶନ ସଭ୍ୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ମିଳିମିଶି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ଟାଙ୍ଗୀ ଗ୍ରାମ ନ୍ୟାୟାଳୟର ନୂତନ ଗୃହ ଉଦ୍‌ଘାଟିତ

ବାର୍ ଆସୋସିଏଶନର ବରିଷ୍ଠ ସଭ୍ୟ ହମିଦ ମୀରା ଟାଙ୍ଗୀ ଗ୍ରାମ ନ୍ୟାୟାଳୟର ପାରିପାର୍ଶ୍ୱିକ ଅବସ୍ଥିତି, ଟାଙ୍ଗୀ ବ୍ଲକ ଅନ୍ତର୍ଗତ ୬ଟି ପଞ୍ଚାୟତ କମାଗୁରୁ, ସରପାରୀ, ଟାଙ୍କୋଳ, ଛଣଗିରି, ଅଚ୍ୟୁତପୁର, ଓଳସିଂହର କେସ ରେକର୍ଡ ଟାଙ୍ଗୀ ନ୍ୟାୟାଳୟରେ ସଂଯୋଗ କରିବାକୁ ଅନୁରୋଧ କରିଥିଲେ। ଖୋର୍ଦ୍ଧା ଜିଲା ଜଜ୍ ନୀତୀଶ କୁମାର ନିଶଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ବାର୍ ଆସୋସିଏଶନ ପକ୍ଷରୁ ପୂର୍ବତନ ସଭାପତି ନକୁଳ ନାୟକ ଓ ଭାସ୍କର ପ୍ରସାଦ ମହାନ୍ତି ବିଚାରପତିଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖୋର୍ଦ୍ଧା ସିଭିଲ ଜଜ୍ ସୁନୀତା କୁମାରୀ ଖଣ୍ଡେୱାଲା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ଭୁବନେଶ୍ୱର ନ୍ୟାୟାଳୟର ବିଚାରପତି, କର୍ମଚାରୀ ଏବଂ ବିଭିନ୍ନ ବାର୍ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଜିଜ୍ଞାସା ତାଲିମ ଶିବିର

ବେଗୁନିଆ,୩।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହ ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜିଜ୍ଞାସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ର ଏହି ଶିବିରକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏଥିରେ ବେଗୁନିଆ ବ୍ଲକ ଅଞ୍ଚଳର ୩୦ଟି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନେ ଯୋଗଦେଇ ତାଲିମ ନେଇଥିଲେ। ପରିଛଳ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଭାତ କୁମାର ସାହୁ ଏବଂ ବାମନ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶାନ୍ତନୁ କୁମାର ଶ୍ରୀଚନ୍ଦନ ଆର୍‌ପିଭାବେ ତାଲିମ ପ୍ରଦାନ କରିଥିଲେ। ମାଧ୍ୟମିକ ଶିକ୍ଷାବୋର୍ଡ ଓଡ଼ିଶା ଏବଂ ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଣ୍ଟରନାଲ ଆସେସ୍‌ମେଣ୍ଟ ପ୍ରକଳ୍ପ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ନମ୍ବର କିପରି ବିଭକ୍ତୀକରଣ କରାଯାଇ ପାରିବ ସେ ସମ୍ପର୍କରେ ବିବରଣୀ ପ୍ରଦାନ କରାଯାଇଥିଲା। ବରିଷ୍ଠ ବିଜ୍ଞାନ ଶିକ୍ଷକ ବିକ୍ରମ ପାଲଟାସିଂହ, ଶ୍ରୀନିବାସ ମିଶ୍ର, ଚଗଲା ପଣ୍ଡା, ରାମଚନ୍ଦ୍ର ମହାରଣା, ବିଶ୍ୱନାଥ ସାହୁ, ପ୍ରମୋଦ କୁମାର ଜେନା, ଭଗବାନ ମହଲା, ପ୍ରଦୀପ କୁମାର ମହାନ୍ତି, ରାଜେଶ କୁମାର ମହାରଣା, ସାଗରିକା ବେହେରା, ବେବି ରୁପାଲି ରାଉତରାୟ, କୁନ୍ତଳା କଅଁର ପ୍ରମୁଖ ଶିବିରରେ ଅଂଶଗ୍ରହଣ କରିଥିଲେ।

# ସରକାରୀ ଜାଗାକୁ କେନ୍ଦ୍ରକରି ଗୁଳିମାଡ଼

ନିରାକାରପୁର,୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

## ଖଣ୍ଡା, ଗୁଳି, ଦେଶୀ ବନ୍ଧୁକ ଜବତ



ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଡମଣଭୂମି ଗ୍ରାମରେ ରବିବାର ସରକାରୀ ଜାଗାକୁ କେନ୍ଦ୍ରକରି ମାରପିଟ୍ ସହ ଗୁଳିମାଡ଼ ହୋଇଛି। ତେବେ ଗୁଳିମାଡ଼ରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ଗ୍ରାମର ପ୍ରିୟବ୍ରତ ଭୋଳଙ୍କ ଅଭିଯୋଗ ମୁତାବକ, ତାଙ୍କ ଘର ସମ୍ମୁଖରେ ଥିବା ସରକାରୀ ଇନକ୍ଲୋଜମେଣ୍ଟ ଜାଗାରେ ପଡ଼ୋଶୀ ସନ୍ତୋଷ ଭୋଳ ଜୋରଜବରଦସ୍ତ କିଛି ଗଛ ଲଗାଇ ତାକୁ ଅକ୍ତିଆର କରିବାକୁ ଚାହୁଁଥିଲେ। ପ୍ରିୟବ୍ରତ ବାରଣ କରିବାରୁ ହଠାତ୍ ସନ୍ତୋଷ ଉତ୍‌କ୍ଷିପ୍ତ ହୋଇ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ହେଲେ ଗୁଳି ତାଙ୍କ ଦେହରେ ବାଜି ନ ଥିଲା। ଏପରିକି ସନ୍ତୋଷଙ୍କ ପରିବାରର ଅନ୍ୟ ସଦସ୍ୟମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। କେତେଜଣ ଗ୍ରାମବାସୀ ସେଠାରେ ପହଞ୍ଚିବାରୁ ସେମାନଙ୍କୁ କାବୁ କରିଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ଦେଶୀ ବନ୍ଧୁକ, ଗୁଳି ଓ ଖଣ୍ଡା ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୯୨/୨୩) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।



କଟଣୀ : ମହରମ ସଫର ପାଳନ ଅବସରରେ ରବିବାର ଶିୟା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଗୀତା ପାଠଶାଳାର ନୂତନ ଗୃହ ପ୍ରବେଶ ଉତ୍ସବ ସମାରୋହ

ନିରାକାରପୁର,୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଟଣୀ କେନ୍ଦ୍ର ଅନ୍ତର୍ଭୁକ୍ତ ନିରାକାରପୁର(ପାଣ୍ଡବ ପାଟଣା) ଗୀତା ପାଠଶାଳାର ନୂତନ ଗୃହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଜାପିତା ବ୍ରହ୍ମାକୁମାରୀ ଜଟଣୀ କେନ୍ଦ୍ରର ବି.କେ ଜ୍ୟୋତି ସଞ୍ଚାଳନ କରିଥିବା ବେଳେ ଅତିଥିଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ହ୍ୟୁମାନ ରାଇଟ୍ସ ପ୍ରୋଟେକ୍‌ଶନ କମିଶନ ଡ. ସୁନୀତା ପଟ୍ଟନାୟକ, ସ୍ଥାନୀୟ କଲେଜର ପରିଚାଳନା କମିଟିର ସଭାପତି ସଞ୍ଜୟ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିବା ସହିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର ପ୍ରୟାସ ଜାରି ରଖିଥିବା ପ୍ରକାଶ କରିଥିଲେ। ନିରାକାରପୁର ଓମ୍ ଶାନ୍ତି ଭବନର ସଞ୍ଚାଳିକା ବିକେ ଉର୍ମିଳା ଧନ୍ୟବାଦ ଦେଇଥିଲେ। ଏହି ଆଶ୍ରମ ପାଇଁ ଜମି ଦାନ କରିଥିବା ସ୍ୱର୍ଗତ ଜଗନ୍ନାଥ ପ୍ରଧାନ ଓ ସୁଶୀଳା ଦେବୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ବିକେ ବାଇଧର ପ୍ରଧାନ, ବିକେ ଶଙ୍କର୍ଷଣ ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ ବିକେ ଭାଇ ଓ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାନକୁ ବଞ୍ଚାଇବାକୁ ଯାଇ ବଡ଼ଭାଇଙ୍କ ଜୀବନଗଲା

ନିରାକାରପୁର,୩।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ନଦୀରେ ବୁଡ଼ିଯାଉଥିବା ସାନଭାଇକୁ ଉଦ୍ଧାର କରିବାକୁ ଯାଇଥିବା ବଡଭାଇଙ୍କ ମୃତ୍ୟୁରେ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ନାନପଡା ସାହିର ଆକାଶ କୁମାର ରାଉତରାୟ। ସୂଚନା ମୁତାବକ, ନାନପଡାସାହିର ଆକାଶ ଓ ସାନଭାଇ ପ୍ରକାଶ କେତେଜଣ ସାଙ୍ଗଙ୍କ ସହିତ ଶନିବାର କଟକ ଜିଲା ତ୍ରିଶୂଳିଆ ନିକଟ ମହାନଦୀ କୂଳରେ ଅବସ୍ଥିତ ଦେବୀଦ୍ୱାର ଠାରେ ଭୋଜି କରିବାକୁ ଯାଇଥିଲେ। ଭୋଜି ପରେ ପ୍ରକାଶ ନଦୀକୁ ଗୋଧାଇବାକୁ ଯାଇଥିଲେ। ତେବେ ପ୍ରକାଶ ନଦୀରେ ବୁଡ଼ି ଯାଉଥିବା ଦେଖି ଆକାଶ ନଦୀକୁ ଡେଇଁପଡ଼ିଥିଲେ। ପରେ ପ୍ରକାଶଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ସେ ପାଣି ସୁଅରେ ଭାସି ଯାଇଥିଲେ। ରବିବାର ଆକାଶଙ୍କ ମୃତଦେହ ନଦୀରୁ ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ପରେ ଗ୍ରାମକୁ ମୃତଦେହ ଅଣାଯିବା ସହ ଅନ୍ତିମ ସଂସ୍କାର କରାଯାଇଛି। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଚାରାରୋପଣ ପାଇଁ ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୩।୯(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କମଲେଶ୍ୱର ଦେବଙ୍କ ୩୫ମୌଜା ପଣାଯାତ୍ରା ପଡ଼ିଆ ଦେଉଳପଡା ଠାରେ ଏନ୍.ଆର ଫାଉଣ୍ଡେଶନ ସାତପଡ଼ା ଆନୁକୂଲ୍ୟରେ ଚାରାରୋପଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୫ ମୌଜା ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏନ୍. ଆର. ଫାଉଣ୍ଡେଶନ ଅଧ୍ୟକ୍ଷ ଦିବାକର ପ୍ରସାଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ କାନାଡ଼ା ବ୍ୟାଙ୍କ ମହାପ୍ରବନ୍ଧକ ଜଗଦୀଶ ଚନ୍ଦର, ଅତିଥିଭାବେ ଡିଭିନାଲ ମ୍ୟାନେଜର ଅଶୋକ କୁମାର ମେହେର, ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ ସାହୁ, ରବୀନ୍ଦ୍ର ବାରିକ, ଫାଲଗୁନୀ ଜାଲି, ଶ୍ରୀଧର ପରିଡ଼ା, ବନ୍ଦନା ପଟ୍ଟନାୟକ, ଶୁଭାଷିନୀ ପଲେଇ ଯୋଗଦେଇ ମହିଳାମାନଙ୍କୁ ସଶକ୍ତ କରିବା ସହିତ ଚାରାରୋପଣର ଆବଶ୍ୟକତା ଦିଗରେ ଆଲୋକପାତ କରିଥିଲେ। ୧୩ଟି ପଞ୍ଚାୟତର ଏମବିକେ, ସିଆରପି, ମଞ୍ଚ ସଭାନେତ୍ରୀ ସମ୍ପାଦିକା ଏବଂ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। କାନାଡା ବ୍ୟାଙ୍କର ସିଏସଆର ପାଣ୍ଠିରୁ ୫୦ ହଜାର ନଡ଼ିଆ ଚାରା ବଣ୍ଟନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ଦିବସରେ ୧୦ହଜାର ଗଛ ମହିଳାମାନଙ୍କୁ ବଣ୍ଟନ କରାଯାଇଥିଲା। କମଲେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ରବୀନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀଧର ପରିଡ଼ା, ରଞ୍ଜିତ ଜେନା, ଗଙ୍ଗାଧର ଦାଶ, ବିଷ୍ଣୁ ପ୍ରିୟା ଦେବୀ, ଅମିତା ତରେଇ, ମିନାରାଣୀ ସାହୁ, କୁନିରାଣୀ ଜେନା, ସବିତା ପଲେଇ, ବିଦ୍ୟାଧର ପଲେଇ, ଶଙ୍କର୍ଷଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଯାନ୍ତ୍ରିକ ତ୍ରୁଟି ପାଇଁ ବାଟରେ ଅଟକିଲା ଆମ୍ବୁଲାନ୍ସ

## ଦେଢ଼ ଘଣ୍ଟା ପରେ ସ୍ଥାନାନ୍ତର ହେଲେ ରୋଗୀ



ବାଲୁଗାଁ,୩।୯(ସଂଗ୍ରାମ ପାଇକରାୟ)

ସରକାର ଉନ୍ନତମାନର ସ୍ୱାସ୍ଥ୍ୟସେବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ଜରୁରିକାଳୀନ ରୋଗୀ ସେବା ପାଇଁ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି। ତେବେ ଆମ୍ବୁଲାନ୍ସର ଯାନ୍ତ୍ରିକ ତ୍ରୁଟି ଯୋଗୁ ଜଣେ ଗୁରୁତର ହୃଦ୍‌ରୋଗୀ ଦୀର୍ଘ ଦେଢ଼ ଘଣ୍ଟା ଧରି ହନ୍ତସନ୍ତ ହେବା ପରେ ସ୍ଥାନାନ୍ତର ହୋଇଥିଲେ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ରାସ୍ତାର ଅଲାଇଡ଼ିହ ଛକଠାରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ବାଣପୁର ନିକଟ ବଡ଼ସିରେଇପୁର ଗ୍ରାମର ହୃଦାନନ୍ଦ ସୁବୁଦ୍ଧି ହୃଦ୍‌ରୋଗରେ ପୀଡ଼ିତ ଥିବା ବେଳେ ରବିବାର ଅପରାହ୍ନରେ ଗୁରୁତର ଅବସ୍ଥାରେ ତାଙ୍କୁ ବାଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ନିଆଯାଉଥିଲା। ବାଲୁଗାଁ ବାଇପାସ୍ ରାସ୍ତାର ଅଲାଇଡ଼ିହ ଛକଠାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆମ୍ବୁଲାନ୍ସଟି ଅଚଳ ହୋଇପଡ଼ିଥିଲା। ଅନ୍ୟାନ୍ୟ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉପଲବ୍ଧ ହୋଇପାରି ନ ଥିଲା। ଦୀର୍ଘ ଦେଢ଼ ଘଣ୍ଟା ପରେ ୧୦୨ ଜନନୀ ଆମ୍ବୁଲାନ୍ସ ପହଞ୍ଚିବା ପରେ ରୋଗୀ ହୃଦାନନ୍ଦକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଗାଡ଼ିର ତଦାରଖ କରାଯାଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା ସାଧାରଣରେ ମତପ୍ରକାଶ ପାଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

# ଦୁର୍ବଳ ମୌସୁମୀ ଚାଷୀଙ୍କ ଚିନ୍ତା ବଢ଼ାଉଛି

ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)



ବର୍ଷା ଅଭାବରୁ ଚାଷଜମି ଫାଟି ଆଁ କରିଛି।

ଖୋର୍ଦ୍ଧା ଜିଲାରେ ବର୍ଷା ଅଭାବରୁ ଚାଷଜମି ଫାଟି ଆଁ କଲାଣି। ମୌସୁମୀ ଆଗମନରେ ବିଳମ୍ବ, ସ୍ୱଳ୍ପ ବୃଷ୍ଟି କାରଣରୁ ବୁଣାଯାଇଥିବା ଧାନ ଗଜାମରୁଡ଼ି ହେବା ସହ ଅଦ୍ୟାବଧି ଅନେକ ସ୍ଥାନରେ ଧାନତଳି ପକାଯାଇପାରିନାହିଁ। ଶୁଖିଲା ବିଲକୁ ଦେଖି ଚାଷୀକୁଳ ଏବେ ମୁଣ୍ଡରେ ହାତ ବସିଛି। ଜୁନ୍, ଜୁଲାଇରେ ସ୍ୱାଭାବିକ ବର୍ଷାଠାରୁ ଯଥେଷ୍ଟ କମ୍ ପରିମାଣ ବର୍ଷା ହୋଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ଜଣାପଡିଛି। ଗତ ତିନିଦିନ ହେବ ଲଘୁଚାପ ବର୍ଷା ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ତେବେ ଏହା ଯଥେଷ୍ଟ ନୁହଁ। ଧାନ ବେଉଷଣ ଏବଂ ରୁଆପୋତା ସମୟରେ ସ୍ୱଳ୍ପ ବୃଷ୍ଟି ଚାଷୀଙ୍କ ସମସ୍ୟା ବଢାଇଛି। ଅନ୍ୟପଟେ ଗତ ୩୧ ତାରିଖରୁ ଜିଲା କୃଷି ଏବଂ ମୃତ୍ତିକା ସଂରକ୍ଷଣ ବିଭାଗୀୟ କର୍ମଚାରୀ ବିଭିନ୍ନ ଦାବି ନେଇ କୃଷି କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ବେଳେ କାର୍ଯ୍ୟବନ୍ଦ କରିଛନ୍ତି। କୃଷି ଅଧିକାରୀ, କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଚାଷୀ ଯୋଗାଯୋଗ କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

କୃଷି ବିଭାଗର ସୂଚନା ପ୍ରକାରେ, ଜିଲାରେ ଚଳିତବର୍ଷ ୧ଲକ୍ଷ ୨୦ହଜାର ୧୫୦ହେକ୍ଟର ଚାଷଜମି ରହିଛି। ଚଳିତ ଖରିଫ ଋତୁରେ ୧ ଲକ୍ଷ ୩ ହଜାର ୧୬୦ ହେକ୍ଟର ଜମିରେ ଧାନ ଫସଲ ହେବ। ତନ୍ମଧ୍ୟରୁ ୧୭ହଜାର ୪୭୫ ହେକ୍ଟର ଡିପ, ୪୩ହଜାର ୩୩୮ ହେକ୍ଟର ସମତୁଲ ଜମି ଏବଂ ଅବଶିଷ୍ଟ ୪୮,୮୦୭ ହେକ୍ଟର ତଳିଆ ଜମିରେ ଖରିଫ ଧାନ ଫସଲ ଅମଳ ଲକ୍ଷ୍ୟ ରହିଥିବା ବେଳେ ୨ହଜାର ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ସେହିପରି ଦୟା, ମଲାଗୁଣୀ ଆଦି ନଦୀ ଦ୍ୱାରା ୨୧,୦୯୦ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ରହିଥିବା ବେଳେ କେନାଲ ଦ୍ୱାରା ୬୮୧୫ହେକ୍ଟର ଜମି, ଉଠାଜଳସେଚନ ଦ୍ୱାରା ୩୩୧୭ ହେକ୍ଟର, ନଳକୂପ ଜରିଆରେ ୭୩୦ ହେକ୍ଟର ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ୧୫୯ ହେକ୍ଟର ଚାଷଜମିକୁ ଜଳସେଚିତ ହୋଇଥାଏ। ଜିଲା ବ୍ୟାପୀ ପ୍ରାୟ ୫୬,୭୨୧ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ରହିଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ତେବେ ଏବେ ବି ଡିପ ଜମି ପଡିଆ ପଡିରହିଛି। ଫଳରେ ଚାଷୀ ଚିନ୍ତାରେ ପଡିଛି। ବ୍ୟାଙ୍କରୁ ଋଣ କରି ଭଲ ଫସଲ ଅମଳ ପାଇଁ ଆଶା କରିଥିବା ଚାଷୀ ଚିନ୍ତାରେ ପଡିଛି।

ନବ ନିର୍ମାଣ କୃଷକ ସଙ୍ଗଠନ ଚାଷୀ ନେତା ସୁରେଶ ମାନସିଂ କହିଛନ୍ତି, ଗତ ଦୁଇବର୍ଷ ହେବ ସ୍ୱାଭାବିକଠାରୁ କମ୍ ବର୍ଷା, ଅନାବୃଷ୍ଟି ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଚାଷୀ ଚାଷ କରିଥିବା ବେଳେ ଅମଳ ସମୟରେ ଲଘୁଚାପ ବର୍ଷା, ବନ୍ୟା ଓ ବାତ୍ୟା ଯୋଗୁ ବିଲରେ ପାଣି ଜମିରହିବାରୁ ପାଚିଲା ଧାନ ପଚିଶଢି ନଷ୍ଟ ହୋଇଥିଲା। ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ସମାନ ଦୃଶ୍ୟ ରହିଛି। ସେହିପରି ଯୁବ ଚାଷୀ ନେତା ଏମ. ମହମ୍ମଦ ଅଲ୍ଲୀ କହିଛନ୍ତି, କେନାଲରେ ପାଣି ନାହିଁ। ମଲାଗୁଣି ଓ ରାଜୁଆ ବ୍ୟାରେଜରେ ପାଣି ନାହିଁ। ପ୍ରତିବର୍ଷ ଚାଷୀ ଏନେଇ ହୋହଲ୍ଲା କରୁଛନ୍ତି। ଜଳସେଚନ ଏବଂ ଜିଲା ପ୍ରଶାସନକୁ ଦାବିପତ୍ର ଦେଉଛନ୍ତି। ତେବେ ପ୍ରତିଶ୍ରୁତି ମିଳୁଛି, ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଚାଷୀ ପ୍ରତିବର୍ଷ ଚାଷୀ କ୍ଷତି ସହୁଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଦାବି ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ଅବହେଳା ଏଥିରେ ବାଧକ ସାଜିଛି। ଉଇଲକିଶନ ନଗର ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ଜୁନ ମାସରେ ତଳିପକା ଯାଇ ଜୁଲାଇରେ ଧାନରୁଆ କାମ ସରିଥିଲା। ତେବେ ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ଯୋଗୁ ଦୁଇଥର ବିହନ ବୁଣାଯାଇଛି। ବର୍ଷାର ଦେଖା ନ ଥିବାରୁ ଜମି ଫାଟି ଆଁ କଲାଣି। ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଚାଷୀ ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟି, ବନ୍ୟା ବାତ୍ୟା ଯୋଗୁ କ୍ଷତି ସହୁଛି। ସରକାର କେବଳ ଘୋଷଣା, ଭାଷଣବାଜିରେ ସୀମିତ ରହିଛନ୍ତି। ରାଜ୍ୟ ସରକାର ଚାଷଜମିକୁ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରନ୍ତୁ। ୫-ଟି ସଚିବ ଜିଲା ଗସ୍ତ ବେଳେ ଚାଷୀଙ୍କ ସମସ୍ୟା କଥା ମଧ୍ୟ ବୁଝନ୍ତୁ, ବାସ୍ତବ ଚିତ୍ର ଜାଣିପାରିବେ ବୋଲି ମଙ୍ଗରାଜ କହିଛନ୍ତି।

## ସଂକ୍ଷେପରେ

### ସମୁଦ୍ରରୁ ନାବାଳକ ଉଦ୍ଧାର

ପୁରୀ,୩।୯(ଅଜିତ ମହାନ୍ତି)

ସମୁଦ୍ରରେ ରବିବାର ଗାଧୋଇବା ସମୟରେ ଭାସିଯାଉଥିବା ବେଳେ ଜଣେ ନାବାଳକଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଛନ୍ତି। ସେ ହେଉଛନ୍ତି, ଖୋର୍ଦ୍ଧା ଜିଲା ରସୁଲଗଡ଼ ଚକେଇସିଆଣି ଅଞ୍ଚଳର ଆକର୍ଷଣ କୁମାର (୧୫)। ସୂଚନା ଅନୁଯାୟୀ, ଆକର୍ଷଣ ତାଙ୍କ ପରିବାର ସହ ପୁରୀ ଆସି ବେଳାଭୂମିର ୪ନଂ. ସେକ୍ଟର ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ଗାଧୋଉଥିବା ସମୟରେ ଏକ ବଡ଼ ଲହଡ଼ି ମାଡ଼ରେ ସେ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ପାଟିଶୁଣି ଏହି ସମୟରେ ସେଠାରେ ନିୟୋଜିତ ଥିବା ଲାଇଫ୍‌ଗାର୍ଡମାନେ ସମୁଦ୍ରକୁ ଯାଇ ଆକର୍ଷଣଙ୍କୁ ଉଦ୍ଧାର କରିଥିଲେ।

### ଭାଙ୍ଗ ଜବତ, ଜଣେ ଗିରଫ

ପୁରୀ,୩।୯(ଅଜିତ୍ ମହାନ୍ତି)

ବେଆଇନ ଭାବେ ଗୁଣ୍ଡ ଭାଙ୍ଗ ବିକ୍ରି କରିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚନ୍ଦନପୁର ଥାନା ଅନ୍ତର୍ଗତ ଉଷା ସାହିର ସୁମନ୍ତ ବହୁିଆ। ପୋଲିସ ଅଭିଯୁକ୍ତଙ୍କଠାରୁ ୩୦କେଜି ଗୁଣ୍ଡ ଭାଙ୍ଗ ଜବତ କରିଛି। ପୋଲିସ ଏ ନେଇ କେସ ନଂ. ୨୦୮/୨୩ରେ ଏକ ମାମଲା ରୁଜୁ କରିଛି। ଉକ୍ତ ଥାନା ଅଞ୍ଚଳରେ ଜଣେ ଯୁବକ ବେଆଇନ ଭାବେ ଭାଙ୍ଗ ବିକ୍ରି କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ ଭାଙ୍ଗ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିଥିଲା।

### ମହିଳା ନିଖୋଜ

ନିମାପଡ଼ା,୩।୯(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୨୫ ବର୍ଷୀୟା ତଥା ୨ ସନ୍ତାନର ଜନନୀ କେଉଁଆଡେ ପଳାଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୪୮/୨୩ରେ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମହିଳା ଜଣକ ନିମାପଡ଼ା ଅଞ୍ଚଳରେ ଥିବା ଏକ ଧୂପକାଠି କମ୍ପାନୀରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ଦୀର୍ଘ ବର୍ଷେ ହେବ ସେ ଶାଶୁଘର ଛାଡ଼ି ବାପଘରେ ରହିଆସୁଥିଲେ। ହେଲେ ଗତ ୩୦ ତାରିଖ ରାତିରୁ ମହିଳା ଜଣକ ଘର ଛାଡ଼ି ସେହି ଧୂପକାଠି କମ୍ପାନୀର ଜଣେ ଯୁବକଙ୍କ ସହ କେଉଁଆଡେ ଚାଲିଯାଇଥିବା ମହିଳାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ଅନେକ ଖୋଜାଖୋଜି ପରେ ତାଙ୍କ ସନ୍ଧାନ ନ ମିଳିବାରୁ ନିରାଶ ହୋଇ ମା' ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ନିଃଶୁଳ୍କ କାର୍ଡିଓଲୋଜି ଶିବିର

ପୁରୀ,୩।୯(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ରବିବାର ଏସ୍‌ଜେଟିଏ କେୟାର ନୀଳାଦ୍ରି ଭକ୍ତନିବାସଠାରେ ନିଃଶୁଳ୍କ କାର୍ଡିଓଲୋଜି ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ଶ୍ରୀମନ୍ଦିର ସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀମାନେ ଆସି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ସେବାୟତ ଏବଂ କର୍ମଚାରୀମାନେ ଶିବିରକୁ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଡାକ୍ତରଙ୍କଠାରୁ ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ନେଇଥିଲେ। ଶ୍ରୀମନ୍ଦିର ପ୍ରଶାସନର ୱେଲଫେୟାର ବିଭାଗର ବିଶୁଧା ନନ୍ଦ ମିଶ୍ର ଶିବିରକୁ ପରିଚାଳନା କରିଥିଲେ। ଶୁଭଶ୍ରୀ ଲେଙ୍କା ଏବଂ ଏସ୍‌ଜେଟିଏର ଫାର୍ମାସିଷ୍ଟ ପ୍ରତିମା ପରିଡା, ପ୍ରତିଭା ରାୟ ସାମନ୍ତ ଓ ଡିଓ ଚନ୍ଦନ କୁମାର ଦୀକ୍ଷିତ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷାବିତ୍ ଦୀନବନ୍ଧୁ ମିଶ୍ରଙ୍କ ପରଲୋକ

ପୁରୀ, ୩।୯(ଅଜିତ ମହାନ୍ତି):

ଶିକ୍ଷାବିତ୍ ଦୀନବନ୍ଧୁ ମିଶ୍ରଙ୍କର ଶନିବାର ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ପୁରୀ ଜିଲାରେ ପାଠାଗାର ଆନ୍ଦୋଳନର ଅନ୍ୟତମ ମଙ୍ଗୁଆଳ ଥିଲେ। ସେ ସର୍ବମଙ୍ଗଳା ପାଠାଗାର ସମ୍ପାଦକ ରହିବା ସହ ଅନେକ ସାହିତ୍ୟକୃତିରେ ସୁନାମ ଅର୍ଜନ କରିଥିଲେ। ମିଶ୍ର ଗତ କିଛିଦିନ ହେବ ବୟସାଧିକ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ମିଶ୍ର ଶିକ୍ଷକଙ୍କ ସମସ୍ୟାକୁ ସରକାରଙ୍କଠାରେ ପହଞ୍ଚାଇବା ପାଇଁ ସର୍ବଭାରତୀୟ ଶିକ୍ଷକ ଫେଡେରେଶନର ନେତୃତ୍ୱ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ମାର୍କଣ୍ଡେଶ୍ୱର ସାହିର ରଥସାହିସ୍ଥିତ ତାଙ୍କ ବାସଭବନକୁ ପୁରୀର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯାଇ ଶେଷଦର୍ଶନ କରିଥିଲେ। ପରେ ତାଙ୍କୁ ଏକ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାର ନିଆଯାଇଥିଲା। ସ୍ୱର୍ଗତ ମିଶ୍ର ହେଉଛନ୍ତି ମଧୁସୂଦନ ମିଶ୍ରଙ୍କ ପୁତୁରା। ସ୍ୱର୍ଗଦ୍ୱାରରେ ମିଶ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ରଶ୍ମିରଞ୍ଜନ ମିଶ୍ର ମୁଖାଗ୍ନି ଦେଇଥିଲେ।

# ଦେଢ଼ ବର୍ଷରେ ସବୁ ଜାଗା ଆଖଡ଼ା ପୁନରୁଦ୍ଧାର

ପୁରୀ,୩।୯(ଅଜିତ ମହାନ୍ତି)

ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରା ସହ ଓତପ୍ରୋତ ଭାବେ ଶ୍ରୀକ୍ଷେତ୍ରରେ ଥିବା ଜାଗା ଆଖଡ଼ାଗୁଡ଼ିକ ଜଡ଼ିତ ରହିଛି। ତେବେ ଆର୍ଥିକ ସମସ୍ୟା ପାଇଁ ଏହି ଜାଗା ଆଖଡ଼ାଗୁଡ଼ିକ ଏବେ ଅବହେଳିତ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଶ୍ରୀକ୍ଷେତ୍ରବାସୀଙ୍କ ବହୁ ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ମୁକ୍ତା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସହରରେ ଥିବା ୪୧ଟି ଜାଗା ଆଖଡ଼ା ଘରର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଆସନ୍ତା ଦେଢ଼ବର୍ଷ ଭିତରେ ପର୍ଯ୍ୟାୟକ୍ରମେ ସହରରେ ଥିବା ସମସ୍ତ ଜାଗା ଆଖଡ଼ାର ପୁନରୁଦ୍ଧାର ଏବଂ ଉନ୍ନତୀକରଣ କାର୍ଯ୍ୟ ହେବ ବୋଲି ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି।

ପୁରୀ ସହରର ଜାଗା ଆଖଡ଼ାଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ଏବେ ଏହା ନୂଆ ରୂପ ପାଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଜାଗା ଆଖଡ଼ା ଘରର ଉନ୍ନତୀକରଣ ସହ ସୁନ୍ଦର ଉଦ୍ୟାନ, ଚିଲଡ୍ରେନ୍ ପାର୍କ, ପୋଖରୀ ପୁନରୁଦ୍ଧାର ଓ ପାର୍କିଂ ବ୍ୟବସ୍ଥା ଆଦି କାର୍ଯ୍ୟ ବିଭିନ୍ନ ଜାଗା ଆଖଡ଼ାରେ ନିର୍ମାଣ କରାଯାଉଛି। ମୁକ୍ତା ଯୋଜନାରେ ଏହି ଜାଗା ଆଖଡ଼ାଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ଚାଲୁଛି। ତେବେ ପୁରୀରେ ଥିବା ଅମିନ ଜାଗାର ଉନ୍ନତୀକରଣ କାର୍ଯ୍ୟ ଶେଷ ହେବା ପରେ ତାହା ଉଦ୍‌ଘାଟନ କରାଯାଇଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରୀର ଐତିହ୍ୟ, ପରମ୍ପରା ଜାଗା ଆଖଡ଼ାର ଉନ୍ନତୀକରଣକୁ ସମସ୍ତେ ସ୍ୱାଗତ କରିଛନ୍ତି। ତେବେ ପୂର୍ବକାଳରେ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଏହି ଜାଗା ଆଖଡ଼ା ଘର ନିର୍ମାଣ କରାଯାଇଥିଲା। ସେବାୟତ ପରିବାରର ଯୁବକମାନେ ଏହି ଜାଗା ଆଖଡ଼ାରେ ବିଭିନ୍ନ ପ୍ରକାର ବ୍ୟାୟାମ, କସରତ ଓ ଶରୀରର ଚର୍ଚ୍ଚା କରିବା ସହ ବିଭିନ୍ନ ପାରମ୍ପରିକ ଯୁଦ୍ଧ କଳାକୌଶଳ ଶିକ୍ଷା ମଧ୍ୟ ଗ୍ରହଣ କରୁଥିଲେ। ଏହିଠାରୁ ବିଭିନ୍ନ ଯୁଦ୍ଧ କଳାକୌଶଳ ଶିଖି ବାହ୍ୟ ଶତ୍ରୁମାନଙ୍କୁ ମୁକାବିଲା କରୁଥିଲେ। ରାଜରାଜୁଡ଼ା ସମୟରେ ଏହି ଜାଗା ଆଖଡ଼ା ଘରର ଅନେକ ଗୌରବ ଗାଥା ଥିବାବେଳେ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ଏହି ଜାଗା ଆଖଡ଼ା ସଂସ୍କୃତି ବିଲୀନ ହେବାକୁ ବସିଥିଲା। ତେବେ ପୁରୀର ଜାଗା ଆଖଡ଼ା ଭଳି ସମୃଦ୍ଧ ପରମ୍ପରାକୁ ପୁନରୁଦ୍ଧାର ସହ ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବା ପରେ ପୁରୀ ପୌର ପ୍ରଶାସନ ପକ୍ଷରୁ ସହରରେ ଥିବା ସମସ୍ତ ଜାଗା ଆଖଡ଼ାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରାଯାଇଛି।

**ପ୍ରଥମ ପର୍ଯ୍ୟାୟରେ ୪୧ ଜାଗା ଆଖଡ଼ାର କାର୍ଯ୍ୟ ଜାରି**

"ପୂର୍ବରୁ ଜାଗା ଆଖଡ଼ାର ଅବସ୍ଥା ଶୋଚନୀୟ ରହିଥିଲା। ତେବେ ରାଜ୍ୟ ସରକାର, ଜିଲା ପ୍ରଶାସନ ଏବଂ ବିଧାୟକଙ୍କ ସହଯୋଗରେ ପୁରୀର ବିଭିନ୍ନ ଜାଗା ଆଖଡ଼ାର ଉନ୍ନତି ହେଉଛି। ଶ୍ରୀମନ୍ଦିର ସହ ଜାଗା ଆଖଡାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପର୍କ ରହିଛି। ପୂର୍ବରୁ ଏହି ଜାଗାଗୁଡ଼ିକ ଅପରିଷ୍କାର ହୋଇପଡୁଥିବା ବେଳେ ଏବେ ପୁନରୁଦ୍ଧାର ପରେ ପୁଣି ଜାଗା ଆଖଡା ପରମ୍ପରା ଉଜ୍ଜୀବିତ ହେବ।

**-ରାହୁଲ କୁମାର ପ୍ରଧାନ, ଅମିନ ଜାଗାର କୋଷାଧ୍ୟକ୍ଷ**

"ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟରେ ସାହିର ଯୁବକମାନେ ବହୁତ ସହଯୋଗ କରୁଛନ୍ତି। ଜାଗା ଆଖଡ଼ାର ଉନ୍ନତୀକରଣ କାରଣରୁ ଧୀରେ ଧୀରେ ଲିଭିଯାଉଥିବା ପୁରୀର କଳା କୌଶଳର ବିକାଶ ହେବ। ଯୁବପିଢି ନିଶା କବଳରୁ ମୁକ୍ତ ହୋଇ ଜାଗା ଆଖଡ଼ାକୁ ଆସି ପାରମ୍ପରିକ କୁସ୍ତି, ରେସଲିଂ ଆଦି ସମର କଳା ଶିକ୍ଷା କରିବେ। ଜାଗା ସଂସ୍କୃତି କେବଳ ପୁରୀରେ ଦେଖିବାକୁ ମିଳିଥାଏ। ଏହା ମହାନ ପରମ୍ପରା। ପୁରୀରେ ଥିବା ଜାଗା ଆଖଡ଼ାଗୁଡିକ ମଧ୍ୟରୁ ଅନେକ ଜାଗାର ଉନ୍ନତି ହୋଇସାରିଲାଣି, ବାକି ଯାହା ଅଛି, ତାହା ୨୦୨୪ ମଧ୍ୟ ଭାଗକୁ ସରିଯାଇଥିବ।

**-ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟକ**

"ପୁରୀ ସହରର ଐତିହ୍ୟ, ପରମ୍ପରା, ସଂସ୍କୃତି ଜାଗା ଆଖଡ଼ା ସହ ଜଡ଼ିତ। ତେଣୁ ପୁରୀର ଜାଗା ଆଖଡ଼ାର ଉନ୍ନତି ପାଇଁ ମୁକ୍ତା ଯୋଜନାରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୪୧ଟି ଜାଗା ଆଖଡ଼ାର ଉନ୍ନତୀକରଣ ହାତକୁ ନିଆଯାଇଛି। ଆଗକୁ ଅନ୍ୟ ଜାଗା ଆଖଡ଼ାଗୁଡିକର ଉନ୍ନତି କରାଯିବ।

**-ସରୋଜ କୁମାର ସ୍ୱାଇଁ, ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ**

## ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ଦାବି

ବଲଙ୍ଗା,୩।୯(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଧୀନ ଗଡ଼ଚାନ୍ଦପୁର ମୌଜାରେ ଥିବା ଚକନାଳିକୁ ଜବରଦଖଲ କରାଯାଇଥିବାବେଳେ ତାକୁ ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଗଡ଼ଚାନ୍ଦପୁର ରାଉତସାହି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ମୌଜାର ଖାତା- ନଂ. ୧୦୩୦, ପ୍ଲଟ ନଂ. ୨୯୮୨ରେ ୧୩ ଡିସିମିଲ କିସମ ମୌଜାର କାଡାନାଳି ରହିଛି। ଏହି କାଡାନାଳି ଦ୍ୱାରା ବାଲିବସ୍ତ ମାଇନର କେନାଲରୁ ଜଳ ନିଷ୍କାସନ ହୋଇ ଧାନ ଜମିକୁ ଜଳସେଚିତ ହୋଇଥାଏ। ମାତ୍ର ଏହି ଗ୍ରାମର ଦେବେନ୍ଦ୍ର ବାରିକ, ରମେଶ ଚନ୍ଦ୍ର ବେହେରା ଓ କାଳନ୍ଦୀ ବେହେରା ଜୋରଜବରଦସ୍ତ ଗୃହ ନିର୍ମାଣ କରୁଛନ୍ତି। ଏନେଇ ଗ୍ରାମବାସୀ ପ୍ରତିବାଦ କରିବାରେ ଆସାମୀମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଉଥିବା ନିମାପଡ଼ା ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶନୀଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ଉକ୍ତ କାଡାନାଳିକୁ ଜବରଦଖଲ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।



ପୁରୀଠାରେ ଚିତ୍ରକାର ପରିବାର ପକ୍ଷରୁ ମା'ମଙ୍ଗଳା ଓ ରେଖା ପୂର୍ଣ୍ଣମୀ ପାଇଁ ଭୈରବ ଚିତ୍ର ଅଙ୍କନ କରାଯାଉଛି ।

## ୬ରେ ପରମହଂସ ପରିବ୍ରାଜକ ବିଶ୍ୱପ୍ରଣବଙ୍କ ଜନ୍ମ ଜୟନ୍ତୀ

ପୁରୀ, ୩।୯(ଅଜିତ ମହାନ୍ତି):

ଚଳିତ ମାସ ୬ ତାରିଖରେ ପବିତ୍ର ଜନ୍ମାଷ୍ଟମୀ ତିଥିରେ ଚକ୍ରତୀର୍ଥ ରୋଡସ୍ଥିତ ନନି ନିବାସରେ ବିଶ୍ୱପ୍ରଣବ ମହାରାଜଙ୍କ ଜନ୍ମ ଜୟନ୍ତୀ ପାଳନ ହେବ। ଏହି ଅବସରରେ ବିଶ୍ୱପ୍ରଣବଙ୍କ ଦ୍ୱାରା ଲିଖିତ ଶ୍ରୀଗୋପୀ-ଗୋବିନ୍ଦ ଗୀତମ୍ ପୁସ୍ତକର ଓଡ଼ିଆ ଅନୁବାଦ ଲୋକାର୍ପଣ କରାଯିବ। ଏଥିସହ ଲିଖିତ ଗ୍ରନ୍ଥ ଓ ପୁସ୍ତକ ସମ୍ବନ୍ଧରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଲୋକାର୍ପଣ ହେବାକୁ ଥିବା ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ଆଶାମଞ୍ଜରୀ ମହାନ୍ତି। ବିଶ୍ୱପ୍ରଣବ ଥିଲେ ଭାରତର ହାତଗଣତି ପରମହଂସଙ୍କ ମଧ୍ୟରେ ଅନ୍ୟତମ। ଜଣେ ସଦ୍‌ଗୁରୁ ଭାବେ ଭାରତୀୟତାର ସାରମର୍ମକୁ ସେ ଲେଖା ଓ ବଚନ ମାଧ୍ୟମରେ ପ୍ରତିବାଦିତ କରିଥିଲେ। ରାଷ୍ଟ୍ରୀୟ ଏକତା, ରାଷ୍ଟ୍ର ପ୍ରତି ପ୍ରେମ ଓ ଅନୁରକ୍ତିର ସେ ଥିଲେ ଅଦ୍ୱିତୀୟ ପ୍ରବକ୍ତା।

## ବିଶ୍ୱ ନାରିକେଳ ଦିବସ

ପୁରୀ, ୩।୯(ଅଜିତ ମହାନ୍ତି):

ଶ୍ରୀଫଳ ଆମ ଧର୍ମ ଧାରଣା, ସ୍ୱାସ୍ଥ୍ୟ, ସଂସ୍କୃତି, ଅର୍ଥନୀତିକୁ ବେଶ୍ ପ୍ରତିଷ୍ଠିତ କରିଛି। କେବଳ ଫଳ ନୁହେଁ, ତୈଳ ଜଳ ଚାଳ ଚାଞ୍ଚ ଆସନ ମର୍ଜନ ସବୁକିଛି ମିଳିଥାଏ ଏହି କଳ୍ପ ବୃକ୍ଷରୁ। ଏହାର ଉପାଦେୟକୁ ଲକ୍ଷ୍ୟ ରଖି ପ୍ରତିବର୍ଷ ସେପ୍ଟେମ୍ବର ୨କୁ ବିଶ୍ୱ ନାରିକେଳ ଦିବସ ଭାବେ ୨୦୦୯ରେ ଏସିଆନ ଏବଂ ପାସିଫିକ କୋକୋନଟ କଲଚର ପକ୍ଷରୁ ଆରମ୍ଭ କରାଯାଇଥିଲା। ଶନିବାର ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପୁରୀ ପକ୍ଷରୁ ବିଶ୍ୱ ନାରିକେଳ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରସାସୁଷମା ସାହୁ, ଡ. ହିତବ୍ରତ ବାହିନୀପତି, ୫ନମ୍ବର ୱାର୍ଡ କାଉନସିଲର ପୂର୍ଣ୍ଣିମା ଦାସ, କଣ୍ଟପୁର ଅଙ୍ଗନୱାଡ଼ି କେନ୍ଦ୍ରର ସୁଷମା ବେହେରା, ସ୍ଥାନୀୟ ବାସିନ୍ଦା କୁସୁମ ସାହୁ, ଅନୁଷ୍ଠାନର ଅନ୍ତେବାସୀ ରାକେଶ ଦାସ, ମନୋରଞ୍ଜନ ଜେନା, ହରିହର ବେହେରା, ବାସନ୍ତୀ ସାହୁ, ହରଷ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଯୋଗେନ୍ଦ୍ର ନାଥ ସାହୁଙ୍କ ସହଯୋଗ କରିଥିବା ବେଳେ ଅଧ୍ୟକ୍ଷା ସୁଚରିତା ପାଢୀ ପରିଚାଳନା କରିଥିଲେ।

# ସମାଜ ସଂସ୍କାରରେ ବରିଷ୍ଠ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ସାକ୍ଷୀଗୋପାଳ, ୩।୯
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀର ନୂଆସମେଶ୍ୱରପୁର ପଞ୍ଚାୟତର ପଣ୍ଡା ସାହି ଗ୍ରାମର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସତ୍ୟବାଦୀ ବିକାଶ ପରିଷଦ ଓ ଶଙ୍ଖନାଭି ମଣ୍ଡଳ ସତସଙ୍ଗ ପରିଷଦର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନୁଷ୍ଠାନ ସଭାପତି ଆଇନଜୀବୀ ଗୁଣ୍ଡିଚା ବରାଳ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଆଇନଜୀବୀ ଅମର ନନ୍ଦ, କୋଷାଧ୍ୟକ୍ଷ ରବି ନାରାୟଣ ଦତ୍ତ, ଅନୁଷ୍ଠାନର ମହିଳା ସଭାନେତ୍ରୀ ସଖିମଣି ବରାଳ, ସଂଯୋଜକ ପ୍ରଫୁଲ୍ଲ ପଣ୍ଡା, ଧଡ଼ିଆ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ଥାନା ଅନ୍ତର୍ଗତ ପ୍ରତ୍ୟେକ ଗାଁରେ ରହିଥିବା ବରିଷ୍ଠ ଲୋକଙ୍କୁ ଶୀଘ୍ର ଚିହ୍ନଟ କରାଯାଇ ସେମାନଙ୍କ ସୁବିଧା ଅସୁବିଧାରେ ସତ୍ୟବାଦୀ ବିକାଶ ପରିଷଦର ସହଭାଗିତା ରହିବ ବୋଲି ସଭାପତି ବରାଳ କହିଥିଲେ। ବରିଷ୍ଠ ନାଗରିକ ସମାଜକୁ ପରିବର୍ତ୍ତନ କରିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସେମାନଙ୍କ ପରାମର୍ଶରେ ଯୁବପିଢି ହିଁ ସମାଜରେ ସଂସ୍କାର ଆଣିବାରେ ଆଗଭର ହୋଇଥାନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏଥିସହ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସରରେ ଗ୍ରାମ୍ୟ ନ୍ୟାୟାଳୟ ଖୋଲିବାରେ ବିଳମ୍ବ, ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ସବ୍‌ଡିଭିଜନାଲ ହସ୍ପିଟାଲ ସହ ସମସ୍ତ ବିଶେଷଜ୍ଞ ପଦବୀ ପୂରଣ କରାଯିବା ଓ ପଞ୍ଚସଖା ଖେଳପଡ଼ିଆକୁ ମିନି ଷ୍ଟାଡିୟମରେ ରୂପାନ୍ତରିତ କରିବା ପାଇଁ ସତ୍ୟବାଦୀର ବିକାଶ ପରିଷଦ ପକ୍ଷରୁ ଆଗକୁ ବିରାଟ ଜନ ଆନ୍ଦୋଳନ ଡାକରା ଦିଆଯିବ ବୋଲି ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ୭୦ଜଣ ବରିଷ୍ଠ ନାଗରିକଙ୍କୁ ଅତିଥି ପରିଚୟପତ୍ର ଓ ଆଶାବାଡ଼ି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଯୋଗଦେଇ 'ସତ୍ୟବାଦୀର ବିକାଶ ଆମ ପ୍ରୟାସ' ବୋଲି ନାରା ଦେଇଥିଲେ। ଧଡ଼ିଆ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ଚାଷ କାର୍ଯ୍ୟରେ ହେଉଥିବା ସମସ୍ୟାର ସମାଧାନ ଦାବି

ପୁରୀ,୩।୯(ଅଜିତ୍ ମହାନ୍ତି)

**ନୀଳାଚଳ କୃଷକ ସଂଘର ବୈଠକ**

ନୀଳାଚଳ କୃଷକ ମହାସଂଘର ଏକ ବୈଠକ ମାଳତିପାଟପୁରରେ ଥିବା ସାକ୍ଷୀଗୋପାଳ ନିୟନ୍ତ୍ରିତ କମିଟିର ଉପବଜାର ପ୍ରାଙ୍ଗଣରେ ମହାସଂଘର ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶେଷ ଭାବେ ଜିଲ୍ଲାର ବନ୍ୟା ନିୟନ୍ତ୍ରଣ, ଜଳସେଚନ, ଜଳ ନିଷ୍କାସନ, ଜଳ ସଂରକ୍ଷଣ ବ୍ୟବସ୍ଥା, ଫସଲ ସଂରକ୍ଷଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଜିଲାରେ ଦେଖାଯାଉଥିବା ଚାଷୀ ଓ ଚାଷ କାର୍ଯ୍ୟରେ ହେଉଥିବା ସମସ୍ୟାର ନିରାକରଣ ପାଇଁ ସରକାରଙ୍କ ନିକଟରେ ସଂଘ ପକ୍ଷରୁ ଦାବି କରାଯାଇଛି। ବିଶେଷ କରି ଭାର୍ଗବୀ, ଧନୁଆଁ, ଦୟାନଦୀର ଖନନରେ ଅନିୟମିତତା, ସରକାରୀ ଅଧିକାରୀଙ୍କ ଉଦାସୀନତା ଓ ଅବହେଳା କରୁଥିବାରୁ ଚାଷୀଙ୍କ ଭିତରେ ଉଦ୍‌ବେଗ ପ୍ରକାଶ ପାଇଛି। ଭାର୍ଗବୀର ନଦୀଶଯ୍ୟା ସୁରକ୍ଷା ସହିତ ଗବକୁଣ୍ଡଠାରୁ ଚନ୍ଦନପୁର, ଚନ୍ଦନପୁରଠାରୁ ବଡ଼ଗଠ, ଜଗଦଳଠାରୁ ବାଘଲଓଣ୍ଡି ପର୍ଯ୍ୟନ୍ତ ଖନନ, କଣ୍ଟି ନଦୀ ଖନନ ଓ ଉଭୟପାର୍ଶ୍ୱର ବନ୍ଧ ନିର୍ମାଣ, ମଙ୍ଗଳା ନଦୀ ଖନନ, ଉରକଣା ମୌଜା, ତଳଜଙ୍ଗ ପଞ୍ଚାୟତଠାରୁ କଣ୍ଟି ନଦୀ ଖଲାସି ନାଳକୁ ଖନନ କରିବା ପାଇଁ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଚଳିତବର୍ଷ ନିଅଁଟିଆ ବର୍ଷାରୁ ରକ୍ଷା କରିବା ପାଇଁ ଜିଲ୍ଲାର ସମସ୍ତ କେନାଲ ମରାମତି କରି ଚାଷୀଙ୍କର କ୍ଷେତକୁ ଜଳ ଯୋଗାଇ ଦେବାକୁ ପୁରୀ, ଖୋର୍ଦ୍ଧା ଓ ନିମାପଡା ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀକୁ ଅବଗତ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ମହାସଂଘ ସଭାପତି ଗୋପୀନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ସମାବେଶ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ କୃଷକ ନେତା ଚନ୍ଦ୍ର ଶେଖର ପରିଡା, ଉପସଭାପତି ପ୍ରକାଶ ନାୟକ, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, ପୁରୀ ସଦର ବ୍ଲକ ସଭାପତି ଅରକ୍ଷିତ ଦାସ, ଦୁଃଶାସନ ନାୟକ, କଣାସ ବ୍ଲକ ସଭାପତି କେଦାରଶ୍ୱର ପରିଡା, ପ୍ରତାପ ପାଇକରାୟ, ରାମଚନ୍ଦ୍ର ସ୍ୱାଇଁ, କୃଷକ ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ।

# ସାହିତ୍ୟ ଆସର, ଚାରାରୋପଣ କାର୍ଯ୍ୟକ୍ରମ



ସ୍କୁଲ ପରିସରରେ ଅତିଥିମାନେ ଚାରାରୋପଣ କରୁଛନ୍ତି ।

ଡେଲାଙ୍ଗ,୩।୯(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତର ମୋହନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ସାହିତ୍ୟ, ସଂସ୍କୃତି ଓ ପରିବେଶ ପ୍ରେମୀମାନଙ୍କୁ ନେଇ ସାହିତ୍ୟ ଆସର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କବି ପ୍ରଭାତ ସେଠୀଙ୍କ ଅଧ୍ୟକ୍ଷତାରେ ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ, ଶରତ ରାଉତରାୟ, ଖୋର୍ଦ୍ଧା ଜିଲାର ପୂର୍ବତନ ସହଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, କବି ରୋହିତ ଚମ୍ପତି, ଦ୍ୱିତିକୃଷ୍ଣ ମହାନ୍ତି, ସାମାଜିକ କର୍ମୀ କେଦାରେଶ୍ୱର ଜଗଦେବ, ସିଆର୍‌ସିସି ଦୟାନିଧି ମାର୍ଥା, ଶିକ୍ଷକ ଫକୀର ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଜନ୍ମମାଟି, ଗାଁ ପରିବେଶ, ପୌରାଣିକ ଆଦର୍ଶ, ସମାଜକୁ ସୁଧାର କରିବା ଆଦି ଶିକ୍ଷକ ନେଇ କବିତା ପାଠ କରାଯାଇଥିଲା। ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟଚରଣ ସାହୁ ସଭା ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲ।

# ଉତ୍କଳର ଇତିହାସ ସହ ଜଗନ୍ନାଥ ସଂସ୍କୃତିର ମୌଳିକ ସମ୍ପର୍କ ରହିଛି

ପୁରୀ,୩।୯(ଅଜିତ ମହାନ୍ତି)

ସମ୍ପର୍କ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପୁରୀ ଧାନ ମନ୍ଦିର ପରିସରରେ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ, ସାହିତ୍ୟ ହେଉଛି ସମ୍ପର୍କର ମିଠା ସମ୍ପର୍କ ଓ ଦର୍ପଣ। ସାହିତ୍ୟ ଦ୍ୱାରା ସମାଜରେ ସମ୍ପର୍କ ସୃଷ୍ଟି ହୁଏ। ତେଣୁ ସାହିତ୍ୟରେ ହିଁ ନୂଆ ସମ୍ପର୍କ ସୃଷ୍ଟି ହେବାର ଆବଶ୍ୟକ ରହିଛି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଐତିହାସିକ ମଦନ ମୋହନ ମହାପାତ୍ର ଯୋଗଦେଇ କହିଥିଲେ, ସମ୍ପର୍କ ଶବ୍ଦଟି ଜଟିଳ, ସରଳ ଓ ବୋଧଗମ୍ୟ। ଭାବ ଆସିଲେ ସାହିତ୍ୟ ସରଳ ଭାବ ନଆସିଲେ ସାହିତ୍ୟ ଜଟିଳ। ଉତ୍କଳର ଇତିହାସ ସହିତ ଜଗନ୍ନାଥ ସଂସ୍କୃତିର ମୌଳିକ ସମ୍ପର୍କ ରହିଛି ବୋଲି ସେ କହିଥିଲେ। ଗ୍ରନ୍ଥକାର ଗୁରୁଚରଣ ଦାସ କହିଲେ ସମାଜ, ସାହିତ୍ୟ ଓ ମାନବିକ ଜୀବନ ଧାରାର ତ୍ରିକୋଣୀୟ ସମ୍ପର୍କ ରହିଛି। ଏହି କାର୍ଯ୍ୟକ୍ରମରେ ଭକ୍ତିଅର୍ଘ୍ୟ ମୁଖ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ଅନୁରାଗ ସାହିତ୍ୟ ସଂଗୋଷ୍ଠୀର ସଭାପତି ବିଜୟ ଲକ୍ଷ୍ମୀ ଦାଶ, ଭାଷା ସୁରକ୍ଷା ପ୍ରତିଷ୍ଠାନ ଚିଲିକାର ସଭାପତି ରଙ୍କନାଥ ସେଠି, ସମ୍ପର୍କ ସାହିତ୍ୟର ପୂର୍ବତନ ସଭାପତି ଡା. ପ୍ରମିଲ କୁମାର ନନ୍ଦ, ପୂର୍ବତନ ସମ୍ପାଦକ ସୁରେଶ କୁମାର ପଟ୍ଟନାୟକ, ଅନୁଷ୍ଠାନର ନୂତନ ସମ୍ପାଦିକା ପ୍ରଭାସିନୀ ମିଶ୍ର, ମଞ୍ଜୁଶ୍ରୀ ମିଶ୍ର, ଉପଦେଷ୍ଟା ଉର୍ମିଳା ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ପରେ କବି ପ୍ରଭାସିନୀ ମିଶ୍ର ଏବଂ ମଞ୍ଜୁଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବରେ ଅଂଶଗ୍ରହଣ କରି ଡ. ଦିଲୀପ ସେନାପତି, କମଳିନୀ ପାଣିଗ୍ରାହୀ, ଭାରତୀ ଭୂଷଣ ଦାସ, ମନୋରମା ଆଚାର୍ଯ୍ୟ, ଅଧ୍ୟାପିକା ସୁଚିସ୍ମିତା ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସହଯୋଗୀ ରୋଟାରୀ କ୍ଲବ୍ ଅଫ ପୁରୀ ସାଗର ରାଜ୍ୟର ୧୨୨ଟି ରୋଟାରି କ୍ଲବକୁ ନେଇ ଏକ ସେମିନାର ପୁରୀରେ ଡିସେମ୍ବର ୨୪ରେ ଅନୁଷ୍ଠିତ ହେବା ପାଇଁ ସେମିନାରର ଚେୟାରମ୍ୟାନ ଦାମୋଦର ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ ଆବାହକ ଦାମୋଦର ମହାନ୍ତି ଧନ୍ୟବାଦ ଦେଇଥିଲେ।




ସମ୍ପର୍କ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ପୁରୀ ଧାନମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩।୯।୨୦୨୩

| | |
|---|---|
| ୪,୮୦,୦୫୩ ଟଙ୍କା | |
| ସୁନା | ୧୦.୨୦୦ ଗ୍ରାମ୍ |
| ରୁପା | ୫୧ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସିପିଆଇ ପକ୍ଷରୁ ଉତ୍ତର ଜୋନ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ, ଡମଣା ଛକରୁ ଶୋଭାଯାତ୍ରା, ପୂର୍ବାହ୍ନ ୧୦ଟା ୩୦।
- ଚନ୍ଦ୍ରୟାନ ମହୋତ୍ସବ, ଏମ୍‌ସ, ପୂର୍ବାହ୍ନ ୧୦ଟା ୩୦।
- ସଂଯୁକ୍ତ କିଷାନ ମୋର୍ଚ୍ଚାର ରାଜ୍ୟସ୍ତରୀୟ କୃଷକ କନଭେନଶନ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ସାଣ୍ଟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ୱର୍ଗତ ଶାନ୍ତିପ୍ରିୟା ପଟ୍ଟନାୟକଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ, ବ୍ଲାଇଣ୍ଡ ଆସୋସିଏଶନ, ମଧ୍ୟାହ୍ନ ୧୨ଟା।
- ନାଟ୍ୟସଂସ୍ଥା ଲାବଣ୍ୟ ଥିଏଟରର ୩୪ତମ ନାଟକ 'ତୁମ ପାଇଁ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଦୁଇଦିନିଆ ସାଂସ୍କୃତିକ ତାଲିମ ଶିବିର ଉଦ୍‌ଘାଟନ, ନୂତନ ସମ୍ମିଳନୀ କକ୍ଷ, ଜିଲାପାଳ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।

# ଛତିଶଗଡ଼ରୁ ଓଡ଼ିଶା ଆସୁଛି ଜାଲ ନୋଟ୍

ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)

ଛତିଶଗଡ଼ରୁ ଓଡ଼ିଶା ଆସୁଛି ଜାଲ୍ ନୋଟ୍। ସାରା ରାଜ୍ୟକୁ ବ୍ୟାପିଛି ଏହି ର୍ୟାକେଟର ଚେର। ବାରମ୍ବାର ଚଢ଼ାଉ ଓ ବିପୁଳ ଜାଲ୍ ନୋଟ୍ ଜବତ ହେଉଥିଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହୋଇପାରୁନାହିଁ। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସୋନପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟିଘାଇ ଗ୍ରାମରେ ଚଢ଼ାଉ କରି ଏକ ଘରୁ ୪୧.୧୬ ଲକ୍ଷର ଜାଲ୍ ନୋଟ୍ ଜବତ କରିଛି। ଜବତ ଜାଲ୍ ନୋଟ୍‌ରେ କେବଳ ୫୦୦ ଟଙ୍କିଆ ରହିଛି। ତେବେ ଚଢ଼ାଉବେଳେ ଏସ୍‌ଟିଏଫ୍ ଟିମ୍ ସମ୍ପୃକ୍ତ ଅଭିଯୁକ୍ତ ଦୀପକ ମେହେରଙ୍କୁ ଧରିଥିବାବେଳେ ତାଙ୍କ ବଡ଼ଭାଇ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ଧରାପଡ଼ିଥିବା ଦୀପକଙ୍କୁ ଗିରଫ ପରେ ଶନିବାର ବୀରମହାରାଜପୁର ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୮/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ଦୀପକଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଏହି ମାମଲାରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଯୋଜନା କରିଛି। ଜବତ ଜାଲ ନୋଟ୍ ଉତ୍ତମମାନର ହୋଇଥିବାବେଳେ ଅବିକଳ ଅସଲି ନୋଟ୍ ଭଳି ଦିଶୁଛି। ତେଣୁ ଏହାକୁ ଯାଞ୍ଚ ପାଇଁ ପଶ୍ଚିମବଙ୍ଗ ପଶ୍ଚିମମେଦିନପୁରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରଣ ପ୍ରାଇଭେଟ୍ ଲିମିଟେଡ୍‌କୁ ପଠାଯିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୀପକ ଓ ତାଙ୍କ ଭାଇ ଲୁଗାବୁଣା କାମ କରନ୍ତି। ଲୁଗା ପ୍ରସ୍ତୁତ ପରେ ତାହାକୁ ଓଡ଼ିଶା ସମେତ ଛତିଶଗଡ଼ରେ ମଧ୍ୟ ବିକ୍ରି କରନ୍ତି। ଦୁଇ ଭାଇଙ୍କ ପାଖରେ ବିପୁଳ ପରିମାଣର ଜାଲ ନୋଟ୍ ଥିବା ଜଣାପଡ଼ିବା ପରେ ଶୁକ୍ରବାର ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଘରେ ଚଢ଼ାଉ କରି ଦୀପକଙ୍କୁ କାବୁ କରିବା ପରେ ଏହି ର୍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ତେବେ ଦୁଇ ଭାଇ ରାୟପୁର ଓ ମହାସମୁନ୍ଦ ଅଞ୍ଚଳରୁ ଏହି ଜାଲ ନୋଟ୍ ଆଣିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଉଭୟ ମୂଳଚାଲ କରି ଉକ୍ତ ଜାଲ ନୋଟ କାରବାର କରନ୍ତି। କାହାକୁ ୧୦ ହଜାରରେ ତ ଆଉ କାହାକୁ ୨୦ହଜାର ଟଙ୍କାରେ ଏକ ଲକ୍ଷ ଜାଲ୍ ନୋଟ୍ ଦିଅନ୍ତି। ବହୁଦିନ ହେବ ଏହି ଦୁଇଭାଇ ଏଭଳି କାରବାର କରୁଥିବା ଅଭିଯୁକ୍ତ ଦୀପକ ସ୍ୱୀକାର କରିଛନ୍ତି। ବଡ଼ କଥା ହେଉଛି ଅଭିଯୁକ୍ତଙ୍କ ନାମରେ ଏସ୍‌ଟିଏଫ୍ ୟୁଏପିଏ (ଅନ୍ ଲ'ଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନଶନ୍ ଆକ୍ଟ) ଲଗାଇବ। ଭାରତର ଅଖଣ୍ଡତା ଓ ସାର୍ବଭୌମତା କ୍ଷୁର୍ଣ୍ଣ କରିବା ଭଳି କୌଣସି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଆକ୍ଟ ଲାଗିଥାଏ। ତେବେ ଫେରାର ଥିବା ଦୀପକଙ୍କ ବଡ଼ଭାଇ ଓ ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।




ଅଭିଯୁକ୍ତ ଦୀପକ ମେହେର ଓ ଜବତ ଜାଲ୍ ନୋଟ।

**୪୧.୧୬ ଲକ୍ଷ ଜାଲ୍ ନୋଟ୍ ଜବତ**

**ଖସିଗଲେ ବଡ଼ଭାଇ, ଜେଲ ଗଲେ ସାନ**



କଟକ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନୃତ୍ୟଧାରା ଅନୁଷ୍ଠାନ ପକ୍ଷରୁ ରବିବାର ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ରାଜକିଶୋର ମହାନ୍ତି)

## ପ୍ରେରଣାଦାୟକ ବକ୍ତୃତାମାଳା

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବିବାର ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ପାଠିକାପାଠକଙ୍କ ପାଇଁ ଏକ ପ୍ରେରଣା ଦାୟକ ବକ୍ତୃତାମାଳାର ଆୟୋଜନ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ପ୍ରେରଣାପ୍ରଦ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ଯୁଗ୍ମ ଶାସନ ସଚିବ ଅତସୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଚଳଚ୍ଚିତ୍ର 'ପ୍ରଥା'ର ଗୀତ ରିଲିଜ୍

**ଗଣେଶ ପୂଜାରେ ପରଦାକୁ ଆସିବ**

**ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ):** ଆମ ଓଡ଼ିଶାର କାହାଣୀ, ଆମ ଗାଁର କାହାଣୀ। ଓଡ଼ିଶାର ପ୍ରଥା ଓ ପରମ୍ପରା ଉପରେ ଆଧାରିତ ଚଳଚ୍ଚିତ୍ର 'ପ୍ରଥା' ଗଣେଶ ପୂଜାରେ ପରଦାକୁ ଆସିବ। ରବିବାର ଭୁବନେଶ୍ୱରସ୍ଥିତ ଏକ ମଲ୍‌ଠାରେ ଏହାର ଗୀତ ରିଲିଜ ହୋଇଛି। ପ୍ରଥମଥର ପାଇଁ ଅଭିନେତା ସ୍ୱରାଜ ଏବଂ ଶୀତଲ ସ୍କ୍ରିନ ଶେୟାର କରିଛନ୍ତି। ତାଙ୍କ ସହିତ ମୁଖ୍ୟ ଚରିତ୍ରରେ ଅଛନ୍ତି ମୁମ୍ବାଇ ଅବସ୍ଥାପିତ ମଡେଲ ଅଭିନେତ୍ରୀ ସିମ୍ରନ କୌର। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶ ଆଲୱାହଟ, ଆଶୁ ବର୍ମା, ରବି ମିଶ୍ର, ସତୀଶ ପଟେଲ, ଇଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ, ଡିସ୍କୋ ରେଡ୍ଡୀ ଏବଂ ଅସିତା ଶତପଥୀଙ୍କୁ ମଧ୍ୟ ଅନ୍ୟାନ୍ୟ ଭୂମିକାରେ ଦେଖିବାକୁ ମିଳିବ। ଆସନ୍ତା ସେପ୍ଟେମ୍ବର ୧୫ରେ ସାରା ଓଡ଼ିଶାରେ ଏହା ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରରେ ଡିଓପି ନରେନ୍ଦ୍ର ଗୌଡ଼, ସଙ୍ଗୀତ ନିର୍ଦ୍ଦେଶକ ଅସଦ ନିଜାମ, ସଂଳାପକାର ବିଜୟ କୁମାର ରାଉଳ, କୋରିଓଗ୍ରାଫର ଆରିୟନ ଓ ଲାଇନ ପ୍ରଡ୍ୟୁସର ବିଜୟ ପାତ୍ର ଅଛନ୍ତି। ଚଳଚ୍ଚିତ୍ରଟି କୋରାପୁଟ ସମେତ ଦିଲ୍ଲୀ ଏବଂ ରାଜସ୍ଥାନରେ ଶୁଟ୍ ହୋଇଛି। ନିର୍ଦ୍ଦେଶକ କେ ମୁରଲୀ କ୍ରିଷ୍ଣା, ସହ-ପ୍ରଯୋଜକ ସଞ୍ଜୟ କୁମାର ପଟେଲ, ନାୟକ ସ୍ୱରାଜ, ସଙ୍ଗୀତ ନିର୍ଦ୍ଦେଶକ ଅସଦ ନିଜାମ, ସିନେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, କଣ୍ଠଶିଳ୍ପୀ କ୍ରିଷ୍ଣା ବେଉରା, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ସତ୍ୟଜିତ ପ୍ରଧାନ, ଅସୀମା ପଣ୍ଡା, ନାଭ୍ୟା, ଅଭିନେତା ଡିସ୍କୋ ରେଡ୍ଡୀ, ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ ଏବଂ ଏସ୍. ଏସ୍. କେବୁଲର ମୁଖ୍ୟ ସୁକାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକରୁ ଜିଲାପାଳ ଯାତ୍ରା

**ବକୁଳ ଫାଉଣ୍ଡେଶନର 'ଇଣ୍ଟରାକ୍ସନ୍ ୱିଥ୍ ବିଜୟ ଅମୃତା କୁଲାଙ୍ଗେ'**

ଭୁବନେଶ୍ୱର, ୩।୯ (ବନ୍ଦନା ସେଠୀ)

ଏକ ସାଧାରଣ ମଧ୍ୟବିତ୍ତ ପରିବାରରୁ ଆସି ନିଜକୁ ପ୍ରତିଷ୍ଠିତ କରିବାରେ ସଫଳ ହୋଇଛନ୍ତି ବର୍ତ୍ତମାନର ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ। ପ୍ରାଥମିକ ଶିକ୍ଷକରୁ ଚାକିରି ଜୀବନ ଆରମ୍ଭ କରିଥିବା କୁଲାଙ୍ଗେ ପରେ ଆଇଏଏସ୍ ପାଇ କଲେକ୍ଟର ହୋଇଥିଲେ। ଏହି ଯାତ୍ରା ସହଜସାଧ୍ୟ ନ ଥିଲେ ବି ଏହାକୁ ସଫଳ କରି ଦେଖାଇଛନ୍ତି ସେ। ବେଷ୍ଟ ଟିଚର୍, ବେଷ୍ଟ ସେଲ୍‌ଟାକ୍ସ ଇନ୍ସପେକ୍ଟର ଏବଂ ୩ଥର ବେଷ୍ଟ ତହସିଲ୍‌ଦାର ଆୱାର୍ଡ ମଧ୍ୟ ପାଇଛନ୍ତି। ନିଜ ଜୀବନଯାତ୍ରା, ଆଉ ସଂଘର୍ଷମୟ ଅନୁଭୂତିକୁ ନେଇ ସେ ଲେଖିଛନ୍ତି ଆତ୍ମଜୀବନୀ ପୁସ୍ତକ 'ଆଜିର ଦିନ ମୋର'। ବକୁଳ ଫାଉଣ୍ଡେଶନ ପକ୍ଷରୁ ରବିବାର ଅନୁଷ୍ଠିତ 'ଇଣ୍ଟରାକ୍ସନ ୱିଥ୍ ବିଜୟ ଅମୃତା କୁଲାଙ୍ଗେ' କାର୍ଯ୍ୟକ୍ରମରେ କମିଶନର କୁଲାଙ୍ଗେ ନିଜ ଅନୁଭୂତି, ଘଟଣାବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନ ମୁଖ୍ୟ ସୁଜିତ୍ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବକୁଳ ଲାଇବ୍ରେରିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ସହ କମିଶନରଙ୍କ ମା' ତାରାବାଈ କୁଲାଙ୍ଗେ ଓ ବାପା ଅମୃତା କୁଲାଙ୍ଗେ ଉପସ୍ଥିତ ରହି ପୁଅର ସଫଳ କାହାଣୀ ଶୁଣିଥିଲେ।

ଛୋଟବେଳୁ ଡାକ୍ତର ହେବାର ଇଚ୍ଛା ଥିଲେ ବି ଆର୍ଥିକ ସମସ୍ୟା ଥିବାରୁ ପ୍ରାଥମିକ ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ବିଜୟ ଅମୃତା କୁଲାଙ୍ଗେ। ଏକ ନିପଟ ମଫସଲରେ ତାଙ୍କର ପୋଷ୍ଟିଂ ହୋଇଥିଲା। ସେଠାରେ ଚଳିବା ପାଇଁ ସେ ଏକ ଅଖାରେ ଲୁଗାପଟା ସହିତ ଷ୍ଟୋଭ୍ ଓ ଖାଦ୍ୟ ସାମଗ୍ରୀ ନେଇଯାଇଥିଲେ। ତେବେ ପିଲାଙ୍କ ଭବିଷ୍ୟତ ଗଢ଼ିବା ଭିତରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଲାଗି ପଡିଥିଲେ। ଶିକ୍ଷକତା ପରେ ସେଲ୍‌ଟାକ୍ସ ଇନ୍ସପେକ୍ଟର ଓ ପରେ ତହସିଲଦାର ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ସମୟରେ ତାଙ୍କ ସମ୍ମୁଖରେ ଥିବା ବିଭିନ୍ନ ସମସ୍ୟା, ଆହ୍ୱାନ ସମ୍ପର୍କରେ ମଧ୍ୟ ସେ କହିଥିଲେ। ଏହାପରେ ୟୁପିଏସ୍‌ସି ପରୀକ୍ଷା ଦେବାପାଇଁ ମନସ୍ଥ କରିଥିଲେ। ତେବେ ଏଥିପାଇଁ ତାଙ୍କୁ ଛୁଟି ନେବାକୁ ମନ୍ତ୍ରୀଙ୍କ ପାଖକୁ ଯିବାକୁ ପଡିଥିଲା। ପ୍ରଥମେ ମନ୍ତ୍ରୀ ମନା କରିଥିଲେ ବି ପରେ ତାଙ୍କୁ ଡାକି 'ଛୁଟି ନିଅ ମାତ୍ର କଲେକ୍ଟର ହୋଇ ଫେରିବ' ବୋଲି କହିଥିଲେ, ଯାହାକୁ କୁଲାଙ୍ଗେ ସତ କରି ଦେଖାଇଥିଲେ। ବିନା କୌଣସି କୋଚିଂରେ ପ୍ରଥମ ଥରରେ ହିଁ ସେ ୟୁପିଏସ୍‌ସି ପାସ୍ କରିଥିଲେ। ସଫଳତା ପାଇବା ପରର ଅନୁଭୂତି କହିବା ସମୟରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡିଥିଲେ। ଏଥିସହ ତାଙ୍କ ମା' ବାପାଙ୍କ ବିବାହ କିଭଳି ଏକ ଘଟଣାଚକ୍ରରେ ହୋଇଥିଲା ତାହା ମଧ୍ୟ ସେ ବଖାଣିଥିଲେ। କର୍ମମୟ ଜୀବନ ଭିତରୁ ସମୟ ବାହାର କରି ଫଟୋଗ୍ରାଫି କରିବା ତାଙ୍କର ଅନ୍ୟଏକ ନିଶା। ଖୁବ୍‌ଶୀଘ୍ର ସେ ତାଙ୍କର ଦ୍ୱିତୀୟ ବହି ଲେଖିବାକୁ ଯାଉଛନ୍ତି ବୋଲି କହିଥିଲେ। ଇଚ୍ଛାଶକ୍ତି ଓ ପରିବାରର ଆଶୀର୍ବାଦ ଥିଲେ କିପରି ସଫଳତା ମିଳେ ତାହା ତାଙ୍କଠାରୁ ଜାଣିବାକୁ ମିଳିଥିଲା।




ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ତାଙ୍କ ଜୀବନ କାହାଣୀ କହୁଛନ୍ତି। ଉପସ୍ଥିତ ଅଛନ୍ତି ବକୁଳ ଫାଉଣ୍ଡେଶନର ମୁଖ୍ୟ ସୁଜିତ ମହାପାତ୍ର, କୁଲାଙ୍ଗେଙ୍କ ମା' ବାପା ଓ ଅନ୍ୟମାନେ। (ଫଟୋ- ମନୋରଞ୍ଜନ ମିଶ୍ର)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶୁଧାଂଶୁ



@ ଶିବ



@ ସୁଶୀଲ



@ ରାଜେଶ



@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟ ଅର୍ଥନୀତିକୁ ତ୍ୱରାନ୍ୱିତ କରିଛି ଓଟିଡିସି

**୪୪ତମ ପ୍ରତିଷ୍ଠା ଦିବସ ପାଳିତ**

ଭୁବନେଶ୍ୱର,୩।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ୪୪ତମ ପ୍ରତିଷ୍ଠା ଦିବସ ରବିବାର ପାନ୍ଥନିବାସଠାରେ ପାଳିତ ହୋଇଯାଇଛି। ଓଟିଡିସି ଅଧ୍ୟକ୍ଷ ଡ. ଲେନିନ ମହାନ୍ତି ଯୋଗଦେଇ କହିଛନ୍ତି, ଓଟିଡିସି ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ରାଜ୍ୟ ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ଅଗ୍ରଣୀ ଭୂମିକା ତୁଲାଇଛି। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର କଳା, ସଂସ୍କୃତି ଓ ଐତିହ୍ୟକୁ ସଂରକ୍ଷଣ ରଖିବାରେ ସକ୍ଷମ ହୋଇଛି। ପର୍ଯ୍ୟଟନ କ୍ଷେତ୍ରରେ ଅନ୍ୟ ରାଜ୍ୟ ପାଇଁ ଓଟିଡିସି ଉଦାହରଣ ସୃଷ୍ଟି କରିଛି। ବିଭିନ୍ନ ପର୍ବପର୍ବାଣିରେ ପିଠା ବିକ୍ରୟ କରି ୧୬ ଲକ୍ଷ ଟଙ୍କା ଲାଭ କରିଥିବାବେଳେ ମୋଟ ବ୍ୟବସାୟରେ ଓଟିଡିସି ଗତବର୍ଷ ୫ କୋଟି ଟଙ୍କା ଲାଭ କରିଥିବା ସେ କହିଛନ୍ତି। ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ତଥା ଓଟିଡିସି ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି, ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଓଟିଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପର୍ଯ୍ୟଟନ ଓ ଭ୍ରମଣ କ୍ଷେତ୍ରରେ ଥିବା ବ୍ୟାପକ ସୁଯୋଗକୁ ଆପଣେଇବାରେ ଏହା ସଫଳ ହୋଇଛି। ଓଡିଶା ୱାକ୍ସ, ତାଳଦଣ୍ଡା ଓ କଟକରେ ବୋଟ୍ କ୍ଲବ୍ ଖୋଲିବା ସହ ନୂତନ ଖାଦ୍ୟ ପ୍ରସ୍ତୁତିରେ ଓଟିଡିସି ଆଗରେ ରହିଛି। ଜେନେରାଲ ମ୍ୟାନେଜର ଡ. ଲଲାଟେନ୍ଦୁ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠା ଦିବସ କେକ୍ କଟାଯିବା ସହ ଓଟିଡିସି ପରିସରରେ ଚାରାରୋପଣ ଓ ଉନ୍ନତୀକରଣ ହୋଇଥିବା ୧୨ଟି ଶଯ୍ୟାକୁ ଲୋକାର୍ପିତ କରାଯାଇଥିଲା। ନିଗମର ଉତ୍କର୍ଷତା କ୍ଷେତ୍ରରେ ପୁରୀ ଓ ଗୋପାଳପୁରସ୍ଥିତ ପାନ୍ଥନିବାସ, ଭୁବନେଶ୍ୱରସ୍ଥିତ 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ସମେତ ଓଟିଡିସିର ବିଭିନ୍ନ ୟୁନିଟ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କର୍ମଚାରୀ ବିଦ୍ଦୁ ନାୟକ, କେଦାର ବାରିକଙ୍କ ସମେତ ସମସ୍ତ କର୍ମଚାରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏଥିସହ ଫୁଡ୍ ବ୍ଲଗରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ, ଅନନ୍ତ ନାରାୟଣ ସିଂ ଲାଗୁରୀ, ଓଡିଆ ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥାପିକା ଶୋଭନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ କମ୍ପାନୀ ସେକ୍ରେଟାରି ପ୍ରଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱର ପାନ୍ଥ ନିବାସ ପରିସରରେ ଓଟିଡିସିର ୪୪ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ କେକ୍ କଟାଯାଉଛି। (ଫଟୋ- ବିକାଶ ନାୟକ)

**ଟିମ୍ସ କନେକ୍ଟ ବାର୍ ସଲ୍ୟୁଶନ**

ଭୁବନେଶ୍ୱର: ସେନ୍‌ହାଇସର ପକ୍ଷରୁ ଛୋଟ ଓ ମଧମ ଆକାରର ମିଟିଂ ରୁମ୍ ଓ କୋଲାବରେଶନ ସ୍ପେଶ୍‌ଗୁଡିକ ପାଇଁ ସବୁଠାରୁ ଫ୍ଲେକ୍ସିବୁଲ ଅଲ୍-ଇନ୍-ୱାନ୍ ଡିଭାଇସ୍ ସହିତ ୟୁନିଫାଏଡ୍ କମ୍ୟୁନିକେଶନ୍ସ ଏ/ଭି ବାରକୁ ବଜାର ପ୍ରବେଶ କରାଇଛି। ଏପରିକି ସେନ୍‌ହାଇସର୍ ଟିମ୍ସ କନେକ୍ଟ ପରିବାରର ଅଂଶ ଭାବେ ଟିମ୍ସ କନେକ୍ଟ (ଟିସି) ବାର୍ ସଲ୍ୟୁଶନ୍‌କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ସେନ୍‌ହାଇସର୍ ଇଣ୍ଡିଆର ବିଜନେସ୍ କମ୍ୟୁନିକେଶନ୍ସ ଡାଇରେକ୍ଟର ଅଫ୍ ସେଲ୍‌ସ, ନବୀନ ଶ୍ରୀଧର କହିଛନ୍ତି, ସେନ୍‌ହାଇସର୍‌ରେ ଆମେ ସଂଯୋଜିତ ଯୋଗାଯୋଗର ଭବିଷ୍ୟତକୁ ପୁନଃପରିଭାଷିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ନେଇ ଗର୍ବିତ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରୁଷିଆରୁ କମୁଛି ଭାରତର ତୈଳ ଆମଦାନୀ

## ଅଗଷ୍ଟରେ ୭ ମାସର ସର୍ବନିମ୍ନ ସ୍ତରକୁ ପହଞ୍ଚିଲା

ନୂଆଦିଲ୍ଲୀ,୩।୯ (ଅଭୟ ଦାଶ)



ସାରା ବିଶ୍ୱରେ ଭାରତ ୩ ସର୍ବବୃହତ୍ ତୈଳ ଆମଦାନୀ ଦେଶ ଭାବେ ପରିଗଣିତ ହେଉଥିବାବେଳେ ଗତ କିଛି ମାସ ହେବ ଭାରତ ରୁଷିଆରୁ ତୈଳ ଆମଦାନୀ କମାଇଥିବା ଜଣାପଡିଛି। ଏପରିକି ଶସ୍ତା ଦରରେ ରୁଷିଆରୁ ଭାରତ ତୈଳ ଆମଦାନୀ କରୁଥିଲାବେଳେ ୨୦୨୩ ଅଗଷ୍ଟରେ ଏହାର ପରିମାଣ ୭ ମାସର ସର୍ବନିମ୍ନସ୍ତରରେ ପହଞ୍ଚିଛି ବୋଲି କୁହାଯାଉଛି। ବିଶେଷକରି ମୌସୁମୀ ବର୍ଷା ଯୋଗୁ ଦେଶରେ ତୈଳ ଚାହିଦା ହ୍ରାସ କାରଣରୁ ୨୦୨୩ ଅଗଷ୍ଟରେ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ହ୍ରାସ ହୋଇଥିଲା ବୋଲି ଭାରତୀୟ ତୈଳକମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି, ତେବେ ଅଗଷ୍ଟରେ ଆମଦାନୀ ହୋଇଥିବା ତୈଳ ପରିମାଣ ବିଗତ ୭ ମାସର ସର୍ବନିମ୍ନ ସ୍ତରକୁ ପହଞ୍ଚି ଯାଇଥିବା ଭର୍ଟେକ୍ସ ତଥ୍ୟରୁ ଜଣାପଡିଛି। ଅପରପକ୍ଷରେ ରୁଷିଆରୁ ତୈଳ ଆମଦାନୀ ଲଗାତର ତୃତୀୟ ମାସ ଲାଗି ହ୍ରାସ ହୋଇଛି। ଏପରିକି ଭର୍ଟେକ୍ସ ତଥ୍ୟ ଅନୁସାରେ ୨୦୨୩ ଅଗଷ୍ଟରେ ରୁଷିଆରୁ ଭାରତ ଦୈନିକ ୧.୪୬ ମିଲିୟନ ବ୍ୟାରେଲ ଅଶୋଧିତ ତୈଳ କିଣିଥିବାବେଳେ ଜୁଲାଇରେ ଏହି ପରିମାଣ ଦୈନିକ ୧.୯୧ ମିଲିୟନ ବ୍ୟାରେଲ ଥିଲା। ଏହାଛଡା ଭାରତୀୟ ରିଫାଇନାରୀ କମ୍ପାନୀମାନେ ବିଶ୍ୱର ଅନ୍ୟତମ ତୈଳ ଯୋଗାଣକାରୀ ଦେଶ ଇରାକରୁ ମଧ୍ୟ ତୈଳ ଆମଦାନୀ ହ୍ରାସ କରିଛନ୍ତି। ଇରାକରୁ ଭାରତ ଦୈନିକ ୮,୯୧,୦୦୦ ବ୍ୟାରେଲ ତୈଳ ଆମଦାନୀ କରୁଥିବାବେଳେ ବର୍ତ୍ତମାନ ତାହା ୮,୬୬,୦୦୦ ବ୍ୟାରେଲରେ ପହଞ୍ଚିଛି। ସେହିଭଳି ଏହି ଅବଧି ମଧ୍ୟରେ ସାଉଦିଆରବରୁ ଭାରତ ୨୦୨୩ ଜୁଲାଇରେ ଦୈନିକ ଆମଦାନୀ ୪,୮୪,୦୦୦ ବ୍ୟାରେଲରୁ ୮,୨୦,୦୦୦ ବ୍ୟାରେଲକୁ ବଢାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୨ ଫେବୃୟାରୀରେ ଉଭୟ ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଥିଲା। ସେହି ସମୟରୁ ଭାରତର ରୁଷିଆରୁ ତୈଳ ଆମଦାନୀ ୧%ରୁ ମଧ୍ୟ କମ୍ ଥିଲା। ଯେତେବେଳେ ରୁଷିଆ ରିହାତି ଦରରେ ଭାରତକୁ ତୈଳ ଦେବା ପାଇଁ ସହମତି ପ୍ରକାଶ କରିଥିଲା ସେବେଠାରୁ ଭାରତୀୟ ରିଫାଇନାରୀ କମ୍ପାନୀମାନେ ରୁଷିଆରୁ ତୈଳ ଆମଦାନୀ ଆରମ୍ଭ କରିଥିଲେ। ଏପରିକି ରୁଷିଆରୁ ଭାରତକୁ ଦୈନିକ ଅଶୋଧିତ ତୈଳ ଆମଦାନୀ ମେ ମାସରେ ୨୦ ମିଲିୟନ ବ୍ୟାରେଲର ଉଚ୍ଚତମ ସ୍ତରକୁ ପହଞ୍ଚିଥିଲା। କାରଣ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଯୋଗୁ ୟୁରୋପୀୟ ଦେଶ ଓ ଜାପାନ ମଧ୍ୟ ତୈଳ କ୍ରୟ ଉପରେ କଟକଣା ଜାରି କରିଥିଲେ। ତେଣୁ ରୁଷିଆ ଅଶୋଧିତ ତୈଳର ମୂଲ୍ୟ ବ୍ରେଣ୍ଟ କ୍ରୁଡଠାରୁ ମଧ୍ୟ କମ୍ କରି ଦେଇଥିଲା ତେବେ ରୁଷିଆ ଦେଉଥିବା ରିହାତି ଗତ ବର୍ଷ ୩୦ ଡଲାର ପ୍ରତି ବ୍ୟାରେଲ ହ୍ରାସ କରି ବର୍ତ୍ତମାନ ୧୦ ଡଲାର କରି ଦେଇଛି। ତେବେ ଭାରତର ଅଶୋଧିତ ତୈଳ ଆମଦାନୀ ୨୦୨୩ ଅକ୍ଟୋବରରେ ବୃଦ୍ଧି ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି, କାରଣ ଅକ୍ଟୋବର ତ୍ରୈମାସରେ ତୈଳ ଚାହିଦା ବୃଦ୍ଧି ହେବ, ଏ ନେଇ ଭୋର୍ଟେକ୍ସର ପ୍ରଶାନ୍ତ ଏସିଆ ବିଶ୍ଳେଷକ ସେରେନା ହୁଆଙ୍ଗ କହିଛନ୍ତି, ଭାରତୀୟ ତୈଳ ରିଫାଇନାରି କମ୍ପାନୀ ୨୦୨୩ ସେପ୍ଟେମ୍ବରରୁ ନଭେମ୍ବର ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ନିମନ୍ତେ ଯୋଜନା କରିଛନ୍ତି, ଯାହା ସେମାନଙ୍କ ଅଶୋଧିତ ତୈଳ ଆମଦାନୀକୁ ସୀମିତ କରିବ। ତେବେ ଏହି ସମୟରେ ଭାରତର ଉତ୍ସବ ଋତୁ ଥିବାରୁ ଘରୋଇ ଚାହିଦା ବୃଦ୍ଧିର ଆଶଙ୍କା କରାଯାଉଛି। ଏପରିକି ବର୍ଷ ଶେଷ ବେଳକୁ ଭାରତର ତୈଳ ଚାହିଦା ମଧ୍ୟ ଉଚ୍ଚ ରହିଥିବ ବୋଲି ଅନୁମାନ କରାଯାଇଛି।

# ଏନ୍ଏମ୍‌ଡିସିର ରେକର୍ଡ ଉତ୍ପାଦନ

ଭୁବନେଶ୍ୱର ୩।୯



ଅମିତାଭ ମୁଖାର୍ଜୀ

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍ଏମ୍‌ଡିସି) ଚଳିତ ବର୍ଷ ଅଗଷ୍ଟରେ ଉଲ୍ଲେଖନୀୟ ସଫଳତା ସହ ରେକର୍ଡ ପରିମାଣର ଉତ୍ପାଦନ ଏବଂ ବିତରଣ କରିଥିବା କର୍ପୋରେଶନ ପକ୍ଷରୁ କୁହାଯାଇଛି। ବିଶେଷକରି ୨୦୨୩ ଅଗଷ୍ଟରେ କର୍ପୋରେଶନ ୩.୪୧ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ କରିଥିବାବେଳେ ୩.୫୪ ମିଲିୟନ ଟନ୍ ଆଇରନ ଓର ଅଗଷ୍ଟରେ ବିକ୍ରୟ କରିଛି। ଏପରିକି ୨୦୨୨ର ସମାନ ଅବଧି ମଧ୍ୟରେ କର୍ପୋରେଶନ ଉତ୍ପାଦନ କରିଥିବା ଷ୍ଟିଲ ଓ ବିକ୍ରୟ କରିଥିବା ଲୁହାପଥର ତୁଳନାରେ ଯଥାକ୍ରମେ ଚଳିତ ବର୍ଷ ୩୮% ଉତ୍ପାଦନରେ ଅଭିବୃଦ୍ଧି କରିଥିବାବେଳେ ୨୫% ବିକ୍ରୟରେ ବୃଦ୍ଧି ହୋଇଛି ବୋଲି ଏନ୍ଏମ୍‌ଡିସି ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷର ଅଗଷ୍ଟ ଶେଷ ସୁଦ୍ଧା କର୍ପୋରେଶନ ୧୬.୫୬ ମିଲିୟନ ଟନ୍ ଉତ୍ପାଦନ କରିଥିବାବେଳେ ୧୭.୪୩ ମିଲିୟନ ଟନ୍ ବିକ୍ରୟ କରିସାରିଛି ବୋଲି ଏନ୍ଏମ୍‌ଡିସି ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏନ୍ଏମ୍‌ଡିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ଅତିରିକ୍ତ ଭାର) ଅମିତାଭ ମୁଖାର୍ଜୀ କହିଛନ୍ତି, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କର୍ପୋରେଶନ ଭଲ ପ୍ରଦର୍ଶନ ଜାରି ରଖିଛି। ଏପରିକି କର୍ପୋରେଶନର ଉତ୍ପାଦନ ଓ ବିକ୍ରୟ ସମପରିମାଣରେ ଯାଉଛି। ବିଶେଷକରି ଗୁଣାତ୍ମକ ଉତ୍ପାଦ ସାଙ୍ଗକୁ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ସାଙ୍ଗକୁ କର୍ମଚାରୀଙ୍କ କଠିନ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ଅମିତାଭ ମତପ୍ରକାଶ କରିଛନ୍ତି।

# ଅଗଷ୍ଟରେ ହୋଣ୍ଡାର ୭୮୮୦ ୟୁନିଟ୍ ଘରୋଇ ଯାନ ବିକ୍ରି

ଭୁବନେଶ୍ୱର ୩।୯




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ଚଳିତ ବର୍ଷ ଅଗଷ୍ଟ ମାସର ଗାଡି ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ୨୦୨୩ ଅଗଷ୍ଟରେ କମ୍ପାନୀ ୭୮୮୦ ୟୁନିଟ ଯାନ ଘରୋଇ ବଜାରରେ ବିକ୍ରି କରିଥିଲାବେଳେ ୨୧୮୯ ୟୁନିଟ୍ ଯାନ ରପ୍ତାନି କରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ୨୦୨୨ଅଗଷ୍ଟରେ କମ୍ପାନୀ ୭୭୬୯ ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିଲାବେଳେ ୨୩୫୬ ୟୁନିଟ ଯାନ ରପ୍ତାନି କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍ ନିର୍ଦ୍ଦେଶକ (ବିକ୍ରିଏବଂ ବିପଣନ) ୟୁଚୀ ମୁରାତା କହିଛନ୍ତି, ଆମେ ବର୍ତ୍ତମାନ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣକୁ ଗୁରୁତ୍ୱ ଦେଉଛୁ। ଏପରିକି ଆମର ହୋଣ୍ଡା ସିଟି ଏବଂ ହୋଣ୍ଡା ଆମେଜ ବଜାରରେ ଭଲ ଫଳାଫଳ ସହ ଗ୍ରାହକ ପସନ୍ଦର ଯାନ ପାଲଟିଛି। ଆଗାମୀ ପାର୍ବଣ ଋତୁରେ ମଧ୍ୟ କାରବାରରେ ବଡ଼ ପରିବର୍ତ୍ତନ ହେବାକୁ ଥିବାବେଳେ କମ୍ପାନୀର ନୂଆ ଏଲଭେଟ ମଧ୍ୟ ଗ୍ରାହକଙ୍କ ପସନ୍ଦର ଯାନ ପାଲଟିବ ବୋଲି ଆଶା କରାଯାଉଛି।

# ଜିମ୍‌ନିର ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି

ଭୁବନେଶ୍ୱର ୩।୯




ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍ଏସ୍ଆଇଏଲ୍)ର ଅଗ୍ରଣୀ ମଡେଲ ଜିମ୍‌ନି ପକ୍ଷରୁ ଏକ ଅଫ୍ ରୋଡିଂ ଏକ୍ସପେରିଏନ୍ସ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ବିଶେଷକରି ସାରା ଦେଶରେ ଜିମ୍‌ନି ଗ୍ରାହକଙ୍କୁ କମ୍ପାନୀର ଡିଲରମାନଙ୍କ ଜରିଆରେ ଏକତ୍ରିତ କରାଇବା ସହିତ ଏକ ଦୁଃସାହସିକ ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି ଗାଡ଼ି ଚାଳକଙ୍କୁ ବିଶେଷଜ୍ଞଙ୍କ ମାଧ୍ୟମରେ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଏମ୍ଏସ୍ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ଗଜପତି ନଗର (ତୁସି ମୋଟର୍ସ) ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର 'ଅଫ୍ ରୋଡିଂ ଏକ୍ସପେରିଏନ୍ସ ଉଇଥ୍ ନ୍ୟୁ ଜିମ୍‌ନି' କାର୍ଯ୍ୟକ୍ରମର ଆୟୋଜନ ଚନ୍ଦକାଠାରେ କରାଯାଇଥିଲା। ବିଶେଷକରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ଜିମ୍‌ନି ଚାଳକ ସ୍ୱତନ୍ତ୍ର ଭାବେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ନେକ୍ସା ଗଜପତି ନଗର (ତୁସି ମୋଟର୍ସ)ର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଲ୍ଲଭି ପଟ୍ଟନାୟକ କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟି ପ୍ରତି ପ୍ରତିବଦ୍ଧତା ଏବଂ ଏକ ନିଆରା ତଥା ରୋମାଞ୍ଚକର ସୁଯୋଗ ପ୍ରଦାନ କରିବାକୁ ଏଭଳି ଏକ ସାହସିକ ପଦକ୍ଷେପ ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଅଂଶଗ୍ରହଣକାରୀମାନଙ୍କୁ ଏକ ଉତ୍ସାହଜନକ ଅଭିଜ୍ଞତା ସହିତ ଜିମ୍‌ନିର ଅପୂର୍ବ କ୍ଷମତା ପ୍ରଦର୍ଶନ, କଠିନତା, ଶକ୍ତି ଏବଂ ଚ୍ୟାଲେଞ୍ଜ ବିଭିନ୍ନ ପୃଷ୍ଠଭୂମିରେ ପ୍ରଦର୍ଶିତ ହୋଇଥିଲା। ବିଶେଷକରି ଆମ ସମ୍ପ୍ରଦାୟର ଦୁଃସାହସିକ ମହିଳାଙ୍କ ପାଇଁ ଏଭଳି ଏକ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବାକୁ ଆମେ ଚାହୁଁଥିଲୁ ଏବଂ ଜିମ୍‌ନି ଏହା କରିବା ପାଇଁ ଆମକୁ ପ୍ରେରଣା ଦେଇଥିଲା ବୋଲି ପ୍ରୀତି ପଲ୍ଲଭି ପଟ୍ଟନାୟକ ମତପ୍ରକାଶ କରିଛନ୍ତି।

# ଆଜି ସରିବ ଡୁରିଆନ ସେଲ୍

ଭୁବନେଶ୍ୱର ୩।୯




ଦେଶର ପ୍ରମୁଖ ଫର୍ନିଚର ବ୍ରାଣ୍ଡ ଡୁରିଆନର ବହୁ ପ୍ରତୀକ୍ଷିତ 'ଦି ବିଗ୍ ଫ୍ୟାଟ ଡୁରିଆନ ସେଲ'ର ଆକର୍ଷଣୀୟ ଅଫର ଓ ରିହାତି ଅବଧି ସୋମବାର ଶେଷ ହେଉଛି। ବିଶେଷ କରି ନିକଟରେ ଶୁଭାରମ୍ଭ ହୋଇଥିବା ଏହି ସେଲ ଗ୍ରାହକଙ୍କୁ ଆକୃଷ୍ଟ କରିବା ସହିତ ସେମାନଙ୍କ ମନପସନ୍ଦର ଗୃହୋପକରଣ ଉପଲବ୍ଧ କରାଇଥିଲା। ଏପରିକି ଚଳିତ ବର୍ଷର ପାର୍ବଣ ପୂର୍ବରୁ ଏହି ମେଗା ସେଲ୍ ଉଭୟ ବ୍ରାଣ୍ଡ ଓ ବ୍ୟବସାୟ ପାଇଁ ବେଶ୍ ଉତ୍ସାହଜନକ ରହିଥିଲା। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ଡୁରିଆନର ସମସ୍ତ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ସହିତ ୬୦% ପର୍ଯ୍ୟନ୍ତ ରିହାତି ସହିତ ୫ବର୍ଷର ୱାରେଣ୍ଟି ସୁବିଧା ପାଉଛନ୍ତି। ସେହିଭଳି ଡୁରିଆନର ସମସ୍ତ ଉତ୍ପାଦ ମେଡ୍ ଇନ୍ ଇଣ୍ଡିଆ ହୋଇଥିବାବେଳେ ଗ୍ରାହକଙ୍କୁ ଗୁଣାତ୍ମକ ମାନର ପ୍ରିମିୟମ ପ୍ରଡକ୍ଟ ଯୋଗାଇ ଦିଆଯାଇଥାଏ। ଉଲ୍ଲେଖଯୋଗ୍ୟ, ଡୁରିଆନର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱରର ପଟିଆ ( ନନ୍ଦନକାନନ ରୋଡ ହରିୟାଣା ହ୍ୟାଣ୍ଡଲୁମ ସମ୍ମୁଖ) ଏବଂ ସାମନ୍ତରାପୁରଠାରେ ରହିଛି। ସୂଚନାଯୋଗ୍ୟ, ଡୁରିଆନର ସୋଫା, ବେଡ୍, ଚେୟାର, ଟେବୁଲ ସହିତ ଲିଭିଂ ରୁମ୍, ବେଡରୁମ୍ ଏବଂ ଅଫିସ ପାଇଁ ଆବଶ୍ୟକ ସମସ୍ତ ପ୍ରକାରର ଫର୍ନିଚର ଉପଲବ୍ଧ।

**5TH BIRTHDAY WISH**



(Omm)

SREHANSU SAHOO
Ratilo, Nimapada, puri
Best wishes from Baba, Mama and Friends.
Many many happy returns of the day. God Bless You.
D-74578

# ହାର୍ପିକ୍ ପକ୍ଷରୁ ସ୍ୱତନ୍ତ୍ର କିଟ୍ ଉନ୍ମୋଚିତ

ଭୁବନେଶ୍ୱର,୩।୯

ହାର୍ପିକ୍ ପକ୍ଷରୁ ଏକ ସ୍ୱତନ୍ତ୍ର କିଟ୍ 'ସୁଶ୍ ଜର୍ମସ୍ ଆୱେ'ର ବିକଶିତ କରାଯାଇଛି। ଏପରିକି ନିକଟରେ ଉକ୍ତ କିଟ୍‌କୁ ମଧ୍ୟ ଉନ୍ମୋଚନ କରାଯାଇଛି। ବିଶେଷ କରି ସେସାମି ୱର୍କଶପ୍ ଇଣ୍ଡିଆ ଟ୍ରଷ୍ଟ ସହଭାଗିତାରେ 'ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱାର୍କ' ଶୀର୍ଷକ ଉପରେ ଆଧାରିତ ଏକ ସ୍ୱତନ୍ତ୍ର କିଟ୍‌ର ଉନ୍ମୋଚନ କରାଯାଇଛି। ହାର୍ପିକ୍‌ର ମିଶନ ସ୍ୱଚ୍ଛତା ଔର୍ ପାନି କ୍ୟାମ୍ପେନ୍‌କୁ ସମର୍ଥନ କରିବା ପାଇଁ ଉକ୍ତ 'ସୁଶ୍ ଜର୍ମସ୍ ଆୱେ' କିଟ୍‌କୁ ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନ୍ଇପି ୨୦୨୦) ଏବଂ ନ୍ୟାଶନାଲ କରିକୁଲମ୍ ଫ୍ରେମ୍ ୱର୍କ (୨୦୨୨) ସହ ମିଳିତ ଭାବେ ଡିଜାଇନ୍ କରାଯାଇଛି। ଉକ୍ତ କିଟ୍‌ରେ ୩ଡି ପପ୍-ଅପ୍ ବୁକ୍, ୩ଡି ଜିଗ୍‌ସ ପଜଲ୍ ଓ ଏକ ଆକ୍ଟିଭିଟି ବୁକଲେଟ୍ ସାମିଲ ରହିଛି,ଯାହାକୁ ସେସାମିର ଲୋକପ୍ରିୟ ଚରିତ୍ର ଏଲ୍‌ମୋ, ଚମ୍‌କି, ନିଲା ଯାଦୁଗର ଓ କେକେ କୀଟାଣୁ ସାହାଯ୍ୟରେ ଉପସ୍ଥାପନ କରାଯିବ। ଏ ସମ୍ପର୍କରେ ରେକିଟ୍ଟ-ସାଉଥ୍ ଏସିଆର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଗୌରବ ଜୈନ କହିଛନ୍ତି, ଆମେ ସମସ୍ତଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୃଷ୍ଟି କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏପରିକି ସେସାମି ଇଣ୍ଡିଆ ସହ ଆମର ସହଭାଗିତା ପିଲାମାନଙ୍କଠାରେ ସ୍ୱଚ୍ଛତା ସମସ୍ୟା ଓ ଶୌଚାଳୟ ସ୍ୱଚ୍ଛତା ଅନ୍ତରକୁ ଦୂର କରିବା ଉପରେ ଗୁରୁତ୍ୱ ଦେଉଛି। ସେହିପରି ସେସାମି ୱର୍କଶପ୍ ଇଣ୍ଡିଆ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୋନାଲି ଖାନ୍ କହିଛନ୍ତି, ଆମେ 'ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱର୍କ' ସହ ଜଡିତ ହୋଇ 'ସୁଶ୍ ଜର୍ମସ୍ ଆୱେ' କିଟ୍‌ର ଶୁଭାରମ୍ଭ ସହିତ ମିଶନ ସ୍ୱଚ୍ଛତା ଔର୍ ପାନି ଅଭିଯାନ ସହ ଆମର ସହଭାଗିତାକୁ ଆଗକୁ ବଢାଇ ଉତ୍ସାହିତ ଅଛୁ।

# ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଉତ୍ପାଦ

**ଭୁବନେଶ୍ୱର,୩।୯:** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଆୟ ଯୋଜନା 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଏହି ଯୋଜନା ଗ୍ରାହକଙ୍କୁ ବାର୍ଷିକ ଆଧାରରେ ବର୍ଦ୍ଧିତ ଆୟ କିମ୍ବା ଏକ ନିରନ୍ତର ନିୟମିତ ଆୟ ହାସଲ କରିବା ପାଇଁ ବିକଳ୍ପ ପ୍ରଦାନ କରୁଛି, ଏହା ବ୍ୟତୀତ ଏହି ଅଣ-ଅଂଶଗ୍ରହଣକାରୀ ସଞ୍ଚୟ ଉତ୍ପାଦର ଲାଇଫ୍ କଭର ଉପାଦାନ ପରିବାର ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିଥାଏ। ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍‌ଟା କହିଛନ୍ତି, ଆମେ ବିଲ୍ଟ-ଇନ୍ ଫ୍ଲେକ୍ସିବିଲିଟି ସହିତ ଏକ ଦୀର୍ଘ ଅବଧି ସଞ୍ଚୟ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ, ଯାହା ଗ୍ରାହକଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ସହ ମେଳ ଖାଇବା ପାଇଁ ଉତ୍ପାଦକୁ ଆଡ୍‌ଜଷ୍ଟ କରିବାକୁ ଅନୁମତି ଦେବ, ଯାହା ସେମାନଙ୍କୁ ଉତ୍ତମ ଭାବେ ପ୍ରସ୍ତୁତ ରହିବା ଏବଂ ଜୀବନର ଲକ୍ଷ୍ୟଗୁଡିକୁ ହାସଲ କରିବା ଲାଗି ସକ୍ଷମ କରୁଛି। ଉକ୍ତ ଉତ୍ପାଦରେ ଥିବା ଲାଇଫ୍ କଭର୍ କମ୍ପୋନେଣ୍ଟ ବ୍ୟତୀତ ପରିବାର ପାଇଁ ତାହା ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି।

**Classified Everyday**
**0674-2580101, 2549949**



REAL ESTATE

**SALE**

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Spa Kerala body Massage only best Therapist @699/- Bhubaneswar. 9337672475. D-1199

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75030

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

**Newly open spa positively health benefits with expert therapist. 9938843929.** D-75145

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁନୀଲ ଚନ୍ଦ୍ର ଦାସ**

ଅଠାନ୍ତର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୬।୦୯।୧୯୪୫
ତିରୋଧାନ: ୨୫।୦୮।୨୦୨୩

ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ନିଷ୍ପାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ଭ୍ରାତା, ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୭୫୦୩୪

# ଓଡ଼ିଶା ଜିମ୍‌ନି କ୍ଲବ୍‌ର ଶୁଭାରମ୍ଭ




ଭୁବନେଶ୍ୱର,୩।୯

ମାରୁତି ସୁଜକି ଇଣ୍ଡିଆ ଲିମିଟେଡ (ଏମ୍ଏସ୍ଆଇଏଲ୍)ର ଅଗ୍ରଣୀ ମଡେଲ ଜିମ୍‌ନି ପକ୍ଷରୁ ଏକ ଅଫ ରୋଡିଂ ଏକ୍ସପେରିଏନ୍ସ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ବିଶେଷ କରି ସାରା ଦେଶରେ ଜିମ୍‌ନି ଗ୍ରାହକଙ୍କୁ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରମାନଙ୍କ ଜରିଆରେ ଏକତ୍ରିତ କରାଇବା ସହିତ ଏକ ଦୁଃସାହସିକ ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି ଗାଡି ଚାଳକଙ୍କୁ ବିଶେଷଜ୍ଞଙ୍କ ମାଧ୍ୟମରେ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଏମଏସଆଇଏଲର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ଡିଏଲଏଫ ସାଇବରସିଟି (ଜ୍ୟୋତି ମୋଟର୍ସ) ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର 'ଅଫ ରୋଡିଂ ଏକ୍ସପେରିଏନ୍ସ ଉଇଥ ନ୍ୟୁ ଜିମ୍‌ନି ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ଜ୍ୟୋତି ମୋଟର୍ସ ପକ୍ଷରୁ ପ୍ରଥମ ଥର ପାଇଁ ଅଫ ରୋଡିଂ କମ୍ୟୁନିଟି ପାଇଁ ଏକ ଅଭିନବ ପ୍ଲାଟଫର୍ମ 'ଓଡିଶା ଜିମ୍‌ନି କ୍ଲବ୍'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡିଶା ଜିମ୍‌ନି ଆପ୍ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ ହୋଇଯାଇଛି। ବିଶେଷ କରି ଜିମ୍‌ନି ଗାଡିର ମାଲିକମାନଙ୍କୁ ଏକତ୍ରିତ କରିବା ଏବଂ ଜିମ୍‌ନି ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ କରିବା ସହିତ ସେ ସବୁର ସମାଧାନ ପାଇଁ ଏହି ପ୍ଲାଟଫର୍ମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ନେକ୍ସା ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଜ୍ୟୋତି ମୋଟର୍ସର ଏମ୍‌ଡି ଦେବଜ୍ୟୋତି ପଟ୍ଟନାୟକ କହିଛନ୍ତି, ଓଡିଶା ଜିମ୍‌ନି କ୍ଲବ ଏବଂ ଓଡିଶା ଜିମ୍‌ନି ଆପ୍‌ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଉକ୍ତ କ୍ଲବ ଜିମ୍‌ନି ମାଲିକଙ୍କ ଅଭିଜ୍ଞତାକୁ ଅଧିକ ଉନ୍ନତ କରିବ। ଏପରିକି ଆମର ମାସିକ ଅଫ୍ ରୋଡିଂ ଇଭେଣ୍ଟ ଏବଂ ଓଡ଼ିଶାରୁ ଲଦାଖ ଯିବାର ଯାତ୍ରା ଦ୍ୱାରା ଆମେ ସବୁଦିନ ପାଇଁ ଏକ ନିଆରା ସ୍ମୃତି ବନେଇବା ଏବଂ ଆମ ଅଞ୍ଚଳର ଜିମ୍‌ନି ମାଲିକଙ୍କୁ ଏକତ୍ରିତ କରି ଏକ ଦୃଢ ସମ୍ପର୍କ ସ୍ଥାପନ କରିବାକୁ ଲକ୍ଷ୍ୟ ଆମେ ରଖିଛୁ। ସେହିଭଳି ଓଡିଶା ଜିମ୍‌ନି କ୍ଲବ୍‌ର ସଦସ୍ୟମାନଙ୍କ ପାଇଁ ପ୍ରତି ମାସରେ ଅଫ୍ ରୋଡିଂ ଇଭେଣ୍ଟ ଭଳି ଅନେକ ରୋମାଞ୍ଚକର ଇଭେଣ୍ଟ ପାଇଁ ଯୋଜନା ରହିଛି। ଏହା ସହ କ୍ଲବ୍‌ର ସଦସ୍ୟମାନଙ୍କୁ ନିଆରା ଓ ଅବିସ୍ମରଣୀୟ ଅନୁଭୂତି ଦେବା ପାଇଁ ବର୍ଷ ଶେଷରେ ଓଡିଶାଠାରୁ ଲଦାଖ ପର୍ଯ୍ୟନ୍ତ ରୋମାଞ୍ଚକର ଅଫ୍ ରୋଡିଂ ଯାତ୍ରାର କାର୍ଯ୍ୟକ୍ରମ ରହିଛି।

# ବ୍ୟାପକ ହୋଇଛି ବନ୍ୟପ୍ରାଣୀ ସଂରକ୍ଷଣ ଆଇନ

## ଜାତୀୟ ବନ୍ୟପ୍ରାଣୀ ଦିବସ

ଭୁବନେଶ୍ୱର, ୩।୯
(ଅସମାପିକା ସାହୁ)



ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ। ଲୋକଙ୍କୁ ବନ୍ୟପ୍ରାଣୀଙ୍କ ପ୍ରତି ଉନ୍ନତମାନର ସଚେତନତା ପ୍ରତି ପ୍ରେରିତ କରିବା ଆଭିମୁଖ୍ୟ ନେଇ ଏହି ଦିବସ ପାଳନ କରାଯାଉଛି। ବନ୍ୟପ୍ରାଣୀ ଶିକାର ଯୋଗୁ ଏବେ ଏମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ଶିକାର ଦିନକୁ ଦିନ ବଢୁଥିବାରୁ ବହୁ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗୁଛି। ସେହିପରି ବହୁ ପ୍ରାଣୀଙ୍କୁ ମାରିବା ତ ଦୂର କଥା ପୋଷା କରି ରଖିଲେ ବି ଦଣ୍ଡବିଧାନ ରହିଛି। କିନ୍ତୁ ଉପଯୁକ୍ତ ସଚେତନତା ଅଭାବରୁ ଲୋକେ ଏହାକୁ ଜାଣୁନାହାନ୍ତି। ସେହିପରି ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନ୍ତର୍ଭୁକ୍ତ ରହିଛନ୍ତି, ଯାହାକୁ ଶିକାର କରିବା, ମାଂସ ଖାଇବା ଓ ପୋଷା କରି ରଖିବା ଅପରାଧ ଏବଂ ଏଥିପାଇଁ ଜେଲ ଯିବାର ବି ବ୍ୟବସ୍ଥା ରହିଛି। ତେବେ ଲୋକଙ୍କୁ ଏ ନେଇ ସଚେତନ କରାଗଲେ ବହୁ ମାତ୍ରାରେ ଫଳପ୍ରଦ ହେବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ମତପ୍ରକାଶ କରୁଛନ୍ତି। ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ରେ ଯେଉଁ ବନ୍ୟପ୍ରାଣୀ ସାମିଲ ନ ଥିଲେ ତାହା ୨୦୨୩ ଏପ୍ରିଲ ୧ ସଂଶୋଧିତ ଆଇନରେ ସ୍ଥାନିତ କରାଯାଇଛି ଏବଂ ଆଉ କିଛି ବନ୍ୟପ୍ରାଣୀଙ୍କ ସିଡ୍ୟୁଲ ବଢ଼ାଯାଇଛି; ଯାହା କି କେବଳ ସାଧାରଣ ଲୋକେ ନୁହେଁ କ୍ଷେତ୍ରୀୟ ବନ କର୍ମଚାରୀମାନେ ମଧ୍ୟ ଜାଣିବା ଉଚିତ। ସଂଶୋଧିତ ଆଇନରେ ବିଲୁଆକୁ ସିଡୁଲ-୧ରେ ଅନ୍ତର୍ଭୁକ୍ତ କରାଯାଇଛି। ଏମାନଙ୍କ ସଂଖ୍ୟା କମିଯାଉଥିବାରୁ ଏମାନଙ୍କୁ ସିଡୁଲ-୧ରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ଘରଚଟିଆ, ବାଦୁଡ଼ି ପୂର୍ବରୁ ଏଥିରେ ସାମିଲ ହୋଇ ନ ଥିବା ବେଳେ ଏବେ ଏମାନଙ୍କୁ ସିଡ୍ୟୁଲ-୨ ଅନ୍ତର୍ଭୁକ୍ତ କରାଯାଇଛି। ହରିଣ, ବାରହା, କୁଟୁରା ଭଳି ଏଥର ବାଦୁଡ଼ି ମାଂସ ଖାଇବା ବା ବାଦୁଡ଼ିକୁ ପୋଷିବା ବେଆଇନ୍ ହୋଇଗଲା। ଶାଳିଆପତନୀ, ନେଉଳ, ବହୁରୂପୀ ଏଣ୍ଡୁଅ, ନାଗ, ତମ୍ପ, ଚନ୍ଦନବୋଡ଼ା, ଧଣ୍ଡ, ଡମଣା ସାପ, ଜଙ୍ଗଲ କ୍ୟାଟ୍ ବା କଟାସ ବା ବଣଭୁଆ, ଝିଙ୍କ ଆଦି ପୂର୍ବରୁ ସିଡୁଲ-୨ ଅନ୍ତର୍ଭୁକ୍ତ ଥିବା ବେଳେ ଏବେ ତା'ର ଗୁରୁତ୍ୱ ବଢ଼ିଯାଇଛି ଏବଂ ଏମାନଙ୍କୁ ସିଡ୍ୟୁଲ-୧ରେ ରଖାଯାଇଛି। ସେହିଭଳି ଷ୍ଟାର୍ କଇଁଛ ପୂର୍ବରୁ ସିଡୁଲ-୪ରେ ଥିବାବେଳେ ଏବେ ତାକୁ ସିଡୁଲ-୧ରେ ସାମିଲ କରାଯାଇଛି। ଏହି କଇଁଛକୁ ବହୁ ଲୋକ ପୋଷା କରି ରଖନ୍ତି। ପେଟ୍‌ସପ୍‌ଗୁଡ଼ିକ ମଧ୍ୟ ବିକ୍ରି କରିଥାନ୍ତି। କିନ୍ତୁ ଏବେ ତାକୁ ଆଉ ବିକ୍ରି କରିପାରିବେ ନାହିଁ। ଯେଉଁ ପ୍ରାଣୀମାନେ ସିଡ୍ୟୁଲ-୧ରେ ରହିଛନ୍ତି ସେମାନଙ୍କୁ ମାରିବା, ଶିକାର କରିବା ବା ବିକ୍ରି କରିଲେ ୩ରୁ ୭ବର୍ଷ ପର୍ଯ୍ୟନ୍ତ ଜେଲ ଯିବା ଏବଂ ଲକ୍ଷେ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ସେହିଭଳି ସିଡ୍ୟୁଲ-୨ରେ ଥିବା ବନ୍ୟପ୍ରାଣୀଙ୍କ ଅପରାଧ ହେଲେ ୩ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୨୫ହଜାର ଟଙ୍କା ଜରିମାନା ପାଇଁ ନିୟମ ରହିଛି। ଏ ସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଭାରତୀୟ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ତାଲିକାକୁ ବ୍ୟାପକ କରାଯାଇଛି; ଯାହା ଫଳରେ ଶିକାରୀ ବା ଅପରାଧୀମାନଙ୍କ ପାଇଁ ଉଭୟ ଦଣ୍ଡ ଏବଂ ଜରିମାନା ବଢ଼େଇ ଦିଆଯାଇଛି। ଲୋକେ ଘରେ ଗୃହପାଳିତ ପଶୁ ପକ୍ଷୀ ଭାବରେ ପୋଷୁ ଥିବା ଶୁଆ, ନେଉଳ, ଶାରୀ ଆଦି ପାଇଁ ଏଥର ଅଧିକ ସମସ୍ୟାରେ ପଡ଼ିବେ। ତେଣୁ ଆଗରୁ ସଚେତନ ହୋଇ କୌଣସି ବନ୍ୟପ୍ରାଣୀଙ୍କୁ ଘରେ ରଖନ୍ତୁ ନାହିଁ ବୋଲି ଶୁଭେନ୍ଦୁ ପରାମର୍ଶ ଦେଇଛନ୍ତି।

# 'ଗାଙ୍ଗୁଲି' ସାଜିବେ ଆୟୁଷ୍ମାନ ଖୁରାନା

ମୁମ୍ବାଇ

ଭାରତୀୟ ଖେଳାଳିଙ୍କ ଉପରେ ଆଧାରିତ ମୁଭିକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି। ଯେପରି କି 'ଏମ୍‌ଏସ୍ ଧୋନୀ ଦି ଅନ୍‌ଟୋଲ୍ଡ ଷ୍ଟୋରି' ଓ 'ଭାଗ ମିଲ୍ଖା ଭାଗ'କୁ ଅଧିକ ଲୋକପ୍ରିୟତା ମିଳିଛି। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ବଲିଉଡ୍‌ରେ ସବୁଠାରୁ ଲୋକପ୍ରିୟ ଖେଳାଳି ତଥା ଭାରତୀୟ କ୍ରିକେଟ୍ ଟିମ୍‌ର ଲୋକପ୍ରିୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଏହି ବାୟୋପିକ୍ ମୁଭିରେ ଅଭିନେତା ଆୟୁଷ୍ମାନ ଖୁରାନା ଗାଙ୍ଗୁଲିଙ୍କ ଚରିତ୍ରରେ ନଜରକୁ ଆସିବେ। ପୂର୍ବରୁ ଏହି ଫିଲ୍ମର ଘୋଷଣା ୨୦୨୧ରେ ହୋଇଥିବାବେଳେ ବାୟୋପିକ୍‌ରେ ରଣବୀର କପୁର ପରେ କାର୍ତ୍ତିକ ଆର୍ଯ୍ୟନଙ୍କ ନାମ ସାମ୍ନାକୁ ଆସିଥିଲା। ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟା ରଜନୀକାନ୍ତଙ୍କ ନିର୍ଦ୍ଦେଶିତ ଏହି ମୁଭିରେ ସେ ଆୟୁଷ୍ମାନଙ୍କୁ ବାଛିଛନ୍ତି। ଏହା ଐଶ୍ୱର୍ଯ୍ୟାଙ୍କ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ନିର୍ଦ୍ଦେଶନା ହେବ। ଆୟୁଷମାନ ଏବଂ ଗାଙ୍ଗୁଲି ଉଭୟ ବାମହାତିଆ ହୋଇଥିବାରୁ ଆୟୁଷମାନଙ୍କୁ ଏହି ବାୟୋପିକ୍ ପାଇଁ ବଛା ଯାଇଥିବା ଜଣାପଡ଼ିଛି। ୨୦୧୨ରୁ ଆୟୁଷ୍ମାନ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିବାବେଳେ ତାଙ୍କୁ ଶେଷ ଥର ପାଇଁ ସିନେମା 'ଡ୍ରିମ୍ ଗର୍ଲ ୨'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଅନେକ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।



# ଦ୍ୱୀପକୁ ଠେଲିବାକୁ ଲାଗେ ୨୫ ଡଙ୍ଗା



**ୱାଶିଂଟନ:** ସମୁଦ୍ରରେ ଅନେକ ଛୋଟ ବଡ଼ ଦ୍ୱୀପ ରହିଥାଏ। ହେଲେ ଆମେରିକାର ହ୍ରଦରେ ଏକ ଦ୍ୱୀପ ରହିଛି, ଯାହାକୁ ଲୋକେ ଠେଲି କରି ଘୁଞ୍ଚାଇଥାନ୍ତି। ଆମେରିକାର ୱିଶକନସିନରେ ଥିବା ଏକ 'ଚିପେୱା' ନାମକ ହ୍ରଦରେ ଏକ ଦ୍ୱୀପ ରହିଛି, ଯାହା ଭାସୁଥିବା ଦ୍ୱୀପ ଭାବେ ୪୦ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ। ସେହି ଦ୍ୱୀପର ପୃଷ୍ଠ ଚିକ୍କଣ ହୋଇଥିବାରୁ ତାକୁ 'ଚିପେୱା ଫ୍ଲୋଜ୍‌ର ଚିପେୱା ବୋଗ' ମଧ୍ୟ କୁହାଯାଏ। ଏହା ଏପରି ଏକ ଦ୍ୱୀପ, ଯାହା ବେଳେବେଳେ ଲୋକଙ୍କ ଅସୁବିଧାର କାରଣ ହୋଇଥାଏ। ସେଥିପାଇଁ ଲୋକଙ୍କୁ ତାକୁ ଡଙ୍ଗା ସାହାଯ୍ୟରେ ଠେଲିବାକୁ ପଡିଥାଏ। ରିପୋର୍ଟ ମୁତାବକ, ଚିପେୱା ହ୍ରଦରେ ଏକ ବ୍ରିଜ୍ ରହିଛି, ଯାହାକି ହ୍ରଦର ପୂର୍ବ ଓ ପଶ୍ଚିମ ଅଂଶକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା। ମଝିରେ ମଝିରେ ଏହି ବ୍ରିଜ୍‌ଟି ଦ୍ୱୀପ ପାଇଁ ବନ୍ଦ ହୋଇଯାଏ। କାରଣ ଦ୍ୱୀପଟି ଭାସି ଆସି ବ୍ରିଜ୍ ପାଖରେ ଲାଗିଯାଏ। ଏଥିରେ ବ୍ରିଜ୍‌ରେ ଯାଉଥିବା ଲୋକଙ୍କୁ ଅସୁବିଧା ହେବା ସହ ଡଙ୍ଗା ଚାଳକମାନେ ମଧ୍ୟ ଅସୁବିଧା ଭୋଗନ୍ତି। ଏହି କାରଣରୁ ଡଙ୍ଗା ଚାଳକଙ୍କୁ ଏହି ଦ୍ୱୀପକୁ ପ୍ରତିବର୍ଷ ଠେଲିବାକୁ ପଡିଥାଏ। ପାଖାପାଖି ୨୫ଟି ଡଙ୍ଗା ଚାଳକ ମିଶି ଡଙ୍ଗା ସାହାଯ୍ୟରେ ଦ୍ୱୀପକୁ ବ୍ରିଜ୍‌ଠାରୁ ଦୂରକୁ ଠେଲିଥାନ୍ତି। ଜଣେ ସ୍ଥାନୀୟ ଲୋକ କହିଛନ୍ତି, ଏହି କାମ ପାଇଁ ସମସ୍ତଙ୍କ ପ୍ରୟାସର ଆବଶ୍ୟକତା ରହିଥାଏ। ତେବେ ଏହି ଦ୍ୱୀପ ସବୁବେଳେ ଭାସୁ ନ ଥାଏ। ଯେତେବେଳେ ଅଧିକ ଜୋରରେ ପବନ ହୁଏ, ସେତେବେଳେ ଦ୍ୱୀପରେ ଥିବା ଗଛଗୁଡ଼ିକ ଯୋଗୁ ତାହା ଭାସିବାକୁ ଲାଗିଥାଏ। ପରେ ଭାସି ଭାସି ଆସି ବ୍ରିଜ୍ ପାଖରେ ଲାଗିଯାଏ।

# ମାନବ ଡ୍ରୋନ୍‌କୁ ହରାଇଲା ଏଆଇ-ଡ୍ରୋନ୍



ନୂଆଦିଲ୍ଲୀ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆସିବା ପରେ ଅନେକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଦେଖିବାକୁ ମିଳିଛି। କିଛି ମାମଲାରେ ଏହା ମଣିଷକୁ ପଛରେ ପକାଇଦେଇଛି। ଏକ ଏଆଇ ସଞ୍ଚାଳିତ ଡ୍ରୋନ୍ ନିକଟରେ ହାଇସ୍ପିଡ୍ ରେସିଂ ପ୍ରତିଯୋଗିତାରେ ୩ ବିଶ୍ୱ ଚାମ୍ପିୟନ ମାନବ ଡ୍ରୋନ୍ ପାଇଲଟଙ୍କୁ ହରାଇ ଦେଇଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ଜୁରିଚ୍ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀଙ୍କ ଦ୍ୱାରା ବିକଶିତ ଡ୍ରୋନ୍ ବିଶ୍ୱ ଚାମ୍ପିୟନ ଡ୍ରୋନ୍ ବିପକ୍ଷରେ ୨୫ରୁ ୧୫ଟି ରେସ୍ ଜିତିବାରେ ସକ୍ଷମ ହୋଇଛି। ଡ୍ରୋନ୍‌ର ଗତି ପ୍ରତି ଘଣ୍ଟାରେ ୮୦ କି.ମି ରହିଥିଲା। ବିଶ୍ୱବିଦ୍ୟାଳୟର ଜଣେ ଅନୁସନ୍ଧାନକାରୀ ଏଲିଆ କଉଫମ୍ୟାନ୍‌ଙ୍କ କହିବା ମୁତାବକ, ପ୍ରଥମଥର ପାଇଁ ଏଆଇ ସଞ୍ଚାଳିତ ରୋବଟ୍ ମଣିଷ ଦ୍ୱାରା ଡିଜାଇନ କରାଯାଇଥିବା ବାସ୍ତବିକ ଶାରୀରିକ ଖେଳରେ ମଣିଷ ଚାମ୍ପିୟନକୁ ହରାଇ ଦେଇଛି। ଏକ ଜର୍ନାଲରେ କଉଫମ୍ୟାନ୍ ଓ ତାଙ୍କ ସହଯୋଗୀ ଏକ ସିରିଜ୍‌ରେ, ଯେଉଁଥିରେ ୩ ବିଶ୍ୱ ଚାମ୍ପିୟନ ଡ୍ରୋନ୍ ରେସର ଥୋମାସ ବିଟମାଟା, ମାର୍ଭିନ ସ୍କାପର ଏବଂ ଆଲେକ୍ସ ଭାନୋଭରଙ୍କ ସହିତ ସାମ୍ନାସାମ୍ନି ରେସ୍ ବିଷୟରେ କହିଛନ୍ତି। ପ୍ରତିଯୋଗିତା ପୂର୍ବରୁ ମଣିଷ ପାଇଲଟ୍‌ଙ୍କ ପାଖରେ ଅଭ୍ୟାସ କରିବାକୁ ସପ୍ତାହେ ସମୟ ଥିଲା। ଯେତେବେଳେ କି ଏଆଇ ସଞ୍ଚାଳିତ ଡ୍ରୋନ୍‌କୁ ଉତ୍ତେଜିତ ପରିବେଶରେ ପ୍ରଶିକ୍ଷଣ ଦିଆଯାଇଥିଲା।

## ରାଜ୍ୟ ଖବର

# କାଠଫାଳିଆ ମାଡ଼ରେ ସ୍ୱାମୀ ମୃତ, ସ୍ତ୍ରୀ ଗିରଫ

ବେଦବ୍ୟାସ,୩।୯(ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଟାଙ୍ଗସର ପଞ୍ଚାୟତର ବାଘଲତା ଗ୍ରାମରେ ଜଣେ ମହିଳାଙ୍କ କାଠ ଫାଳିଆ ମାଡ଼ରେ ତାଙ୍କ ମଦ୍ୟପ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ଚପାଇବା ପାଇଁ ମହିଳା ଓ ଗ୍ରାମବାସୀ ତରବରିଆ ଭାବେ ଶନିବାର ରାତିରେ ମୃତଦେହକୁ ପୋତି ଦେଇଥିଲେ। ରବିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ମହିଳା ଆଶା ନାୟକଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ବାଘଲତା ଗ୍ରାମରେ ସୁଶୀଲ ନାୟକ(୪୨) ଓ ତାଙ୍କ ସ୍ତ୍ରୀ ଆଶା ନାୟକ(୩୭) ରହୁଥିଲେ। ସୁଶୀଲ ମଦ୍ୟପାନ କରି ଘରକୁ ଆସି ଝଗଡ଼ା କରନ୍ତି। ଶନିବାର ସନ୍ଧ୍ୟାରେ ସମାନ ପରିସ୍ଥିତି ଉପୁଜିଥିଲା। ସୁଶୀଲ ସ୍ତ୍ରୀ ଆଶାଙ୍କୁ ମାରପିଟ କରୁଥିବା ବେଳେ ସେ ଏକ କାଠ ଫାଳିଆରେ ସୁଶୀଲଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସୁଶୀଲଙ୍କ ମୃତ୍ୟୁ ହୋଇଥିଲା। ଏହା ଜାଣିପାରି ଆଶା ଗ୍ରାମବାସୀଙ୍କ ସହଯୋଗରେ ମୃତଦେହକୁ ଗ୍ରାମ ଶ୍ମଶାନକୁ ନେଇ ମାଟିଖୋଳି କବର ଦେଇଥିଲେ।

# ସରକାର ଗୁରୁତ୍ୱ ନ ଦେଲେ ବନ୍ଦ ହେବ ଓଏସ୍‌ଓୟୁ

ସମ୍ବଲପୁର,୩।୯(ଶୁଭାଶିଷ ପାଢ଼ୀ)

## ଓଏସ୍‌ଓୟୁ ବଞ୍ଚାଅ ଅଭିଯାନର କ୍ଷୋଭ



ଖବରଦାତା ସମ୍ମିଳନୀରେ ଓଏସଓୟୁ ବଞ୍ଚାଅ ଅଭିଯାନର ସଦସ୍ୟ।

ରାଜ୍ୟ ଶିକ୍ଷା ବିଭାଗର ଉଦାସୀନତା ପାଇଁ ୨୦୧୫ରୁ ସମ୍ବଲପୁରରେ ଚାଲି ଆସୁଥିବା ଏକମାତ୍ର ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବନ୍ଦ ହେବାକୁ ଯାଉଛି। ଫଳରେ ବିଭିନ୍ନ କ୍ଷେତ୍ରରେ ଥିବା କର୍ମଜୀବୀ, ଡ୍ରପ୍ ଆଉଟ ପିଲା, ବିଚାରାଧୀନ କଏଦୀ ଓ ଗ୍ରାମାଞ୍ଚଳର ଉଚ୍ଚଶିକ୍ଷା ପାଇଁ ଆଶାୟୀ ପିଲାଙ୍କ ପାଠପଢ଼ାରେ ଡୋରି ଲାଗିବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ଏ ଦିଗରେ ରାଜ୍ୟ ସରକାର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ରବିବାର ସମ୍ବଲପୁର ସହରସ୍ଥିତ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଏସ୍‌ଓୟୁ(ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ) ବଞ୍ଚାଅ ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଓଏସ୍‌ଓୟୁର ସଦସ୍ୟ ତଥା ନାଗରିକ କଲ୍ୟାଣ ସମିତି ସଭାପତି ମହେନ୍ଦ୍ର ମିଶ୍ର, ଆଇନଜୀବୀ ପର୍ବେଜ ଅଲ୍ଲୀ ଖାନ, ଜାଗରଣ ଅନୁଷ୍ଠାନ ସଭାପତି ସୁଧୀର ବହିଦାର, ପୂର୍ବତନ ଜେଡିଏ ସଭାପତି ଡା. ସଞ୍ଜୀବ ମିଶ୍ର ଉପସ୍ଥିତ ରହିଥିଲେ।

ସେମାନେ କହିଛନ୍ତି ଯେ, ଚଳିତବର୍ଷଠାରୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହୋଇଯିବାରୁ ଉଚ୍ଚଶିକ୍ଷା ଲାଭ ପାଇଁ ଆଶାୟୀ ଥିବା ପିଲାଙ୍କ ମଧ୍ୟରେ ହତାଶାଭାବ ଖେଳିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ୨୦୧୫ରେ ସମ୍ବଲପୁରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ସହରର ଜିଏମ୍‌ୟୁ କ୍ୟାମ୍ପସରେ ଅସ୍ଥାୟୀ ଭାବେ ଏହା କାର୍ଯ୍ୟକାରୀ ହୋଇଥିଲା। ପ୍ରଥମ ୨ ବର୍ଷ କେବଳ ସାର୍ଟିଫିକେଟ ଓ ଡିପ୍ଲୋମା କୋର୍ସ ଆରମ୍ଭ ହେଲା।

■ ଅନ୍ଧାରରେ ପିଲାଙ୍କ ଭବିଷ୍ୟତ

■ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ା

ଏହାପରେ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରାଗଲା। ଏହି ବିଶ୍ୱବିଦ୍ୟାଳୟରେ ପ୍ରଥମ ବର୍ଷରେ ୨୨୫ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ପର୍ଯ୍ୟାୟ କ୍ରମେ ବିଭିନ୍ନ ପାଠ୍ୟକ୍ରମ ଓ ପିଜି ସାମିଲ ହୋଇଥିବାରୁ ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ପାଇ ୧ ଲକ୍ଷ ପାର୍ ହୋଇଛି।। ଏହାସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ରାଜ୍ୟ ସରକାର ପୂରଣ କଲେ ନାହିଁ। ଗୋଶାଳାସ୍ଥିତ ବସନ୍ତପୁରରେ ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ ଘର ମଧ୍ୟ ଠିକ ସମୟରେ ତିଆରି ହୋଇପାରିନାହିଁ। ଏହାଛଡ଼ା ଶିକ୍ଷକ, ଅଣଶିକ୍ଷକ ଅଭାବ ଓ ନିଜସ୍ୱ ଘର ନ ଥିବାରୁ ନାକ୍ ସ୍ୱୀକୃତି ହରାଇଥିଲା। ଏପରି କି ୟୁଜିସି ଗ୍ରାଣ୍ଟ ପାଇବାରୁ ମଧ୍ୟ ବଞ୍ଚିତ ହେଲା। ଫଳରେ ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ବନ୍ଦ ହୋଇଯାଇଛି। ସାର୍ଟିଫିକେଟ ଓ ଡିପ୍ଲୋମା କୋର୍ସ ପାଇଁ ଅନୁମତି ଦରକାର ପଡୁ ନ ଥିବାରୁ ଏହା ଚାଲୁ ରହିଛି ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି କିଭଳି ୟୁଜିସି ମାନ୍ୟତା ମିଳିବ ସେ ଦିଗରେ ପଦକ୍ଷେପ ନେବା ସହ ଓଏସ୍‌ଓୟୁର ସ୍ଥାୟୀ କୋଠା ନିର୍ମାଣ କରି ହସ୍ତାନ୍ତର କରନ୍ତୁ। ଏହାଛଡ଼ା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ନାକ୍ ମାନ୍ୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ଏହାଛଡ଼ା ସମସ୍ତ ବିଧାୟକଙ୍କୁ ଆଗାମୀ ବିଧାନସଭା ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇବାକୁ ଦାବିପତ୍ର ପ୍ରଦାନ କରାଯିବବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା: ଆଜି ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୩।୯(ଅସମାପିକା ସାହୁ)

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ୨ ନାମଲେଖା ପାଇଁ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇବ। ୫ ତାରିଖ ସକାଳ ୯ଟାରୁ ୭ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୩ରୁ ୧୪ ତାରିଖ ସନ୍ଧ୍ୟା ଭିତରେ ନାମ ଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟର ୨,୧୯୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପାଇଁ ମୋଟ ୫,୧୯,୧୭୭ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୩,୭୮,୯୨୦ଟି ସିଟ୍ ପୂରଣ ହୋଇଥିବାବେଳେ ୧,୪୦,୨୫୭ଟି ସିଟ୍ ଖାଲି ପଡ଼ିଛି। ଏଥିରୁ କଳା ବିଭାଗରେ ୫୧,୭୦୫ ସିଟ୍ ବଳକା ପଡ଼ିଥିବାବେଳେ ବିଜ୍ଞାନରେ ୫୯,୪୦୮, ବାଣିଜ୍ୟରେ ୧୬,୭୭୬, ସଂସ୍କୃତରେ ୬,୫୨୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୮୪୩ଟି ସିଟ୍ ଖାଲିପଡିଛି। ଏପରି ସ୍ଥିତିରେ ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। କିନ୍ତୁ ସିଟ୍ ପୂରଣ ହୋଇ ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କରିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା।

# ଅସିତ ୩ୟ ଥର ଭୁବନେଶ୍ୱର କ୍ଲବ ସଭାପତି

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)



ଅସିତ ତ୍ରିପାଠୀ

ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ ତ୍ରିପାଠୀ ଭୁବନେଶ୍ୱର କ୍ଲବ ସଭାପତି ଭାବେ ତୃତୀୟ ଥର ଲାଗି ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱର କ୍ଲବ୍ ନିର୍ବାଚନରେ ସଭାପତି ପଦ ଲାଗି ଅସିତ ତ୍ରିପାଠୀ ଏବଂ ତାପସ ରଏଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ମୋଟ୍ ୧୧୩୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ସେଥିରୁ ଅସୀତଙ୍କୁ ୯୨୧ ଖଣ୍ଡ ଯାଇଥିବା ବେଳେ ତାପସଙ୍କ ଖାତାରେ ୨୦୭ ଖଣ୍ଡ ପଡ଼ିଥିବା ଜଣାପଡିଛି। ଗତଥର ନିର୍ବାଚନରେ ସେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସତ୍ୟ ପ୍ରକାଶ ନନ୍ଦଙ୍କୁ ହରାଇ ସଭାପତି ହୋଇଥିଲେ। ସେହିପରି ୨୦୨୧ରେ ଅସିତ୍ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କୁ ହରାଇ ସଭାପତି ହୋଇଥିଲେ।

ତେବେ ମିଳିଥିବା ସୂଚନା ମୁତାବକ ଅସିତ୍‌ଙ୍କ ସହ ତାଙ୍କ ପୂରା ଟିମ୍ ନିର୍ବାଚନରେ ବିଜୟୀ ହୋଇଛନ୍ତି। ଅଶୋକ କୁମାର ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୀବ କୁମାର ବାଲାଙ୍କୁ ହରାଇ ସେକ୍ରେଟାରି ହୋଇଛନ୍ତି। ସେହିପରି ପ୍ରଗତି ମହାନ୍ତି ଉପସଭାପତି ଭାବେ ବିଜୟୀ ହୋଇଥିବା ବେଳେ ପାର୍ଥଜିତ ପଟ୍ଟନାୟକ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଏହାସହ ୬ ଜଣ କାର୍ଯ୍ୟକାରୀ ସଦସ୍ୟ ମଧ୍ୟ ବିଜୟୀ ହୋଇଥିବା ଜଣାପଡିଛି।

# ଓଡ଼ିଶା ରାଷ୍ଟ୍ରବାଦରେ ସଂଘର ବିଚାରଧାରା ପ୍ରତିଫଳିତ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)




ଆଜି ଯାହା ବି ହୋଇଛି ସଂଘର ବିଚାର ପ୍ରବାହ କାରଣରୁ ସମ୍ଭବ ହୋଇଛି। ଓଡ଼ିଆ ରାଷ୍ଟ୍ରବାଦରେ ହିଁ ସଂଘର ବିଚାରଧାରା ପ୍ରତିଫଳିତ ବୋଲି ଆରଏସଏସ୍ ୩୬୦ ଡିଗ୍ରୀ ପୁସ୍ତକର ଓଡ଼ିଆ ସଂସ୍କରଣକୁ ଉନ୍ମୋଚନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ସାହିତ୍ୟ ପଢିଲେ ଲୋକମାନେ ପ୍ରଭାବିତ ହୁଅନ୍ତି। ସାହିତ୍ୟ ଲୋକଭାଷାରେ ହିଁ ହେବା ଦରକାର। ଏହି ପୃଷ୍ଠଭୂମିରେ ରାଷ୍ଟ୍ରନିର୍ମାଣ ପ୍ରତି ସଂଘର ଦୃଷ୍ଟିକୋଣ, ବିଚାରଧାରା ତଥା ଭାରତୀୟ ସଂସ୍କୃତି, ସମାଜ ଓ ସଭ୍ୟତାର ପ୍ରସାର ଆଦି ବିଷୟଗୁଡ଼ିକୁ ଅତି ସରଳ ଭାଷାରେ ଓଡ଼ିଆରେ ଉପଲବ୍ଧ କରାଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା ବିଚାର ଏବଂ ଆରଏସ୍‌ଏସ୍ ପ୍ରତିଷ୍ଠାତା ହେଡଗେୱାରଙ୍କ ତତ୍ତ୍ୱ ସମ୍ପୂର୍ଣ୍ଣ ଏକ୍ ଥିଲା। କଶ୍ମୀରରୁ କନ୍ୟାକୁମାରୀ ଓ କଚ୍ଛରୁ କାମାକ୍ଷା ପର୍ଯ୍ୟନ୍ତ ସଂଘର ଅଂସଖ୍ୟ ସ୍ୱୟଂସେବକ ପ୍ରତିଦିନ ଗୋପବନ୍ଧୁଙ୍କୁ ସ୍ମରଣ କରନ୍ତି। ଏବେ ୧୯୩୬ରେ ରାଷ୍ଟ୍ରୀୟ ସ୍ୱୟଂ ସଂଘର ଆରମ୍ଭ ହୋଇଥିବା କାମ ଓଡ଼ିଶାରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଭାବେ ଏବଂ ସଂଘ ନିଜ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରିବ। ଉନ୍ମୋଚିତ ପୁସ୍ତକଟି ନିଶ୍ଚିତ ଭାବେ ଆମ ଓଡ଼ିଶାର ଜନମାନସରେ ସଂଘକୁ ନିକଟରୁ ଜାଣିବା ଓ ବୁଝିବା ପାଇଁ ଉପଯୋଗୀ ହେବ। 'ଆରଏସଏସ୍ ୩୬୦ ଡିଗ୍ରୀ' ପୁସ୍ତକ ଓଡ଼ିଆ ସମାଜ ସହ ସଂଘକୁ ଯୋଡିବାରେ ସହାୟକ ହେବ। ପ୍ରାରମ୍ଭିକ ସ୍ତରରେ ଓଡ଼ିଶାରେ ମଧୁସୂଦନ ରାଓଙ୍କ ଲିଖିତ ଛବିଳ ମଧୁ ବର୍ଣ୍ଣବୋଧ ଭଳି କାମ କରିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯେତେବେଳେ ଜନସଂଘ ପ୍ରତିଷ୍ଠା ହେଲା, ଓଡ଼ିଶାରୁ ପଣ୍ଡିତ ନୀଳକଣ୍ଠ ଦାସ ଜନସଂଘର ସଦସ୍ୟ ହୋଇଥିଲେ। ଅନେକ ମହାନ ପ୍ରଚାରକଙ୍କ ତ୍ୟାଗ ଓ ତପସ୍ୟା ଯୋଗୁ ଓଡ଼ିଶାରେ ସଂଘର ବିଚାରଧାରା ବ୍ୟାପକ ହେବା ଖୁସିର ବିଷୟ। ସଂଘର ବିଚାର ଭାରତକୁ ଶକ୍ତିଶାଳୀ ଓ ସମୃଦ୍ଧ କରିବା ପାଇଁ ପ୍ରତିବଦ୍ଧ। ଓଡ଼ିଶା ମଧ୍ୟ ଏଥିରେ ସହଯୋଗୀ ହେବ। ସଂଘ ସେବାର ନୂଆ ପରିଭାଷା ତିଆରି କରିଛି। ଆରଏସ୍‌ଏସ୍ ପ୍ରଗତିଶୀଳ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରୁଛି ବୋଲି ସେ କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୪ ସେପ୍ଟେମ୍ବର, ୨୦୨୩



# ସୁପର ଫୋର୍‌ରେ ବାଂଲାଦେଶ

## ମେହିଦୀ, ନଜମୁଲଙ୍କ ଶତକ

ଲାହୋର,୩୧୯

ଏସିଆ କପ୍ କ୍ରିକେଟ୍ ୨୦୨୩ ଗ୍ରୁପ୍ ବିର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୮୯ ରନରେ ପରାସ୍ତ କରି ସୁପର୍ ଫୋର୍‌ରେ ପ୍ରବେଶ କରିଛି ବାଂଲାଦେଶ। ଏହି ମ୍ୟାଚ୍ ବାଂଲାଦେଶ ପାଇଁ କର ବା ମର ପରସ୍ଥିତି ସୃଷ୍ଟି କରିଥିବା ବେଳେ ମେହିଦୀ ହସନ ମିରାଜ ଓ ନଜମୁଲ ହୋସେନ ଶତକ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ଉଇକେଟ ହରାଇ ୩୩୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୪୪.୩ ଓଭରରେ ୨୪୫ ରନ୍‌ରେ ଅଲଆଉଟ ହୋଇଥିଲା। ପରାଜୟ ସହ ଆଫଗାନିସ୍ତାନର ସୁପର୍ ଫୋର୍ ଆଶା ଶେଷ ହୋଇଛି। ବାଂଲାଦେଶ ଦୁଇ ମ୍ୟାଚ୍‌ରୁ ୨ ପଏଣ୍ଟ ଅର୍ଜନ କରିଛି। ଏହି ଗ୍ରୁପ୍‌ରୁ ଶ୍ରୀଲଙ୍କା ୨ ପଏଣ୍ଟ ପାଇସାରିଥିବାରୁ ଉନ୍ନତ ରନ୍ ହାରରେ ସୁପର-୪ରେ ପ୍ରବେଶ କରିସାରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବାଂଲାଦେଶ ମେହିଦୀ ହସନ ମିରାଜଙ୍କୁ ଓପନିଙ୍ଗ କରିବାକୁ ପଠାଇଥିଲା। ମହମ୍ମଦ ନଇମ(୨୮)ଙ୍କ ସହିତ ଓପନ କରି ପ୍ରଥମ ଉଇକେଟରେ ୬୦ ରନ୍ ଯୋଡିଥିଲେ। ମାତ୍ର ୩ ରନ୍ ମଧ୍ୟରେ ମହମ୍ମଦ ନଇମ ଓ ତୌହିଦ୍ ହ୍ରିଦୟ(୦) ଆଉଟ ହେବା ପରେ ବାଂଲାଦେଶ ସଙ୍କଟରେ ପଡିଥିଲା। ତେବେ ମେହିଦୀ(୧୧୨) ଓ ନଜମୁଲ ହୋସେନ୍ ଶନ୍ତୋ(୧୦୪) ତୃତୀୟ ଉଇକେଟରେ ୧୧୫ ରନ୍ ଯୋଡିଥିଲେ। କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ମେହିଦୀ ୧୧୯ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। କ୍ରାମ୍ପ କାରଣରୁ ମେହିଦୀ ରିଟାୟର୍ଡ ହର୍ଟ ହୋଇଥିଲେ। ଅନ୍ୟ ପକ୍ଷରେ କ୍ୟାରିୟରର ତୃତୀୟ ଶତକ ହାସଲ କରିଥିଲେ ନଜମୁଲ ହୋସେନ୍ ଶନ୍ତୋ। ୧୦୫ ବଲ୍ ଖେଳି ୯ ଚୌକା ଓ ୨ ଛକା ସହ ସେ ୧୦୪ ରନ୍ କରିଥିଲେ। ଶେଷ ଆଡକୁ ମୁଶଫିକୁର ରହିମ୍ ୨୫ ଓ ଶାକିବ ଅଲ ହସନ ଅପରାଜିତ ୩୨ ରନ୍ କରିବାରୁ ବାଂଲାଦେଶ ୩୩୪ ରନ୍‌ରେ ପହଞ୍ଚିଥିଲା। ଆଫଗାନିସ୍ତାନ ପକ୍ଷରୁ ମୁଜିବ୍ ଉର୍ ରହମାନ ଓ ଗୁଲବଦିନ୍ ନାଏବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶର ୩ ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।

୩୩୫ ରନ୍ ଲକ୍ଷ୍ୟର ପିଛା କରି ବାଂଲାଦେଶ ଆରମ୍ଭରୁ ଚାପରେ ରହିଥିଲା। ନିର୍ଭରଯୋଗ୍ୟ ରହମାନଉଲ୍ଲା ଗୁରବାଜ ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ମାତ୍ର ୧ ରନ୍ କରି ଆଉଟ ହୋଇଥିଲେ। ଇବ୍ରାହିମ୍ ଜାର୍ଦାନ ସର୍ବାଧିକ ୭୫ ଓ ଅଧିନାୟକ ହସମତଉଲ୍ଲା ଶାହଦି ୫୧ ରନ୍ ସ୍କୋର କରିଥିଲେ ମଧ୍ୟ ଏହା ବିଜୟ ପାଇଁ ଯଥେଷ୍ଟ ନ ଥିଲା। ଶେଷ ଆଡକୁ ରାଶିଦ ଖାନ ବିସ୍ଫୋରକ ୨୪ ରନ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ବାଂଲାଦେଶ ପକ୍ଷରୁ ଟାସ୍କିନ୍ ଅହମଦ ୪ ଓ ଶୋରିଫୁଲ ଇସଲାମ ୩ ଉଇକେଟ ଅକ୍ତିଆର କରିଥିଲେ। ଶତକୀୟ ଇନିଂସ ପାଇଁ ମେହିଦୀ ହସନ ମିରାଜଙ୍କୁ ପ୍ଲେୟର ବିବେଚନା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୩୩୪/୫(ମେହିଦୀ ହସନ ମିରାଜ-୧୧୨, ନଜମୁଲ ହୋସେନ୍ ଶନ୍ତୋ-୧୦୪, ଶାକିବ୍ ଅଲ ହସନ-୩୨*, ଗୁଲବଦିନ୍ ନାଏବ-୧/୫୮, ମୁଜିବ ଉର ରେହମାନ-୧/୬୨)। ଆଫଗାନିସ୍ତାନ ୪୪.୩ ଓଭରରେ ୨୪୫/୧୦(ଇବ୍ରାହିମ୍ ଜାର୍ଦାନ-୭୫, ହସମତଉଲ୍ଲା ଶାହଦି-୫୧, ରେହମତ ଶାହ-୩୩, ଟାସ୍କିନ୍ ଅହମଦ-୪/୪୪, ଶୋରିଫୁଲ ଇସଲାମ-୩/୩୬, ହସନ ମେହମୁଦ-୧/୬୧)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ମେହିଦୀ ହସନ ମିରାଜ।



ଲାଗୋସ ଇଣ୍ଟରନ୍ୟାଶନାଲ କ୍ଲାସିକ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ଓଡ଼ିଶାର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

# କଳିଙ୍ଗ ୟୁଥ୍, ଏମ୍‌ଏସ୍ ବିଜୟୀ

## ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ

ଭୁବନେଶ୍ୱର, ୩୧୯ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ରବିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗ ୟୁଥ୍ ସ୍ପୋର୍ଟ୍ସ ଓ ଏମ୍‌ଏସ୍ ଇଲେଭେନ ବିଜୟୀ। ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚରେ କଳିଙ୍ଗ ୟୁଥ୍ ୧-୦ ଗୋଲରେ ବୀର ବର୍ସା ୟୁଥ୍ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୀପକ ସେଠୀ ୧୪ତମ ମିନିଟରେ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚର ଅବଶିଷ୍ଟ ସମୟରେ କଡ଼ା ଟକ୍କର ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଗ୍ରୁପ୍ 'ଏ'ରେ ଉଭୟ ଦଳ ୬ ପଏଣ୍ଟ ଲେଖାଏ ପାଇଥିବାରୁ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଗୋଲସ୍କୋରର ଦୀପକ ସେଠୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ଯୋଗ ଦେଇଥିବା ଅବସରପ୍ରାପ୍ତ ସହ କ୍ରୀଡ଼ାନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତିଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ମ୍ୟାଚରେ ଏମ୍‌ଏସ୍ ଇଲେଭେନ ୨-୧ ଗୋଲରେ ଲୟୋଲା ଓଡ଼ିଆ ସ୍କୁଲକୁ ପରାସ୍ତ କରିଥିଲା। ମ୍ୟାଚର ୧୮ତମ ମିନିଟରେ ରାଜା ବିନ୍ଧାଣୀ ଗୋଟିଏ ଗୋଲ ଦେଇ ଏମ୍‌ଏସ୍‌କୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଗୋଟିଏ ମିନିଟ ପୂର୍ବରୁ ଲୟୋଲାର ଅସୀମ ଡୁଙ୍ଗଡୁଙ୍ଗ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିରେ ପହଞ୍ଚିଥିଲା। ତେବେ ୬୨ତମ ମିନିଟରେ ମାନସ ମାରାଣ୍ଡି ଗୋଟିଏ ଗୋଲ ଦେଇ ଏମ୍‌ଏସ୍‌କୁ ବିଜୟୀ କରିଥିଲେ। ଆୟୋଜକ ଆସୋସିଏଶନ କୋଷାଧ୍ୟକ୍ଷ ରଘୁ ପଣ୍ଡା ଉପସ୍ଥିତ ରହି ରାଜା ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ନୟାପଲ୍ଲୀର କଳିଙ୍ଗ ସ୍ପୋର୍ଟିଂ ଓ ମଦର୍ସ ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଏସିଆନ ଶୁଟିଂରେ ଭାଗନେବେ ଶ୍ରୀୟଙ୍କା



ଶ୍ରୀୟଙ୍କା ଷଡ଼ଙ୍ଗୀ

ଭୁବନେଶ୍ୱର, ୩୧୯ (ତପନ ସ୍ୱାଇଁ)

ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୧୫ତମ ସଂସ୍କରଣ ଦକ୍ଷିଣ କୋରିଆର ଚାଙ୍ଗ୍‌ଓନ ସିଟିରେ ଅନୁଷ୍ଠିତ ହେବ। ଏସିଆନ ଶୁଟିଂ କନ୍‌ଫେଡେରେଶନ (ଏଏସ୍‌ସି) ଆନୁକୂଲ୍ୟରେ ଏହା ଅକ୍ଟୋବର ୨୨ରେ ଆରମ୍ଭ ହୋଇ ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଭା ସମ୍ପନ୍ନ ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଅଂଶଗ୍ରହଣ କରିବେ ବୋଲି ରବିବାର ସ୍ପଷ୍ଟ ହୋଇଛି। ପ୍ରତିଯୋଗିତାରେ ଶ୍ରୀୟଙ୍କା ମହିଳା ୧୦ ମିଟର ଏୟାର ରାଇଫଲ ଓ ୫୦ ମିଟର ରାଇଫଲ ୩-ପୋଜିଶନ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ମ୍ୟାଚ ରେଫରିଭାବେ ଶ୍ରୀନାଥଙ୍କ ମାଇଲଖୁଣ୍ଟ

ପାଲିକେଲେ (ଶ୍ରୀଲଙ୍କା), ୩୧୯ (ପି.ଟି.)

ଭାରତର ପୂର୍ବତନ ଦ୍ରୁତ ବୋଲର ଜାଭାଗଲ ଶ୍ରୀନାଥ ଆଇସିସି ମ୍ୟାଚ ଅଫିସିଆଲଭାବେ ଆଉ ଏକ ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ଯାଉଛନ୍ତି। ସୋମବାର ଭାରତ ଓ ନେପାଳ ମଧ୍ୟରେ ହେବାକୁଥିବା ଏସିଆ କପ୍ ମ୍ୟାଚରେ ସେ ମ୍ୟାଚ ରେଫରିଭାବେ କ୍ୟାରିୟରର ୨୫୦ତମ ଦିନିକିଆରେ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବେ। ଏପରି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ହେବେ ଅନ୍ତର୍ଜାତୀୟ କ୍ରିକେଟରେ ୪ର୍ଥ ଆଇସିସି ମ୍ୟାଚ ରେଫରି। ତାଙ୍କ ପୂର୍ବରୁ ରଞ୍ଜନ ମଦୁଗଲେ, କ୍ରିସ୍ ବ୍ରଡ୍ ଓ ଜେଫ୍ କ୍ରୋ ଏହି କ୍ଲବର ସଦସ୍ୟ ଅଛନ୍ତି। "ମ୍ୟାଚ ରେଫରିଭାବେ ଏପରି ଏକ ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ଯାଉଥିବାରୁ ଖୁସି ଲାଗୁଛି। ଏହି ସର୍କିଟରେ ୧୭ ବର୍ଷ ଅତିବାହିତ କରିବା ମଧ୍ୟରେ ମୁଁ ଯେତିକି ଦିନିକିଆ ଖେଳିଛି ତା'ଠାରୁ ଅଧିକ ଦିନିକିଆରେ ଅଫିସିଆଲ ଦାୟିତ୍ୱ ନିର୍ବାହ କରିବାକୁ ଯାଉଛି। କ୍ରିକେଟ ସହିତ ଜଡ଼ିତ ହୋଇ ରହିଥିବାରୁ ମୁଁ ଆନନ୍ଦିତ" ବୋଲି ଶ୍ରୀନାଥ ପ୍ରକାଶ କରିଛନ୍ତି। ୨୦୦୬ରେ କଲମ୍ବୋଠାରେ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଏକ ଟେଷ୍ଟ ମ୍ୟାଚରେ ଶ୍ରୀନାଥ ମ୍ୟାଚ ରେଫରିଭାବେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଇତିମଧ୍ୟରେ ସେ ୨୦୦୭ ଆଇସିସି କ୍ରିକେଟ ବିଶ୍ୱକପ, ୨୦୦୯ ଓ ୨୦୧୩ ଆଇସିସି ଚାମ୍ପିୟନ୍ସ ଟ୍ରଫି, ୨୦୧୨, ୨୦୧୪, ୨୦୧୬ ଓ ୨୦୨୧ ଆଇସିସି ଟି୨୦ ବିଶ୍ୱକପରେ ମ୍ୟାଚ ରେଫରି ଦାୟିତ୍ୱ ନିର୍ବାହ କରି ସାରିଛନ୍ତି। ଏହା ବ୍ୟତୀତ ସେ ୬୫ଟି ଟେଷ୍ଟ ଓ ୧୧୮ଟି ପୁରୁଷ ଟି୨୦ ଓ ୧୬ଟି ମହିଳା ଟି୨୦ ଅନ୍ତର୍ଜାତୀୟରେ ମଧ୍ୟ ମ୍ୟାଚ ରେଫରି ହୋଇଛନ୍ତି। ୫୪ ବର୍ଷୀୟ ଶ୍ରୀନାଥ କ୍ୟାରିୟରରେ ଭାରତ ପକ୍ଷରୁ ୬୭ଟି ଟେଷ୍ଟ ଖେଳି ୨୩୬ଟି ଉଇକେଟ ନେଇଛନ୍ତି। ଏହା ମଧ୍ୟରେ ୧୦ଥର ୫ ଉଇକେଟ ସଫଳତା ପାଇଛନ୍ତି। ଏହା ବ୍ୟତୀତ ୨୨୯ ଦିନିକିଆରୁ ୩୧୫ ଉଇକେଟ ନେବାର ସୌଭାଗ୍ୟ ମଧ୍ୟ ସେ ପ୍ରାପ୍ତ କରିଛନ୍ତି।



# ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

ଡର୍ବାନ୍,୩୧୯(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ଅନ୍ତିମ ତଥା ତୃତୀୟ ଟି୨୦ କ୍ରିକେଟ ମ୍ୟାଚକୁ ୫ ଉଇକେଟରେ ଜିତିବା ସହିତ ସିରିଜ୍ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୮ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଜବାବରେ ୧୩ ବଲ୍ ବାକି ଥାଇ ୫ ଉଇକେଟ ହରାଇ ଅଷ୍ଟ୍ରେଲିଆ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।ଓପନର ଟ୍ରାଭିସ୍ ହେଡ୍ ୯୧ରନ୍‌ର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ମଧ୍ୟ ରୀଜା ହେଣ୍ଡ୍ରିକ୍ସଙ୍କ ୪୨, ଏଡେନ୍ ମାରକ୍ରମଙ୍କ ୪୧ ଓ ଡୋନୋଭାନ ଫେରେରିଆଙ୍କ ୪୮ ରନ୍ ବଳରେ ଦଳ ୧୯୦ ରନ୍‌ରେ ପହଞ୍ଚିଥିଲା। ୧୨ ରନ୍‌ରେ ଦଳ ଦୁଇ ଉଇକେଟ ହରାଇଥିବା ବେଳେ ହେଣ୍ଡ୍ରିକ୍ସ ଓ ମାରକ୍ରମ ତୃତୀୟ ଉଇକେଟରେ ୫୮ ରନ୍ ଯୋଡିଥିଲେ। ମାରକ୍ରମ ୨୩ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରି ଆଉଟ ହୋଇଥିଲେ। ହେଣ୍ଡ୍ରିକ୍ସ ଦୁଇଟି ଲେଖାଏ ଛକା ଓ ଚୌକା ମାରି ଦଳୀୟ ସ୍କୋର ୧୧୬ରେ ପ୍ୟାଭିଲିୟନ ଫେରିଥିଲେ। ୬ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଫେରେରିଆ ଧୂଆଁଧାର ୪୮ ରନ୍ କରିବାରୁ ଘରୋଇ ଦଳ ଚ୍ୟାଲେଞ୍ଜିଂ ୧୯୦ ରନ୍ ସ୍କୋର କରିଥିଲା। ଅନ୍ତିମ ଓଭରରେ ଆଉଟ ହେବା ପୂର୍ବରୁ ସେ ୨୧ ବଲ୍ ଖେଳି ୧ ଚୌକା ଓ ୫ ଛକା ମାରିଥିଲେ। ସନ୍ ଆବୋଟ୍ ୪ ଓ ମାର୍କସ୍ ଷ୍ଟୋଇନିସ ୨ ଉଇକେଟ ନେଇଥିଲେ।

୧୯୧ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ ପ୍ରଥମ ବଲରେ ଖାତା ଖୋଲିବା ପୂର୍ବରୁ ଓପନର ମାଥ୍ୟୁ ଶର୍ଟ(୦)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ହେଡ୍ ଚମତ୍କାର ବ୍ୟାଟିଂ କରି ୪୮ ବଲ୍‌ରୁ ୮ଚୌକା ଓ ୬ ଛକା ସହ ୯୧ ରନ୍ କରି ଦଳକୁ ବିଜୟୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋଶ ଇଂଲିଶ ୪୨ ଓ ମାର୍କସ ଷ୍ଟୋଇନିସ୍ ୩୭ ରନ୍ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବ୍ୟୋର୍ନ ଫୋର୍ଟୁଇନ୍ ଓ ଜେରାଲ୍ଡ କୋଏର୍ଟ୍ଜି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଟ୍ରାଭିସ୍ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ମିଚେଲ୍ ମାର୍ଶଙ୍କୁ ପ୍ଲେୟର୍ ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୯୦/୮(ଡୋନୋଭାନ ଫେରେରିଆ-୪୮, ରୀଜା ହେଣ୍ଡ୍ରିକ୍ସ-୪୨, ଏଡେନ୍ ମାରକ୍ରମ-୪୧, ସନ୍ ଆବୋଟ୍-୪/୩୧, ମାର୍କସ ଷ୍ଟୋଇନିସ-୨/୩୯, ତନବୀର ସାଂଘା-୧/୩୯)। ଅଷ୍ଟ୍ରେଲିଆ ୧୭.୫ ଓଭରରେ ୧୯୧/୫ (ଟ୍ରାଭିସ୍ ହେଡ୍-୯୧, ଜୋଶ ଇଂଲିଶ-୪୨, ମାର୍କସ ଷ୍ଟୋଇନିସ-୩୭, ବ୍ୟୋର୍ନ ଫୋର୍ଟୁଇନ୍-୨/୩୬, ଜେରାଲ୍ଡ କୋଏର୍ଟ୍ଜି-୨/୩୬)।

# ରାଜ୍ୟସ୍ତରୀୟ କବାଡି ଚୟନ ଶିବିର

କଟକ,୩୧୯
(ସୁପ୍ରିୟା ପ୍ରିୟଦର୍ଶିନୀ)

୪୯ତମ ଜାତୀୟ ଜୁନିୟର କବାଡି ପ୍ରତିଯୋଗିତା ନିମନ୍ତେ ରବିବାର ଏକ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କବାଡି ସଂଘ ତରଫରୁ କଟକ ବାରବାଟି ଷ୍ଟାଡିୟମରେ କବାଡି କମ୍ପ୍ଲେକ୍ସରେ ଏହି ଶିବିର ହୋଇଥିଲା। ଏଥିରେ ରାଜ୍ୟ କବାଡି ସଂଘରେ ଅନୁବନ୍ଧିତ ଓଡିଶାର ୨୮ଟି ଜିଲା ଓ ଅନ୍ୟ କ୍ରୀଡା ଅନୁଷ୍ଠାନ ମାନଙ୍କରୁ ୨୭୦ ବାଳକ ଓ ୧୫୦ ଜଣ ବାଳିକା କବାଡି ଖେଳାଳି ଅଂଶଗ୍ରଂହଣ କରିଥିଲେ। ଏହା ବ୍ୟତିତ ୪୫ ଜଣ ପ୍ରଶିକ୍ଷକ, ପରିଚାଳକ ଓ କବାଡି ବୈଷୟିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି ପରପ୍ରେକ୍ଷୀରେ ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଶିବିରରେ ବିଭିନ୍ନ ଜିଲାରୁ ବହୁ ବରିଷ୍ଠ ଖେଳାଳି ଓ କର୍ମକର୍ତ୍ତା ଯୋଗଦେଇ ଚୟନ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ ଓ ଉପାଧ୍ୟକ୍ଷା ଜୟଶ୍ରୀ ସ୍ୱାଇଁ , ସହସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନ ଓ ପଦ୍ମଲୋଚନ ପ୍ରଧାନ ପ୍ରମୁଖଶିବିର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଶିବିରରୁ ମନୋନୀତ ଓଡିଶା ଜୁନିୟର ବାଳକ ଓ ବାଳିକା ଦଳ ଆଗାମୀ ଅକ୍ଟୋବର ମାସରେ ତେଲେଙ୍ଗାନା ଓ ଦିଲ୍ଲୀରେ ହେବାକୁ ରହିଥିବା ୪୯ତମ ଜାତୀୟ ପ୍ରତିଯୋଗତାରେ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ ରାଜସଂଘ ବେହେରା ସୂଚନା ଦେଇଛନ୍ତି।

# କିସ୍ କୃତୀ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩୧୯ (ତପନ ସ୍ୱାଇଁ)

ବିଭିନ୍ନ କ୍ରୀଡ଼ାରେ ସଫଳତା ଲାଭ କରିଥିବା କିସ୍‌ର ୫୫ ଛାତ୍ରୀଛାତ୍ର ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ସରକାରଙ୍କଠାରୁ ଆର୍ଥିକ ପ୍ରୋତ୍ସାହନ ଲାଭ କରିଛନ୍ତି। ଏହି କୃତୀ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ରବିବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଅଚ୍ୟୁତଙ୍କ ସମେତ ଖେଳାଳିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। "ମୁଖ୍ୟମନ୍ତ୍ରୀ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ସର୍ବଦା ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ଏଥିପାଇଁ ଓଡ଼ିଶାର ବହୁ କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। କିଟ୍ ଓ କିସ୍‌ର ବହୁ ଛାତ୍ରୀଛାତ୍ର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ଗୌରବ ଆଣିଦେଇଛନ୍ତି। କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରି ଆସୁଥିବାରୁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଉଛୁ" ବୋଲି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଚ୍ୟୁତ ପ୍ରକାଶ କରିଛନ୍ତି। ନିଷ୍ଠା ଓ ଏକାଗ୍ରତାର ସହ ଖେଳ ଜାରି ରଖି ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ଆଣିବା ଲାଗି ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ, ଚଳିତବର୍ଷ ଓଡ଼ିଶାର ମୋଟ ୩୮୮ ଜଣ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଏଥିରେ କିସ୍‌ର ୫୫ ଛାତ୍ରୀଛାତ୍ର ସାମିଲ ଥିଲେ।



ଅଚ୍ୟୁତ ସାମନ୍ତଙ୍କ ସହ ସମ୍ବର୍ଦ୍ଧିତ କିସ୍‌ର କୃତୀ କ୍ରୀଡ଼ାବିତ୍‌ମାନେ।

# ରେକର୍ଡ ଭାଙ୍ଗିଲେ ଭର୍ଷ୍ଟାପେନ

ମୋଞ୍ଜା (ଇଟାଲି), ୩୧୯

ଫର୍ମୁଲା ୱାନ୍‌ରେ ସବୁଠାରୁ ଅଧିକ କ୍ରମାଗତ ବିଜୟ ହାସଲ କରିବାରେ ରହିଥିବା ରେକର୍ଡକୁ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଭାଙ୍ଗି ଦେଇଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ଇଟାଲିଆନ ଗ୍ରାଁ ପ୍ରିରେ ସେ ତାଙ୍କର କ୍ରମାଗତ ୧୦ମ ବିଜୟ ହାସଲ କରିଛନ୍ତି। ଫେରାରିର ଏହି ଘରୋଇ ଟ୍ରାକ୍‌ରେ ଭର୍ଷ୍ଟାପେନ୍‌ଙ୍କ ରେଡବୁଲ୍ ଟିମ୍‌ମେଟ୍ ସର୍ଗିଓ ପେରେଜ ୬.୮୦୨ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶନିବାର ପୋଲ୍ ପୋଜିଶନ ହାସଲ କରିଥିବା କାର୍ଲୋସ ସେଞ୍ଜ ଜୁନିୟର ଭର୍ଷ୍ଟାପେନ୍‌ଙ୍କଠାରୁ ୧୧.୦୮୨ ସେକେଣ୍ଡ ପଛରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ରହିଥିଲେ ଚାର୍ଲସ ଲେକ୍‌ରେକ୍। ମୋଞ୍ଜାର ଆଇକନିକ ପୋଡିୟମରେ ତୃତୀୟ ସ୍ଥାନ ପାଇଁ ଫେରାରିର ଦୁଇ ଡ୍ରାଇଭରଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ସେଞ୍ଜଙ୍କ ପଛକୁ ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ ଭର୍ଷ୍ଟାପେନ୍। ଲାପ୍ ୧୫ର ଆରମ୍ଭରେ ସେ ସେଞ୍ଜଙ୍କୁ ପଛରେ ପକାଇ ଦେଇଥିଲେ। ରବିବାର ଏହି ବିଜୟ ଦ୍ୱାରା ଚାମ୍ପିୟନଶିପ୍ ଟେବୁଲରେ ଭର୍ଷ୍ଟାପେନ୍‌ଙ୍କ ଅଗ୍ରଣୀ ବ୍ୟବଧାନ ବୃଦ୍ଧି ପାଇଥିଲା। ୨୫ ବର୍ଷୀୟ ଏହି ଡଚ୍ ଡ୍ରାଇଭର ଚଳିତ ସିଜନରେ ତାଙ୍କ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଚାମ୍ପିୟନଶିପ୍ ଟେବୁଲରେ ତାଙ୍କ ଅଗ୍ରଣୀ ବ୍ୟବଧାନ ୧୪୫କୁ ବୃଦ୍ଧି ପାଇଛି। ଚଳିତ ସିଜନରେ ଅପରାଜେୟ ରହିଥିବା ରେଡ୍‌ବୁଲ୍‌ର ଭର୍ଷ୍ଟାପେନ୍ ତାଙ୍କ ଗତ ୧୪ଟି ରେସ୍‌ରୁ ୧୨ଟିରେ ବିଜୟ ହାସଲ କରିଛନ୍ତି। ଗତ ସପ୍ତାହ ଡଚ୍ ଗ୍ରାଁ ପ୍ରିରେ ସେ ସେବାଷ୍ଟିଆନ ଭେଟେଲଙ୍କ କ୍ରମାଗତ ୯ ବିଜୟ ରେକର୍ଡର ସମକକ୍ଷ ହୋଇଥିଲେ। ପେରେଜ ଅନ୍ୟ ଦୁଇଟି ବିଜୟ ହାସଲ କରିଛନ୍ତି। ମୋଞ୍ଜାଠାରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଗତବର୍ଷ ପୂର୍ବରୁ ସେ ଇଟାଲିଆନ ଗ୍ରାଁ ପ୍ରିରେ କେବେ ୫ମ ସ୍ଥାନରୁ ଉପରକୁ ଯାଇ ପାରି ନ ଥିଲେ।



ଇଟାଲିଆନ ଗ୍ରାଁ ପ୍ରି ଫର୍ମୁଲାୱାନ୍ ଟ୍ରଫି ସହ ମାକ୍ସ ଭର୍ଷ୍ଟାପେନ୍।

# ଭାରତର ସୌର ଅଭିଯାନ



ଇଂ. ମାୟାଧର ସ୍ୱାଇଁ

''ସୂର୍ଯ୍ୟକୁ ଅଧ୍ୟୟନ କରିବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ। ସୂର୍ଯ୍ୟର କେତେକ ରହସ୍ୟ ଏପର୍ଯ୍ୟନ୍ତ ଆମକୁ ଜଣାନାହିଁ। ଉଦାହରଣ ସ୍ୱରୂପ ସୂର୍ଯ୍ୟ ପୃଷ୍ଠର ତାପମାତ୍ରା ହେଉଛି ୫୫୦୦ ଡିଗ୍ରୀ ସେଲସିୟସ ଏବଂ ଏହାର ବାହାର କୋରୋନା (କୀରଟି ମଣ୍ଡଳ)ର ତାପମାତ୍ରା ହେଉଛି ୧୦ ଲକ୍ଷ ଡିଗ୍ରୀ ସେଲସିୟସ। କମ୍ ତାପମାତ୍ରା ଅଞ୍ଚଳରୁ ଅଧିକ ତାପମାତ୍ରା ଅଞ୍ଚଳକୁ ଶକ୍ତି ପ୍ରବାହ ହେଉଛି ପଦାର୍ଥ ବିଜ୍ଞାନର ପରିପନ୍ଥୀ। କିନ୍ତୁ ସୂର୍ଯ୍ୟ ଦେହରେ ତାହା ଘଟୁଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ସୂର୍ଯ୍ୟ ଦେହରେ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଯୋଗୁ ଏହା ହେଉଛି । ଆଦିତ୍ୟ ଏଲ୍-୧ ପ୍ରଥମରୁ ଏହାକୁ ବିଶଦ ଭାବରେ ଅଧ୍ୟୟନ କରିବା।''



ଭାରତ ଚନ୍ଦ୍ରପୃଷ୍ଠରେ ସଫଳ ଭାବରେ 'ଚନ୍ଦ୍ରୟାନ-୩'ର ଲ୍ୟାଣ୍ଡରକୁ ଅବତରଣ କରାଇ ଇତିହାସ ସୃଷ୍ଟି କରିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଅନ୍ୟ କୌଣସି ଦେଶର ଯାନ ଅବତରଣ କରି ନ ଥିଲା। ଏହାର ରୋଭର ଚନ୍ଦ୍ର ମୃତ୍ତିକାରେ ଗନ୍ଧକ, ଆଲୁମିନିୟମ, କ୍ୟାଲସିୟମ, ଟାଇଟାନିୟମ, ଅମ୍ଳଜାନ ଆଦିକୁ ଚିହ୍ନଟ କରିଛି। ଏହି ସଫଳତା ପରେ ଇସ୍ରୋ ସେପ୍ଟେମ୍ବର ୨ ତାରିଖରେ ସୂର୍ଯ୍ୟ ଅଧ୍ୟୟନ ପାଇଁ ଏକ ମହାକାଶ ଯାନ ପଠାଇଛି।

**ମହାକାଶ ଯାନ:** ଏହି ମହାକାଶ ଯାନଟିର ନାମ ହେଉଛି 'ଆଦିତ୍ୟ ଏଲ୍-୧' ସଂସ୍କୃତରେ ସୂର୍ଯ୍ୟର ନାମ ହେଉଛି ଆଦିତ୍ୟ ଏବଂ ଏହି ଯାନ ମହାକାଶର ଏଲ-୧ ବିନ୍ଦୁରେ ଅବସ୍ଥାପିତ ହେବ। ଏଣୁ ଏହାର ନାମ 'ଆଦିତ୍ୟ-୧' ରଖାଯାଇଛି। ଉତ୍କ୍ଷେପଣ ସମୟରେ ଏହାର ଓଜନ ହେଉଛି ୧୪୭୫ କିଗ୍ରା ଏବଂ ଏଥିରେ ଥିବା ପେଲୋଡ ଓଜନ ହେଉଛି ୨୪୪ କିଗ୍ରା।

**ଉତ୍କ୍ଷେପଣ:** 'ଆଦିତ୍ୟ ଏଲ୍-୧' ଯାନକୁ ଚଳିତ ମାସ ୨ ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ରରୁ ପିଏସ୍‌ଏଲ୍‌ଭି-ଏକ୍‌ସଏଲ ରକେଟ୍ ସାହାଯ୍ୟରେ ଉତ୍କ୍ଷେପଣ କରାଯାଇଛି। ଆରମ୍ଭରେ ଏହା ପୃଥିବୀର ନିମ୍ନ କକ୍ଷରେ ଅବସ୍ଥାପିତ ହେବ ଏବଂ ପରେ ଏହାର କକ୍ଷକୁ ଅଧିକ ଇଲିପ୍ଟିକାଲ୍ କରାଯିବ ଏବଂ ତା'ପରେ ଏହା ଏଲ୍-୧ ବିନ୍ଦୁ ଆଡ଼କୁ ଯାଇ ସେଠାରେ ପହଞ୍ଚିବା ପାଇଁ ୧୨୫ ଦିନ ଲାଗିବ। ଏହା ସେଠାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି।

**ଏଲ୍-୧ ବିନ୍ଦୁ :** ମହାକାଶରେ ଲାଗ୍ରାଞ୍ଜେ ବିନ୍ଦୁ ହେଉଛି ଗୋଟିଏ ସ୍ଥାନ ଯେଉଁଠାରେ କୌଣସି ଯାନ ଯାଇ ରହିଲେ ତାହା ଉପରେ ସୂର୍ଯ୍ୟ ଓ ପୃଥିବୀର ମାଧ୍ୟାକର୍ଷଣ ବଳ ସମାନ ଏବଂ ବିପରୀତ ଦିଗରେ ଅନୁଭୂତ ହେବ। ଏହାର ଅର୍ଥ ହେଉଛି ଯେ, ଏହି ସ୍ଥାନରେ କୌଣସି ଯାନ ରହିଲେ ଏହା ସର୍ବଦା ସମାନ ଆପେକ୍ଷିକ ସ୍ଥିତିରେ ରହିବ ଏବଂ ସେମାନଙ୍କ ସହ ଗତି କରିବ। ଏଣୁ ଯାନକୁ ନିଜ ସ୍ଥାନରେ ରହିବା ପାଇଁ କମ୍ ଇନ୍ଧନ ଆବଶ୍ୟକ ହେବ।

ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ଏହିପରି ପାଞ୍ଚଟି ସ୍ଥାନ ଅଛି। ଏଗୁଡ଼ିକୁ ପ୍ରଥମେ ଇଟାଲୀ ଗଣିତଜ୍ଞ ଜୋସେଫ ଲୁଇସ୍ ଲାଗ୍ରାଞ୍ଜେ ଗଣନା କରିଥିବାରୁ ତାଙ୍କ ନାମାନୁସାରେ ଏଗୁଡ଼ିକୁ 'ଲାଗ୍ରାଞ୍ଜେ ବିନ୍ଦୁ' କୁହାଯାଇଛି। ଏଗୁଡ଼ିକ ହେଉଛି- ଏଲ୍-୧, ଏଲ୍-୨, ଏଲ୍-୩, ଏଲ୍-୪, ଏବଂ ଏଲ୍-୫। ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ମହାକାଶ ସଂଘ ମିଳିତ ଭାବରେ ୧୯୯୫ ମସିହାରେ ପଠାଇଥିବା ସୋହୋ ଯାନ ଏଲ୍-୧ ବିନ୍ଦୁରେ ଏବଂ ଆମେରିକା ୨୦୨୧ରେ ପଠାଇଥିବା ଜେମ୍‌ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଏଲ୍-୨ ବିନ୍ଦୁରେ ଅବସ୍ଥାପିତ ହୋଇଛି। ଏଲ୍-୧ ବିନ୍ଦୁରେ ଆଦିତ୍ୟ କାର୍ଯ୍ୟ କରିବ। ଏହା ହେଉଛି ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ଅବସ୍ଥିତ। ସୂଚନାଯୋଗ୍ୟ ଯେ ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତା ହେଉଛି ୧୫୧ ନିୟୁତ କି.ମି.। ଏହି ବିନ୍ଦୁରେ ଏହା ସୂର୍ଯ୍ୟଙ୍କୁ ଅନବରତ ପର୍ଯ୍ୟବେକ୍ଷଣ କରିପାରିବ।

**ଅଭିଯାନର ଉଦ୍ଦେଶ୍ୟ:** ସୂର୍ଯ୍ୟକୁ ଅଧ୍ୟୟନ କରିବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ। ସୂର୍ଯ୍ୟର କେତେକ ରହସ୍ୟ ଏପର୍ଯ୍ୟନ୍ତ ଆମକୁ ଜଣାନାହିଁ। ଉଦାହରଣ ସ୍ୱରୂପ ସୂର୍ଯ୍ୟ ପୃଷ୍ଠର ତାପମାତ୍ରା ହେଉଛି ୫୫୦୦ ଡିଗ୍ରୀ ସେଲ୍‌ସିୟସ ଏବଂ ଏହାର ବାହାର କୋରୋନା (କୀରଟି ମଣ୍ଡଳ)ର ତାପମାତ୍ରା ହେଉଛି ୧୦ ଲକ୍ଷ ଡିଗ୍ରୀ ସେଲ୍‌ସିୟସ। କମ୍ ତାପମାତ୍ରା ଅଞ୍ଚଳରୁ ଅଧିକ ତାପମାତ୍ରା ଅଞ୍ଚଳକୁ ଶକ୍ତି ପ୍ରବାହ ହେଉଛି ପଦାର୍ଥ ବିଜ୍ଞାନର ପରିପନ୍ଥୀ। କିନ୍ତୁ ସୂର୍ଯ୍ୟ ଦେହରେ ତାହା ଘଟୁଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ସୂର୍ଯ୍ୟ ଦେହରେ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଯୋଗୁ ଏହା ହେଉଛି। ଆଦିତ୍ୟ ଏଲ୍-୧ ପ୍ରଥମରୁ ଏହାକୁ ବିଷଦ ଭାବରେ ଅଧ୍ୟୟନ କରିବ।

ପୃଥିବୀ ପ୍ରତି ସୂର୍ଯ୍ୟର ଏକ ବିପଦ ହେଉଛି ଏଥିରୁ ନିର୍ଗତ ଚାର୍ଜିତ ସୌରବାୟୁ। ସୂର୍ଯ୍ୟର ଅନ୍ତଃଭାଗର ତାପମାତ୍ରା ହେଉଛି ୧୫ ନିୟୁତ ଡିଗ୍ରୀ ସେଲ୍‌ସିୟସ। ଏହି ତାପାମାତ୍ରାରେ ଉଦ୍‌ଜାନ ଗ୍ୟାସ୍ ଆୟନରେ ପରିଣତ ହୋଇଥାଏ ଏବଂ ଏଥିରୁ ନିର୍ଗତ ଇଲେକ୍‌ଟ୍ରନଗୁଡ଼ିକ ଅତି ଉତ୍ତପ୍ତ ପ୍ଲାଜ୍‌ମା ଗଠନ କରିଥାଏ। ସୂର୍ଯ୍ୟରୁ ପ୍ଲାଜ୍‌ମା ଓ ବିକିରଣ ସୌରଜଗତର ଚାରିଆଡ଼କୁ ଯାଇଥାଏ। ଏହାକୁ 'ସୌର ନିର୍ଗମନ' କୁହାଯାଏ। ପ୍ଲାଜ୍‌ମା ସେକେଣ୍ଡ ପ୍ରତି ୩୦୦୦ କିମି ବେଗରେ ଯାଇପାରେ ଏବଂ ପୃଥିବୀରେ ପହଞ୍ଚିବା ପାଇଁ ଅଳ୍ପ କେତେଦିନ ନେଇଥାଏ। ବିକିରଣ ଆଲୋକ ବେଗରେ ଗତି କରିଥାଏ ଏବଂ ଏହା ୮ ମିନିଟ୍‌ରେ ପୃଥିବୀରେ ପହଞ୍ଚିଥାଏ। ଏଗୁଡ଼ିକୁ ପୃଥିବୀ ଚାରିପଟେ ଥିବା ଚୁମ୍ବକୀୟ କ୍ଷେତ୍ର ମହାକାଶକୁ ପୁଣି ପଠାଇ ଦିଏ ଏବଂ ଫଳରେ ଏହାର କୁପ୍ରଭାବରୁ ଆମେ ରକ୍ଷା ପାଇଥାଉ। ମାତ୍ର ଯଦି ସୌରବାୟୁ ଅଧିକ ହୁଏ କିମ୍ବା ପୃଥିବୀର ଚୁମ୍ବକୀୟ କ୍ଷେତ୍ର କୌଣସି ସ୍ଥାନରେ ଦୁର୍ବଳ ହେଲେ, ଏହା ପୃଥିବୀରେ ପ୍ରବେଶ କରିପାରେ। ଏହା ଯୋଗୁ ରେଡିଓ ଯୋଗାଯୋଗ, ଉପଗ୍ରହ ଯୋଗାଯୋଗ ଓ ଜିପିଏସ ନେଟ୍‌ୱର୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏଣୁ ସୌରବାୟୁର ଉପାଦାନ, ଉତ୍ପତ୍ତି ଓ ଗତି ସମ୍ବନ୍ଧରେ ଆମର ଜାଣିବା ଆବଶ୍ୟକ। ଆଦିତ୍ୟ ଏଲ୍-୧ର ଏହା ହେଉଛି ଅନ୍ୟତମ ଲକ୍ଷ୍ୟ। ଏହାବ୍ୟତୀତ ସୂର୍ଯ୍ୟର ଆଲୋକ ମଣ୍ଡଳ, ବର୍ଣ୍ଣ ମଣ୍ଡଳ ଓ କୋରୋନାକୁ ଏହା ଅଧ୍ୟୟନ କରିବ।

**ପେଲୋଡ୍:** ଆଦିତ୍ୟ ଏଲ୍-୧ରେ ସାତଟି ପେଲୋଡ୍ (ବୈଜ୍ଞାନିକ ଯନ୍ତ୍ରପାତି) ଅଛି। ଏଥିରୁ ଚାରୋଟି ହେଉଛି ଦୂରସଂବେଦୀ, ଅର୍ଥାତ୍ ଏହା ଏଲ୍-୧ ବିନ୍ଦୁରେ ରହି ସୂର୍ଯ୍ୟର ଚିତ୍ର ନେବ। ଏଥିରୁ ଗୋଟିଏ କୋରୋନା, ଅନ୍ୟଟି ଆଲୋକ ମଣ୍ଡଳ ଏବଂ ବର୍ଣ୍ଣ ମଣ୍ଡଳର ଚିତ୍ର ନେବ। ଅନ୍ୟ ଦୁଇଟି ଯନ୍ତ୍ର ହେଉଛି କୋମଳ ଓ କଠିନ ଏକ୍ସ-ରଶ୍ମି ବର୍ଣ୍ଣବୀକ୍ଷକ ଏବଂ ଏହି ଦୁଇଟି ଯନ୍ତ୍ର ସୂର୍ଯ୍ୟକୁ ନକ୍ଷତ୍ର ଭାବେ ପର୍ଯ୍ୟବେକ୍ଷଣ କରିବ। ଆଦିତ୍ୟ ଏଲ୍-୧ରେ ଏହାର ନିକଟରେ ଥିବା ଅଞ୍ଚଳରେ ଅଧ୍ୟୟନ କରିବା ପାଇଁ ତିନୋଟି ଯନ୍ତ୍ର ଅଛି। ଏଥିରୁ ଗୋଟିଏ ସୌରବାୟୁକୁ ଅଧ୍ୟୟନ କରିବ, ଅନ୍ୟ ଗୋଟିଏ ପ୍ଲାଜ୍‌ମା ଅଧ୍ୟୟନ କରିବ ଏବଂ ତୃତୀୟଟି ଚୁମ୍ବକୀୟ କ୍ଷେତ୍ରକୁ ଅଧ୍ୟୟନ କରିବ।

ଆଦିତ୍ୟ ଏଲ୍-୧ ହେଉଛି ଭାରତର ପ୍ରଥମ ସୂର୍ଯ୍ୟ ଅଭିଯାନ। ୟୁରୋପୀୟ ମହାକାଶ ସଂଘ ୨୦୨୦ରେ ସୂର୍ଯ୍ୟକୁ ଅଧ୍ୟୟନ କରିବା ପାଇଁ 'ସୋଲାର ଅର୍ବିଟର' ଏବଂ ଯୁକ୍ତରାଷ୍ଟ୍ର ଆମେରିକା ୨୦୧୮ରେ 'ପାର୍କର ପ୍ରୋବ୍' ପଠାଇଛି। ଏହି ଅଭିଯାନଗୁଡ଼ିକରୁ ଆମେ ସୂର୍ଯ୍ୟ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିପାରିବା।

-୭୦, ଲକ୍ଷ୍ମୀବିହାର
ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ଲିଭର୍ ପ୍ରୋଟିନ ଓ ଆଲ୍‌ଜିମର୍ସ



ଅମ୍ଳଏଡ୍ ଏଭଳି ଏକ ଲିଭର୍ ପ୍ରୋଟିନ୍ ଯାହା ଆମ ଆଲ୍‌ଜିମର୍ସ ପାଇଁ କେତେକାଂଶରେ ଦାୟୀ। ଅମ୍ଳଏଡ୍‌ର ଅନ୍ୟ ରୂପ ହେଉଛି ବେଟା-ଅମ୍ଳଏଡ୍। ଏହା ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ସହ ଏହାର ବିକାଶରେ ବାଧା ସୃଷ୍ଟି କରେ। କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏପରି ତଥ୍ୟ ଜଣାପଡ଼ିଛି। ଏହା ଆମ ସ୍ମରଣ ଶକ୍ତିକୁ ବହୁ ମାତ୍ରାରେ କମାଇଦିଏ। ଏହା ଶରୀରକୁ ଦୁର୍ବଳ କରି ଆମ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆଣିଥାଏ। ସେହିପରି ଶରୀରର ଅନ୍ୟ ଅଙ୍ଗରେ ଏ-ବେଟା ସୃଷ୍ଟି ହୁଏ, ଯାହା ରକ୍ତରେ ପ୍ରୋଟିନ୍‌ର ପରିମାଣକୁ ବଢ଼ାଇଦିଏ। ଫଳରେ ଏହା ମଧ୍ୟ ଆଲ୍‌ଜିମର୍ସ୍ ସୃଷ୍ଟିର ଅନ୍ୟ ଏକ କାରଣ ସାଜିଥାଏ। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞ ଜନ୍ ମାମୋ ପ୍ରଥମେ ମୂଷା ଉପରେ ଏ ନେଇ ଗବେଷଣା କରିଥିଲେ। ସେଥିରୁ ସେ ଜାଣିବାକୁ ପାଇଲେ ଯେ, ମଣିଷ ଶରୀରରେ ଏ-ବେଟା ନାମକ ତତ୍ତ୍ୱ ରହିଛି, ଯାହା ଆଲଜିମର୍ସ ରୋଗ ସୃଷ୍ଟି ପାଇଁ ଦାୟୀ। ତେଣୁ ଏଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ।

## ଉପକାରୀ ମହୁ

**ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ଜାଣନ୍ତୁ ସେ ସମ୍ପର୍କରେ..**

- ମହୁରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଭରି ରହିଛି। ଏହା ଶରୀରରେ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ।
- ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ।
- ମହୁ ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖେ। ତା' ସହ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ।
- ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।
- ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ଅଣ୍ଡାଜନିତ ସମସ୍ୟାରୁ ଆରାମ ମିଳିଥାଏ।
- ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା।
- ଏହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ।



## ଭାଇରସ୍‌କୁ ପ୍ରତିହତ କରେ ବ୍ୟାକ୍ଟେରିଆ



ଅନେକ ସମୟରେ ଆମେ ବ୍ୟାକ୍ଟେରିଆ ଦ୍ୱାରା କେତେକ ରୋଗର ସମ୍ମୁଖୀନ ହୋଇଥାଉ। ହେଲେ ଏଭଳି କେତେକ ବ୍ୟାକ୍ଟେରିଆ ଅଛନ୍ତି ଯେଉଁମାନେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଆନ୍ତି। 'ବ୍ୟାକ୍ଟେରିଆ ଏବଂ ରୋଗ ପ୍ରତିରୋଧକ ଶକ୍ତି' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ନିକଟରେ ଏକ ଗବେଷଣା କରି ଏକଥା ଜାଣିପାରିଛନ୍ତି। ଏଭଳି ଉପକାରୀ ବ୍ୟାକ୍ଟେରିଆମାନଙ୍କୁ ଶକ୍ତ କରିବା ପାଇଁ 'ଜିନ୍ ଏଡ଼ିଟିଂ' ପ୍ରଣାଳୀ ସେମାନେ ଅନୁସରଣ କରିଥିଲେ। ଏହା ଡି.ଏନ୍.ଏ.ଗୁଡିକୁ ମଧ୍ୟ ଦୃଢ଼ କରିଥାଏ। ଯେତେବେଳେ ରୋଗ ସୃଷ୍ଟିକାରୀ ବ୍ୟାକ୍ଟେରିଆ ସମସ୍ୟା ସୃଷ୍ଟି କରନ୍ତି ସେତେବେଳେ ଏଭଳି ବ୍ୟାକ୍ଟେରିଆ ସେମାନଙ୍କ ସହ ଲଢ଼ିଥାଆନ୍ତି। ଏହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏଭଳି ଉପକାରୀ ବ୍ୟାକ୍ଟେରିଆ ଆଉ ଏକ କାମରେ ମଧ୍ୟ ସାହାଯ୍ୟ କରିଥାଆନ୍ତି। ଏମାନେ ସଂକ୍ରମଣଜନିତ ସମସ୍ୟାରୁ ଆମ ଶରୀରକୁ କେତେକାଂଶରେ ରକ୍ଷା କରିଥାଆନ୍ତି ବୋଲି ମଧ୍ୟ ଜଣାପଡିଛି।

## ପୃଥୁଳତା ଓ ଡାଇବେଟିସ୍

ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ସମ୍ପର୍କ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ରକ୍ତରେ ସୁଗାର ପରିମାଣ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ପୃଥୁଳତା ପରି ସମସ୍ୟା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷଗୁଡ଼ିକୁ ପ୍ରଭାବିତ କରିଥାଆନ୍ତି। ଫଳରେ ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ଜଣେ ଡାଇବେଟିସ୍ ରୋଗୀ ପ୍ରଥମେ ନିଜର ଓଜନ ସନ୍ତୁଳିତ ରଖିବା ନିହାତି ଜରୁରୀ। ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ପ୍ରଥମେ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଓଜନକୁ ସନ୍ତୁଳିତ ରଖିବା ଲାଗି ଖାଦ୍ୟପେୟ ପ୍ରତି ସତର୍କ ହେବାକୁ ପଡ଼ିଥାଏ। ତେଣୁ ଏଥିପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଠିକ୍‌ସମୟରେ ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।
- କେତେକ ମିଠାଜାତୀୟ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରନ୍ତି। ହେଲେ ଏହାର ପରିମାଣ ଯେପରି ଅଧିକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଅଧିକ ଲୁଣଜାତୀୟ ଖାଦ୍ୟ ମଧ୍ୟ ଖାଆନ୍ତୁ ନାହିଁ।



- ଖାଇବା ସମୟରେ ପାଣି ପିଇବା କେତେକଙ୍କର ଅଭ୍ୟାସ। ହେଲେ ଏହାର ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ବିଶେଷଭାବରେ ହଜମ କ୍ରିୟା ଏହାଦ୍ୱାରା ପ୍ରଭାବିତ ହୁଏ। ତେଣୁ ଘଣ୍ଟାଏ ପୂର୍ବରୁ କିମ୍ବା ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏ ବିଷୟରେ ଯଦି ଆପଣଙ୍କର ସେତେ ଅଭିଜ୍ଞତା ନାହିଁ ତେବେ ଯୋଗ ପ୍ରଶିକ୍ଷକଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।
- ବିଶେଷଭାବରେ ବୟସ ୪୦ ଟପିଲେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେଣୁ ଏହି ସମୟରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।

# ସଫଳତା ପଥେ ଚନ୍ଦ୍ରୟାନ-୩



ନିକୁଞ୍ଜ ବିହାରୀ ସାହୁ

ଅଗଷ୍ଟ ୨୩ ତାରିଖ, ସମୟ ସନ୍ଧ୍ୟା ୫ଟା ୪୩ ମିନିଟ୍। ବେଙ୍ଗାଲୁରୁସ୍ଥିତ ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ (ଇସ୍ରୋ)ର କଣ୍ଟ୍ରୋଲ ରୁମ୍‌ରେ ଏକ ଉତ୍କଣ୍ଠା ଓ ଆବେଗପୂର୍ଣ୍ଣ ମୁହୂର୍ତ୍ତ। ଭାରତର ଅନ୍ତରୀକ୍ଷଯାନ ଚନ୍ଦ୍ରୟାନ-୩ ଅନ୍ତରୀକ୍ଷରେ ଦୀର୍ଘ ୪୧ ଦିନ କାଳ ଯାତ୍ରା କଲା ପରେ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଅବତରଣ କରିଛି। ଅଭିଯାନର ସବୁଠାରୁ କଠିନ ଓ ଜଟିଳ 'ପାୱାର ଡିସେଣ୍ଟ' ଅବତରଣ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଥାଏ। କୋଡ଼ିଏ ମିନିଟ କାଳର ଏହି ସ୍ୱୟଂଚାଳିତ ଧୀର-ଅବତରଣ ପ୍ରକ୍ରିୟା ବୈଜ୍ଞାନିକମାନଙ୍କ ପାଇଁ ଏକ ଅଗ୍ନିପରୀକ୍ଷାର ବେଳ ତଥା ଘଡ଼ିସନ୍ଧି ମୁହୂର୍ତ୍ତ ଯାହା ସାଧାରଣତଃ '୨୦ ମିନିଟର ଆତଙ୍କ କାଳ' ନାମରେ ପରିଚିତ।

ଚନ୍ଦ୍ରପୃଷ୍ଠରେ ଏହି ଧୀର-ଅବତରଣ ସୋପାନ ଅଭିଯାନର ସବୁଠାରୁ କଠିନ ଓ ଜଟିଳ ପ୍ରକ୍ରିୟା। ଯାନଟି ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଦ୍ୱାରା ପ୍ରଚଣ୍ଡ ବେଗରେ ତ୍ୱରାନ୍ୱିତ ହୋଇ ଚନ୍ଦ୍ରପଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ଠିକ୍ ସମୟରେ ଠିକ୍ ଇଞ୍ଜିନ୍ କାର୍ଯ୍ୟକ୍ଷମ କରି ଯାନର ଅଗ୍ରଗାମୀ ବେଗ ହ୍ରାସ କରିବା ଆବଶ୍ୟକ। ନ ହେଲେ, ଯାନଟି ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ ଏବଂ ସାରା ଅଭିଯାନ ବ୍ୟର୍ଥ ପାଲଟି ଯିବ। ଧୀର ଅବତରଣର ଏହି ପ୍ରଯୁକ୍ତିଗତ ଜଟିଳତା ହେତୁ ହିଁ ଏ କ୍ଷେତ୍ରରେ ଏପର୍ଯ୍ୟନ୍ତ ବିଶ୍ୱର ମାତ୍ର ଏକ-ତୃତୀୟାଂଶ ଉଦ୍ୟମ ସଫଳ ହୋଇଛି ଏବଂ ପୂର୍ବରୁ ଭାରତର ଚନ୍ଦ୍ରୟାନ-୨ ଅଭିଯାନ ମଧ୍ୟ ଅସଫଳ ରହିଛି। ଅବତରଣ ସମୟରେ ଚନ୍ଦ୍ରୟାନ-୩ର ତୀବ୍ର ବେଗକୁ ହ୍ରାସ କରିବା ନିମନ୍ତେ ଯାନଟିରେ ୮୦୦ ନିଉଟନ୍ ସଂଘାତ ବଳ ପ୍ରଦାନ କରି ପାରୁଥିବା ସମୁଦାୟ ଚାରୋଟି ଇଞ୍ଜିନର ବ୍ୟବସ୍ଥା ରହିଛି।

ପ୍ରଥମେ ଯାନଟି ଚନ୍ଦ୍ରପୃଷ୍ଠରୁ ୨୫ କି.ମି. ଉଚ୍ଚତାରେ ଥିବା ସମୟରେ 'ରଫ୍ ବ୍ରେକିଙ୍ଗ' ପ୍ରକ୍ରିୟା ଆରମ୍ଭ କରାଗଲା। ସେତେବେଳେ ଯାନର ବେଗ ସେକେଣ୍ଡ ପ୍ରତି ଥିଲା ୧୬୮୦ ମି.। ପ୍ରାୟ ୧୧ ମିନିଟ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହି ବିକ୍ରମ ଅବତରଣର ଉଚ୍ଚତାକୁ ଚନ୍ଦ୍ରପଷ୍ଠରୁ ମାତ୍ର ୭.୪ କି.ମି. ଦୂରତା ପର୍ଯ୍ୟନ୍ତ ହ୍ରାସ କରାଯିବା ସହିତ ବେଗକୁ ୭.୪ ମିଟର ସେକେଣ୍ଡ ପ୍ରତି ମୂଲ୍ୟକୁ ମନ୍ଦିତ କରାଗଲା। ଏହା ପରେ ଦ୍ୱିତୀୟ ସୋପାନ ଆରମ୍ଭ କରାଗଲା, ଯାହା ଥିଲା 'ଅଲ୍‌ଟିଚ୍ୟୁଡ ହୋଲ୍ଡିଙ୍ଗ' ପ୍ରକ୍ରିୟା। ଏହି ସୋପାନକୁ ୧୦ ସେକେଣ୍ଡ ପାଇଁ ଚାଲୁ କରାଗଲା ଏବଂ ବିକ୍ରମ ଅବତରଣର ଉଚ୍ଚତାକୁ ୭.୪ କି.ମି. ରୁ ୬.୮ କି.ମି. ପର୍ଯ୍ୟନ୍ତ ହ୍ରାସ କରାଗଲା। ପରବର୍ତ୍ତୀ ୩ ମିନିଟ ସମୟ ମଧ୍ୟରେ ଯାନର ଉଚ୍ଚତାକୁ କ୍ରମଶଃ ୮୦୦ ମିଟର ପର୍ଯ୍ୟନ୍ତ ହ୍ରାସ କରାଗଲା। ତା'ପରେ ତୃତୀୟ 'ଫାଇନ୍ ବ୍ରେକିଙ୍ଗ୍' ପର୍ଯ୍ୟାୟକୁ ୧୭୫ ସେକେଣ୍ଡ ପାଇଁ ଚାଲୁ କରାଯାଇ ବିକ୍ରମକୁ ସମ୍ପୂର୍ଣ୍ଣ ଭୂଲମ୍ବ ରୂପେ ଅବସ୍ଥାପିତ କରାଗଲା ଏବଂ ଏହି ଅବସ୍ଥାରେ ଯାନର ଉଚ୍ଚତା ଚନ୍ଦ୍ରପୃଷ୍ଠରୁ ମାତ୍ର ୧ କି.ମି. ରହିଗଲା। ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ବିକ୍ରମ ଚନ୍ଦ୍ରପଷ୍ଠର ମାତ୍ର ୧୫୦ ମିଟର ଦୂରତାରେ ଥିଲାବେଳେ ଯାନର ବେଗକୁ ସମ୍ପୂର୍ଣ୍ଣ ଶୂନ୍ୟ କରି ଦିଆଗଲା ଏବଂ ଯାନଟି ଚନ୍ଦ୍ରପୃଷ୍ଠ ଉପରେ ୩୮ ସେକେଣ୍ଡ ପାଇଁ ନିଶ୍ଚଳ ଭାବେ ଝୁଲନ୍ତା ଅବସ୍ଥାରେ ଲାଖି ରହିଲା। ଏହି ସ୍ଥିତିରେ ଯାନକୁ ସାମାନ୍ୟ ଗତିଶୀଳ କରି ଚନ୍ଦ୍ରପଷ୍ଠର ମାତ୍ର ୧୦ ମିଟର ଉଚ୍ଚତାକୁ ଅଣାଗଲା। ପରିଶେଷରେ, ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ଆଗତପ୍ରାୟ: ଯାନଟି ପରବର୍ତ୍ତୀ ୯ ସେକେଣ୍ଡ ସମୟ ମଧ୍ୟରେ ଶେଷ ୧୦ ମିଟର ଦୂରତା ଅତିକ୍ରମ କରି ଚନ୍ଦ୍ରମାଟିକୁ ୬ଟା ୩ମିନିଟ ସମୟରେ ସୁରକ୍ଷିତ ଭାବେ ସ୍ପର୍ଶ କଲା। ଚନ୍ଦ୍ରୟାନର ଚନ୍ଦ୍ରମାଟିରେ ଧୀର ଅବତରଣର ଏହି ସଫଳତାରେ ଇସ୍ରୋର ବୈଜ୍ଞାନିକମାନଙ୍କ ମଧ୍ୟରେ ବିପୁଳ ଉଦ୍ଦୀପନା ଖେଳି ଯାଇଥିଲା। ପରେ ଚନ୍ଦ୍ରପୃଷ୍ଠରୁ ଅବତରଣ ଆଘାତ ଜନିତ ନିର୍ଗତ ଧୂଳି ବସି ଯିବାରୁ ବିକ୍ରମ ଅବତରକର ଗୋଟିଏ ଫାଟକ ଖୋଲି ଏକ ଆନତତଳ ଜରିଆରେ 'ପ୍ରଜ୍ଞାନ' ରୋଭରକୁ ଚନ୍ଦ୍ରମାଟି ଉପରକୁ ଗଡ଼ାଇ ଦିଆଯାଇଥିଲା। ଏହା ୬ଟି ଚକା ବିଶିଷ୍ଟ ଭ୍ରମଣଶୀଳ ଏକ ଚକଲଗା ଗାଡ଼ି ଯାହା ଆଗାମୀ ୧୪ ଦିନ ପାଇଁ ଚନ୍ଦ୍ରପୃଷ୍ଠରେ ଗଡ଼ି ଗଡ଼ି ନିଜର ବୈଜ୍ଞାନିକ ଯନ୍ତ୍ରାବଳି ଜରିଆରେ ଚନ୍ଦ୍ରମାଟିର ରାସାୟନିକ ଗଠନ ଓ ସଂରଚନା ଅନୁଧ୍ୟାନ କରିବ। ଏହା ଚନ୍ଦ୍ରପୃଷ୍ଠକୁ ଆସିବା ମାତ୍ରେ ନିଜର ସୌର ଫଳକଗୁଡ଼ିକୁ ଖୋଲି ସୂର୍ଯ୍ୟାଲୋକରୁ ଶକ୍ତି ଆହରଣ କରିବା ଆରମ୍ଭ କରିଥିଲା। ଏହାର ଚନ୍ଦ୍ରପୃଷ୍ଠରେ ସେକେଣ୍ଡ ପ୍ରତି ଅଧ ସେ.ମି. ବେଗରେ ଗଡ଼ିଗଡ଼ି ନିଜର ୧୨ ଦିନର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସମୁଦାୟ ଅଧ କି.ମି. ଦୂରତା ଅତିକ୍ରମ କରିବ। ଏହା ନିଜର କ୍ୟାମେରା ଜରିଆରେ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ କରି ବିକ୍ରମ ଅବତରକକୁ ପ୍ରେରଣ କରିବ ଯାହା ଚନ୍ଦ୍ରକକ୍ଷରେ ଘୂରୁଥିବା ଚନ୍ଦ୍ରଯାନ-୨ ଅର୍ବିଟର ଜରିଆରେ ଭୂପୃଷ୍ଠରେ ଥିବା ଇସ୍ରୋ କାର୍ଯ୍ୟାଳୟକୁ ପ୍ରେରଣ କରିବ। ଇତିମଧ୍ୟରେ ଇସ୍ରୋ ଚନ୍ଦ୍ରୟାନର ଅବତରକ ଓ ରୋଭର ଦ୍ୱାରା ଚନ୍ଦ୍ରପୃଷ୍ଠରେ ଉତ୍ତୋଳିତ ଏଭଳି କିଛି ଦୁର୍ଲଭ ଫଟୋ ଓ ଭିଡିଓ ଜାରି କରିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ପ୍ରଜ୍ଞାନ ରୋଭରର ଏକ ବୈଜ୍ଞାନିକ ଉପକରଣ ଲେଜର୍ ଇଣ୍ଡିଉସଡ୍ ବ୍ରେକଡାଉନ୍ ସ୍ପେକ୍ଟ୍ରୋସ୍କୋପ୍‌ର୍ ଜରିଆରେ ଚନ୍ଦ୍ରମାଟିରେ ଅନେକ ମୌଳିକ ଉପାଦାନ ଯଥା ଆଲୁମିନିୟମ୍, ସଲଫର୍, କ୍ୟାଲସିୟମ୍, ଲୌହ, କ୍ରୋମିୟମ୍, ଟାଇଟାନିୟମ୍, ସିଲିକନ୍, ମାଙ୍ଗାନିଜ୍ ଓ ଅକ୍ସିଜେନର ସନ୍ଧାନ କରିଛି। (କ୍ରମଶଃ...)



-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪/୨୦୨୩ Bhubaneswar, Monday, September 4/ 2023

# ମୋହନ ବାଗାନ ଜିତିଲା ଡୁରାଣ୍ଡ କପ୍

**କୋଲକାତା, ୩।୯ (ପି.ଟି.)**

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ୧୩୨ତମ ସଂସ୍କରଣରେ ବାଜି ମାରିଛି ମୋହନ ବାଗାନ ସୁପର ଜାଏଣ୍ଟ। ରବିବାର ଅନୁଷ୍ଠିତ ଫାଇନାଲରେ ମୋହନ ବାଗାନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟ ବେଙ୍ଗଲକୁ ୧-୦ ଗୋଲରେ ପରାସ୍ତ କରିଛି। ପୂର୍ବାନୁମାନ ଅନୁସାରେ ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ୭୧ତମ ମିନିଟରେ ମୋହନ ବାଗାନର ଡିମିତ୍ରି ପେଟ୍ରୋଟୋସ ଦେଇଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦୀର୍ଘ ୨୩ ବର୍ଷ ବ୍ୟବଧାନରେ ମୋହନ ବାଗାନ ଡୁରାଣ୍ଡ କପ୍ ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛି। ଅଷ୍ଟ୍ରେଲୀୟ ଖେଳାଳି ପେଟ୍ରୋଟୋସ ଇଷ୍ଟବେଙ୍ଗଲ ରକ୍ଷଣଭାଗକୁ ଚକିତ କରି ୨୫ ଗଜ ଦୂରରୁ ଶକ୍ତିଶାଳୀ ଶଟ୍ ମାରି ଗୋଲ କରିଥିଲେ। ଶଟ୍‌ର ଗତି ଏତେ ତୀବ୍ର ଥିଲା ଯେ ଇଷ୍ଟବେଙ୍ଗଲ ଗୋଲକିପର ପ୍ରଭ୍‌ସୁଖନ ସିଂ ଗିଲ୍ ଜଣେ ଦର୍ଶକ ହୋଇ ରହି ଯାଇଥିଲେ। ଏହାକୁ ମିଶାଇ ମୋହନ ବାଗାନ ୧୭ ଥର ପାଇଁ ଡୁରାଣ୍ଡ କପ୍ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛି। ଏହା ପୂର୍ବରୁ ୨୦୦୦ରେ ଦଳ ଟାଇଟଲ ହାସଲ କରିଥିଲା। ସେତେବେଳେ ମୋହନ ବାଗାନ ଫାଇନାଲରେ ଏକ ଗୋଲ୍ଡେନ ଗୋଲ୍‌ରେ ମହିନ୍ଦ୍ରା ୟୁନାଇଟେଡ୍‌କୁ ପରାସ୍ତ କରିଥିଲା। ସମୟ ହାତରୁ ଚାଲି ଯାଉଥିବା ଦେଖି ଇଷ୍ଟବେଙ୍ଗଲ୍ କୋଚ୍ କାର୍ଲେସ କୁଆଡ୍ରାଟ୍ ଶେଷ ୧୦ ମିନିଟରେ ୩ ପରିବର୍ତ୍ତନ କରିଥିଲେ। ନିଶୁ କୁମାର, ଭିପି ସୁହେର ଓ ଏଡଓ୍ୱିନ ଭଂସପଲ୍‌ଙ୍କୁ ପଡ଼ିଆକୁ ଆଣିଥିଲେ। ମାତ୍ର ମୋହନ ବାଗାନ କୋଚ୍ ଜୁଆନ ଫେରାଣ୍ଡୋ ୮ ଜଣ ଖେଳାଳିଙ୍କୁ ନେଇ ରକ୍ଷଣଭାଗକୁ ଅତ୍ୟନ୍ତ ମଜଭୁତ କରି ଦେଇଥିଲେ। ମଧ୍ୟଭାଗରେ ଅନଓ୍ୱର ଅଲୀ ମଧ୍ୟ ଦୃଢ଼ ପ୍ରଦର୍ଶନ କରିଥିଲେ। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଇଷ୍ଟବେଙ୍ଗଲ ସହକାରୀ କୋଚ୍ ଡିମାସ ଡେଲଗାଡୋ ମୋହନ ବାଗାନ କୋଚ୍ ଫେରାଣ୍ଡୋଙ୍କ ସହ ବାକ୍ୟ ବିନିମୟ କରିଥିଲେ। ଧସ୍ତାଧସ୍ତି ହେବାପରେ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଡେଲଗାଡୋ ରେଡ୍‌କାର୍ଡ ପାଇଥିଲେ। ୮୬ତମ ମିନିଟରେ ଇଡଓ୍ୱିନ ଭଂସପଲ ବକ୍ସ ଏରିଆ ବାହାରୁ ଟାର୍ଗେଟ୍‌କରି ଶଟ୍ ମାରିଥିଲେ। ମାତ୍ର ଅନଓ୍ୱର ଅଲୀ ଏହାକୁ ବ୍ଲକ୍ କରିବାରୁ ଇଷ୍ଟବେଙ୍ଗଲ ମ୍ୟାଚକୁ ସମାନ ସ୍ତରକୁ ଆଣିପାରି ନ ଥିଲା। ୨୦୦୪ ଡୁରାଣ୍ଡ କପ୍ ଫାଇନାଲରେ ଇଷ୍ଟବେଙ୍ଗଲ ୨-୧ ଗୋଲରେ ମୋହନ ବାଗାନକୁ ହରାଇ ଚାମ୍ପିୟନ ହୋଇଥିଲା। ଏଠାରେ ତାହାର ମଧୁର ପ୍ରତିଶୋଧ ନେଇଛି ମୋହନ ବାଗାନ। ଏହା ମଧ୍ୟରେ ମୋହନ ବାଗାନ ୩ ଥର ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଚାମ୍ପିୟନ ହୋଇପାରି ନ ଥିଲା। ପୂର୍ବଥର ୨୦୧୯ରେ ଏହି ଦଳ ୧-୨ ଗୋଲରେ ଗୋକୁଲମ୍ କେରଳଠାରୁ ହାରି ଯାଇଥିଲା। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ଗତ ୧୧ ବର୍ଷରୁ ଊର୍ଦ୍ଧ୍ୱହେଲା ଜାତୀୟ ସ୍ତରରେ ଟାଇଟଲ ଜିତି ପାରିନାହିଁ। ଶେଷଥର ପାଇଁ ସିନିୟର ସ୍ତରରେ ଏହି ଦଳ ୨୦୧୨ରେ ଫେଡେରେଶନ କପ୍ ଜିତିଥିଲା।

### ୧୦ ଜଣିଆ ମୋହନ ବାଗାନ

୬୨ତମ ମିନିଟରେ ଅନିରୁଦ୍ଧ ଥାପ୍ପା ଦ୍ୱିତୀୟ ୟେଲୋ ପାଇ ପଡ଼ିଆ ଛାଡ଼ିଥିବାରୁ ମୋହନ ବାଗାନ ୧୦ ସଦସ୍ୟ ବିଶିଷ୍ଟ ହୋଇଯାଇଥିଲା। ଏହି ଭାରତୀୟ ମିଡ୍ ଫିଲ୍ଡର ଏକ ଏରିଏଲ୍ ବଲ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରିବା ଅବସରରେ ବିପକ୍ଷ ଦଳର ସିଭେରିଓଙ୍କ ମୁଣ୍ଡରେ ତାଙ୍କ ବୁଟ୍ ବାଜିଥିଲା। ଏହା ଅଜାଣତରେ ହୋଇଥିବା ପରିଲକ୍ଷିତ ହୋଇଥିଲା। ମାତ୍ର ଇଷ୍ଟବେଙ୍ଗଲ ଫରଓ୍ୱାର୍ଡ ସିଭେରିଓ ତଳେ ପଡ଼ିରହି କିଛି ସମୟ ଯନ୍ତ୍ରଣା ଅନୁଭବ କରିଥିଲେ। ରେଫରି ରାହୁଲ ଗୁପ୍ତା ଏହି ଘଟଣାରେ ଅନିରୁଦ୍ଧଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ଦେଖାଇବା ସହ ପଡ଼ିଆ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ମୋହନ ବାଗାନ ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଚମତ୍କାର ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା।



ଡୁରାଣ୍ଡ କପ୍ ଫୁଟବଲ ଚାମ୍ପିୟନ ହେବାପରେ ଉଲ୍ଲସିତ ମୋହନ ବାଗାନ ସୁପର ଜାଏଣ୍ଟ ଦଳ।

**ପୁରସ୍କାର**

ଚାମ୍ପିୟନ: ମୋହନ ବାଗାନ
ରନରଅପ୍: ଇଷ୍ଟ ବେଙ୍ଗଲ
ଗୋଲ୍ଡେନ ବଲ୍: ନନ୍ଦ କୁମାର (ଇଷ୍ଟ ବେଙ୍ଗଲ)
ଗୋଲ୍ଡେନ ବୁଟ୍: ଡେଭିଡ୍ (ମହମ୍ମଡାନ ସ୍ପୋର୍ଟିଂ)
ଗୋଲ୍ଡେନ ଗ୍ଲୋଭ୍: ବିଶାଲ କେଥ୍ (ମୋହନ ବାଗାନ)

# ନେପାଳ ବିପକ୍ଷରେ ଖେଳିବେନି ବୁମ୍‌ରା

**ପାଲେକେଲ୍,୩।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍ ୨୦୨୩ରେ ସୋମବାର ନେପାଳ ବିପକ୍ଷରେ ଦ୍ୱିତୀୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ ଭାରତ। ଏହି ମ୍ୟାଚରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳି ପାରିବେ ନାହିଁ। ବ୍ୟକ୍ତିଗତ କାରଣରୁ ବୁମ୍‌ରା ମୁମ୍ବାଇ ଫେରି ଆସିଥିବା ବେଳେ ସୁପର-୪ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ସହିତ ଯୋଗ ଦେବେ। ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରଥମ ମ୍ୟାଚ୍ ଧୋଇଯିବା କାରଣରୁ ବୁମ୍‌ରା ବୋଲିଂ କରିବାର ସୁଯୋଗ ପାଇ ନ ଥିଲେ। ବିଶ୍ୱକପ ପୂର୍ବରୁ ଦିନିକିଆରେ ନିଜର ଫିଟନେସ ପ୍ରମାଣ ଦେବାର ଏସିଆ କପ ପ୍ରକୃଷ୍ଟ ସୁଯୋଗ। ନେପାଳ ବିପକ୍ଷ ମ୍ୟାଚ୍ ଜିତିବା ସହିତ ସୁପର୍-୪ରେ ସ୍ଥାନ ସୁରକ୍ଷିତ କରିବାକୁ ଚାହିଁବ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ। ଏହି ମ୍ୟାଚରେ ଭାରତ ବିଜୟୀ ହେଲେ ଅଥବା ବର୍ଷାରେ ଧୋଇଗଲେ ଭାରତ ହିଁ ସୁପର୍-୪ରେ ପ୍ରବେଶ କରିବ। ଗ୍ରୁପ୍-ଏରୁ ପାକିସ୍ତାନ ସୁପର-୪ରେ ସ୍ଥାନ ସୁରକ୍ଷିତ କରି ସାରିଛି। ଅନ୍ୟ ପକ୍ଷରେ ଭାରତ ଏହାର ପ୍ରଥମ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିଥିବା ବେଳେ ଏହା ବର୍ଷାରେ ଧୋଇ ଯାଇଥିଲା। ଭାରତ ୧ ପଏଣ୍ଟ ପାଇଥିବା ବେଳେ ମ୍ୟାଚ୍ ବାତିଲ ହେଲେ ଦଳ ସୁପର-୪ରେ ପ୍ରବେଶ କରିବ। ତେବେ ରୋହିତ ଶର୍ମାଙ୍କ ଦଳ ଏକ ସମ୍ପୂର୍ଣ୍ଣ ମ୍ୟାଚ ଖେଳିବାକୁ ଚାହିଁବ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତର ଟପ୍ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଇଶାନ କିଶନ୍ ଚମତ୍କାର ବ୍ୟାଟିଂ କରିଥିଲେ। ଶାହିନ ଆଫ୍ରିଦି ଓ ହରିଶ ରୌଫ୍‌ଙ୍କ ଘାତକ ବୋଲିଂ ବଲରେ ଭାରତ ୬୬ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ କିଶନ୍-ପାଣ୍ଡ୍ୟା ୧୩୮ ରନ୍ ଯୋଡି ସଙ୍କଟରୁ ଉଦ୍ଧାର କରିଥିଲେ।

**ଏସିଆ କପ୍**

ମ୍ୟାଚ୍ ସ୍ଥାନ: ପାଲେକେଲ୍
ମ୍ୟାଚ୍ ସମୟ:୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# କଲମ୍ବୋରୁ ସ୍ଥାନାନ୍ତର ହୋଇପାରେ ମ୍ୟାଚ

**ପାଲିକେଲ୍ (ଶ୍ରୀଲଙ୍କା), ୩।୯ (ପି.ଟି.)**

କଲମ୍ବୋରେ ପ୍ରବଳ ବର୍ଷା ଯୋଗୁ ଏସିଆ କପ୍‌ର ସୁପର ଫୋର୍ ମ୍ୟାଚ୍‌ଗୁଡ଼ିକର ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ବିଚାର କରି ଦେଖୁଛି। କଲମ୍ବୋରେ ସେପ୍ଟେମ୍ବର ୯ ତାରିଖରୁ ୫ ସୁପର ଫୋର୍ ମ୍ୟାଚ ଏବଂ ଫାଇନାଲ ମ୍ୟାଚ ଖେଳଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପାଣିପାଗ ବଦଳିବାର କୌଣସି ଲକ୍ଷଣ ଦେଖିବାକୁ ମିଳୁ ନାହିଁ। ସମ୍ଭାବ୍ୟ ଭେନ୍ୟୁ ପରିବର୍ତ୍ତନ ନେଇ ଏସିସି ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍‌ସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହ ଆଲୋଚନା ଚଳାଇଛି। ଖବର ଅନୁସାରେ ତିନୋଟି ଭେନ୍ୟୁ ବିଚାରାଧୀନ ରହିଛି। ସେଗୁଡ଼ିକ ହେଲା ପାଲିକେଲ, ଦାମ୍ବୁଲା ଓ ହାମ୍ବାନଟୋଟା। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୬ଟି ଦଳକୁ ମଧ୍ୟ ଏବିଷୟରେ ଅବଗତ କରାଯାଇଛି। ଏସିଆ କପ୍ ଲିଗ୍ ମ୍ୟାଚ୍‌ଗୁଡ଼ିକ ବର୍ତ୍ତମାନ ପାଲିକେଲରେ ଅନୁଷ୍ଠିତ ହେଉଛି। ଦାମ୍ବୁଲା ପାଲିକେଲ୍‌ଠାରୁ ୭୦ କିଲୋମିଟର ଦୂରରେ ଅବସ୍ଥିତ। ଏହି ସହରରେ ବର୍ଷାର ସମ୍ଭାବନା ଖୁବ୍ କମ। ଏସ୍ଏଲ୍‌ସିର ଜଣେ ଅଫିସିଆଲ କହିଛନ୍ତି ଯେ, ସ୍ୱଳ୍ପ ସମୟ ମଧ୍ୟରେ ଦାମ୍ବୁଲାସ୍ଥିତ ରଣଗିରି ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମକୁ ମ୍ୟାଚ ପାଇଁ ପ୍ରସ୍ତୁତ କରିବା ସମ୍ଭବ ହୋଇ ନ ପାରେ। ଶ୍ରୀଲଙ୍କାରେ ବର୍ତ୍ତମାନ ହାମ୍ବାନଟୋଟା ଷ୍ଟାଡିୟମରେ ପାଣିପାଗ ଭଲ ରହିଛି। ଏସିଆ କପ୍ ମ୍ୟାଚଗୁଡ଼ିକ ଆୟୋଜନ ଲାଗି ମହିନ୍ଦା ରାଜପାକ୍‌ସେ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ କେତେଦୂର ପ୍ରସ୍ତୁତ ଏସିସି ତାହାର ମୂଲ୍ୟାୟନ କରିବ। ତେବେ କଲମ୍ବୋରୁ ମ୍ୟାଚ ସ୍ଥାନାନ୍ତର ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେବା ପୂର୍ବରୁ ଏସିସି ଆଉ ଦୁଇଦିନ ଅପେକ୍ଷା କରିବ। ସୂଚନାଯୋଗ୍ୟ, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ନଜାମ ସେଠୀଙ୍କ ହାଇବ୍ରିଡ୍ ମଡେଲ ପ୍ରସ୍ତାବ ଅନୁସାରେ ଏସିଆ କପ୍ ସହ ଆୟୋଜକ ହୋଇଛି।

# ପରଲୋକରେ ପୂର୍ବତନ ଭାରତୀୟ ଅମ୍ପାୟର

**ମୁମ୍ବାଇ, ୩।୯ (ପି.ଟି.)**

ପୂର୍ବତନ ଭାରତୀୟ ଅମ୍ପାୟର ପିଲୁ ରିପୋର୍ଟରଙ୍କ ରବିବାର ଦେହାନ୍ତ ହୋଇଯାଇଛି। ଟେଷ୍ଟ କ୍ରିକେଟର ସେ ଥିଲେ ଅନ୍ୟତମ ପ୍ରଥମ ନିରପେକ୍ଷ ଅମ୍ପାୟର। ତାଙ୍କୁ ୮୪ ବର୍ଷ ହୋଇଥିଲା। ରିପୋର୍ଟର ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୧୪ ଟେଷ୍ଟ ଏବଂ ୨୨ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ପରିଚାଳନା କରିଛନ୍ତି। ତନ୍ମଧ୍ୟରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ୧୯୯୨ରେ ଆୟୋଜିତ ବିଶ୍ୱକପ୍ ସାମିଲ। ରିପୋର୍ଟର ୧୩ ପ୍ରଥମଶ୍ରେଣୀ ମ୍ୟାଚ ପରିଚାଳନା କରିଛନ୍ତି। ଦୁଇଟିରେ ସେ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଛନ୍ତି। ୧୯୮୪ ଡିସେମ୍ବରରେ ସେ ପ୍ରଥମେ ଏକ ଟେଷ୍ଟ ମ୍ୟାଚରେ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ। ତାହା ହେଉଛି ନୂଆଦିଲ୍ଲୀରେ ଭାରତ ବନାମ ଇଂଲଣ୍ଡ ମ୍ୟାଚ।



ପିଲୁ ରିପୋର୍ଟର

କୋଷ୍ଠକାଠିନ୍ୟର ସମାଧାନ
9119788888

# ପୂର୍ବତନ ଜିମ୍ବାଓ୍ୱେ କ୍ରିକେଟର ହିଥ୍ ଷ୍ଟ୍ରିକ୍‌ଙ୍କ ପରଲୋକ

**ହରାରେ, ୩।୯(ପି.ଟି.)**

ପୂର୍ବତନ ଜିମ୍ବାଓ୍ୱେ କ୍ରିକେଟ ଅଧିନାୟକ ହିଥ୍ ଷ୍ଟ୍ରିକ୍‌ଙ୍କ ପରଲୋକ ହୋଇଯାଇଛି। ଏ ନେଇ ସୋସିଆଲ ମିଡିଆରେ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କରିଦିଆଯାଇଛି। ତାଙ୍କୁ ୪୯ବର୍ଷ ବୟସ ହୋଇଥିଲା। ୧୯୯୩ରୁ୨୦୦୫ ପର୍ଯ୍ୟନ୍ତ ଜିମ୍ବାଓ୍ୱେ ପାଇଁ ୬୫ ଟେଷ୍ଟ ଓ ୧୮୯



ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଷ୍ଟ୍ରିକ୍ ଦୀର୍ଘଦିନ ହେଲା ଯକୃତ କର୍କଟ ରୋଗରେ ପୀଡ଼ିତ ଥିଲେ। ଷ୍ଟ୍ରିକ୍‌ଙ୍କର ଦେହାନ୍ତ ହୋଇଛି ବୋଲି କିଛି ଦିନ ପୂର୍ବେ ପୂର୍ବତନ ଜିମ୍ବାଓ୍ୱେ ଫାଷ୍ଟ ବୋଲର ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ପୂର୍ବତନ କ୍ରିକେଟରମାନଙ୍କ ଶୋକବାର୍ତ୍ତାର ସୁଅ ଛୁଟିବାରେ ଲାଗିଥିଲା। ଟେଷ୍ଟ କ୍ରିକେଟରେ ଷ୍ଟ୍ରିକ୍ ୨୧୬ ଉଇକେଟ ଅକ୍ତିଆର କରିଥିଲେ। ଓ୍ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ଏବଂ ଜିମ୍ବାଓ୍ୱେ ପାଇଁ ୧୧ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୮୯ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୩୯ ଉଇକେଟ ନେଇଥିଲେ। ୧୩ ଅର୍ଦ୍ଧଶତକ ସହ ୨,୯୪୩ ରନ ସଂଗ୍ରହ କରିଥିଲେ। ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆରେ ସେ ଜିମ୍ବାଓ୍ୱେର ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ସେ ଜିମ୍ବାଓ୍ୱେ ପାଇଁ ୬୮ ଅନ୍ତର୍ଜାତୀୟ ଦିନିକିଆରେ ଅଧିନାୟକତ୍ୱ କରି ୧୮ଟିରେ ବିଜୟ ହାସଲ କରିଥିବା ବେଳେ ୪୭ଟିରେ ପରାଜିତ ହୋଇଛନ୍ତି। ତିନୋଟି ବିନା ଫଳାଫଳରେ ଶେଷ ହୋଇଛି। ସେହିପରି ସେ ୨୧ଟି ଟେଷ୍ଟରେ ଅଧିନାୟକତ୍ୱ କରି ୪ଟିରେ ବିଜୟ ଲାଭ କରିବା ସହ ୧୧ଟିରେ ପରାଜିତ ହୋଇଛନ୍ତି ଏବଂ ୬ଟି ମ୍ୟାଚ ଡ୍ର ରଖିଛନ୍ତି। ଜିମ୍ବାଓ୍ୱେ ଯେତେବେଳେ ଏକଛତ୍ରବାଦ ରବର୍ଟ ମୁଗାବେଙ୍କ ଶାସନାଧୀନ ଥିଲା, ସେତେବେଳେ ସେ ଓଲଙ୍ଗା ଏବଂ ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାଓ୍ୱାରଙ୍କ ଭଳି ଦୃଢ଼ ରାଜନୈତିକ ଆଭିମୁଖ୍ୟ ଗ୍ରହଣ କରି ନ ଥିଲେ। ଏଥିପାଇଁ ସେ ସମାଲୋଚନାର ପାତ୍ର ହୋଇଥିଲେ। ପରେ ଜିମ୍ବାଓ୍ୱେ ଏକ ଚ୍ୟାଲେଞ୍ଜିଂ ସମୟ ଦେଇ ଗତି କରୁଥିବା ବେଳେ ସେ ୨୦୦୪ ଏପ୍ରିଲରେ ଅଧିନାୟକ ପଦବୀରୁ ଇସ୍ତଫା ଦେଇଥିଲେ। ଖେଳ ଛାଡ଼ିବା ପରେ ସେ ଜିମ୍ବାଓ୍ୱେ ସମେତ ବହୁ ଟିମ୍‌ର କୋଚିଂ ଦାୟିତ୍ୱ ନିର୍ବାହ କରିଥିଲେ। ଜାତୀୟ ଦଳର ବୋଲିଂ କୋଚ ହୋଇଥିଲେ। ବାଂଲାଦେଶ ଦଳର ମଧ୍ୟ ସେ ସମାନ ଦାୟିତ୍ୱ ଗ୍ରହଣ କରିଥିଲେ। ଷ୍ଟ୍ରିକ୍ ଆହୁରି ମଧ୍ୟ ଭାରତୀୟ ଘରୋଇ କ୍ରିକେଟ ଦଳ ଉତ୍ତର ପ୍ରଦେଶ ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍ ଦଳ କୋଲକାତା ନାଇଟ ରାଇଡର୍ସ ଏବଂ ଗୁଜରାଟ ଲାୟନ୍ସ ପାଇଁ କାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ ୨୦୧୬ରେ ଡାଭ୍ ହ୍ୱାଟ୍‌ମୋର୍‌ଙ୍କ ସ୍ଥାନରେ ଜିମ୍ବାଓ୍ୱେର ମୁଖ୍ୟ କୋଚ୍ ହୋଇଥିଲେ। ୨୦୧୯ରେ ଇଂଲଣ୍ଡ ବିଶ୍ୱକପ୍ ପାଇଁ ଜାତୀୟ ଦଳକୁ ଯୋଗ୍ୟତା ହାସଲ କରାଇବା ଲାଗି ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

# ୪ର୍ଥ ରାଉଣ୍ଡରେ ଅଲକାରାଜ, ପେଗୁଲା



ମ୍ୟାଚ ଜିତିବାପରେ ଜେସିକା ପେଗୁଲା।

**ୟୁଏସ୍ ଓପନ୍ ଟେନିସ୍**

**ନ୍ୟୁୟର୍କ,୩।୯(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ମହିଳା ସିଙ୍ଗଲ୍‌ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ଜେସିକା ପେଗୁଲା, ମାଡିସନ୍ କିସ୍ ଓ ଓନ୍ସ ଜାବେର୍। ଏହା ସହିତ ଚତୁର୍ଥ ରାଉଣ୍ଡରେ ଦୁଇ ଆମେରିକୀୟ ଖେଳାଳି ପେଗୁଲା ଓ କିସ୍ ପରସ୍ପର ମୁକାବିଲା କରିବେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଜେସିକା ପେଗୁଲା ୬-୪, ୪-୬ ଓ ୬-୨ରେ ୟୁକ୍ରେନର ଏଲିନା ସ୍ୱିଟୋଲିନାଙ୍କୁ ପରାସ୍ତ କରିଥିଲେ। ୨୦୧୭ରେ ପ୍ରଥମ ଥର ୟୁଏସ୍ ଓପନରେ ରନର୍ ଅପ୍ ରହିଥିବା ଜେସିକା ଏହା ପରଠାରୁ ଗୋଟିଏ ବି ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇ ନାହାନ୍ତି। ଶନିବାର ଜେସିକା ପ୍ରଥମ ସେଟ୍ ଜିତିବା ପରେ ଏଲିନା ପରବର୍ତ୍ତୀ ସେଟ୍‌କୁ ବିଜୟୀ ହୋଇଥିଲେ। ନିର୍ଣ୍ଣାୟକ ସେଟ୍‌ରେ ଜେସିକା ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମାଡିସନ୍ କିସ୍ ବିଶ୍ୱ ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ଲିଡ୍ମିଲା ସାମସୋନୋଭାଙ୍କୁ ୫-୭, ୬-୨, ୬-୨ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ପରାଜିତ ହୋଇଥିଲେ ପରବର୍ତ୍ତୀ ଦୁଇ ସେଟ୍ ଜିତି ନେଇଥିଲେ କିସ୍।

ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ଓନ୍ସ ଜାବେର୍ ମଧ୍ୟ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨ ଘଣ୍ଟା ୫୬ ମିନିଟ୍‌ର ସମୟ ନେଇ ସେ ବିଶ୍ୱ ମାନ୍ୟତାର ୩୧ ନମ୍ବର ସ୍ଥାନରେ ଥିବା ମେରୀ ବୋଜ୍‌କୋଭାଙ୍କୁ ୫-୭, ୭-୬(୫), ୬-୩ରେ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ ନମ୍ବର ସ୍ଥାନରେ ଥିବା ଚାଇନାର ଝେଙ୍ଗ କ୍ୱିନ୍‌ୱେନ୍ ୬-୩, ୪-୬, ୬-୪ ସେଟ୍‌ରେ ଲୁସିଆ ବୋରୋଞ୍ଜେଙ୍କୁ ପରାସ୍ତ କରିଥିଲେ। ଜାବେର ନିଜ ୪ର୍ଥ ରାଉଣ୍ଡ ମ୍ୟାଚ୍‌ରେ ଝେଙ୍ଗ କ୍ୱିନ୍‌ୱେନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ଆରିନା ସାବାଲେଙ୍କା ଓ ଦାରିଆ କାସାଟକିନା ମଧ୍ୟ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାବାଲେଙ୍କା ୬-୧, ୬-୧ରେ ସିଧାସଳଖ ସେଟ୍‌ରେ କ୍ଲାରା ବୁରେଲଙ୍କୁ ଓ କାସାଟକିନା ୬-୩, ୬-୪ ସେଟରେ ଗ୍ରିଟ୍ ମିନ୍ନେନଙ୍କୁ ପରାସ୍ତ କରିଥିଲେ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କାର୍ଲୋସ୍ ଅଲକାରାଜ। ଶନିବାର ସେ ବିଶ୍ୱ ମାନ୍ୟତାର ୨୬ ନମ୍ବର ସ୍ଥାନରେ ଥିବା ଡାନ୍ ଏଭାନ୍ସଙ୍କୁ ୬-୨, ୬-୩, ୪-୬, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ଅଲକାରାଜ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଏଭାନ୍ସ ନିରାଶାରେ ଦୁଇ ଦୁଇ ଥର ର୍‍ୟାକେଟ୍ ଭାଙ୍ଗିଥିଲେ। ରୋଜର ଫେଡେରରଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ କ୍ରମାଗତ ୟୁଏସ୍ ଓପନ ଚାମ୍ପିୟନ ହେବାର ଲକ୍ଷ୍ୟ ରଖିଛନ୍ତି ଅଲକାରାଜ। ଫେଡେରର ୨୦୦୪-୦୮ ମଧ୍ୟରେ କ୍ରମାଗତ ୫ ଥର ୟୁଏସ୍ ଓପନ ହାସଲ କରିଥିଲେ। ଅଲକାରାଜ ପରବର୍ତ୍ତୀ ରାଉଣ୍ଡରେ ଇଟାଲୀର ମାଟ୍ଟେଓ ଅର୍ନାଲ୍ଡିଙ୍କୁ ଭେଟିବେ।




# ହରମନପ୍ରୀତ୍ ଏକମାତ୍ର ଭାରତୀୟ

**ମେଲବୋର୍ନ, ୩।୯ (ପି.ଟି.):** ଓମେନ୍ସ ବିଗ୍ ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ବିଦେଶୀ ଖେଳାଳି ଡିଠାରେ କେବଳ ଜଣେ ମାତ୍ର ଭାରତୀୟ ହରମନପ୍ରୀତ୍ କୌର ସ୍ଥାନ ପାଇଛନ୍ତି। ମେଲବୋର୍ନ ରେନେଗେଡ୍ସ ତାଙ୍କୁ ଦଳରେ ରଖିଛି। ଉଦ୍‌ଘାଟନୀ ଡବ୍ଲ୍ୟୁବିବିଏଲ୍ ବିଦେଶୀ ଖେଳାଳି ତାଲିକାରେ ୟାସ୍ତିକା ଭାଟିଆ, ଜେମିମା ରୋଡ୍ରିଗୁଏଜ୍ ଏବଂ ଦିପ୍ତୀ ଶର୍ମାଙ୍କ ସମେତ ୧୮ଜଣ ଭାରତୀୟ ଖେଳାଳି ବିଦେଶୀ ଖେଳାଳି ଡିଠାରେ ସ୍ଥାନ ପାଇଥିଲେ। ମାତ୍ର ଏମାନଙ୍କ ମଧ୍ୟରୁ କୌଣସି ଖେଳାଳିଙ୍କୁ ନିଆଯାଇ ନାହିଁ। ପ୍ଲାଟିନମ କାଟେଗୋରିରେ ରହିଥିବା ହରମନପ୍ରୀତ୍‌ଙ୍କ ବ୍ୟତୀତ ଓ୍ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ ରେନେଗେଡ୍ସ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ୨୦୨୧-୨୨ ସିଜନରେ ରେନେଗେଡ୍ସ ପାଇଁ ହରମନପ୍ରୀତ୍‌ଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ